ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୮/୨୦୨୩ (୧୨+୮=୨୦ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, July 8/2023 Page 20 ₹ 7.00

୪୯ଶ ଭାଗ ୨୨୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 223 ମୂଲ୍ୟ₹୭/-



**‘ଶାହରୁଖ ଭଲ ଅଭିନେତା ନୁହନ୍ତି’**

ଶାହରୁଖ ଖାନ୍ ଜଣେ ଭଲ ଅଭିନେତା ନୁହନ୍ତି ବୋଲି ପାକ୍ ଅଭିନେତ୍ରୀ ମହନୁରଙ୍କ ବୟାନକୁ ନେଇ କିଙ୍ଗ ଖାନ୍‌ଙ୍କ ଫ୍ୟାନ୍ ଅସନ୍ତୋଷ ପ୍ରକାଶ କରିଛନ୍ତି। ୦୪

୧୨ **କମିନ୍ସଙ୍କ ୬ଉଇକେଟ ସଫଳତା**

ଇଂଲଣ୍ଡ ବିପକ୍ଷ ତୃତୀୟ ଆଶେସ କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆର ପ୍ୟାଟ୍ କମିନ୍ସ ୬ ଉଇକେଟ ଅକ୍ତିଆର କରିଛନ୍ତି ।



# ଯାତ୍ରୀଙ୍କୁ ଶୋଷୁଛି ରେଲୱେ

**ଯାତ୍ରୀଙ୍କୁ ଟ୍ରେନ୍ ଓ ଷ୍ଟେଶନଗୁଡ଼ିକରେ ମୌଳିକ ସୁବିଧା ଯୋଗାଇପାରୁ ନ ଥିବା ଭାରତୀୟ ରେଳପଥ ଏବେ ସେମାନଙ୍କ ମୁଣ୍ଡରେ ଆର୍ଥିକ ବୋଝ ଲଦିବା ଆରମ୍ଭ କଲାଣି। ଷ୍ଟେଶନ ପ୍ରତୀକ୍ଷାଳୟଗୁଡ଼ିକର ଘରୋଇକରଣ କରି ସେଠାରେ ଜରୁରୀ ରହଣିବେଳେ ଘଣ୍ଟା ଅନୁସାରେ ଟଙ୍କା ନେଉଛି ରେଲୱେ। ଏହା ଉପରେ ପୁଣି ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) କଷି ଅର୍ଥ ଆଦାୟ କରାଯାଉଛି। ରେଳପଥର ବିକାଶ ଓ ଯାତ୍ରୀଙ୍କ ସୁବିଧା ପାଇଁ ସବୁ ବନ୍ଦୋବସ୍ତ କରୁଛୁ ବୋଲି ଡିଣ୍ଡିମ ପିଟୁଥିବା ରେଳ ମନ୍ତ୍ରଣାଳୟର ଏଭଳି ମାନସିକତାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।**



ସମ୍ବଲପୁର ଷ୍ଟେଶନରେ ପ୍ରିପେଡ୍ ସେବା ପ୍ରତୀକ୍ଷାଳୟ ।

ସମ୍ବଲପୁର,୭।୭(ଶୁଭାଶିଷ ପାଢ଼ୀ)

ଦେଶରେ ରେଳ ଏକ ପ୍ରମୁଖ ସେବା ଭାବେ ପରିଗଣିତ ହୋଇଥାଏ। ପରିବହନର ଅନ୍ୟାନ୍ୟ ମାଧ୍ୟମଠାରୁ ଅପେକ୍ଷାକୃତ ଭାବେ ଏହା ଶସ୍ତା ହୋଇଥିବାରୁ ଯାତ୍ରୀମାନେ ତାହାର ସୁବିଧା ନେଇଥାନ୍ତି। ହେଲେ କିଛିବର୍ଷ ହେବ ରେଲୱେ ତା’ର କେତେକ ଭାଗକୁ ଧୀରେ ଧୀରେ ଘରୋଇକରଣ କରିବାକୁ ବସିଛି। ଏହାକୁ ନେଇ ପୂର୍ବରୁ ବିରୋଧ ହୋଇଆସୁଥିଲା। ଏପରି କି ବିଭିନ୍ନ ରାଜନୈତିକ ଦଳ ସମାଲୋଚନା କରିଥିଲେ। ଷ୍ଟେଶନ ପରିଚାଳନା, ଠିକା କର୍ମଚାରୀ, ଯାତ୍ରୀଙ୍କୁ ଖାଦ୍ୟପାନୀୟ ଯୋଗାଇଦେବା ଭଳି ଅନେକ ଭାଗର ଘରୋଇକରଣ ହୋଇସାରିଛି। ଫଳରେ ଏହାର ବୋଝ ଯାତ୍ରୀଙ୍କ ଉପରେ ପଡୁଛି। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଯାତ୍ରୀଙ୍କ ପାଇଁ ଥିବା ପ୍ରତୀକ୍ଷାଳୟରେ ପ୍ରିପେଡ୍ ସେବା ଲାଗୁ କରିଦିଆଯାଇଛି। ସମ୍ବଲପୁର ରେଳ ମଣ୍ଡଳ ଅଧୀନ ଟିଟିଲାଗଡ଼ ଓ ସମ୍ବଲପୁର ଷ୍ଟେଶନରେ ଜୁନ୍ ଶେଷ ସପ୍ତାହରୁ ଏହା ଲାଗୁ ହୋଇଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ଷ୍ଟେଶନ ପ୍ରତୀକ୍ଷାଳୟରେ ଘରୋଇ ପ୍ରିପେଡ୍ ସେବା

ପୂର୍ବରୁ ଟ୍ରେନ୍ ବିଳମ୍ବ ହେଲେ ଯାତ୍ରୀମାନେ ପରିବାର ସହ ପ୍ରତୀକ୍ଷାଳୟରେ ଟ୍ରେନ୍‌କୁ ଅପେକ୍ଷା କରୁଥିଲେ। ଶୀତତାପ ନିୟନ୍ତ୍ରିତ କୋଠରି ଥିବାବେଳେ ସମସ୍ତ ସୁବିଧା ରହିଥିଲା। ବିଶେଷକରି ମହିଳା ଯାତ୍ରୀମାନେ ସୁରକ୍ଷିତ ମଣୁଥିଲେ। ଟ୍ରେନ୍ ଆସିବା ପରେ ଗନ୍ତବ୍ୟସ୍ଥଳକୁ ଯାଉଥିଲେ। ଏବେ ଉକ୍ତ ପ୍ରତୀକ୍ଷାଳୟ ଘରୋଇ ଏଜେନ୍ସିକୁ ଦିଆଯାଉଛି। ଟିକେଟ ଥିବା ଯାତ୍ରୀମାନେ ପ୍ରତୀକ୍ଷାଳୟରେ ଅପେକ୍ଷା କଲେ ସମୟ ଅନୁସାରେ ଟଙ୍କା ଦେବାକୁ ପଡୁଛି। ପ୍ରଥମ ଘଣ୍ଟାରେ ୨୦ ଟଙ୍କା ସହ ଜିଏସ୍‌ଟି ଓ ତା’ ପର ଯେତିକି ଘଣ୍ଟା ରହିବେ ଘଣ୍ଟା ପ୍ରତି ୧୫ ଟଙ୍କା ଲେଖାଏ ଦେବାକୁ ପଡୁଛି। ସେହିପରି ୫ରୁ ୧୨ବର୍ଷର ଶିଶୁମାନଙ୍କ ପାଇଁ ପ୍ରଥମ ଘଣ୍ଟାରେ ୧୦ ଟଙ୍କା ରହିଥିବା ବେଳେ ଅଧିକ ସମୟ ଲାଗି ଘଣ୍ଟା ପ୍ରତି ୧୦ ଟଙ୍କା ରହିଛି।

ଏ ସମ୍ପର୍କରେ ପୂର୍ବତନ ଲୋକ ସଭା ସଦସ୍ୟ ତଥା ରେଳପଥ ଯାତ୍ରୀ ସୁବିଧା ☞ପୃଷ୍ଠା-୪

# ହାଇକୋର୍ଟରେ ରାହୁଲ ନିରାଶ

- ମାନହାନି ମାମଲା: ଦୋଷୀସାବ୍ୟସ୍ତ ରାୟ ଉପରେ ମିଳିଲାନି ସ୍ଥଗିତାଦେଶ
- ସୁପ୍ରିମକୋର୍ଟ ଯିବ କଂଗ୍ରେସ


ରାହୁଲ ଗାନ୍ଧୀ

ଅହମଦାବାଦ/ନୂଆଦିଲ୍ଲୀ, ୭।୭(ପି.ଟି.)

‘ମୋଦି ସାଙ୍ଗିଆ’ ମନ୍ତବ୍ୟ ପାଇଁ ମାନହାନି ମାମଲାରେ ଦୋଷୀସାବ୍ୟସ୍ତ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହା ଉପରେ ସ୍ଥଗିତାଦେଶ ପାଇଁ କରିଥିବା ଆବେଦନକୁ ଗୁଜରାଟ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ରାୟ ଶୁଣାଇବା ବେଳେ ଜଷ୍ଟିସ ହେମନ୍ତ ପ୍ରଚ୍ଛକ କହିଥିଲେ, ରାହୁଲ ଦେଶ ଭିତରେ ୧୦ଟି ଆପରାଧିକ ମାମଲାର ସମ୍ମୁଖୀନ ହେଲେଣି। ରାହୁଲଙ୍କୁ ତାଙ୍କ ମନ୍ତବ୍ୟ ପାଇଁ ତଳକୋର୍ଟ ୨ ବର୍ଷ ଜେଲଦଣ୍ଡାଦେଶ ଦେବା ଠିକ୍, ଉପଯୁକ୍ତ ଓ ନ୍ୟାୟସଙ୍ଗତ। ଦୋଷୀସାବ୍ୟସ୍ତ ରାୟ ଉପରେ ସ୍ଥଗିତାଦେଶ ଲଗାଇବାର କୌଣସି କାରଣ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ହାଇକୋର୍ଟଙ୍କ ରାୟକୁ କଂଗ୍ରେସ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବ ବୋଲି କହିଛି। ହାଇକୋର୍ଟଙ୍କ ରାୟ ଦୁଃଖଦାୟକ, ତେବେ ଏହା ଅବାଞ୍ଛିତ ନ ଥିଲା ବୋଲି କଂଗ୍ରେସ କହିଛି।

ତଳକୋର୍ଟର ରାୟ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଲଗାଇଥିଲେ ରାହୁଲଙ୍କ ଲୋକ ସଭା ସଭ୍ୟପଦ କାଏମ ରହିଥାନ୍ତା। ସେଥିପାଇଁ ସେ ସମ୍ପୂର୍ଣ୍ଣ ଅସ୍ତିତ୍ୱହୀନ କାରଣ ଆଧାରରେ ତଳକୋର୍ଟ ରାୟ ଉପରେ ସ୍ଥଗିତାଦେଶ ଚାହୁଁଥିଲେ। ଦଣ୍ଡାଦେଶ ଉପରେ ରହିତାଦେଶ ଲଗାଇବା ଆଇନର ସିଦ୍ଧାନ୍ତ ଅନୁଯାୟୀ ନିୟମ ନୁହେଁ, କେବଳ ଅସାଧାରଣ ଘଟଣାରେ ସ୍ଥଗିତାଦେଶ ଲଗାଯାଇଥାଏ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀଙ୍କ ନାଁରେ ୧୦ଟି ଆପରାଧିକ ମାମଲା ବିଚାରାଧୀନ ରହିଛି। ଏହା ବ୍ୟତୀତ କେମ୍ବ୍ରିଜ୍‌ରେ ବୀର ସାବରକରଙ୍କ ବିରୋଧରେ ରାହୁଲଙ୍କ ମର୍ଯ୍ୟାଦା ହାନିକାରକ ମନ୍ତବ୍ୟକୁ ନେଇ ସାବରକରଙ୍କ ନାତି ପୁଣେ କୋର୍ଟରେ ପିଟିଶନ ଦାଏର କରିଛନ୍ତି। ଲକ୍ଷ୍ନୌର ଏକ ନିର୍ଦ୍ଦିଷ୍ଟ ଅଦାଲତରେ ମଧ୍ୟ ତାଙ୍କ ବିରୋଧରେ ଅଭିଯୋଗ ହୋଇଛି। ସେଥିପାଇଁ ତଳକୋର୍ଟଙ୍କ ଦୋଷୀସାବ୍ୟସ୍ତ ରାୟ ଉପରେ ସ୍ଥଗିତାଦେଶ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଭରସାଯୋଗ୍ୟ ଅଧିକାରୀ






## ସଂକ୍ଷେପରେ

### ଖରାପ ପାଗ ଯୋଗୁ ଅମରନାଥ ଯାତ୍ରା ସ୍ଥଗିତ

**ଜମ୍ମୁ/ଶ୍ରୀନଗର, ୭।୭(ପି.ଟି.):** କଶ୍ମୀରର ବିଭିନ୍ନ ଭାଗରେ ଖରାପ ପାଗ ସାଙ୍ଗକୁ ବର୍ଷା ଲାଗିରହିଥିବାରୁ ଶୁକ୍ରବାର ଅମରନାଥ ଯାତ୍ରାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଉଭୟ ବାଲ୍‌ତାଲ ଏବଂ ପହଲଗାମ ରୁଟ୍‌ରେ ଯାତ୍ରା ବନ୍ଦ ରହିଛି। କୌଣସି ତୀର୍ଥଯାତ୍ରୀଙ୍କୁ ପବିତ୍ର ଅମରନାଥ ଗୁମ୍ଫା ଅଭିମୁଖେ ଯିବାକୁ ଦିଆଯାଉ ନାହିଁ ବୋଲି ଅଧିକାରୀମାନେ କହିଛନ୍ତି। ଶୁକ୍ରବାର ସକାଳୁ ପ୍ରବଳ ବର୍ଷା ଲାଗିରହିଥିବାରୁ ଯାତ୍ରା ସ୍ଥଗିତ ରଖିବାକୁ ବାଧ ହେଲୁ ବୋଲି ରାମ୍ବାନ ଏସ୍‌ପି ମୋହିତ ଶର୍ମା କହିଛନ୍ତି। ଜମ୍ମୁ ଅଧିକାରୀଙ୍କ କହିବା ଅନୁଯାୟୀ ପହଲଗାମ୍ ବେସ୍ କ୍ୟାମ୍ପକୁ ଯାଉଥିବା ୪,୬୦୦ ତୀର୍ଥଯାତ୍ରୀଙ୍କୁ ଚନ୍ଦେରକୋଟ୍‌ଠାରେ ଅଟକିରହିଛନ୍ତି।

### କୋଏମ୍ବାଟୁର ଡିଆଇଜିଙ୍କ ଆତ୍ମହତ୍ୟା


ସି. ବିଜୟକୁମାର

**କୋଏମ୍ବାଟୁର, ୭।୭:** କୋଏମ୍ବାଟୁର୍ ରେଞ୍ଜ୍ ପୋଲିସ ଡିଆଇଜି ସି. ବିଜୟକୁମାର ଶୁକ୍ରବାର ସକାଳେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ସେ ଅବ୍‌ସେସିଭ୍-କମ୍ପଲସିଭ୍ ଡିଜ୍‌ଅର୍ଡର(ଓସିଡି) ସମେତ ଅବସାଦରେ ପୀଡ଼ିତ ଥିଲେ ବୋଲି ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି। ୪୭ ବର୍ଷୀୟ ଆଇପିଏସ୍ ଅଫିସର ରେସ୍‌କୋର୍ସ ନିକଟ ରେଡ୍ ଫିଲ୍ଡସ୍‌ସ୍ଥିତ କ୍ୟାମ୍ପ ଅଫିସ୍ ଆଗରେ ନିଜକୁ ଗୁଳି କରିଥିଲେ। ଅବସାଦ ତାଙ୍କ ଆତ୍ମହତ୍ୟାର କାରଣ ବୋଲି ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଏ. ଅରୁନ୍ କହିଛନ୍ତି।

### ବର୍ଷୀୟାନ ଚିତ୍ରକର ନମ୍ବୁଥିରିଙ୍କ ପରଲୋକ



**ଥିରୁଭାନନ୍ତପୁରମ୍, ୭।୭:** ବର୍ଷୀୟାନ ଚିତ୍ରକର କେ.ଏମ୍. ବାସୁଦେବନ ନମ୍ବୁଥିରିଙ୍କର ଶୁକ୍ରବାର କେରଳର କୋଟ୍ଟାକାଲସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୯୭ ବର୍ଷ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ଚିକିତ୍ସାଧୀନ ଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ତାଙ୍କର ସ୍ୱତନ୍ତ୍ର ଚିତ୍ରକଳା ପାଇଁ ସେ ସବୁଦିନ ମନେ ରହିବେ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ନମ୍ବୁଥିରି ବିଭିନ୍ନ ସାହିତ୍ୟ ପ୍ରକାଶନ ଯଥା ମାତୃଭୂମି, କଲାକୌମୁଦି, ସମକାଳିକ ମାଲାୟାଲମ ପାଇଁ କାର୍ଯ୍ୟ କରିଥିଲେ। ୧୯୨୫ରେ ପୋନ୍ନାନିଠାରେ ଏହି ମାଷ୍ଟର ଆର୍ଟିଷ୍ଟଙ୍କ ଜନ୍ମ।

---

**ଭାରତ-ପାକିସ୍ତାନ ସିନ୍ଧୁ ଜଳ ବିବାଦ**

# ବିଚାର କରିବ ପିସିଏ



### ନୂଆଦିଲ୍ଲୀର ଆପତ୍ତି ଅଗ୍ରାହ୍ୟ

ଆମଷ୍ଟରଡାମ୍/ଇସ୍‌ଲାମାବାଦ/ ନୂଆଦିଲ୍ଲୀ,୭।୭


କିଷନଗଙ୍ଗା ଜଳବିଦ୍ୟୁତ୍ ପ୍ରକଳ୍ପ

ସିନ୍ଧୁନଦୀ ଜଳ ବିବାଦ ମାମଲାରେ ନେଦରଲାଣ୍ଡସର ହେଗ୍‌ସ୍ଥିତ ପର୍ମାନେଣ୍ଟ କୋର୍ଟ ଅଫ୍ ଆର୍ବିଟ୍ରେଶନ୍ (ପିସିଏ)ରେ ଗୁରୁବାର ଭାରତ ବିରୋଧରେ ପାକିସ୍ତାନ ବଡ଼ ବିଜୟ ଲାଭ କରିଛି। ସିନ୍ଧୁନଦୀ ଅବବାହିକାରେ କିଷନଗଙ୍ଗା ଓ ରତଲେ ଜଳବିଦ୍ୟୁତ୍ ପ୍ରକଳ୍ପକୁ ନେଇ ପାକିସ୍ତାନର ଆବେଦନ ଉପରେ ଭାରତର ଆବେଦନକୁ ଏହି ଅନ୍ତର୍ଜାତୀୟ ଅଦାଲତ ଖାରଜ କରିଦେଇଛନ୍ତି।

୧୮୯୯ରେ ପ୍ରତିଷ୍ଠିତ ପିସିଏ ହେଉଛି ଏକ ଅଣଜାତିସଂଘ ଆନ୍ତଃ ସରକାରୀ ସଂସ୍ଥା, ଯାହା ଅନ୍ତର୍ଜାତୀୟ ସମୁଦାୟ ମଧ୍ୟରେ ବିବାଦର ସମାଧାନ କରିଥାଏ। ଜମ୍ମୁ-କଶ୍ମୀରର ଝେଲମ ନଦୀ ଉପରେ ଭାରତ ପକ୍ଷରୁ ୩୩୦ ମେଗାୱାଟ୍ ବିଶିଷ୍ଟ କିଷନଗଙ୍ଗା ହାଇଡ୍ରୋପାୱାର ପ୍ରୋଜେକ୍ଟ ନିର୍ମାଣ ଚାଲିଥିବାବେଳେ ଚେନାବ ନଦୀ ଉପରେ ୮୫୦ ମେଗାୱାଟ୍‌ର ଆଉ ଏକ ପ୍ରକଳ୍ପ ନିର୍ମାଣ ପାଇଁ ଯୋଜନା ଚାଲିଛି। ୨୦୧୬ ଅଗଷ୍ଟ ୧୯ରେ ଏହାକୁ ନେଇ ପାକିସ୍ତାନ ଆପତ୍ତି ଉଠାଇଥିଲା। ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି)ର ୯ମ ଅନୁଚ୍ଛେଦ ଅନୁସାରେ ଏକ ଅସ୍ଥାୟୀ କୋର୍ଟ ଅଫ୍ ଆର୍ବିଟ୍ରେଶନ ପ୍ରତିଷ୍ଠା ପାଇଁ ଇସ୍‌ଲାମାବାଦ ପିସିଏକୁ ଅନୁରୋଧ କରିଥିଲା। କିନ୍ତୁ ଭାରତ ଏହାକୁ ବେଆଇନ ଦର୍ଶାଇ ସିନ୍ଧୁ ଜଳଚୁକ୍ତିର ମଧ୍ୟସ୍ଥ ବିଶ୍ୱବ୍ୟାଙ୍କ ନିକଟରେ ଆପତ୍ତି ଉଠାଇଥିଲା। ଉକ୍ତ ଚୁକ୍ତି ଅନୁସାରେ ଜଣେ ନିରପେକ୍ଷ ବିଶେଷଜ୍ଞଙ୍କୁ ସମାଧାନ ଲାଗି ନିଯୁକ୍ତି ଦିଆଯାଉ ବୋଲି ନୂଆଦିଲ୍ଲୀ ଦାବି କରିଥିଲା। ଏପରି କି ହେଗ୍ କୋର୍ଟର ବିଚାର ବେଳେ ଭାରତ ପକ୍ଷରୁ କୌଣସି ପ୍ରତିନିଧି ଯୋଗଦେଇ ନ ଥିଲେ। ଏହି ପ୍ରସଙ୍ଗରେ ପାକିସ୍ତାନ ପକ୍ଷରୁ ଏକ ଅନ୍ତର୍ଜାତୀୟ ବିଶେଷଜ୍ଞ ଦଳ ପ୍ରତିନିଧିତ୍ୱ କରିଥିବାବେଳେ ଏଥିରେ ଆଇନଜୀବୀ ଜୋହାଇର ୱାହିଦ ଓ ଲିନା ନିସ୍ତ୍ରେରଙ୍କ ସମେତ ଆର୍ଟର୍ନି ଜେନେରାଲ ଅଫ୍ ପାକିସ୍ତାନ (ଏଜିପି) ଅଫିସ୍‌ର ଏକ ଟିମ୍ ସହଯୋଗ କରିଥିଲା। ବାରିଷ୍ଟର ଅହମଦ ଇରଫାନ୍ ଇସ୍‌ଲାମ ପିସିଏରେ ପାକିସ୍ତାନର ଏଜେଣ୍ଟ ଭାବେ କାର୍ଯ୍ୟ କରିଥିଲେ। ପାକିସ୍ତାନ ସପକ୍ଷରେ ରାୟ ଦେଇ ପିସିଏ କହିଛି, ଇସ୍‌ଲାବାବାଦ ଓ ନୂଆଦିଲ୍ଲୀ ମଧ୍ୟରେ କିଷନଗଙ୍ଗା ବିବାଦର ସମାଧାନ ପାଇଁ ଆମେ ହେଉଛୁ ଉପଯୁକ୍ତ କର୍ତ୍ତୃପକ୍ଷ। ପିସିଏର ଏହି ସର୍ବସମ୍ମତ ନିଷ୍ପତ୍ତିକୁ ପକ୍ଷମାନେ ମାନିବାକୁ ବାଧ୍ୟ। ଏହା ଉପରେ ଅପିଲ ମଧ୍ୟ କରାଯାଇପାରିବ ନାହିଁ। ଭାରତ ଉଠାଇଥିବା ସମସ୍ତ ଆପତ୍ତିକୁ ଖାରଜ କରାଯାଇଛି। ପାକିସ୍ତାନ ପକ୍ଷରୁ କରାଯାଇଥିବା ଅନୁରୋଧର ବିଚାର କରାଯିବ। ଏନେଇ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ କହିଛନ୍ତି, ତଥାକଥିତ ଆର୍ବିଟ୍ରେଶନ୍ ପ୍ରତିଷ୍ଠା କରିବା ଆଇଡବ୍ଲ୍ୟୁଟିରେ ହସ୍ତକ୍ଷେପ ବୋଲି ନୂଆଦିଲ୍ଲୀ ନିରନ୍ତର ଓ ସିଦ୍ଧାନ୍ତଗତ ଆଭିମୁଖ୍ୟ ରହିଆସିଛି। ଆଇନଗତ ମିଥ୍ୟା ଯୁକ୍ତି ଭାରତକୁ ଏହି ପ୍ରସିଡିଂରେ ସାମିଲ ହେବା ପାଇଁ ବାଧ କରିପାରିବ ନାହିଁ। ଭାରତର ଯୁକ୍ତି ହେଉଛି, କିଷନଗଙ୍ଗା ଓ ରତଲେ ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ସିନ୍ଧୁ ଜଳ ଚୁକ୍ତି ଅଧୀନରେ ଆସୁଛି। କିନ୍ତୁ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମୁମ୍‌ତାଜ୍ ଜହରା କହିଛନ୍ତି, ଦୁଇଦେଶ ମଧ୍ୟରେ ହୋଇଥିବା ଏହି ରାଜିନାମାକୁ ସମ୍ପୂର୍ଣ୍ଣ ଭାବେ ପାଳନ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଭାରତ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବ ବୋଲି ଆମେ ଆଶାବାଦୀ।

---

## କୋଷ୍ଟଗାର୍ଡ ପାଇଁ କିଣାଯିବ ଡୋର୍ନିଅର ବିମାନ

**ହାଲ୍ ସହ ୪୫୮ କୋଟିର ଚୁକ୍ତି**



ନୂଆଦିଲ୍ଲୀ, ୭।୭

ଭାରତୀୟ ତଟ ସୁରକ୍ଷା ବାହିନୀ (ଆଇସିଜି) ପାଇଁ ଦୁଇଟି ଡୋର୍ନିଅର ବିମାନ ସମେତ ଅନ୍ୟାନ୍ୟ ଇଞ୍ଜିନିୟରିଂ ସପୋର୍ଟ ପ୍ୟାକେଜ୍ ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ଶୁକ୍ରବାର ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ସହ ୪୫୮.୮୭ କୋଟି ଟଙ୍କାର ଚୁକ୍ତିନାମା ସ୍ୱାକ୍ଷର କରିଛି। ଉକ୍ତ ବିମାନରେ ଗ୍ଲାସ୍ କକ୍‌ପିଟ୍, ମେରିଟାଇମ୍ ପାଟ୍ରୋଲ ରାଡାର, ଇଲେକ୍ଟ୍ରୋ-ଅପ୍‌ଟିକ ଇନ୍‌ଫ୍ରାରେଡ୍ ଡିଭାଇସ, ମିଶନ ମ୍ୟାନେଜମେଣ୍ଟ ସିଷ୍ଟମ ଆଦି ସମସ୍ତ ଅତ୍ୟାଧୁନିକ ଉପକରଣ ସଂଯୋଗ କରାଯିବ। ଏହା ସାମୁଦ୍ରିକ ଅଞ୍ଚଳରେ ଆଇସିଜିର ଆକାଶମାର୍ଗରୁ ସର୍ଭିଲାନ୍ସ କ୍ଷମତା ବଢ଼ାଇବାରେ ସହାୟକ ହେବ। ହାଲ୍ (ଟ୍ରାନ୍ସପୋର୍ଟ ଏୟାରକ୍ରାଫ୍ଟ ଡିଭିଜନ)କାନପୁର ସ୍ୱଦେଶୀ ଜ୍ଞାନକୌଶଳରେ ଡୋର୍ନିଅର ବିମାନ ନିର୍ମାଣ କରୁଛି। ପ୍ରତିରକ୍ଷାରେ ଆତ୍ମନିର୍ଭରଶୀଳ ହେବାରେ ଏହାର ଉଲ୍ଲେଖନୀୟ ଅବଦାନ ରହିବ।

---

# ଆଜି ପଶ୍ଚିମବଙ୍ଗ ପଞ୍ଚାୟତ ଭୋଟ



ପଞ୍ଚାୟତ ନିର୍ବାଚନ ଅବ୍ୟବହିତ ପୂର୍ବରୁ କର୍ମଚାରୀମାନେ କୋଲକାତାରୁ ଭୋଟିଂ ସାମଗ୍ରୀ ଧରି ବୁଥ୍ ଅଭିମୁଖେ ଯାଉଛନ୍ତି।

**ମିଳିଲା ଆଉ ୩ ମୃତଦେହ**

କୋଲକାତା, ୭।୭

ପଶ୍ଚିମବଙ୍ଗରେ ବ୍ୟାପକ ହିଂସା ଏବଂ ହତ୍ୟାକାଣ୍ଡ ମଧ୍ୟରେ ଶନିବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ମତଦାନ ହେବାକୁ ଯାଉଛି। ୨୦୨୪ ଲୋକ ସଭା ନିର୍ବାଚନ ପାଇଁ ଏହା ଅଗ୍ନିପରୀକ୍ଷା ହେବାକୁ ଯାଉଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଇଁ ସମ୍ମାନର ପ୍ରଶ୍ନ। ୫.୬୭ କୋଟି ଭୋଟର୨୨ ଜିଲା ପରିଷଦର ୯୨୮ ଆସନ, ୯,୭୩୦ ପଞ୍ଚାୟତ ସମିତି ଏବଂ ୬୩,୨୨୯ ଗ୍ରାମ ପଞ୍ଚାୟତ ନିର୍ବାଚନ ପାଇଁ ଭୋଟ ଦେବେ। ଜୁନ୍ ୮ରେ ନିର୍ବାଚନ ଘୋଷଣା ହେବା ଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟି ୧୯ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଲାଣି। ଗତ ୨୪ ଘଣ୍ଟା ମଧ୍ୟରେ ମୁର୍ଶିଦାବାଦ ଏବଂ ଉତ୍ତର ୨୪ ପ୍ରଗଣା ଜିଲାରୁ ୩ ଜଣଙ୍କ ମୃତଦେହ ମିଳିଥିବାରୁ ମତଦାନ ବେଳେ ରକ୍ତପାତ ହେବା ଆଶଙ୍କା କରାଯାଉଛି। ଟିଏମ୍‌ସି ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଦଳର ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ପ୍ରଚାରର ମଙ୍ଗ ଧରିଥିବାବେଳେ ଭାଜପା ପାଇଁ ରାଜ୍ୟ ସଭାପତି ସୁକାନ୍ତ ମଜୁମଦାର, ଜାତୀୟ ଉପାଧ୍ୟକ୍ଷ ଦିଲୀପ ଘୋଷ ଏବଂ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ପ୍ରଚାର ସମ୍ଭାଳିଥିଲେ।

---

## ୨ ବନ୍ଦେ ଭାରତ ଏକ୍ସପ୍ରେସ୍ ଶୁଭାରମ୍ଭ

**ପୂର୍ବ ସରକାର ଏସି ରୁମ୍‌ରେ ଯୋଜନା କରୁଥିଲେ: ମୋଦି**

ବାରାଣସୀ , ୭।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ନିଜ ନିର୍ବାଚନ ମଣ୍ଡଳୀ ଉତ୍ତରପ୍ରଦେଶର ବାରାଣସୀରେ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ପୂର୍ବ ସରକାରଗୁଡ଼ିକ ବାସ୍ତବତାକୁ ନ ଦେଖି ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠରେ ବସି ଯୋଜନା ପ୍ରସ୍ତୁତ କରୁଥିଲେ। ଆଜିର କଲ୍ୟାଣକାରୀ ପ୍ରକଳ୍ପଗୁଡ଼ିକର ହିତାଧିକାରୀ ପ୍ରକୃତ ଧର୍ମନିରପେକ୍ଷତା ଓ ସାମାଜିକ ନ୍ୟାୟର ଉଦାହରଣ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ଗୋରଖପୁରରେ ଗୀତା ପ୍ରେସ୍‌ର ଶତବାର୍ଷିକୀ ଉତ୍ସବ ଉଦ୍‌ଯାପନୀ ଉତ୍ସବରେ ଉଦ୍‌ବୋଧନ ଦେଇଥିଲେ। ସେ ଗୋରଖପୁର ରେଲଷ୍ଟେଶନରୁ ଦୁଇଟି ନୂଆ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଥିଲେ। ଏହା ବ୍ୟତୀତ ଉଭୟ ସହରରେ ଅନେକ ବିକାଶମୂଳକ ପ୍ରକଳ୍ପର ସେ ଉଦ୍‌ଘାଟନ କରିଥିଲେ।


ରାୟପୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପହଞ୍ଚିବା ପରେ ସ୍ୱାଗତ କରୁଛନ୍ତି ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ରମନ ସିଂ।

---

## ପ୍ରହ୍ଲାଦଙ୍କୁ ରାଜସ୍ଥାନ, ଭୂପେନ୍ଦ୍ରଙ୍କୁ ମଧ୍ୟପ୍ରଦେଶ

**ନିର୍ବାଚନ ପାଇଁ ଭାଜପା ପ୍ରଭାରୀ**

ନୂଆଦିଲ୍ଲୀ, ୭।୭(ପି.ଟି.)


ପ୍ରହ୍ଲାଦ ଜୋଷୀ


ଭୂପେନ୍ଦ୍ର ଯାଦବ

ବିଧାନସଭା ନିର୍ବାଚନ ହେବାକୁ ଥିବା ରାଜସ୍ଥାନ ଓ ମଧ୍ୟପ୍ରଦେଶ ପାଇଁ ଭାଜପା ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଏବଂ ଭୂପେନ୍ଦ୍ର ଯାଦବଙ୍କୁ ଦଳର ପ୍ରଭାରୀ ନିଯୁକ୍ତ କରିଛି। ଏଥିସହ ଭାଜପା ତା'ର ପ୍ରଚାର ଅଭିଯାନ ଆରମ୍ଭ କରିବାକୁ ଯାଉଛି। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ଚଳିତ ବର୍ଷ ଶେଷ ଭାଗରେ ଏହି ଦୁଇ ପ୍ରମୁଖ ରାଜ୍ୟ ସମେତ ତେଲଙ୍ଗାନା ଓ ଛତିଶଗଡ଼ ବିଧାନସଭା ନିର୍ବାଚନ ହେବ। ତେଲଙ୍ଗାନା ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ଏବଂ ଛତିଶଗଡ଼ ପାଇଁ ବରିଷ୍ଠ ନେତା ଓମ୍ ପ୍ରକାଶ ମାଥୁରଙ୍କୁ ନିର୍ବାଚନ ପ୍ରଭାରୀ ନିଯୁକ୍ତ କରାଯାଇଛି। ରାଜସ୍ଥାନ ନିର୍ବାଚନ ପାଇଁ ଗୁଜରାଟର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ନୀତିନ ପଟେଲ ଏବଂ ହରିୟାଣା ନେତା କୁଲ୍‌ଦୀପ ବିଷ୍ଣୋଇଙ୍କୁ ସହପ୍ରଭାରୀ ନିଯୁକ୍ତ କରାଯାଇଥିବାବେଳେ କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଛତିଶଗଡ଼ ନିର୍ବାଚନ ପାଇଁ ଭାଜପାର ସହପ୍ରଭାରୀ ନିଯୁକ୍ତ ହୋଇଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟପ୍ରଦେଶ ପାଇଁ ସହପ୍ରଭାରୀ ହୋଇଥିବାବେଳେ ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲଙ୍କୁ ତେଲଙ୍ଗାନା ଦାୟିତ୍ୱ ଦିଆଯାଇଛି। ଏହି ୪ ରାଜ୍ୟ ସମେତ ମିଜୋରାମରେ ଆଗାମୀ ଅକ୍ଟୋବର-ନଭେମ୍ବରରେ ନିର୍ବାଚନ ହେବା ଆଶା କରାଯାଉଛି।

---

## ମୋଦିଙ୍କ ରାଲିକୁ ଯାଉଥିବା ବସ୍ ଦୁର୍ଘଟଣାରେ ୩ ମୃତ

ବିଳାସପୁର, ୭।୭

ଛତିଶଗଡ଼ର ରାୟପୁରରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଲିକୁ ଯାଉଥିବା ଏକ ବସ୍ ବିଳାସପୁର ଜିଲାରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ଧକ୍କା ଦେବାରୁ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଶୁକ୍ରବାର ସକାଳେ ବେଲତରା ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଛି। ୪୦ ଜଣ ଲୋକଙ୍କୁ ନେଇ ବସ୍‌ଟି ଅମ୍ବିକାପୁରରୁ ରାୟପୁର ରାଲିକୁ ଯାଉଥିଲା। ପ୍ରବଳ ବର୍ଷା ଯୋଗୁ ରାସ୍ତା ପାର୍ଶ୍ୱରେ ଛିଡ଼ାହୋଇଥିବା ଏକ ଟ୍ରକ୍‌କୁ ବସ୍ ଡ୍ରାଇଭର ସ୍ୱଷ୍ଟ ଭାବେ ଦେଖିପାରି ନ ଥିଲେ। ଫଳରେ ବସ୍‌ଟି ଉକ୍ତ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା।

---

## ଏନ୍‌ଇପି ବଦଳରେ ନୂଆ ଶିକ୍ଷାନୀତି ଆଣିବ କର୍ଣାଟକ


ବଜେଟ ଉପସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ବିଧାନସଭାରେ ପହଞ୍ଚୁଛନ୍ତି।

ବେଙ୍ଗାଲୁରୁ , ୭।୭ (ପି.ଟି.)

କର୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଶୁକ୍ରବାର ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)କୁ ସମାଲୋଚନା କରିଛନ୍ତି। କେନ୍ଦ୍ର ସରକାର କାର୍ଯ୍ୟକାରୀ କରିଥିବା ଜାତୀୟ ଶିକ୍ଷାନୀତି ସଂଘୀୟ ବ୍ୟବସ୍ଥା ସହ ଅସଂଗତ ଏବଂ ଏଥିରେ ଏକାଧିକ ତ୍ରୁଟି ରହିଥିବା ସିଦ୍ଧାରାମାୟା କହିଛନ୍ତି। କର୍ଣାଟକ ବିଧାନସଭାରେ ନିଜର ବଜେଟ ଭାଷଣରେ ସିଦ୍ଧାରାମାୟା କହିଥିଲେ, ତାଙ୍କ ସରକାର ରାଜ୍ୟର ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ପରିବେଶକୁ ବିଚାରକୁ ନେଇ ନୂଆ ଶିକ୍ଷାନୀତି ଆଣିବେ। ଏହି ନୂଆ ନୀତି ରାଜ୍ୟରେ ଉଚ୍ଚଶିକ୍ଷା ମାନକୁ ବିଶ୍ୱସ୍ତରୀୟ କରିବା ସହ ବୈଶ୍ୱିକ ସ୍ତରରେ ଯୁବବର୍ଗଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସାମର୍ଥ୍ୟ ଯୋଗାଇବ ଏବଂ ସାର୍ଥକ ନିଯୁକ୍ତି ସୁଯୋଗ ହାତେଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

---

## ପ୍ରତିଯୋଗିତା ଭଲ, ଛଳନା ନୁହେଁ: ମସ୍କ

**ମେଟାକୁ ଟୁଇଟରର ମକଦ୍ଦମା ଧମକ**

ୱାଶିଂଟନ୍,୭।୭



ଟୁଇଟର ମାଲିକ ଏଲନ ମସ୍କ ମେଟା ସିଇଓ ମାର୍କ ଜୁକରବର୍ଗ

ମାଇକ୍ରୋବ୍ଲଗିଂ ସାଇଟ୍ ଟୁଇଟରର ପ୍ରତିଦ୍ୱନ୍ଦ୍ୱୀ ଥ୍ରେଡ୍ସ ଲଞ୍ଚ ହେବାର କେଇ ଘଣ୍ଟା ମଧ୍ୟରେ ଟୁଇଟରର ଓକିଲ ଆଲେକ୍ସ ସ୍ପିରୋ ମେଟା ସିଇଓ ମାର୍କ ଜୁକରବର୍ଗଙ୍କ ନିକଟକୁ ଚିଠି ଲେଖିଛନ୍ତି। ଏଲନ ମସ୍କଙ୍କ ଟୁଇଟରର ଟ୍ରେଡ୍ ସିକ୍ରେଟ୍‌କୁ ବ୍ୟବହାର କରି ଥ୍ରେଡ୍ସ ତିଆରି କରାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଥ୍ରେଡ୍ସ ନିର୍ମାଣକାରୀ ଇଞ୍ଜିନିୟରଙ୍କ ଟିମ୍‌ରେ ବ୍ଲୁ-ବାର୍ଡ ଆପ୍‌ର ଅନେକ ପୂର୍ବତନ ଇଞ୍ଜିନିୟର ସାମିଲ ଥିବା ଟୁଇଟର ପକ୍ଷରୁ ଦାବି କରାଯାଉଛି। ଏଥିସହ ଥ୍ରେଡ୍ସ ଆପ୍‌କୁ ନେଇ ଟୁଇଟର ମେଟା ବିରୋଧରେ ମକଦ୍ଦମା କରିବାକୁ ଧମକ ମଧ୍ୟ ଦେଇଛି। ଏ ନେଇ ମସ୍କ ଟୁଇଟରରେ ଏକ ପୋଷ୍ଟ ଶେୟାର କରିଛନ୍ତି। ପ୍ରତିଯୋଗିତା ଭଲ, ଛଳନା ନୁହେଁ ବୋଲି ଉକ୍ତ ପୋଷ୍ଟରେ ସେ ଉଲ୍ଲେଖ କରିଛନ୍ତି। ଟୁଇଟର ପୂର୍ବତନ କର୍ମଚାରୀ ଏବେବି ଏହାର ତଥ୍ୟ ଆସେସ୍ କରିପାରୁ ଥିବାବେଳେ ଏହାର ବ୍ୟବହାର ଦ୍ୱାରା ମେଟା ଏକ 'କପିକ୍ୟାଟ୍' ଆପ୍ ତିଆରି କରି ସଂଘୀୟ ଆଇନର ଉଲ୍ଲଂଘନ କରିଥିବା ଟୁଇଟର ଓକିଲ ସ୍ପିରୋ କହିଛନ୍ତି। ଟୁଇଟର ପକ୍ଷରୁ ହୋଇଥିବା ସମସ୍ତ ଅଭିଯୋଗକୁ ମେଟା ପକ୍ଷରୁ ଖଣ୍ଡନ କରାଯାଇଛି। କମ୍ପାନୀର ମୁଖପାତ୍ର ଆଣ୍ଡି ଷ୍ଟୋନ କହିଛନ୍ତି, ଥ୍ରେଡ୍ସ ଇଞ୍ଜିନିୟରିଂ ଟିମ୍‌ରେ କେହି ଟୁଇଟରର ପୂର୍ବତନ ଇଞ୍ଜିନିୟର ନାହାନ୍ତି, କି ଆପ୍‌କୁ ସେମାନେ ତିଆରି କରିନାହାନ୍ତି। ଥ୍ରେଡ୍ସ ଲଞ୍ଚ ହେବାର କେଇଘଣ୍ଟାରେ ନାମୀଦାମୀ ବ୍ୟକ୍ତି ବିଶେଷଙ୍କ ସମେତ ଲକ୍ଷ, ଲକ୍ଷ ଲୋକ ଏହା ସହ ଯୋଡ଼ି ହୋଇଛନ୍ତି। ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଭଳି ଥ୍ରେଡ୍ସଙ୍କୁ ଲୋକେ ଗ୍ରହଣ କରିବେ ବୋଲି ଜୁକରବର୍ଗ କହିଛନ୍ତି।




# ବୁଢ଼ୀ ଠାକୁରାଣୀ ମନ୍ଦିରକୁ ୧୮.୯୧ କୋଟି

**ଭୁବନେଶ୍ୱର, ୭।୭(ସୁନିତ୍ ମିଶ୍ର)**

ଗଞ୍ଜାମ ଜିଲା ବ୍ରହ୍ମପୁରର ପ୍ରସିଦ୍ଧ ମା’ ବୁଢ଼ୀ ଠାକୁରାଣୀଙ୍କ ପୀଠର କାୟାକଳ୍ପ ବଦଳିବ। ମନ୍ଦିର ସମ୍ପୂର୍ଣ୍ଣ ନୂଆ ରୂପରେ ଝଲସିବ। ଏଥିଲାଗି ଦୁଇ ପର୍ଯ୍ୟାୟରେ ମୋଟ ୧୮ କୋଟି ୯୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏ ସଂକ୍ରାନ୍ତ ମନ୍ଦିର ବିକାଶ ଯୋଜନାକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିବା ସହ ନିର୍ଦ୍ଧାରିତ ସମୟରେ କାମ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ବ୍ରହ୍ମପୁରର ଆରାଧ୍ୟ ଦେବୀ ମା’ ବୁଢ଼ୀ ଠାକୁରାଣୀ କେବଳ ଗଞ୍ଜାମ କିମ୍ବା ଓଡ଼ିଶା ନୁହେଁ, ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ ମଧ୍ୟ ପ୍ରସିଦ୍ଧ । ମା’ଙ୍କ ପୀଠକୁ ଦୈନିକ ବିଭିନ୍ନ ସ୍ଥାନରୁ ବହୁସଂଖ୍ୟକ ଶ୍ରଦ୍ଧାଳୁ ଆସିଥାଆନ୍ତି। ତେଣୁ ମନ୍ଦିର



ସୌନ୍ଦର୍ଯ୍ୟକରଣ ଏବଂ ଭକ୍ତଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ତଦନୁଯାୟୀ ମୁଖ୍ୟ ମନ୍ଦିରର ବିକାଶ କରାଯିବ। ମନ୍ଦିର କାନ୍ଥ ଓ ଚଟାଣରେ ପଥର ବିଛାଯିବ। ଯଜ୍ଞକୁଣ୍ଡ, ମନ୍ଦିର କାର୍ଯ୍ୟାଳୟ ପୁନର୍ନିର୍ମାଣ ହେବ। କଳିଙ୍ଗ ସ୍ଥାପତ୍ୟରେ ମନ୍ଦିରକୁ ସୁଶୋଭିତ କରାଯିବ। ଶ୍ରଦ୍ଧାଳୁ, ପର୍ଯ୍ୟଟକଙ୍କ ହସ୍ତପଦ ପ୍ରକ୍ଷାଳନ ପାଇଁ ପାଣିର ବ୍ୟବସ୍ଥା, ପ୍ରେକ୍ଷାଳୟ, ବିଭିନ୍ନ କାର୍ଯ୍ୟରେ ବ୍ୟବହାର ପାଇଁ ହଲ୍, ପୂଜକମାନଙ୍କ ପାଇଁ ଗୃହ, ରୋଷଘର, ଭୋଗମଣ୍ଡପ ନିର୍ମାଣ ହେବ। ଆକର୍ଷଣୀୟ ଆଲୋକସଜ୍ଜା ବ୍ୟବସ୍ଥା ହେବ। ମନ୍ଦିରକୁ ଯାଇଥିବା ରାସ୍ତାର ଉନ୍ନତୀକରଣ, ପାର୍କିଂ ବ୍ୟବସ୍ଥା, ଶୌଚାଳୟ, ଲ୍ୟାଣ୍ଡସ୍କେପିଂ ସହ ବୃକ୍ଷରୋପଣ ପାଇଁ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ନିକଟରେ ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପରିଦର୍ଶନ କରିବା ସହ ପୀଠର ବିକାଶ ସମ୍ପର୍କରେ ପୂଜକ, ସ୍ଥାନୀୟ ଜନସାଧାରଣ, ଲୋକପ୍ରତିନିଧି ଓ ଜିଲା ପ୍ରଶାସନ ସହ ଆଲୋଚନା କରିଥିଲେ।

# ଡିଏନ୍ ଗ୍ରୁପ୍‌ର କଳାଧନ ହିସାବ ସରୁନି

## ଅଧ୍ୟକ୍ଷ ଜଗଦୀଶ, ସହଯୋଗୀଙ୍କୁ ଜେରା

**ଭୁବନେଶ୍ୱର,୭।୭**
**(ସୂର୍ଯ୍ୟକାନ୍ତ ବେହେରା)**

- **ବେନାମୀ ସମ୍ପତ୍ତିର ତଦନ୍ତ କରିପାରେ ଇଡି**
- **ବେଆଇନ ଭାବେ ସରକାରୀ ଜମି ହାତେଇଥିବା ସୂଚନା**

ଟିକସ ଫାଙ୍କିବା ଅଭିଯୋଗରେ ରିୟଲ୍ ଇଷ୍ଟେଟ୍ କମ୍ପାନୀ ଡିଏନ୍ ଗ୍ରୁପ୍ ଉପରେ ଲଗାତର ତିନିଦିନ ଧରି ଆୟକର ବିଭାଗ ଚଢାଉ ଜାରି ରଖିଛି। ତଦନ୍ତ ଯେତେ ଭିତରକୁ ଯାଉଛି, ସେତେ କଳାଧନ ମିଳୁଥିବା ଜଣାପଡିଛି। ତେବେ ପ୍ରଥମ ଦିନ କର୍ମଚାରୀଙ୍କ ଘରୁ ୩୦ କୋଟି ନଗଦ ଟଙ୍କା ଜବତ ହେବା ଓ ଗୁରୁବାର ଦ୍ୱିତୀୟ ଦିନରେ ଡିଏନ୍ ଗ୍ରୁପ୍‌ର ୧୦୫ କୋଟିରୁ ଅଧିକ ଟଙ୍କାର ବ୍ୟବସାୟିକ କାରବାର ଚିଠା ମିଳିବା ପରେ ଆୟକର ଟିମ୍ ତଦନ୍ତ ପ୍ରକ୍ରିୟାକୁ ଜୋର୍‌ଦାର କରିଛି। ଶୁକ୍ରବାର ଆୟକର ଅଧିକାରୀମାନେ ଆଇଆର୍‌ସି ଭିଲେଜସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚି ଡିଏନ ଗ୍ରୁପ୍‌ର ଅଧ୍ୟକ୍ଷ ଜଗ୍‌ଦୀଶ ପ୍ରସାଦ ନାୟକ ଓ ସହଯୋଗୀଙ୍କ ସମେତ ଅନ୍ୟମାନଙ୍କୁ ମାରାଥନ ପଚରାଉଚରା କରିଛି। ଏହାସହ ୩୦କୋଟି ଟଙ୍କା ରଖିଥିବା ଡିଏନ୍ ଗ୍ରୁପ୍‌ର ଲିଗାଲ ଅଫିସର ଚନ୍ଦ୍ରଶେଖର ପଣ୍ଡାଙ୍କ ବନ୍ଧୁ ନୀରଜ ସିଂଙ୍କୁ ମଧ୍ୟ ଜେରା କରିଥିବା ଜଣାପଡିଛି। ତେବେ ନୀରଜ ସିଂ କିଏ ଓ ଡିଏନ୍ ଗ୍ରୁପ୍ କାର୍ଯ୍ୟରେ ତାଙ୍କର ଭୂମିକା କ’ଣ ତାକୁ ନେଇ ଅଧିକ ଖୋଳତାଡ ଚାଲିଛି। ପଚରାଉଚରାବେଳେ ଏମାନଙ୍କଠାରୁ ଡିଏନ୍ ଗ୍ରୁପ୍ ଠୁଳ କରିଥିବା କଳାଧନର ବିଭିନ୍ନ ଉତ୍ସକୁ ଧରିଛନ୍ତି ଆୟକର ଅଧିକାରୀ। ଆଉ



କେତେ ବେନାମୀ ସମ୍ପତ୍ତି ଲୁଚାଇଛନ୍ତି, କେତେ ଆୟକର ଫାଙ୍କି ହୋଇଛି ତାହାର ହିସାବ ଖୋଜି ଚାଲିଛନ୍ତି। ଅନ୍ୟପକ୍ଷରେ ଡିଏନ୍ ଗ୍ରୁପର ବେଆଇନ ଆର୍ଥିକ କାରବାର କଥା ସାମ୍ନାକୁ ଆସୁଥିବାରୁ କିଛି ନେତା ଓ ପ୍ରଶାସକ ଏଥିରେ ପୁଞ୍ଜିନିବେଶ କରିଥିବା ଅଭିଯୋଗ ଉଠୁଥିବାରୁ ବିଭାଗ ଏ ଦିଗରେ ମଧ୍ୟ ତଦନ୍ତକୁ ଆଗକୁ ନେଇଛି। ରାଜଧାନୀର ଆଖପାଖ ଅଞ୍ଚଳରେ ଡିଏନ୍ ଗ୍ରୁପ୍‌କୁ ବେଆଇନ ଭାବେ ସରକାରୀ ଜମି ଦିଆଯାଇଛି ଥିବା କଥା ବି ଉଠୁଛି। ଏଥିରେ ବଡ଼ ଧରଣର ସ୍କାମ ହୋଇଥିବା ଅଭିଯୋଗ ହେଉଛି। ଏହାକୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି ହେଉଛି। ତେଣୁ ଏତେ ପରିମାଣର ନଗଦ ଅର୍ଥ ଓ ବେନାମୀ ସମ୍ପତ୍ତିର ସୁରାକ ମିଳିବା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତତ୍ପର ହୋଇପଡିଛି। କେଉଁ ମୁହୂର୍ତ୍ତରେ ଇଡି ତଦନ୍ତ ଭାର ହାତକୁ ନେଇ ଚଢାଉ କରିବ ବୋଲି ଚର୍ଚ୍ଚା ଚାଲିଛି।

ସୂଚନା ଅନୁସାରେ, ଡିଏନ୍ ଗ୍ରୁପ୍ ବିରୋଧରେ ଆୟକର ଫାଙ୍କି ନେଇ ଅଭିଯୋଗ ଆସିଥିଲା। ବୁଧବାର ସକାଳେ ୭ଟି ଟିମ୍ ଭୁବନେଶ୍ୱର ନୂଆପଲ୍ଲୀସ୍ଥିତ ଅଫିସ, ଘର, କଟକ ସମେତ ୨୦ଟି ସ୍ଥାନରେ ଚଢ଼ାଉ କରିଥିଲା। ୟୁନିଟ-୪ରେ ଥିବା ପୋଷ୍ଟାଲ କଲୋନିରେ ରହୁଥିବା ଡିଏନ୍ ଗ୍ରୁପ୍‌ର ଲିଗାଲ ଅଫିସର ଚନ୍ଦ୍ରଶେଖର ପଣ୍ଡାଙ୍କ ଘର ଖଟ ତଳେ ୩ଟି ଟ୍ରଙ୍କ ଓ ଗୋଟିଏ ଆଟାଚିରେ ଥିବା ୩୦କୋଟି ଟଙ୍କା ଜବତ କରାଯାଇଥିଲା। ଏହାପରଠାରୁ ଆୟକର ଟିମ୍ ଚଢ଼ାଉ, ଯାଞ୍ଚ ଓ ଜେରା ଚଳାଇଥିବାବେଳେ କଳାଧନର ହିସାବ ସରୁ ନ ଥିବା ଜଣାପଡିଛି। ତେବେ ତଦନ୍ତ ଚାଲିଥିବାରୁ ବିଭାଗ ପକ୍ଷରୁ ଅଧିକ କିଛି ସୂଚନା ଦିଆଯାଇନାହିଁ।

# ଉଦ୍ଧବଙ୍କୁ ଝଟକା: ଶିନ୍ଦେ କ୍ୟାମ୍ପରେ ନୀଲମ



ନୀଲମ ଗୋର୍‌ହେ

**ମୁମ୍ବାଇ, ୭।୭**

ମହାରାଷ୍ଟ୍ର ବିଧାନ ପରିଷଦ ସଦସ୍ୟା (ଏମ୍‌ଏଲ୍‌ସି) ନୀଲମ ଗୋର୍‌ହେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ କ୍ୟାମ୍ପ୍‌ରେ ଯୋଗଦେଇଛନ୍ତି। ଫଳରେ ଉଦ୍ଧବ ଠାକ୍‌ରେଙ୍କୁ ଆଉ ଏକ ଝଟକା ଲାଗିଛି। ବିଧାନ ପରିଷଦର ଉପାଧ୍ୟକ୍ଷା ଥିବା ଗୋର୍‌ହେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କ ଉପସ୍ଥିତିରେ ଶିନ୍ଦେ ସେନାରେ ସାମିଲ ହୋଇଛନ୍ତି। ଗତମାସରେ ଏମ୍‌ଏଲ୍‌ସି ମନୀଷା କାୟାନ୍ଦେ ଶିନ୍ଦେ କ୍ୟାମ୍ପରେ ଯୋଗ ଦେଇଥିଲେ। ମହିଳାମାନଙ୍କ ଉନ୍ନତି ପ୍ରସଙ୍ଗକୁ ନେଇ ସେ ଶିନ୍ଦେ ଓ ଫଡ୍‌ନବିସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରିବାକୁ ଚାହାନ୍ତି।

# ଦାଦନ ଶ୍ରମିକ ମୁଣ୍ଡ ଜାମିନ

- **ଜମି ବନ୍ଧକ ରଖି ୫୫ ହଜାର ଟଙ୍କା ପଠାଇବା ପରେ ଛାଡ଼ ପାଇଲେ**

**ଉମରକୋଟ,୭।୭(ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟରୁ ତାମିଲନାଡୁକୁ କାମ କରିବାକୁ ଯାଇଥିବା ୪ ଦାଦନ ଶ୍ରମିକଙ୍କୁ ମୁଣ୍ଡ ଜାମିନରେ ନିସ୍ତୁକ ମାଡ଼ ମରାଯାଇଛି। ଏଥିସହ ଫୋନ୍ ଯୋଗେ ତାଙ୍କ ଘର ଲୋକଙ୍କୁ ଟଙ୍କା ମାଗିଛନ୍ତି। ଦୁର୍ବୃତ୍ତ ଘର ଲୋକେ ଜମି ବନ୍ଧକ ରଖି ୫୫ ହଜାର ଟଙ୍କା ପଠାଇବା ପରେ ଶ୍ରମିକମାନଙ୍କୁ ଘଞ୍ଚ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି। ଶୁକ୍ରବାର ରାତିରେ ପରିବାର ଲୋକେ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରାଯିବ ବୋଲି ଭାରପ୍ରାପ୍ତ ଥାନାଧିକାରୀ ସନ୍ତୋଷ କୁମାର ମାଝି କହିଛନ୍ତି। ସୂଚନାନୁଯାୟୀ, ଗତ ୩ ତାରିଖରେ ଉମରକୋଟ ବ୍ଲକ ଚିକଲପଦର ପଞ୍ଚାୟତ ପୂଜାରୀଭରଣ୍ଡି ଗ୍ରାମର ଛବିଲାଲ ପୂଜାରୀ (୨୫), ଜଗେନ୍ଦ୍ର ଗଣ୍ଡ (୩୦), ଚନ୍ଦ୍ରସାଇ ଗଣ୍ଡ (୩୦) ଓ ବୁଦ୍ଧୁ ମାଳି (୩୦) ଦାଦନ ଖଟିବାକୁ ତାମିଲନାଡୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ସେମାନେ ଗୁରୁବାର ଦୁର୍ବୃତ୍ତଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ଅଭିଯୁକ୍ତମାନେ ସେମାନଙ୍କୁ ଏକ ରୁମ୍‌ରେ ରଖି ନିସ୍ତୁକ ମାଡ଼ ମାରିଥିଲେ। ଘରୁ ଟଙ୍କା ନ ମାଗିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଶ୍ରମିକମାନେ ଭୟରେ ପରିବାର ଲୋକଙ୍କୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇ ଟଙ୍କା ମଗାଇଥିଲେ। ପରିବାର ଲୋକେ ଜମି ବନ୍ଧକ ରଖି ଦୁର୍ବୃତ୍ତମାନେ ଦେଇଥିବା ଏକ ନମ୍ବରରେ ୫୫,୦୦୦ ଟଙ୍କା ପଠାଇଥିଲେ। ଏହା ପରେ ୪ ଦାଦନ ଶ୍ରମିକ ମୁକ୍ତ ହୋଇଥିଲେ। ତାମିଲନାଡୁର ଇରୋଡ୍‌ରେ ଏହି ଘଟଣା ଘଟିଥିଲା। ଶ୍ରମିକମାନେ ଆକ୍ରମଣ ଭୟରେ ଲୁଚିଲୁଚି ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। ସେମାନେ ଉମରକୋଟ ଫେରୁଥିବା କହିଛନ୍ତି।


**ବୈଦ୍ୟନାଥ ଘରେ ଡାକ୍ତର**

ପ୍ରାକୃତିକ ଆୟୁର୍ବେଦିକ ଔଷଧ

| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍, ଏସିଡିଟି ଗାର୍ଡ |
| ଆମିବାୟାସିସ | ଇସାବେଲ୍-ଏଚ୍, ଆମିବିକା ଟାବଲେଟ୍ |
| ଆନେମିଆ | ହେମୋପ୍ଲସ୍, ନବାୟସ ଲୌହ |
| ଡାଇବେଟିସ୍ | ମଧୁମେହାରି ଗ୍ରାନ୍ୟୁଲ୍ସ, ଡାଇବେଟ୍ ଗାର୍ଡ |
| ଗ୍ୟାସ, ପେଟ ଫାମ୍ପିବା | ଗ୍ୟାସନ୍ତକ ବଟି, ଗ୍ୟାସ ଗାର୍ଡ |
| ସାଧାରଣ ଦୁର୍ବଳତା | ଜେଷ୍ଟ ମେନ୍, ଜେଷ୍ଟ ଓମେନ୍ |
| କେଶ ସମସ୍ୟା | ଲିଭଗୁଡ୍, ମହାଭୃଙ୍ଗରାଜ ତେଲ, ଭୃଙ୍ଗରାଜସବ |
| ଉଚ୍ଚ କୋଲେଷ୍ଟ୍ରଲ | ଗୁଡ୍ ହାର୍ଟ, କୋଲେଷ୍ଟ ଗାର୍ଡ |
| ବଦହଜମି | ଏକ୍ସାଜେଷ୍ଟ, ଅଜୱାଇନ୍ ଅର୍କ୍, ଡାଇଜେଷ୍ଟ ଗାର୍ଡ |
| ଅନିଦ୍ରା ଏବଂ ଚିନ୍ତା | ଥଣ୍ଡା କଲ୍ୟାଣ ତେଲ, ନାଇଟକ୍, ଷ୍ଟ୍ରେସ୍ ଗାର୍ଡ |
| ଲିଭର ରୋଗ | ଲିଭ୍ ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ |
| ଅନିୟମିତ ରକ୍ତସ୍ରାବ | ସୁନ୍ଦରୀ ସଖୀ, ମେନୋଗାର୍ଡ |
| ମେଦବହୁଳତା | ଇଜି ସ୍ଲିମ୍, ମେଦୋହର ବିଦାଙ୍ଗାଦି ଲୌହ |
| ତ୍ୱଚାର ସମସ୍ୟା | ନିମ୍ ଗାର୍ଡ କ୍ୟାପ୍‌ସୁଲ୍, ନିମ୍ ଅଏଲ୍ |
| ମୂତ୍ରରୋଗ | ଚନ୍ଦ୍ରପ୍ରଭା ଟାବଲେଟ୍, ଗୋକ୍ଷୁରାଡି ଗୁଗ୍ଗୁଲୁ |

ଡାକ୍ତର ପରାମର୍ଶ ସହିତ ଆଉଟଲେଟ୍:
KENDRAPADA: 9853631559 GANJAM: 9583088964 JAGATSINGHPUR: 9439281532, 9438616702 BARGARH: 7894630209 KENDUJHAR: 6370698870, 9337238557 KEONJHAR: 6370698870 MAYURBHANJ: 9437350156 KORAPUT: 9438765344 MALKANGIR: 9556935213 RAYAGADA: 9937649097

For online purchase and online doctors consultation, log on to www.baidyanath.com



**ଆଜିର ମନ୍ତବ୍ୟ** "ବର୍ତ୍ତମାନ ସମୟରେ ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କ ପାଇଁ ଅଣାଯାଉଥିବା ଜନମଙ୍ଗଳକାରୀ ଯୋଜନା ସାମାଜିକ ନ୍ୟାୟ ଓ ଧର୍ମ ନିରପେକ୍ଷତାର ଉଦାହରଣ। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୁମ୍ବକ ପଥର ଟାଣଇ ଲୁହା**
**ଦୁଗ୍ଧର ଲହୁଣି ଟାଣଇ ଖୁଆ**
**ପରନାରୀ କାନି ଟାଣେ ବେଧୁଆ**
**ନିର୍ଦ୍ଦୋଷ ଲୋକକୁ ଟାଣେ ମିଛୁଆ।।**

ଚୁମ୍ବକ ଲୁହାକୁ ଟାଣିବା ଭଳି ଖୁଆ ସାହାଯ୍ୟରେ ଦୁଗ୍ଧରୁ ଲହୁଣି କଢ଼ାଯାଇଥାଏ। ସେହିଭଳି ଅଭଦ୍ର ବା ଦୁଶ୍ଚରିତ୍ର ବ୍ୟକ୍ତି ପର ନାରୀ ପ୍ରତି ଅସଦାଚରଣ କରୁଥିବାବେଳେ ମିଛୁଆ ଲୋକ ଖଚମିଛ କହି ନିର୍ଦ୍ଦୋଷ ଲୋକକୁ ଖାଲରେ ପକାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରକୁ ସୁନ୍ଦର ଅନ୍ଧାର ରାତି**
**ପ୍ରେମକୁ ସୁନ୍ଦର ଚାନ୍ଦିନୀ ରାତି।**

ଅନ୍ଧାର ରାତିରେ ଚୋରି କରିବା ଚୋର ପକ୍ଷେ ଅପୂର୍ବ ସୁଯୋଗ ପରି ଚାନ୍ଦିନୀ ରାତିରେ ପ୍ରେମ କରିବା ଉଭୟ ପ୍ରେମିକା ପ୍ରେମିକଙ୍କୁ ଖୁବ୍ ଆନନ୍ଦ ଦେଇଥାଏ। ଏପରି ମୁହୂର୍ତ୍ତ ଅତ୍ୟନ୍ତ ପ୍ରାଣସ୍ପର୍ଶୀ ତଥା ଆମୋଦଦାୟକ ହୋଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ୩ ଦୁର୍ନୀତିଗ୍ରସ୍ତ ବିଦା, ୬ ଜଣଙ୍କ ପେନ୍‌ସନ ବନ୍ଦ

## ୧୯୭ ଅଧିକାରୀଙ୍କ ବିରୋଧରେ ହେଲାଣି କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୭।୭(ସୁନିତ୍ ମିଶ୍ର)

କାର୍ଯ୍ୟକ୍ଷେତ୍ରରେ ଦୁର୍ନୀତି ଏବଂ ଅନିୟମିତତା ଅଭିଯୋଗ ଆସିଥିବା ୯ ସରକାରୀ ଅଧିକାରୀଙ୍କ ବିରୋଧରେ ରାଜ୍ୟ ସରକାର ଶୁକ୍ରବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ତନ୍ମଧ୍ୟରୁ ୩ଜଣଙ୍କୁ ଚାକିରିରୁ ବିଦା କରାଯାଇଥିବା ବେଳେ ୬ଜଣଙ୍କ ପେନ୍‌ସନ ବନ୍ଦ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଏଭଳି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯାଇଛି। ଅଦ୍ୟାବଧି ଦୁର୍ନୀତିରେ ଲିପ୍ତ ୧୯୭ ଅଧିକାରୀଙ୍କୁ ଚାକିରିରୁ ବରଖାସ୍ତ କିମ୍ବା ବାଧ୍ୟତାମୂଳକ ଅବସର ଦିଆଯାଇଛି। ସେମାନଙ୍କ ମଧ୍ୟରୁ ଅନେକଙ୍କ ପେନ୍‌ସନ ବନ୍ଦ କରାଯାଇଛି। ଚାକିରିରୁ ବିଦା ହୋଇଥିବା ଅଧିକାରୀମାନେ ହେଲେ ନବରଙ୍ଗପୁର ଜିଲା ଉମରକୋଟର ପୂର୍ବତନ ସହକାରୀ କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ନାୟକ, ବରଗଡ଼ ଜିଲା ସୋହେଲା ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ପୂର୍ବତନ ଜୁନିୟର ଇଞ୍ଜିନିୟର ଉପେନ୍ଦ୍ରଭଞ୍ଜ ନାୟକ ଏବଂ ସୁନ୍ଦରଗଡ଼ ଜିଲା ଲୋକାଲ ଫଣ୍ଡ ଅଡିଟ୍ ବିଭାଗର ପୂର୍ବତନ ଅଡିଟର ସୁଶୀଲ କୁମାର ମେହେର। ସମ୍ପୃକ୍ତ ଅଧିକାରୀମାନେ ଦୁର୍ନୀତି, ଅପାରଗତା, ସଚ୍ଚୋଟତା ରକ୍ଷାରେ ବିଫଳ ହେବା ଆଦି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବା ପରେ ସେମାନଙ୍କ ବିରୋଧରେ ଏଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ସେହିପରି ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା କଟକ ଜିଲା ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଡିଭିଜନ-୨ର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଶିବରାମ ବିଶ୍ୱାଳଙ୍କ ପେନ୍‌ସନକୁ ସ୍ଥାୟୀ ଭାବେ ବନ୍ଦ କରାଯାଇଛି। ଅନୁରୂପ ଭାବେ କଳାହାଣ୍ଡି ଜିଲା କାର୍ଲାମୁଣ୍ଡା ବ୍ଲକ୍‌ର ପୂର୍ବତନ ବିଡିଓ (ଅବସରପ୍ରାପ୍ତ ଓଏଏସ୍ ଅଧିକାରୀ) ଗଣ୍ଡାରାମ ଖମାରୀ, ଜି. ଉଦୟଗିରିର ପୂର୍ବତନ ସହକାରୀ କୃଷି ଅଧିକାରୀ କୃଷ୍ଣଚନ୍ଦ୍ର ଗୌଡ଼, ମାଲକାନଗିରି ଜିଲାର ପୂର୍ବତନ ମୃତ୍ତିକା ସଂରକ୍ଷଣ ଅଧିକାରୀ ଦାଶରଥି ତ୍ରିପାଠୀ, ମୟୂରଭଞ୍ଜ ଜିଲା ଉଦଳାର ପୂର୍ବତନ ସାମାଜିକ ଶିକ୍ଷା ଅଧିକାରୀ ଆନନ୍ଦ ଚନ୍ଦ୍ର ନାୟକଙ୍କ ପେନ୍‌ସନ ଓ ଗ୍ରାଚ୍ୟୁଇଟିକୁ ସ୍ଥାୟୀ ଭାବେ ବନ୍ଦ କରାଯାଇଛି। ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ନୟାଗଡ଼ ଜିଲା ଚାନ୍ଦପୁରର ପୂର୍ବତନ ଡିଏମ୍‌ଏସ୍‌ଏନ୍ ସୁପରିଣ୍ଟେଣ୍ଡେଣ୍ଟ ସୁରେନ୍ଦ୍ରନାଥ ପତିଙ୍କ ପେନ୍‌ସନ ସ୍ଥାୟୀ ଭାବେ ବନ୍ଦ କରାଯାଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ବଦଳିଲେ ନୟାଗଡ଼, କଟକ ଏସ୍‌ପି

## ଆଇପିଏସ୍ ଅଫିସରସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୭।୭(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଶୁକ୍ରବାର ଆଇପିଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ରାଜ୍ୟ ଗୃହ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ, ନୟାଗଡ଼ ଓ କଟକରେ ନୂଆ ଏସ୍‌ପିଙ୍କ ନିଯୁକ୍ତି ସମେତ ମୋଟ ୬ଜଣ ପୋଲିସ ଅଫିସର (୫ ଆଇପିଏସ୍ ଅଫିସର ଓ ଜଣେ ଓପିଏସ୍ ଅଫିସର)ଙ୍କ ବଦଳି ହୋଇଛି । ୨୦୦୩ ବ୍ୟାଚ୍ ଆଇପିଏସ୍ ଅଫିସର କେ.ସଫିନ୍ ଅହମ୍ମଦଙ୍କୁ କ୍ରାଇମବ୍ରାଞ୍ଚ ଆଇଜି ଭାବେ ବଦଳି ହୋଇଛି। ସଫିନ୍ ଏବେ ଏଚ୍‌ଆର୍‌ପିସି ଆଇଜି ଅଛନ୍ତି। ସେହିପରି ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଡିଆଇଜି ତଥା ୨୦୦୭ ବ୍ୟାଚ୍ ଆଇପିଏସ୍ ଅଫିସର ସାର୍ଥକ ଷଡ଼ଙ୍ଗୀ ଅଗ୍ନିଶମ ସେବା ଓ ହୋମ୍‌ଗାର୍ଡ ଡିଆଇଜି ଭାବେ ଅବସ୍ଥାପିତ କରାଯାଇଛି। ଡିଆଇଜି କମ୍ପ୍ୟୁଟର ଦାୟିତ୍ୱରେ ଥିବା ୨୦୦୮ ବ୍ୟାଚ୍ ଆଇପିଏସ୍ ଅଫିସର ସତ୍ୟଜିତ୍ ନାଏକଙ୍କୁ ଏଚ୍‌ଆର୍‌ପିସି ଡିଆଇଜି ଭାବେ ବଦଳି କରାଯାଇଛି। କଟକ ଜିଲା ଏସ୍‌ପି ଥିବା ୨୦୧୧ ବ୍ୟାଚ୍ ଆଇପିଏସ୍ ଅଫିସର ଯୁଗଳ କିଶୋର କୁମାର ବୋନ୍‌ଥଙ୍କୁ ପୋଲିସ ମୁଖ୍ୟାଳୟ ଅତିରିକ୍ତ ଆଇଜି ଭାବେ ବଦଳି କରାଯାଇଛି। ସେହିପରି ୨୦୧୫ ବ୍ୟାଚ୍ ଆଇପିଏସ୍ ଅଫିସର ରାହୁଲ ଜୈନ ନୟାଗଡ଼ ଏସ୍‌ପି ଭାବେ ବଦଳି ହୋଇଛନ୍ତି। ଜୈନ୍ ଏବେ ହେଡ୍‌କ୍ୱାର୍ଟର ଏସ୍‌ପି ଭାବେ କାର୍ଯ୍ୟରତ ଅଛନ୍ତି। ସେହିପରି ବରିଷ୍ଠ ଓପିଏସ୍ ଅଫିସର ମିହିର କୁମାର ପଣ୍ଡାଙ୍କୁ କଟକ ଏସ୍‌ପି ଭାବେ ବଦଳି କରାଯାଇଛି। ପଣ୍ଡା ଏବେ ଭୁବନେଶ୍ୱର କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ ଡିସିପି ଭାବେ କାର୍ଯ୍ୟ କରୁଛନ୍ତି।

# ଟିକିନୀଙ୍କୁ ବିଏସ୍‌କେୱାଇ ଟିମ୍‌ର ସହାୟତା

ଭୁବନେଶ୍ୱର, ୭।୭(ସୁନିତ୍ ମିଶ୍ର)

ଦାନଗଦି ବ୍ଲକ୍ ଅନ୍ତର୍ଗତ ଦେହୁରିସାହିର ଟିକିନୀ ନାଏକଙ୍କ ରୋଗ ଯନ୍ତ୍ରଣା ଓ ସଂଘର୍ଷ କଥା ଗଣମାଧ୍ୟମରୁ ଜାଣିବା ମାତ୍ରେ ରାଜ୍ୟ ସରକାରଙ୍କ ବିଏସ୍‌କେୱାଇ ଟିମ୍ ପକ୍ଷରୁ ତାଙ୍କର ସହାୟତା ପାଇଁ ମିଶନ ମୋଡ୍‌ରେ ଉଦ୍ୟମ କରାଯାଇଥିଲା। ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଦାନଗଦି କମ୍ୟୁନିଟି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ସ୍ୱାସ୍ଥ୍ୟ ଟିମ୍ ଟିକିନୀଙ୍କ ଘରକୁ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ତନଖି କରିଥିଲେ। ଟିକିନୀଙ୍କ ମେରୁଦଣ୍ଡ ତଳଭାଗ ପଛପଟ ଫୁଲିଯିବା ସହ ଭୀଷଣ ଯନ୍ତ୍ରଣା ହେଉଥିଲା। ତାଙ୍କୁ ତୁରନ୍ତ ଦାନଗଦି କମ୍ୟୁନିଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଏକ୍ସ-ରେ କରାଯାଇ ପ୍ରାଥମିକ ଔଷଧ ଦିଆଯାଇଥିଲା। ଅଧିକ ନିଦାନ ନିମନ୍ତେ ତାଙ୍କୁ ଯାଜପୁର ଜିଲା ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ପଠାଯାଇଥିଲା। ଯାଜପୁର ଜିଲା ଚିକିତ୍ସାଳୟରେ ଗତ ମାସ ୨୬ ତାରିଖରେ ଅତ୍ୟାଧୁନିକ ସିବିନାଟ୍ (ସିବିଏନ୍‌ଏଏଟି) ଓ ଅନ୍ୟାନ୍ୟ ନିଦାନ ପରୀକ୍ଷା ପରେ ସେ ଆକ୍ରାନ୍ତ ହୋଇଥିବା ରୋଗର ପ୍ରକାର ଓ ସ୍ଥିତି ନିର୍ଣ୍ଣୟ କରାଯାଇଥିଲା।

# ମହିଳା ମାଓବାଦୀ ଭୀମାଙ୍କ ଆତ୍ମସମର୍ପଣ

ମାଲକାନଗିରି,୭।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲା ପୋଲିସ ନିକଟରେ ଜଣେ ମହିଳା ମାଓବାଦୀ ଶୁକ୍ରବାର ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାମ କାୱାସୀ ଭୀମା। ତାଙ୍କ ନାମରେ ଛତିଶଗଡ଼ ସରକାର ୮ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ସେ ଦକ୍ଷିଣ ବସ୍ତର ମାଓବାଦୀ ଡିଭିଜନର ସଦସ୍ୟା ଥିଲେ। କାୱାସୀ ଅନେକ ମାଓବାଦୀ ହିଂସାରେ ଜଡିତ ଅଛନ୍ତି। ସେ ସର୍ବଦା ଥ୍ରୀ ନଟ୍ ଥ୍ରୀ ରାଇଫଲ ରଖୁଥିଲେ। ୨୦୧୮ରେ ମିନିପା ଆକ୍ରମଣ, ୨୦୨୩ରେ ସୁରକ୍ଷା ବଳ ଉପରେ ଆକ୍ରମଣ ଭଳି ଅନେକ ଘଟଣାରେ ସେ ଜଡିତ ଥିଲେ। ତାଙ୍କ ନାମରେ ଛତିଶଗଡ଼ର ବିଭିନ୍ନ ଥାନାରେ ଅନେକ ମାମଲା ରହିଛି। ତେବେ ମାଓବାଦୀ ସଙ୍ଗଠନରେ ମହିଳା ମାଓବାଦୀଙ୍କ ଉପରେ ଅତ୍ୟାଚାର, ଶାରୀରିକ ଶୋଷଣ ଏବଂ ସଙ୍ଗଠନ ଦିଗହରା ହେଉଥିବାରୁ ସେ ମାଓବାଦୀ ସଙ୍ଗଠନ ଛାଡିବାକୁ ନିଷ୍ପତ୍ତି ନେଲେ ବୋଲି କାୱାସୀ କହିଛନ୍ତି। ସୁରକ୍ଷା ବାହିନୀର ସଚେତନତା ଅଭିଯାନ ଏବଂ ପୁନର୍ବାସ ନୀତି ଦ୍ୱାରା ପ୍ରଭାବିତ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲହେବାକୁ ସେ ମାଓବାଦୀ ସଙ୍ଗଠନ ଛାଡି ଆତ୍ମସମର୍ପଣ କରିଛନ୍ତି ବୋଲି କାୱାସୀ କହିଛନ୍ତି। କାୱାସୀଙ୍କୁ ପ୍ରୋତ୍ସାହନ ରାଶି ସହ ସରକାରଙ୍କ ପୁନର୍ବାସ ନୀତିର ସୁବିଧା ମିଳିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ତାଙ୍କ ଆତ୍ମସମର୍ପଣ ସମୟରେ ପୋଲିସ ଡେପୁଟି କମାଣ୍ଡାଣ୍ଟ ଅମିତ କୋଚର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରାଜେଶ କୁମାର ଉପସ୍ଥିତ ଥିଲେ।



ଆତ୍ମସମର୍ପଣ କରିଥିବା କାୱାସୀ ଭୀମା।

# ପାତାଳୀ ଶ୍ରୀକ୍ଷେତ୍ରରୁ ଗ୍ରୀଲ୍ କାଟି ହୁଣ୍ଡି ଚୋରି

ଅମରପାଲି,୭।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ କୋଟସମଲାଇସ୍ଥିତ ପ୍ରସିଦ୍ଧ ପାତାଳୀ ଶ୍ରୀକ୍ଷେତ୍ରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ଗ୍ରୀଲ୍ କାଟିବା ସହ ତାଲା ଭାଙ୍ଗି ହୁଣ୍ଡି ଚୋରି କରିଥିବା ଜଣାପଡ଼ିଛି । ଦୁର୍ବୃତ୍ତମାନେ ହୁଣ୍ଡିକୁ ଟେକିନେଇ ଟଙ୍କା ଲୁଟିନେବା ପରେ ମନ୍ଦିର ପଛପଟେ ଫିଙ୍ଗିଦେଇଥିବା ଦେଖିବାକୁ ମିଳିଛି ।

ଶୁକ୍ରବାର ସକାଳେ ମନ୍ଦିରର ପୂଜକ ଏହା ଦେଖିବା ପରେ ମନ୍ଦିର ପରିଚାଳନା କମିଟିକୁ ଜଣାଇଥିଲେ। ଏନେଇ ବୀରମହାରାଜପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାର ଏକ ସ୍ୱତନ୍ତ୍ର ଟିମ୍ ଏସ୍‌ଆଇ କବୀନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ପୋଲିସ ଏନେଇ ଟ୍ରଷ୍ଟର କର୍ମକର୍ତ୍ତା ଓ ସେବାୟତଙ୍କ ସହ ଆଲୋଚନା କରିଛି। ହୁଣ୍ଡିରେ ସମୁଦାୟ କେତେ ଟଙ୍କା ଓ ଆଉ କ'ଣ ସବୁ ଜିନିଷ ଥିଲା ତାହା ସ୍ପଷ୍ଟ ଜଣାପଡ଼ିନାହିଁ। ସୂଚନାଯୋଗ୍ୟ, ୨୦୨୧ ସେପ୍ଟେମ୍ବର ୧୫ ରେ ପାତାଳୀ ଶ୍ରୀକ୍ଷେତ୍ରରୁ ହୁଣ୍ଡି ଚୋରି ହୋଇଥିଲା । ସେତେବେଳେ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହୋଇଥିଲା। ମାତ୍ର ପୋଲିସ ଅଦ୍ୟାବଧି ଚୋରକୁ ଧରିବାରେ ସକ୍ଷମ ହୋଇନାହିଁ। ପାତାଳୀ ଶ୍ରୀକ୍ଷେତ୍ରରୁ ଏଭଳି ବାରମ୍ବାର ଚୋରି ଘଟଣା ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି । ପୋଲିସ ପକ୍ଷରୁ ଏହାର ଉପଯୁକ୍ତ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।



ଦୁର୍ବୃତ୍ତ ହୁଣ୍ଡିକୁ ଚୋରିକରି ଫିଙ୍ଗିଦେଇଛନ୍ତି।

- ପୋଲିସର ତଦନ୍ତ ଆରମ୍ଭ
- ପୂର୍ବରୁ ମଧ ସମାନ ଢଙ୍ଗରେ ହୋଇଥିଲା ଚୋରି
- ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ

# 'ଶାହରୁଖ ଭଲ ଅଭିନେତା ନୁହନ୍ତି'



ଇସ୍‌ଲାମାବାଦ୍: ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଶାହରୁଖ ଖାନ୍ ଖାଲି ଭାରତରେ ନୁହେଁ ବରଂ ବିଦେଶରେ ମଧ୍ୟ ବେଶ୍ ପରିଚିତ। ତାଙ୍କ ଦମ୍‌ଦାର ଅଭିନୟ ବଳରେ ସେ ଏତେ ସୁନାମ ଅର୍ଜନ କରିଛନ୍ତି। ପିଲାଠାରୁ ଆରମ୍ଭ କରି ବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତେ ଶାହରୁଖଙ୍କ ଫ୍ୟାନ୍। କିନ୍ତୁ ପାକିସ୍ତାନ ଅଭିନେତ୍ରୀ ମହନୁର ବାଲୋଚ ଶାହରୁଖଙ୍କୁ ନେଇ ଦେଇଥିବା ବୟାନ ବଡ଼ ବିବାଦ ସୃଷ୍ଟି କରିଛି। ଶାହରୁଖ ହ୍ୟାଣ୍ଡସମ୍ ନୁହନ୍ତି କି ସେ ଜଣେ ଭଲ ଅଭିନେତା ନୁହେଁ ବୋଲି ମହନୂର କହିଛନ୍ତି। ପାକିସ୍ତାନୀ ଟକ୍ ଶୋ' 'ହଦ୍ କରଦି'ରେ ସାକ୍ଷାତ୍‌କାର ଦେଇ ମହନୂର ଶାହରୁଖଙ୍କ ବାବଦରେ ଥିବା ତାଙ୍କ ମନୋଭାବକୁ ବ୍ୟକ୍ତ କରିଥିଲେ। ଶାହରୁଖଙ୍କ ବ୍ୟକ୍ତିତ୍ୱ ଭଲ ହୋଇଥିବାରୁ ତାଙ୍କୁ ଲୋକଙ୍କ ଭଲପାଇବା ମିଳୁଥିବା ସେ କହିଛନ୍ତି। ଇଣ୍ଟରଭ୍ୟୁର ଭିଡିଓ ୟୁଟ୍ୟୁବରେ ଶେୟାର କରାଯାଇଛି। ତେବେ ମହନୂରଙ୍କ ଏ ପ୍ରକାର କଟୁ ମନ୍ତବ୍ୟ ଶାହରୁଖଙ୍କ ଫ୍ୟାନ୍ସଙ୍କୁ ଆଦୌ ପସନ୍ଦ ଆସି ନାହିଁ। ପପୁଲାର ହେବା ପାଇଁ ପାକ୍ ଅଭିନେତ୍ରୀ ଏ ପ୍ରକାର ବୟାନ ଦେଇଛନ୍ତି। ଶାହରୁଖଙ୍କୁ ନେଇ ତାଙ୍କ ମନ୍ତବ୍ୟ ଅଦରକାରୀ ବୋଲି ଆଉ ଜଣେ ୟୁଜର କମେଣ୍ଟ ଜରିଆରେ କହିଛନ୍ତି।

# ସ୍ୱତନ୍ତ୍ର କମିଟିରେ ଖୋର୍ଦ୍ଧା ଜିଲାପାଳ ନୋଡାଲ ଅଫିସର

- ଏନ୍‌ଜିଟିରେ ଗଙ୍ଗୁଆ ନାଳ ପ୍ରଦୂଷଣ ମାମଲା

କଟକ,୭।୭ (କାର୍ତ୍ତିକ ସାହୁ)

ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି)ଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର କମିଟି ଗଠନ ହେବ। ଉକ୍ତ କମିଟିରେ ନୋଡାଲ ଅଫିସର ଭାବେ ଖୋର୍ଦ୍ଧା ଜିଲାପାଳ କାର୍ଯ୍ୟ କରିବେ। ଭୁବନେଶ୍ୱର ଉପକଣ୍ଠରେ ଥିବା ଗଙ୍ଗୁଆ ନାଳର ପ୍ରଦୂଷଣକୁ ନେଇ ରୁଜୁ ମାମଲାର ଶୁଣାଣି କରି ଏନ୍‌ଜିଟି ପ୍ରଦୂଷଣମୁକ୍ତ କରାଇବା ଦିଗରେ କମିଟି କାର୍ଯ୍ୟ କରିବ ବୋଲି ସ୍ପଷ୍ଟ କରିଛନ୍ତି। ଏହି କମିଟିରେ ଖୋର୍ଦ୍ଧା ଜିଲାପାଳ, କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ, ଜଙ୍ଗଲ ଓ ପରିବେଶ ସୁରକ୍ଷା ମନ୍ତ୍ରଣାଳୟର ବରିଷ୍ଠ ବୈଜ୍ଞାନିକ ରହିବେ। ଉକ୍ତ କମିଟି ପ୍ରଦୂଷଣର ମୂଳ କାରଣ, ପ୍ରଦୂଷଣର ମାତ୍ରା ଓ ଏହାକୁ କିପରି ପ୍ରଦୂଷଣ ମୁକ୍ତ କରାଯିବ ତଦନ୍ତ କରି ପ୍ରାଧିକରଣକୁ ରିପୋର୍ଟ ପ୍ରଦାନ କରିବେ। ଆସନ୍ତା ଅଗଷ୍ଟ ୮ରେ ମାମଲାର ପରବର୍ତ୍ତି ଶୁଣାଣି ହେବ। ଭୁବନେଶ୍ୱର ଉପକଣ୍ଠରେ ଥିବା ଗଙ୍ଗୁଆ ନାଳ ଏବେ ଏକ ନର୍ଦ୍ଦମା କେନାଲରେ ପରିଣତ ହୋଇଛି। ସହରାଞ୍ଚଳର ବର୍ଜ୍ୟଜଳ ଏଥିରେ ମିଶୁଛି। ଏହି କେନାଲ ଦୟାନଦୀରେ ସିଧାସଳଖ ମିଶୁଥିବାରୁ ଦୟାନଦୀ ଓ ଚିଲିକା ହ୍ରଦ ପ୍ରଦୂଷିତ ହେଉଛି। ବର୍ଷ ବର୍ଷ ଧରି ଏପରି ଅବସ୍ଥା ଲାଗି ରହିଛି। ଦୟାନଦୀ ଓ ଚିଲିକାକୁ ପ୍ରଦୂଷଣ ମୁକ୍ତ କରିବାକୁ ହେଲେ ପ୍ରଥମେ ଗଙ୍ଗୁଆ କେନାଲକୁ ପ୍ରଦୂଷଣ ମୁକ୍ତ କରିବାକୁ ହେବ। ଆବେଦନକାରୀ ସାମାଜିକ କର୍ମୀ ବୃନ୍ଦାବନ ଦାସ ଆଜାଦଙ୍କ ପକ୍ଷରୁ ଆଇନଜୀବୀ ଅଫ୍ରାଜ ସୁହେଇଲ ମାମଲା ପରିଚାଳନା କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଯାତ୍ରୀଙ୍କୁ ଶୋଷୁଛି ...

କମିଟି ପ୍ରାକ୍ତନ ଉପଦେଷ୍ଟା ଭବାନୀ ଶଙ୍କର ହୋତା କହିଛନ୍ତି, ଆଜି ଦିନରେ ରେଳ ବିଭାଗ ଦୁର୍ଭାଗ୍ୟଜନକ ସ୍ଥିତିରେ ଚାଲୁଛି। ଘରୋଇକରଣ କରାଯିବା ଏକ ବଡ଼ ସମସ୍ୟା ଭାବେ ଉଭାହୋଇଛି। ଏହା ସମସ୍ତ ଶ୍ରେଣୀର ଯାତ୍ରୀଙ୍କ ଉପରେ ବୋଝ ହୋଇଛି। ଜଣେ ଯାତ୍ରୀ ଟିକେଟ କାଟିବା ପରେ ସର୍ବନିମ୍ନ ସେବା ଯୋଗାଇଦେବା ରେଳ ବିଭାଗର ଦାୟିତ୍ୱ। ହେଲେ ଶୋଷଣ କରାଯାଉଛି। ପାନୀୟ ଜଳ, ବିଶ୍ରାମ ଗୃହ, ଶୌଚାଳୟ, ଯାତ୍ରୀଙ୍କ ଧନଜୀବନ ସୁରକ୍ଷା ଦେବା ନିୟମ ମଧ୍ୟ ରହିଛି। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଯାତ୍ରୀଙ୍କ ପାଇଁ ପ୍ରତୀକ୍ଷାଳୟରେ ଅଧିକ ସୁବିଧା ଉପଲବ୍ଧ ରହୁଥିଲା। ହେଲେ ଏବେ ପ୍ରିପେଡ୍ ସେବା ଲାଗୁକରି ଘରୋଇ ଏଜେନ୍ସି ଜରିଆରେ ଯାତ୍ରୀଙ୍କୁ ଲୁଟ୍ କରାଯାଉଛି। ଏହା ବନ୍ଦ ହେବା ଉଚିତ ବୋଲି ସେ କହିଥିଲେ। ଯାତ୍ରୀ ଡା. ସଞ୍ଜୀବ କୁମାର ମିଶ୍ର କହିଛନ୍ତି, ୫ଦିନ ତଳେ ଭୁବନେଶ୍ୱର ଯିବା ପାଇଁ ସମ୍ବଲପୁର ଷ୍ଟେଶନ ପ୍ରତୀକ୍ଷାଳୟକୁ ଯାଇଥିଲି। ସେଠାରେ ପ୍ରିପେଡ ସେବା ଲାଗୁ ହୋଇଥିବା କର୍ମଚାରୀଙ୍କଠାରୁ ଜାଣିଥିଲି। କର୍ମଚାରୀମାନେ ଘଣ୍ଟା ପ୍ରତି ଟଙ୍କା ଦେବାକୁ ପଡିବ ବୋଲି କହିଥିଲେ। ପରେ ଅସନ୍ତୋଷ ବ୍ୟକ୍ତ କରି ଫେରିଆସିଥିଲି। ଏହି ବ୍ୟବସ୍ଥା ଗ୍ରାହକମାନଙ୍କୁ ଶୋଷଣ କରିବା ଭଳି ହୋଇଛି। ସେବା ଯୋଗାଇବା ବଦଳରେ ବ୍ୟବସାୟ କରାଯାଉଛି ବୋଲି ସେ କହିଥିଲେ। ସମ୍ବଲପୁର ରେଳମଣ୍ଡଳ କର୍ତ୍ତୃପକ୍ଷ ସୂଚନା ଦେଇ କହିଛନ୍ତି, ଏହି ପ୍ରିପେଡ୍ ସେବା ସମଗ୍ର ଦେଶରେ ପର୍ଯ୍ୟାୟକ୍ରମେ ଲାଗୁ କରାଯାଉଛି। ସମ୍ବଲପୁର ଓ ଟିଟିଲାଗଡ଼ ଷ୍ଟେଶନରେ ଏହା ଲାଗୁ ହୋଇଥିବାବେଳେ ଅନ୍ୟାନ୍ୟ ଷ୍ଟେଶନରେ ଏହି ବ୍ୟବସ୍ଥା କରାଯିବ। ଘରୋଇ ଏଜେନ୍ସିକୁ ଦିଆଯାଇଥିଲେ ମଧ୍ୟ ଯାତ୍ରୀମାନଙ୍କୁ ଉଚ୍ଚମାନର ସୁବିଧା ଯୋଗାଇ ଦିଆଯିବ। ଏହା ମଧ୍ୟରେ ଖବରକାଗଜ, ବସିବା ପାଇଁ ଆରାମଦାୟକ ବ୍ୟବସ୍ଥା ସହ ଅନ୍ୟାନ୍ୟ ସୁବିଧା ରହିଛି ବୋଲି ସେ ସୂଚନା ଦେଇଥିଲେ।

### ହାଇକୋର୍ଟରେ ରାହୁଲ ...

ନ ଲଗାଇବା କୌଣସି ପ୍ରକାରେ ଆବେଦନକାରୀଙ୍କ ପ୍ରତି ଅନ୍ୟାୟ ନୁହେଁ ବୋଲି ବିଚାରପତି କହିଥିଲେ। ସୂଚନାଯୋଗ୍ୟ, ୨୦୧୯ ଏପ୍ରିଲ ୧୩ରେ ରାହୁଲ ଗାନ୍ଧୀ କର୍ନାଟକର କୋଲାରରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କଲାବେଳେ ସବୁ ଚୋରଙ୍କ ସମାନ ସାଙ୍ଗିଆ ମୋଦି କାହିଁକି ବୋଲି ପ୍ରଶ୍ନ କରିଥିଲେ। ଏହାର ଦୁଇଦିନ ପରେ ସୁରଟର ଭାଜପା ବିଧାୟକ ପୂର୍ଣ୍ଣେଶ ମୋଦି ରାହୁଲଙ୍କ ନାଁରେ ମାନହାନି ମାମଲା ଦାଏର କରିଥିଲେ। ଗତ ମାର୍ଚ୍ଚ ୨୩ରେ ସୁରଟ ମେଟ୍ରୋପଲିଟାନ କୋର୍ଟ ରାହୁଲଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ଏହା ପରଦିନ ତାଙ୍କ ପାର୍ଲାମେଣ୍ଟ ସଭ୍ୟପଦ ରଦ୍ଦ ହୋଇଥିଲା। ମେଟ୍ରୋପଲିଟାନ କୋର୍ଟଙ୍କ ରାୟକୁ କଂଗ୍ରେସ ନେତା ସୁରଟ ସେସନ୍ସ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସେସନ୍ସ କୋର୍ଟ ତାଙ୍କୁ ଜାମିନ ଦେଇଥିଲେ ମଧ୍ୟ ଦୋଷୀସାବ୍ୟସ୍ତ ରାୟ ଉପରେ ସ୍ଥଗିତାଦେଶ ଲଗାଇବାକୁ ମନା କରିଦେଇଥିଲେ। ଏହା ପରେ ଏପ୍ରିଲ ୨୫ରେ ରାହୁଲ ଗୁଜରାଟ ହାଇକୋର୍ଟରେ ରିଭିଜନ ଅପିଲ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କୃତ୍ତିକା ନକ୍ଷତ୍ର ଖାଲି ଭାବୁଥିବେ ସିନା ମୁହଁଖୋଲି କିଛି କହିପାରିବେ ନାହିଁ। କୃତିତ୍ୱସମ୍ପନ୍ନ ପିଲାମାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି। ବହୁତ ଦିନରୁ ସାଇତିଥିବା ଧନ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ଅବହେଳାରେ ଅଟକି ଯାଇଥିବା କାମ ପାଇଁ ଅନ୍ୟମାନଙ୍କ ସମ୍ମୁଖରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ।

**ବୃଷ** ଆବଶ୍ୟକ ସମୟରେ ପରୋକ୍ଷ ଶତ୍ରୁତା କଲେ ବନ୍ଧୁମାନେ ସାହାଯ୍ୟ ଦେବା ସକାଶେ ଆଗେଇ ଆସିବେ। ରୋହିଣୀ ନକ୍ଷତ୍ର ସକାଶେ ଦୀର୍ଘଦୀନରୁ ପ୍ରତୀକ୍ଷା କରିଥିବା ଖବରଟି ଆଜି ପାଇପାରନ୍ତି। ଶିଳ୍ପ, ବାଣିଜ୍ୟରେ କ୍ଷତିର ଆଶଙ୍କା ରହିଛି। ପୁରାତନ ରୋଗ ଉପଶମ ହେବା କାରଣରୁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ମିଥୁନ** ଆଜି କାର୍ଯ୍ୟସାଧନ ପାଇଁ ପ୍ରତିକୂଳ ସମୟ ହେଲେ ମଧ୍ୟ ଅନ୍ୟାନ୍ୟ ଦିଗ ସମସ୍ୟାମୁକ୍ତ ରହିବ। ପୁନର୍ବସୁ ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଥିବା ସମସ୍ୟା ଗୁଡ଼ିକର ଆଶୁ ସମାଧାନ ହୋଇଯିବ। ବିତର୍କୀୟ ପରିସ୍ଥିତିରେ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ଜଣେ ବ୍ୟକ୍ତିଙ୍କ ସହାନୁଭୂତି ଲାଭ କରିବେ।

**କର୍କଟ** ସାଧାରଣ ଛୋଟବଡ଼ ସମସ୍ୟା ରହିଲେ ମଧ ବିଶେଷ କିଛି ଅସୁବିଧା ରହିବ ନାହିଁ। ପାରିବାରିକ ସ୍ଥିରତା ଅକ୍ଷୁଣ୍ଣ ରହିବ। ସହକର୍ମୀ, ପଡ଼ୋଶୀ ସହାନୁଭୂତି ଦେଖାଇବେ। ଆର୍ଥିକ ଅନଟନ କର୍ମକ୍ଷେତ୍ରକୁ ମନ୍ଥର କରିପାରେ କିନ୍ତୁ କାମ ଅଟକିବ ନାହିଁ। ଅଶ୍ଳେଷା ନକ୍ଷତ୍ରର ମାଲି ମକଦ୍ଦମା ଜନିତ ସମସ୍ୟା ସମାଧାନ ହେବାର ଅନୁକୂଳ ସୂଚନା ପାଇବେ।

**ସିଂହ** ନିଜ ଦାୟିତ୍ୱରେ ରହିଥିବା କାମ ସମ୍ପୂର୍ଣ୍ଣ କରିବା କାରଣରୁ ମନ ହାଲୁକା ରହିବ। ପୂର୍ବାଫାଲଗୁନୀ ଘରୋଇ କଥାରେ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିପାରନ୍ତି। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ ଓ ସମସ୍ୟା ସମାଧାନ ହେବ। ଆର୍ଥିକ ସ୍ଥିତିରେ କିଛିଟା ସୁଧାର ଆସିବ।

**କନ୍ୟା** ପ୍ରତ୍ୟେକ ପ୍ରକାରର ପ୍ରତିବନ୍ଧକକୁ ପ୍ରତିହତ କରିବାରେ ସମର୍ଥ ହେବେ। କିନ୍ତୁ ଉତ୍ତରାଫାଲଗୁନୀ ନକ୍ଷତ୍ରର ମାନସିକ ଓ ଶାରୀରିକ ସୁସ୍ଥତା ପୂର୍ଣ୍ଣତଃ ରହିବ ନାହିଁ। ବ୍ୟବସାୟ, ବାଣିଜ୍ୟ, ପ୍ରଶାସନ, ପ୍ରକାଶନ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ପାରିବାରିକ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ।

**ତୁଳା** ଚିତ୍ରା ନକ୍ଷତ୍ର ସକାଶେ ଶତ୍ରୁତା ଓ ଶାରୀରିକ ଅସୁସ୍ଥତା ମଧ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରିବ। ବନ୍ଧୁଙ୍କ ଆଚରଣରେ କିଛିଟା ପରିବର୍ତ୍ତନ ମନକୁ ବିଭ୍ରାନ୍ତିକର ପରିସ୍ଥିତିରେ ପକାଇପାରେ। ବନ୍ଧୁଙ୍କ ଆସିବା ବାଟକୁ ଚାହିଁ ଚାହିଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ଅବଶ୍ୟ ବାଣିଜ୍ୟ ଓ ବ୍ୟବସାୟିକ ସଫଳତାରୁ ଆନନ୍ଦିତ ହେବେ।

**ବିଛା** କୌଣସି ବିଷୟରେ ବିଶେଷ ଭାବପ୍ରବଣ ହେବା ଦ୍ୱାରା ଓଲଟା ଫଳ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ଅନାବଶ୍ୟକ କଥା କିମ୍ବା ବାଚାଳତା ପରିହାର କରିବା ଠିକ୍ ହେବ। ଅନୁରାଧା ନକ୍ଷତ୍ର କେତେକ କ୍ଷେତ୍ରରେ ଫାଇଦା ହାସଲ ପାଇଁ ମିଥ୍ୟାର ଆଶ୍ରୟ ନେଇପାରନ୍ତି। ଏକାଧିକ କାମରେ ମନଦେଇ ଥିବା ହେତୁ ଟେନସନ୍ ବଢ଼ିପାରେ।

**ଧନୁ** ପ୍ରତିକୂଳ ସମୟ ଅତିକ୍ରାନ୍ତ ନ ହେବା କାରଣରୁ ମାନସିକ ସ୍ତରରେ ଉଦ୍‌ବେଗର ଅନ୍ତ ଘଟିବ ନାହିଁ। ଯେଉଁ ବିଷୟ ସକାଶେ ଆଶଙ୍କା ରହିଛି ତାହା ଦୀର୍ଘଦିନ ରହିପାରେ। ମୂଳା ନକ୍ଷତ୍ର ହିସାବୀବୁଦ୍ଧି ହେତୁ ବନ୍ଧୁ ଗହଣରେ ସମାଲୋଚିତ ହେବାକୁ ପଡ଼ିପାରେ। ନିର୍ମାଣ, ସଭାସମିତି, ଶିଳ୍ପ, ବାଣିଜ୍ୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବ।

**ମକର** କର୍ମକ୍ଷେତ୍ର ବ୍ୟସ୍ତବହୁଳ ରହିବା ହେତୁ ମନରେ ସ୍ଥିରତା ରହିବ ନାହିଁ। ଶ୍ରବଣା ନକ୍ଷତ୍ର ପରିସ୍ଥିତିକୁ ସୁଧାରିବାକୁ ଯାଇ ଧାର କରଜ କରି କାମ ତୁଲାଇ ନେବେ। ସମ୍ପର୍କୀୟମାନେ ଆଗରେ ଭଲକଥା କହି ପଛରେ କୁତ୍ସାରଟନା କରିପାରନ୍ତି। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ।

**କୁମ୍ଭ** ଆଜିର ଯାତ୍ରାରେ କାର୍ଯ୍ୟସିଦ୍ଧି ହେବ, କିନ୍ତୁ ବହୁତ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ବନ୍ଧୁଙ୍କ ମନଧରି କାମଟି କରାଇନେବେ, ମାତ୍ର ସହଜରେ ସାଧିତ ହେବ ନାହିଁ। ପରିବାରରେ ପୂର୍ବାବସ୍ଥା ଲାଗି ରହିଲେ ମଧ ବିଶେଷ ଚିନ୍ତାର କାରଣ ନାହିଁ। ପୂର୍ବଭାଦ୍ରବ ନକ୍ଷତ୍ର ସନ୍ତାନଙ୍କ କାମରେ ସନ୍ତୁଷ୍ଟ ହୋଇପାରିବେ ନାହିଁ।

**ମୀନ** କୌଣସି କାମରେ ଠିକ୍ ନିଷ୍ପତ୍ତି ମଧ ନେଇ ପାରିବେ ନାହିଁ। ନିଜ ପରିବାରରେ ଉପୁଜିଥିବା ସମସ୍ୟାକୁ ସମାଧାନ କରିବାରେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିବ। ଅଫିସରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ରେବତୀ ନକ୍ଷତ୍ରର ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତିକରିପାରେ।

ଆଜି ଶ୍ରାବଣ କୃଷ୍ଣପକ୍ଷ ଷଷ୍ଠୀ, ଶନିବାର, ଜୁଲାଇ ୮ ତାରିଖ, ରାଶି ନକ୍ଷତ୍ର-ପୂର୍ବଭାଦ୍ରବ/କୁମ୍ଭ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୩ ଗତେ ଘ.୧୨।୧୭ ମଧ୍ୟେ, ଘ.୦୩।୦୮ ଗତେ ଘ.୦୩।୪୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୪ ଗତେ ଘ.୧୦।୧୩ ମଧ୍ୟେ ରାହୁକାଳ।

# ମୁଖ୍ୟ ରାସ୍ତାକୁ ରହିବନି ଶିକ୍ଷାନୁଷ୍ଠାନ ଫାଟକ

**ସବୁ ଜିଲାପାଳଙ୍କୁ ପରିବହନ ସଚିବଙ୍କ ଚିଠି**

- ସୁବର୍ଣ୍ଣପୁର ବିନିକାରେ ଘଟିଥିବା ସ୍କୁଲ ପିଲାଙ୍କ ଦୁର୍ଘଟଣା ସମୀକ୍ଷା ପରେ ନିଷ୍ପତ୍ତି
- ଜିଲା ସ୍ତରରେ ଗଠନ ହେଲା କମିଟି
- ଅଗଷ୍ଟ ସୁଦ୍ଧା କମିଟି ରିପୋର୍ଟ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୭।୭(ସୁନିତ୍ ମିଶ୍ର)

ପିଲାମାନେ ରାସ୍ତାରେ ଯିବା ଆସିବା ସମୟରେ ସେମାନଙ୍କ ଲାଗି ସର୍ବାଧିକ ବିପଦ ଥାଏ। ପିଲାମାନେ ହେଉଛନ୍ତି ଆମ ଦେଶର ଭବିଷ୍ୟତ। ତେଣୁ ସେମାନଙ୍କ ସୁରକ୍ଷା ସମସ୍ତଙ୍କ ପାଇଁ ପ୍ରାଥମିକତା ହେବା ଉଚିତ। ତେଣୁ ସୁବର୍ଣ୍ଣପୁରର ବିନିକାରେ ଯେଉଁ ଘଟଣା ଘଟିଲା ସେଭଳି ଯେପରି ଭବିଷ୍ୟତରେ ଆଉ କେଉଁଠାରେ ନ ହୁଏ ସେଥିଲାଗି କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ। ରାଜ୍ୟର ଯେଉଁସବୁ ସ୍କୁଲର ମୁଖ୍ୟ ଫାଟକଗୁଡିକ ଏନ୍‌ଏଚ୍, ଏସ୍‌ଏଚ୍,ଏମ୍‌ଡିଆର୍ ଏବଂ ଓଡିଆର୍ ରାସ୍ତା ଆଡ଼କୁ ଅଛି ସେଗୁଡିକ ବଦଳିବ। ରାଜ୍ୟରେ ସେମିତି ଅବସ୍ଥାରେ ଯେତେସବୁ ସ୍କୁଲ ରହିଛି ତାର ମୁଖ୍ୟ ଫାଟକକୁ ବଦଳାଯାଇ ପାର୍ଶ୍ୱବର୍ତ୍ତୀ ରାସ୍ତା ଆଡ଼କୁ କରାଯିବ। ଯଦି କୌଣସି ସ୍ଥାନରେ ସ୍କୁଲ ଗୁଡ଼ିକର ମୁଖ୍ୟ ଫାଟକଗୁଡିକ ପରିବର୍ତ୍ତନ ହେଇପାରିବ ନାହିଁ ସେହି ସ୍ଥାନରେ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ଆବଶ୍ୟକ ଟ୍ରାଫିକ ବ୍ୟବସ୍ଥା ଗ୍ରହଣ କରାଯିବ। ସେହିପରି ରାଜ୍ୟରେ ଯେତେସବୁ ଶିକ୍ଷାନୁଷ୍ଠାନ ସେହି ଅବସ୍ଥାରେ ରହିଛି ତୁରନ୍ତ ସେଠାରେ ଯେଉଁ ରାସ୍ତା ରହିଛି ସେହି ବିଭାଗ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା କରିବାକୁ ରାଜ୍ୟର ସବୁ ଜିଲାପାଳମାନଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ କହିଛନ୍ତି।

ପାଢ଼ୀ ତାଙ୍କ ଚିଠିରେ ଆହୁରି ଉଲ୍ଲେଖ କରିଛନ୍ତି, ସୁବର୍ଣ୍ଣପୁର ଜିଲା ବିନିକାଠାରେ ଗତ ୨୨ ମାର୍ଚ୍ଚ ୨୦୨୩ରେ ଏକ ବଡ ଧରଣର ସଡ଼କ ଦୁର୍ଘଟଣା ଘଟିଥିଲା। ଏଥିରେ ୩ ଜଣ ସ୍କୁଲ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଘଟଣାସ୍ଥଳକୁ ଏକ ବୈଷୟିକ ଟିମ୍ ଗସ୍ତକରି ଦୁର୍ଘଟଣା ସମ୍ପର୍କିତ ରିପୋର୍ଟ ପ୍ରସ୍ତୁତ କରିବା ପରେ ତାହା ଦାଖଲ କରିଛନ୍ତି। ଉକ୍ତ ଟିମ୍ କରିଥିବା ଅନୁସନ୍ଧାନ ଅନୁଯାୟୀ, ଦୁର୍ଘଟଣାସ୍ଥଳରେ ଲାଗି ଲାଗିକି ୩ଟି ଶିକ୍ଷାନୁଷ୍ଠାନ ରହିଛି। ପ୍ରତ୍ୟେକ ସ୍କୁଲର ମୁଖ୍ୟ ଫାଟକ ସିଧାସଳଖ ଷ୍ଟେଟ୍ ହାଇୱେ(ଏସ୍‌ଏଚ୍) ଆଡ଼କୁ ଖୋଲାଯାଉଥିବା ଦେଖାଯାଇଛି। ଦୁର୍ଘଟଣାଦିନ ମଧ୍ୟ ପିଲାମାନେ ଶିକ୍ଷାନୁଷ୍ଠାନ ଶେଷ ହେବାପରେ ସେହି ମୁଖ୍ୟ ଫାଟକ ଦେଇ ଘରକୁ ଫେରୁଥିଲେ। ଦୁର୍ଘଟଣା ଘଟାଇଥିବା ଗାଡ଼ି ଦ୍ରୁତ ଗତିରେ ଆସି ପିଲାମାନଙ୍କୁ ଧକ୍କା ଦେଇଥିଲା। ତେଣୁ ରାସ୍ତାକଡ଼ରେ ଥିବା ସ୍କୁଲଗୁଡିକର ମୁଖ୍ୟ ଫାଟକ ହିଁ ସେଦିନର ଦୁର୍ଘଟଣା ଘଟିବାର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ଏହା ସହ ସେହି ଶିକ୍ଷାନୁଷ୍ଠାନଗୁଡିକ ପାଖରେ କୌଣସି ସାଇନେଜ, ମାର୍କି ଏବଂ ଗାଡ଼ିର ଦ୍ରୁତ ହ୍ରାସ ଲାଗି ସ୍ପିଡ୍ ବ୍ରେକର ହମ୍ପସ୍ ମଧ୍ୟ ନ ଥିବା ଅନୁସନ୍ଧାନକାରୀ ଟିମ୍ ଲକ୍ଷ୍ୟ କରିଥିବା ପାଢ଼ୀ କହିଛନ୍ତି।

ତେଣୁ ରାଜ୍ୟରେ କେଉଁସବୁ ସ୍ଥାନରେ ଶିକ୍ଷାନୁଷ୍ଠାନର ମୁଖ୍ୟ ଫାଟକ ରାସ୍ତାକୁ ଲାଗିକି ରହିଛି ତା'ର ତଦନ୍ତକରି ବିହିତ ପଦକ୍ଷେପ ନିଅ। ଏହିସବୁ ସ୍ଥାନର ଚିହ୍ନଟ ଲାଗି ଜିଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରତି ଜିଲାରେ ଏକ କମିଟି ଗଠନ କରାଯିବ। ସେଥିରେ ଜିଲା ଶିକ୍ଷା ଅଧିକାରୀ ଆବାହକ ରହିବେ। ଏହାସହ ଆର୍‌ଟିଓ, ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର/ପିଡି/ଏନ୍‌ଏଚ୍‌ଆଇ, ତହସିଲଦାର ସଦସ୍ୟ ଭାବେ ମନୋନୀତ ହେବେ। ଏହି କମିଟି ରିପୋର୍ଟ ଦାଖଲ ପୂର୍ବରୁ ଡିଆର୍‌ଏସ୍‌ସିଙ୍କ ଅନୁମୋଦନ ମିଳିବା ଆବଶ୍ୟକ। ଆସନ୍ତା ଅଗଷ୍ଟ ସୁଦ୍ଧା ରିପୋର୍ଟ ଦାଖଲ କରିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପାଢ଼ୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

# ବନ ବିଭାଗର ୧୫୭୦ ପଦବୀ ପୂରଣ ହେବ

ଭୁବନେଶ୍ୱର,୭।୭(ଅଭିଜିତ ଦାସ)

ଶିମିଳିପାଳ ଅଭୟାରଣ୍ୟରେ ଶିକାରୀଙ୍କ ଗୁଳିରେ କାର୍ଯ୍ୟରତ ୨ ବନ କର୍ମଚାରୀଙ୍କ ମୃତ୍ୟୁ ପରେ ଓଡ଼ିଶା ଅଣଗେଜେଟେଡ୍ ବନସେବା ସଂଘ ପକ୍ଷରୁ ୫ଦଫା ଦାବି ନେଇ ଜୁନ୍ ୧୯ରୁ ପାଟ୍ରୋଲିଂ ଛାଡ଼ ଆନ୍ଦୋଳନ କରିଥିଲେ। ଗୁରୁବାର ଜଙ୍ଗଲ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବନ ସେବା ସଂଘ ପକ୍ଷରୁ ଆଲୋଚନା ପରେ କର୍ମଚାରୀମାନେ ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି ବୋଲି ସଂଘର ସାଧାରଣ ସମ୍ପାଦକ ଦିଲୀପ ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ସିଆର୍‌ପିସିର ଧାରା ୧୯୭ ଅନୁଯାୟୀ ବନ କର୍ମଚାରୀଙ୍କୁ ସୁରକ୍ଷା ଦେବାକୁ ରାଜ୍ୟ ସରକାର ବନ୍ଧୁକ ଅନୁମତି ଦେଇଛନ୍ତି। ଏହାବ୍ୟତୀତ ବନ ବିଭାଗରେ ୧ହଜାର ୫୭୦ଟି ଖାଲି ପଡିଥିବା ପଦବୀ ପୂରଣ ପାଇଁ ପଦକ୍ଷେପ ନେଇଛନ୍ତି। ସେହିପରି ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ବନ ବିଭାଗ କର୍ମଚାରୀଙ୍କ ସୁରକ୍ଷା ପାଇଁ ସଶସ୍ତ୍ର ପୋଲିସ ମୁତୟନ କରାଯାଇଛି। ମୟୂରଭଞ୍ଜ ଜିଲାରେ ସ୍ଥାୟୀ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ବନ ବିଭାଗ ନିଷ୍ପତ୍ତି ନେଇଛି। ମାଷ୍ଟର ରୋଲ ମାଧ୍ୟମରେ ନୂଆ କର୍ମଚାରୀଙ୍କୁ ଦରମା ପ୍ରଦାନ କରାଯିବ ବୋଲି ବନ ବିଭାଗ ନିଷ୍ପତ୍ତି ନେଇଛି।

# ଋଣ ଶୁଝି ପାରିଲେନି ସ୍ତ୍ରୀ, ବନ୍ଧା ହେଲେ ସ୍ୱାମୀ



ଖୁଣ୍ଟରେ ବନ୍ଧା ହୋଇଛନ୍ତି ମହିଳାଙ୍କ ସ୍ୱାମୀ।

- ମହିଳାଙ୍କ କଙ୍ଗାରୁ କୋର୍ଟ
- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

ଚାନ୍ଦବାଲି,୭।୭(ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅଧୀନ କୃଷ୍ଣନଗର ଅଞ୍ଚଳରେ ମହିଳାଙ୍କ କଙ୍ଗାରୁ କୋର୍ଟ। ସ୍ତ୍ରୀ ଋଣ ଶୁଝିନ ପାରିବାରୁ ସ୍ୱାମୀଙ୍କୁ ବାନ୍ଧି ଦଣ୍ଡ ଦିଆଯିବା ଭଳି ଅଭାବନୀୟ ଘଟଣା ଘଟିଛି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ଘଟଣାରୁ ପ୍ରକାଶ ଯେ, ମହିଳା ଗୋଷ୍ଠୀ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ ନେଇଥିଲେ। ଗୋଷ୍ଠୀର ଜଣେ ସଦସ୍ୟା ନିର୍ଦ୍ଧାରିତ ସମୟରେ ଋଣ ଟଙ୍କା ଶୁଝି ନ ପାରିବାରୁ ମହିଳାମାନେ ଆଇନକୁ ହାତକୁ ନେଇ ତାଙ୍କ ସ୍ୱାମୀଙ୍କୁ ଗୁରୁବାର ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଦେଇଥିଲେ। ଏହି ଘଟଣା ଗଣମାଧ୍ୟମ ନଜରକୁ ଆସିବା ପରେ ଉକ୍ତ ସଦସ୍ୟାଙ୍କ ସ୍ୱାମୀ ମହିଳା ଗୋଷ୍ଠୀଙ୍କୁ ଗାଳିଗୁଲଜ କରିବାରୁ ସୁରକ୍ଷା ପାଇଁ ବାନ୍ଧିଥିଲେ ବୋଲି ସଫେଇ ଦେଇଛନ୍ତି। ତେବେ ଏନେଇ ଚାନ୍ଦବାଲି ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।


**CAREER APPOINTMENT** ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଚାହୁଁଥିବା କାର୍ ସ୍ପ୍ରେ ପେଣ୍ଟର୍ସ**
ଆମେ ପୁଣେ ମହାରାଷ୍ଟ୍ରରେ ଅବସ୍ଥିତ ଏକ ପ୍ରତିଷ୍ଠିତ କମ୍ପାନୀ। କାର୍ ପେଣ୍ଟିଂରେ 5 ବର୍ଷରୁ ଅଧିକ ଅଭିଜ୍ଞତା ଥିବା ସ୍ପ୍ରେ ପେଣ୍ଟରମାନଙ୍କୁ ନିଯୁକ୍ତି ଦେବାକୁ ଚାହୁଁଛୁ। ସୁନ୍ଦର ଆବାସ, ଭଲ ଖାଦ୍ୟ ଏବଂ ଉଚ୍ଚ ଦରମା ଯୋଗାଇ ଦିଆଯିବ।
Contact: 8237144555

**ବାଡ଼ିବଗିଚା କାମ କରିବା ପାଇଁ ମାଳି ଆବଶ୍ୟକ**
ରହିବା, ଖାଇବା ସହ 7500/- ରୁ 10,000/-, ଫୁଲନଖରା, କଟକ । ଯୋଗାଯୋଗ:
7809525452

**REQUIRED**
Waiter Male/ Female and Bartender for renowned property in Bhubaneswar with attractive remuneration and facilities.
Contact: Rishi @ 9346330126

**EMPLOYMENT NOTICE**
URGENT REQUIREMENT OF WAREHOUSE SUPERVISORS
LOCATION: MANGULI, CUTTACK
SALARY: 9000/- TO 13000/-.
FOR MORE DETAILS CONTACT:
+91-9090952651 OR
SEND YOUR CV to
hrmactc@gmail.com

**ଆବଶ୍ୟକ**
ଜୟଦୁର୍ଗା କେମିକାଲ ନିମନ୍ତେ ୧୦ ଜଣ worker (ଉଭୟ ମହିଳା ଓ ପୁରୁଷ) ଆବଶ୍ୟକ ।
ଯୋଗାଯୋଗ: ପ୍ଲଟ ନଂ.୮୪୩,ପଳାଶୁଣୀ, ଭୁବନେଶ୍ୱର–751010, ମୋବାଇଲ:୯୯୩୮୦୬୯୭୯୬

**ତୁରନ୍ତ ଆବଶ୍ୟକ**
ରେଲ୍‌ୱେ ବ୍ରିଜ୍ କାମ ପାଇଁ ରାଜମିସ୍ତ୍ରୀ, ସେଣ୍ଟ୍ରିଂ ମିସ୍ତ୍ରୀ, ଫିଟର, କାର୍ପେଣ୍ଟର ଏବଂ ହେଲ୍‌ପର । ଭଲ ଦରମା, ଅହମ୍ମଦାବାଦ (ଗୁଜରାଟ)
(ମୋ):- 9512229747
9512289747
7013356115
Email:- cannycms@gmail.com

See Career Appointment on every Wednesday & Saturday


# ନରକଙ୍କାଳ ଜବତ

**ତିହିଡ଼ି,୭।୭(ସଞ୍ଜିତ୍ ବଳ):** ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ବିଲଣା ପଞ୍ଚାୟତର ମିରିପୁର ରାସ୍ତାପାର୍ଶ୍ୱରେ ଥିବା ଜଣେ ବ୍ୟକ୍ତିଙ୍କ ଘର ଭିତରୁ ଏକ ନରକଙ୍କାଳ ଶୁକ୍ରବାର ପୋଲିସ ଜବତ କରିଛି। ଦୀର୍ଘଦିନ ଧରି ଏଠାରେ କୌଣସି ବ୍ୟକ୍ତିଙ୍କ ମୃତଦେହ ପଡ଼ିରହିବା ଫଳରେ କଙ୍କାଳରେ ପରିଣତ ହୋଇଥିବା ପୋଲିସ ସୂତ୍ରରୁ ଜଣାଯାଇଛି।

ସୂଚନା ଅନୁଯାୟୀ, ମିରିପୁର ରାସ୍ତାପାର୍ଶ୍ୱରେ ଥିବା ଉକ୍ତ ଘର ଭିତରେ ପଡ଼ିଥିବା କଙ୍କାଳ ଗ୍ରାମବାସୀଙ୍କ ନଜରକୁ ଆସିଥିଲା। ସେମାନେ ଏ ସମ୍ପର୍କରେ ସରପଞ୍ଚଙ୍କୁ ଜଣାଇଥିଲେ। ସରପଞ୍ଚ ପବିତ୍ରା ବିଶ୍ୱାଳ ତିହିଡ଼ି ଥାନାରେ ଲିଖିତ ଭାବେ ଜଣାଇବା ପରେ ଏସ୍‌ଆଇ ଅରୁନ୍ଧତୀ ବେହେରା ଓ ପ୍ରଣବ ଗିରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ତେବେ କୌଣସି ବ୍ୟକ୍ତିଙ୍କ ନିରୁଦ୍ଦିଷ୍ଟ ହେବା ନେଇ ଅଭିଯୋଗ ନ ଥିବାରୁ କଙ୍କାଳର ପରିଚୟ ମିଳିବା କଷ୍ଟସାଧ୍ୟ ହେବ ବୋଲି କୁହାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୨/୨୩) ରୁଜୁ କରି କଙ୍କାଳକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ପରିତ୍ୟକ୍ତ କୂଅରେ ପଡ଼ିଥିବା ଭାଲୁ ଉଦ୍ଧାର

**କୁମୁଡ଼ି ଜଙ୍ଗଲରେ ଛଡ଼ା ଗଲା**

କୋକସରା,୭।୭
(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଜାମପଡା ଗାଁ ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରେ ପଡ଼ିଥିବା ଭାଲୁ ବନ କର୍ମଚାରୀମାନେ ଶୁକ୍ରବାର ଉଦ୍ଧାର କରିଛନ୍ତି। ପରେ ନିକଟସ୍ଥ କୁମୁଡ଼ି ଜଙ୍ଗଲରେ ଛାଡି ଦିଆଯାଇଥିବା ଜଣାପଡ଼ିଛି।



ଉଦ୍ଧାର ହୋଇଥିବା ଭାଲୁ।

ଗୁରୁବାର ସନ୍ଧ୍ୟାରେ ଖାଦ୍ୟ ଅନ୍ୱେଷଣରେ କୋକସରା ବ୍ଲକ ଡ଼ହଗାଁ ପଞ୍ଚାୟତ ସର୍ଗିଗୁଡ଼ା ନିକଟବର୍ତ୍ତୀ କୁମୁଡି ଜଙ୍ଗଲରୁ ଏକ ଭାଲୁ ଆସି ଜାମପଡା ଗାଁ ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରେ ପଡ଼ିଥିଲା। କେତେଜଣ ସ୍ଥାନୀୟ ଲୋକ ଦେଖିବା ପରେ ଏ ନେଇ ବେହେରା ସେକ୍ସନ ବନ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଧର୍ମଗଡ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ପହଞ୍ଚିଥିଲେ। ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ନବରଙ୍ଗପୁର ଜିଲାରୁ ଉଦ୍ଧାରକାରୀ ଦଳକୁ ଡକାଇଥିଲେ। କୂଅରୁ ଅକ୍ଷତ ଅବସ୍ଥାରେ ଭାଲୁକୁ ଉଦ୍ଧାର କରି ନିକଟସ୍ଥ କୁମୁଡ଼ି ଜଙ୍ଗଲରେ ଛାଡିଥିଲେ। ଉଦ୍ଧାର କାର୍ଯ୍ୟରେ ଧର୍ମଗଡ ବନ ବିଭାଗ ଅଧିକାରୀ ପ୍ରଦୀପ ଭାତ୍ରା, ରେଞ୍ଜର ଭବାନୀ ଶଙ୍କର କାଉର, ଫରେଷ୍ଟ ଗାର୍ଡ ସୁଧାଂଶୁ ସାହୁ, ପାରା ଫରେଷ୍ଟ କର୍ମଚାରୀ ସ୍ୱାଧୀନ ଦଣ୍ଡସେନା, ମୋଟେର ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ ଓ ନବରଙ୍ଗପୁର ଉଦ୍ଧାରକାରୀ ଦଳ ଉପସ୍ଥିତ ଥିଲେ।

# ଗେଷ୍ଟହାଉସ୍ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ବାଲେଶ୍ୱର, ୭।୭(ମାନସ ବିଶ୍ୱାଳ)

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ ବିଦ୍ୟୁତ୍ ବିଭାଗର ଏକ ଗେଷ୍ଟ ହାଉସ ପରିସରରେ ଥିବା ଏକ ଗଛରୁ ଶୁକ୍ରବାର ସକାଳେ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ ହୋଇଛି। ସମ୍ପୃକ୍ତ ଗେଷ୍ଟହାଉସ୍‌ରେ ହାଉସ୍‌କିପିଂ ଷ୍ଟାଫ୍ ଭାବେ ସେ କାର୍ଯ୍ୟ କରୁଥିଲେ। ମୃତକ ହେଲେ ରେମୁଣା ବ୍ଲକ ଖରିଦମୁଖୁରା ଅଞ୍ଚଳ ରହଣି ଗ୍ରାମର ରାମଗୋପାଳ ଦାସ। ସହଦେବଖୁଣ୍ଟା ଥାନା ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ରାମଗୋପାଳଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ କକା ଶଶଧର ଦାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ଟାଟା ପାୱାରର କିଛି ଅଧିକାରୀ ସମ୍ପୃକ୍ତ ଥିବା ଏତଲାରେ ଦର୍ଶାଯାଇଛି।

ଏ ସମ୍ପର୍କରେ ସହଦେବଖୁଣ୍ଟା ଥାନା ଆଇଆଇସି ଶୁଭ୍ରାଂଶୁ ଶେଖର ନାୟକ କହିଛନ୍ତି, ମୃତଦେହ ଜବତ କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଉଦ୍ଧାର ବେଳେ ମୃତକଙ୍କ ପକେଟ୍‌ରୁ ଏକ ସୁଇସାଇଡ୍ ନୋଟ୍ ମିଳିଛି। ଯେଉଁଥିରେ 'ସେ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଋଣରେ ଅଛନ୍ତି, ସମସ୍ତେ ମାଗୁଛନ୍ତି। ଗାଁକୁ ଯିବା ସମ୍ଭବ ହୋଇପାରୁନି। ଅତିଷ୍ଠ ହୋଇ ଜୀବନ ହାରିବାକୁ ବାଧ୍ୟ ହେଉଛନ୍ତି ବୋଲି ଉଲ୍ଲେଖ ରହିଛି।


ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଶୈଳଶ୍ରୀ ବିହାର ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଅଂଶୀଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଅଂଶୀଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଅଂଶୀଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଶୈଳଶ୍ରୀ ବିହାର ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶୈଳଶ୍ରୀ ବିହାର ଶାଖା / ଋଣଗ୍ରହୀତା/ଅଂଶୀଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଲୋକନାଥ ଏଜେନ୍ସି,** ସା: ହୋଲ୍ଡିଂ ନଂ.: ୨୨୯, ୱାର୍ଡ ନଂ.: ୨୫, ମାଲଗୋଦାମ, କଲେଜ ସ୍କୋୟାର, କଟକ, ଓଡ଼ିଶା – ୭୫୩୦୦୩ / **ଅଂଶୀଦାରମାନେ: ୧) ଶ୍ରୀ ବୈଦ୍ୟନାଥ ପରବତ,** ସା: ନଜରପୁର, ଜଗତପୁର, ଚୌଦ୍ୱାର, ପୋ/ଥାନା: ଜଗତପୁର, ଜିଲ୍ଲା: କଟକ – ୭୫୪୦୨୧, ଓଡ଼ିଶା, **୨) ୱାଜିଦ୍ ଅଲ୍ଲୀ ଖାନ୍,** ସା: ସୋମପୁର, କିଶାନନଗର, କଟକ, ପୋ/ଥାନା: ସୋମପୁର, ଜିଲ୍ଲା: କଟକ-୭୫୪୧୩୦, ଓଡ଼ିଶା | ଟ.୪,୬୯,୯୮,୬୮୮.୯୦ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୮.୦୪.୨୦୨୩ / ୦୫.୦୭.୨୦୨୩ | **ଶ୍ରୀ ବୈଦ୍ୟନାଥ ପରବତ,** ପିତା: ରାମଦେବ ପରବତଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୧୭୬, ସର୍ଭେ/ଖାତା ନଂ.: ୬୯୯/୬୨୮, କ୍ଷେତ୍ର: ଏକର୦.୦୭୬୦ ଡ଼ିସିମିଲି ଯାହା ୩୩୧୦.୫୬ ବର୍ଗଫୁଟ, କିସମ: ଘରବାରୀ, ମୌଜା: କଟକ ସହର ୟୁନିଟ୍ ନଂ.: ୧୬ କାଠଗଡ଼ା ସାହି, ଥାନା: ପୁରୀଘାଟ, ତହସିଲ: କଟକ ସଦର, ରେଜିଷ୍ଟ୍ରେସନ ସବ୍-ଡିଷ୍ଟ୍ରିକ୍ଟ ଏବଂ ଡିଷ୍ଟ୍ରିକ୍ଟ: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୨୧୭୪, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୨୧୭୭, ପଶ୍ଚିମ: ପ୍ଲଟ୍ ନଂ.: ୨୧୭୫ |

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୮.୦୭.୨୦୨୩
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଭାରତ ସରକାରଙ୍କ ଏକ ଉଦ୍ୟୋଗ A Government of India Undertaking
ଆନ୍ଧ୍ରା Andhra | କର୍ପୋରେସନ Corporation

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ କ୍ର. ନଂ.: ୧ ରୁ ୪ ନିମନ୍ତେ: ତା୨୭.୦୭.୨୦୨୩ରିଖ ଏବଂ କ୍ର.ନଂ.: ୫ ନିମନ୍ତେ: ତା୧୦.୦୮.୨୦୨୩ରିଖ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ବକେୟା ଦେୟ |
|---|---|---|---|---|
| ୧. | କୋର୍ଟପେଟା ଶାଖା, ମୋ.: ୭୮୯୪୬୨୫୫୧୧/ ଋଣଗ୍ରହୀତା/ଜାମିନ୍‌ଦାରମାନେ: ୧) **ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, ୨) **ଦିବ୍ୟ ଲୋଚନ ବେହେରା,** ପିତା: ଶତ୍ରୁଘନ ବେହେରା, ୩) **ଶତ୍ରୁଘନ ବେହେରା,** ପିତା: ସୁବୁଦ୍ଧି ବେହେରା, ଉଭୟଙ୍କ ଠିକଣା- ଗ୍ରାମ: ହୁଣ୍ଡତ, ହତାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ | **ଶ୍ରୀ ଶତ୍ରୁଘନ ବେହେରାଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୪୧ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ଟ.୧୫,୧୮,୦୬୬/- / ଟ.୧,୫୧,୯୦୦/- / ଟ.୧୫,୨୦୦/- | ୩୦.୦୪.୨୦୨୧ ସୁଦ୍ଧା ଟ.୧୦,୧୮,୦୪୪.୭୧ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୨. | କୋର୍ଟପେଟା ଶାଖା, ମୋ.: ୭୮୯୪୬୨୫୫୧୧/ ଋଣଗ୍ରହୀତା/ଜାମିନ୍‌ଦାରମାନେ: ୧) **ମେସର୍ସ ପାତ୍ର ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଶ୍ରୀମତୀ ଯମୁନା ପାତ୍ର,** ୨) **ଶ୍ରୀମତୀ ଯମୁନା ପାତ୍ର,** ସ୍ୱାମୀ: ସୁବାଷ ଚନ୍ଦ୍ର ପାତ୍ର, ୩) **ଶ୍ରୀ ସୁବାଷ ଚନ୍ଦ୍ର ପାତ୍ର,** ପିତା: ଗୁରୁମୂର୍ତ୍ତୀ ପାତ୍ର, ସମସ୍ତଙ୍କ ଠିକଣା ସା: ବାବାଜୀ ତୋଟା ଷ୍ଟ୍ରିଟ, ସିଟି ହସ୍ପିଟାଲ ସମ୍ମୁଖ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା | **ଶ୍ରୀ ସୁବାଷ ଚନ୍ଦ୍ର ପାତ୍ର,** ପିତା: ଗୁରୁମୂର୍ତ୍ତୀ ପାତ୍ର ଏବଂ **ଶ୍ରୀମତୀ ଯମୁନା ପାତ୍ର,** ସ୍ୱାମୀ: ଶ୍ରୀ ସୁବାଷ ଚନ୍ଦ୍ର ପାତ୍ର **(ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୭୬, ଖାତା ନଂ.: ୪୫୦/୪୪୮, କ୍ଷେତ୍ର: ଏକର ୦.୦୩୦ ଡିସିମିଲି ଯାହା ୧୩୦୬ ବର୍ଗଫୁଟ, ରେଭିନ୍ୟୁ ମୌଜା: ପରମହଂସପୁର, ବାବାଜୀ ତୋଟା ଷ୍ଟ୍ରିଟ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ୪ ଗୋପିନାଥ ବେହେରାଙ୍କ ସମ୍ପତ୍ତି, ପଶ୍ଚିମ: ୪ ଭାଇଗ ପାତ୍ରଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ନାଳ | ଟ.୫୪,୯୨,୦୦୦/- / ଟ.୫,୫୦,୦୦୦/- / ଟ.୫୫,୦୦୦/- | ୦୧.୦୬.୨୦୧୮ ସୁଦ୍ଧା ଟ.୨୯,୩୯,୮୫୨/- + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୩. | ପୁରୁଷୋତ୍ତମପୁର ଶାଖା – ୨, ମୋ.: ୭୦୦୮୧୮୯୩୬୨ / ଋଣଗ୍ରହୀତା/ଜାମିନ୍‌ଦାରମାନେ: ୧) **ମେସର୍ସ ମା କନକ ପଲ୍ୟୁଟ୍ରି, ସ୍ୱତ୍ୱାଧିକାରୀ: ଗୁପ୍ତେଶ୍ୱର ପଟ୍ଟନାଏକ,** ନଦୀବନ୍ଧ ଷ୍ଟ୍ରିଟ୍, ପୁରୁଷୋତ୍ତମପୁର, ଗଞ୍ଜାମ, ୨) **ଗୁପ୍ତେଶ୍ୱର ପଟ୍ଟନାଏକ,** ପିତା: ସୁବୋଧ ଚନ୍ଦ୍ର ପଟ୍ଟନାଏକ, ୩) **ପ୍ରମୋଦିନୀ ପଟ୍ଟନାଏକ,** ସ୍ୱାମୀ: ଗୁପ୍ତେଶ୍ୱର ପଟ୍ଟନାଏକ, ଉଭୟଙ୍କ ଠିକଣା ସା: ରାମ ନଗର, ୧ମ ଲେନ୍, ବ୍ରହ୍ମପୁର, ଗଞ୍ଜାମ | ଗୁପ୍ତେଶ୍ୱର ପଟ୍ଟନାଏକଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୮୨/୯୧୦ (ପୁରୁଣା), ୮୨/୧୬୭୯ (ନୂତନ), ପ୍ଲଟ୍ ନଂ.: ୩୬୨/୮୦୨, ଲାଞ୍ଜିପଲି ଏସ୍ଥେଇ ନଂ.: ୪୧୦, ରେଭିନ୍ୟୁ ମୌଜା: ଉମାପୁରୀ ନୂତନ, ୱାର୍ଡ ନଂ.: ୩୩, ଚନ୍ଦନ ନଗର, ୧ମ ଲେନ, ଲାଞ୍ଜିପଲି, କ୍ଷେତ୍ର: ଏକର୦.୦୨୪ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଏ.ବି. କେଦାର ସ୍ୱାମୀଙ୍କ ଜମି, ପଶ୍ଚିମ: ଭାସ୍କର ରାଉଳଙ୍କ ଗୃହ, ଉତ୍ତର: ୪ ଫୁଟ ଓସାରିଆ ଲେନ୍, ଦକ୍ଷିଣ: ରାସ୍ତା | ଟ.୫୨,୯୭,୦୦୦/- / ଟ.୫,୩୦,୦୦୦/- / ଟ.୫୩,୦୦୦/- | ୦୬.୦୪.୨୦୨୧ ସୁଦ୍ଧା ଟ.୮୬,୮୪,୨୨୩.୫୬ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୪. | ବ୍ରହ୍ମପୁର ଶାଖା-୨, ମୋ.: ୮୭୫୮୬୯୧୪୦୦ / ଋଣଗ୍ରହୀତା/ଜାମିନ୍‌ଦାରମାନେ: ୧) **ଲକ୍ଷ୍ମୀପ୍ରିୟା ସେନାପତି,** ସ୍ୱାମୀ: ନୀଳାଞ୍ଚଳ ବେହେରା, ୨) **ନୀଳାଞ୍ଚଳ ବେହେରା,** ଉଭୟଙ୍କ ଠିକଣା ସା: ଅମ୍ବିକା ନଗର ୧ମ ଲେନ୍, ବିଜିପୁର, ପୋ.: ଗୋସାଣୀନୂଆଗାଁ, ସମାଧି ସ୍ଥଳ ନିକଟ, ବ୍ରହ୍ମପୁର, ଗଞ୍ଜାମ | **ନୀଳାଞ୍ଚଳ ବେହେରାଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୭୩୩/୩୦୪୯, ଖାତା ନଂ.: ୧୭୪/୧୮୭୪, କ୍ଷେତ୍ର: ଏକର୦.୦୧୯ଡିସିମିଲି, ସା.: ଅମ୍ବିକା ନଗର ୧ମ ଲେନ୍, ରେଭିନ୍ୟୁ ମୌଜା: ନୀଳକଣ୍ଠପୁର, ଏସ୍‌ଆର୍‌ଓ: ବ୍ରହ୍ମପୁର, ପୋ.: ଗୋସାଣୀନୂଆଗାଁ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୬୯୬, ଉତ୍ତର: ପ୍ଲଟ୍ ନଂ.: ୭୩୩/୨୮୨୧ ସମ୍ପର୍କୀତ, ଦକ୍ଷିଣ: ପ୍ରଶାନ୍ତ କୁମାର ସେନାପତିଙ୍କ ସମ୍ପତ୍ତି (କ୍ରେତାଙ୍କ ଜମି) | ଟ.୫୦,୪୯,୦୦୦/- / ଟ.୫,୦୫,୦୦୦/- / ଟ.୫୦,୫୦୦/- | ୧୦.୧୦.୨୦୧୯ ସୁଦ୍ଧା ଟ.୨୦,୧୯,୦୯୭/- + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୫. | ଆସ୍କା ଶାଖା (ଇ-ଏବି), ମୋ.: ୯୯୦୧୪୭୭୨୦୦/ ଋଣଗ୍ରହୀତା/ଜାମିନ୍‌ଦାରମାନେ: ୧) **ମେସର୍ସ ଶୁଭଲକ୍ଷ୍ମୀ ଡ୍ରେସେସ୍, ସ୍ୱତ୍ୱାଧିକାରୀ: ଲିଙ୍ଗରାଜ ସାହୁ (ଋଣଗ୍ରହୀତା ଓ ବନ୍ଧକଦାତା),** ପିତା: ୪ ପ୍ରଫୁଲ୍ଲ କୁମାର ସାହୁ, ସା: ଜି ଦାମୋଦର ପାଲ୍ଲି, ଆସ୍କା, ଗଞ୍ଜାମ, ଓଡ଼ିଶା - ୭୬୧୧୧୧, **ଅନ୍ୟ ଠିକଣା:** ସା: କୋଟିନାଡ଼ା, ପୋ.: ନୂଆଗାଁ, କଲେଜ ଛକ ନିକଟ, ପଣ୍ଡା କଲୋନୀ, ଆସ୍କା, ଗଞ୍ଜାମ, ଓଡ଼ିଶା – ୭୬୧୧୧୧, ୨) **ଶ୍ରୀ ସୁନିଲ୍ କୁମାର ସାହୁ,** ପିତା: ଅଶୋକ କୁମାର ସାହୁ, ସା: ମାର୍ଫତ୍: ଲିଲି ଫ୍ୟାସନ୍, ଲକ୍ଷ୍ମୀ ବଜାର, ପୋ.: ଆସ୍କା, ଗଞ୍ଜାମ, ଓଡ଼ିଶା – ୭୬୧୧୧୦ | **ଶ୍ରୀ ଲିଙ୍ଗରାଜ ସାହୁଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୫/୧୧, ଖାତା ନଂ.: ୨୮/୧୭୦, ରେଭିନ୍ୟୁ ମୌଜା: କୋଟିନାଡ଼ା, ତହସିଲ: ଆସ୍କା, କୋଟିନାଡ଼ା, ଗଞ୍ଜାମ, କ୍ଷେତ୍ର: ଏକର୦.୧୦୬ ଡିସିମିଲି, ଏହାର ଋରିପାର୍ଶ୍ୱରେ ପୂର୍ବ: ଶ୍ରୀମତୀ ତିଳତମା ପଟ୍ଟନାୟକଙ୍କ ଗୃହ, ପଶ୍ଚିମ: କାଶିନାଥ ମହାରଣାଙ୍କ ଗୃହ, ଉତ୍ତର: ତିଳତମା ପଟ୍ଟନାୟକଙ୍କ ଅବଶିଷ୍ଟ ଜମି, ଦକ୍ଷିଣ: ରାସ୍ତା | ଟ.୩୯,୧୫,୦୦୦/- / ଟ.୩,୯୨,୦୦୦/- / ଟ.୩୯,୫୦୦/- | ୧୫.୦୧.୨୦୨୩ ସୁଦ୍ଧା ଟ.୧୮,୬୯,୧୧୩.୫୭, ଟ.୯,୯୯,୯୧୨.୩୨ ଏବଂ ଟ.୧,୧୫,୪୯୪.୭୧ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |

**ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: କ୍ର.ନଂ. ୧ ରୁ ୪ ନିମନ୍ତେ: ୨୬.୦୭.୨୦୨୩ ଏବଂ କ୍ର.ନଂ.: ୫ ନିମନ୍ତେ: ୦୯.୦୮.୨୦୨୩ ଅପରାହ୍ନ ୪.୦୦ ଘଟିକା ପୂର୍ବରୁ / ଯାହାଙ୍କ ସପକ୍ଷରେ ଅମାନତ ରାଶି ପୈଠ: କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆକାଉଣ୍ଟ ନଂ.: ୦୦୮୫୧୧୧୦୦୦୦୦୪୩୨, IFSC Code: UBIN0800856,** ଫୋନ୍ ନଂ.: ୬୨୮୯୨୪୬୪୯୨

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ : କ୍ର. ନଂ.: ୧ ରୁ ୪ ନିମନ୍ତେ: ତା୨୫.୦୭.୨୦୨୩ରିଖ ଏବଂ କ୍ର.ନଂ.: ୫ ନିମନ୍ତେ: ୦୮.୦୮.୨୦୨୩ ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ:
https://www.mstcecommerce.com/auctionhome/ibapi/index.jsp,www.unionbankofindia.co.in ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ତାରିଖ: ୦୭.୦୭.୨୦୨୩
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**JANA SMALL FINANCE BANK**
(A Scheduled Commercial Bank)

ଜଣେ ବ୍ୟାଙ୍କର ହୁଅନ୍ତୁ - ନିଯୁକ୍ତି ସୁଯୋଗ ପାଆନ୍ତୁ
**ୱାକଇନ ଇଣ୍ଟରଭିୟୁ**
**ତାରିଖ:** 7 ରୁ 15 ଜୁଲାଇ,2023, **ସମୟ:** ସକାଳ 10 ଟାରୁ ସନ୍ଧ୍ୟା 5 ଟା

ଗ୍ରାହକ ସମ୍ପର୍କ ପ୍ରବନ୍ଧକ (CREM)
ରୀକଭରୀ ଏବଂ ଆଦାୟ ଅଧିକାରୀ (RCO)
• ଶିକ୍ଷାଗତ ଯୋଗ୍ୟତା : ମାଟ୍ରିକ ଏବଂ ତଦୃଧିକ
• ଅଭିଜ୍ଞତା : ଫ୍ରେଶର / ଅଭିଜ୍ଞ ମଧ୍ୟ ଆବେଦନ କରିପାରିବେ
• ବୟସ ସୀମା : 18 ରୁ 28 ବର୍ଷ
ଏକ ବୈଧ ଗାଡି ଚାଳନା ଲାଇସେନ୍ସ ସହିତ 2 ଚକିଆ ଯାନ ଥିବା ବାଧ୍ୟତାମୂଳକ।

ଆବଶ୍ୟକ କାଗଜପତ୍ର : ବାୟୋଡାଟା ର କପି, ପାନ୍, ଆଧାର କାର୍ଡ, ଡ୍ରାଇଭିଙ୍ଗ ଲାଇସେନ୍ସ, ଗତ 3 ମାସର ସାଲାରୀ ସ୍ଲିପ, ଏବଂ ଶିକ୍ଷାଗତ ପ୍ରମାଣପତ୍ର।

ଉପକାରିତା: ଉତ୍ତମ ଦରମା, ପ୍ରଦର୍ଶନ ଆଧାରିତ ଓ ତା ସହ ସମ୍ପୃକ୍ତ ଆକର୍ଷଣୀୟ ଭେରୀଏବଲ ପେ, ସ୍ୱାସ୍ଥ୍ୟ ବିମା, ପେଟ୍ରୋଲ ଏବଂ ମୋବାଇଲ ଭତ୍ତା !

ସାକ୍ଷାତକାର ସ୍ଥାନ

| ଶାଖା ନାମ | ସ୍ଥାନ ର ବିବରଣୀ |
|---|---|
| ଶହୀଦ ନଗର | ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ଼, 7RVW ,+ HC5, ଶହୀଦ ନଗର, ଆଙ୍ଗନ ରେଷ୍ଟୋରାଁ ନିକଟ, ଭୁବନେଶ୍ୱର, ଓଡ଼ିଶା-751007 ଯୋଗାଯୋଗ ବ୍ୟକ୍ତି : ଅରୁଣ ସାମଲ |
| ସମ୍ବଲପୁର | ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ଼, ପ୍ଲଟ ନମ୍ବର 944, 1ମ ମହଲା, ଆୟକର ଭବନ ନିକଟ, ଅନୁଗୁଳିଆ ପଡା, ଏନ ଏଚ 6, ଥାନା : ଐଣ୍ଠାପଲ୍ଲୀ, ସମ୍ବଲପୁର, ଓଡ଼ିଶା-768004. ଯୋଗାଯୋଗ ବ୍ୟକ୍ତି : ସୁଧୀର ରଞ୍ଜନ ପାଢ଼ୀ |
| ବାଲେଶ୍ୱର | ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ଼, ତଳ ଏବଂ ପ୍ରଥମ ମହଲା, ପଦ୍ମାଳୟମ କମ୍ପ୍ଲେକ୍ସ, ନଂ 476, ପ୍ଲଟ ନଂ 566, ବସ ଷ୍ଟପ ସାମ୍ନା, ଶହ ଦେବ, ବାଲେଶ୍ୱର 756001 ଯୋଗାଯୋଗ ବ୍ୟକ୍ତି: ନିରାକାର ସାହୁ |
| ଭଦ୍ରକ | ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ଼, ତଳ ଏବଂ ପ୍ରଥମ ମହଲା, ବିଶ୍ୱାଳ ସେଲସ କର୍ପୋରେସନ, ପ୍ଲଟ ନଂ 1221, 1222, 3057, 1232, 2592, ଚାପୁଲିଆ ବାଇ ପାସ, ଫେଡେରାଲ ବ୍ୟାଙ୍କ ସାମ୍ନା, ଭଦ୍ରକ, ଓଡ଼ିଶା-756101 ଯୋଗାଯୋଗ ବ୍ୟକ୍ତି: ରତ୍ନାକର ବିଶୋୟୀ |
| ବଲାଙ୍ଗୀର | ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ଼, ପ୍ଲଟ ନଂ 926 & 926/1054 ଆଇ ଡି ବି ଆଇ ବ୍ୟାଙ୍କ ନିକଟ, କେ ମାର୍ଟ, ବଲାଙ୍ଗୀର, ଓଡ଼ିଶା-767001 ଯୋଗାଯୋଗ ବ୍ୟକ୍ତି: ଅମୀୟ କୁମାର ବେହେରା |

ଇଚ୍ଛୁକ ପ୍ରାର୍ଥୀ ମାନେ ଏହି ଠିକଣାରେ ନିଜ ସିଭି ପଠେଇପାରିବେ : @ ullas.pradhan@janabank.com
www.janabank.com

इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत — In assessment, India trusts us
वेबसाइट देखने हेतु स्कैन करें Scan to visit Website

**ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କ୍ଲର୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି କ୍ଲର୍କସ୍-XIII ୨୦୨୪-୨୫ର ଖାଲି ପଦବୀ ନିମନ୍ତେ)**

ଅଧିକୃତ ୱେବ୍‌ସାଇଟ୍: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in/ ରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କ୍ଲରିକାଲ୍ କ୍ୟାଡର ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଓ ମେନ୍) ଅଗଷ୍ଟ / ସେପ୍ଟେମ୍ବର ୨୦୨୩ ଏବଂ ଅକ୍ଟୋବର, ୨୦୨୩ରେ ଅନୁଷ୍ଠିତ ହେବା ସମ୍ଭାବନା ରହିଛି ।
କାର୍ଯ୍ୟକ୍ରମଗୁଡ଼ିକର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ, ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ | ୦୧।୦୭।୨୦୨୩ରୁ ୨୧।୦୭।୨୦୨୩ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ୦୧।୦୭।୨୦୨୩ରୁ ୨୧।୦୭।୨୦୨୩ |
| ପ୍ରାକ୍-ପରୀକ୍ଷା ତାଲିମ ଲାଗି କଲ୍ ଲେଟର ଡାଉନ୍‌ଲୋଡ୍* | ଅଗଷ୍ଟ ୨୦୨୩ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ* | ଅଗଷ୍ଟ ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଅଗଷ୍ଟ ୨୦୨୩ |
| **ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି** | **ଅଗଷ୍ଟ / ସେପ୍ଟେମ୍ବର ୨୦୨୩** |
| ଅନ୍‌ଲାଇନ୍ ପରୀକ୍ଷା-ପ୍ରିଲିମିନାରିର ପରୀକ୍ଷାଫଳ | ସେପ୍ଟେମ୍ବର / ଅକ୍ଟୋବର, ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା-ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ସେପ୍ଟେମ୍ବର / ଅକ୍ଟୋବର, ୨୦୨୩ |
| **ଅନ୍‌ଲାଇନ୍ ପରୀକ୍ଷା - ମେନ୍** | **ଅକ୍ଟୋବର ୨୦୨୩** |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୪ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୧।୦୭।୨୦୨୩ ନିର୍ଦ୍ଦେଶକ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୮ ଜୁଲାଇ, ୨୦୨୩



" ଯେଉଁମାନେ ଯୋଗ ସାଧନା କରନ୍ତି– ସେମାନଙ୍କ ପାଇଁ ଜାତକର କିଛି ଗୁରୁତ୍ୱ ନାହିଁ। କାରଣ, ଯୋଗ ସାଧନାର ଯେଉଁ ପ୍ରଭାବ ଜୀବନ ଉପରେ ପଡେ, ତାହା ଗ୍ରହମାନଙ୍କ ପ୍ରଭାବ ଅପେକ୍ଷା ଅଧିକ ଶକ୍ତିଶାଳୀ। –ଶ୍ରୀମା

# ଭରସାଯୋଗ୍ୟ ଅଧିକାରୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ ତାମିଲନାଡୁର ୧୯୯୯ ବ୍ୟାଚ୍ ଆଇଏଏସ୍ ଅଧିକାରୀ ବ୍ରଜେନ୍ଦ୍ର ନଭନିତଙ୍କ କାର୍ଯ୍ୟକାଳ କେନ୍ଦ୍ର ବୃଦ୍ଧି କରିଥିଲା। ଏହା ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଛି। ବ୍ରଜେନ୍ଦ୍ର ଏବେ ରାଷ୍ଟ୍ରଦୂତ ଏବଂ ଜେନେଭାସ୍ଥିତ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)ର ସ୍ଥାୟୀ ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଫେବୃୟାରୀ ୨୦୨୪ରେ ହେବାକୁ ଥିବା ଡବ୍ଲ୍ୟୁଟିଓର ଗୁରୁତ୍ୱପୂର୍ଣ୍ଣ ତ୍ରୟୋଦଶ ମନ୍ତ୍ରୀସ୍ତରୀୟ ସମ୍ମିଳନୀ ପୂର୍ବରୁ ଏହି କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ଭାରତ ଉକ୍ତ ସମ୍ମିଳନୀରେ ଖାଦ୍ୟ ସୁରକ୍ଷା ସଙ୍କଟର ସମ୍ମୁଖୀନ ହେଉଥିବା ବିକାଶଶୀଳ ଦେଶଗୁଡ଼ିକ ସପକ୍ଷରେ ରହିବାକୁ ଏବଂ କୋଭିଡ୍ ଉପଚାର ଓ ନିଦାନ ପାଇଁ ବୈଶ୍ୱିକ ବୌଦ୍ଧିକ ସମ୍ପତ୍ତି ଅଧିକାର (ଆଇପିଆର) ଛାଡ଼ ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ନେବାକୁ ଯୋଜନା କରିଛି। ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍ଓ)ରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରୁଥିବା ନଭନିତଙ୍କୁ ଜୁନ୍ ୨୦୨୦ରେ ଜେନେଭାରେ ଗୁରୁତ୍ୱପୂର୍ଣ୍ଣ ବୈଦେଶିକ ପଦବୀରେ ଅବସ୍ଥାପିତ କରାଯିବା ସହ ରାଜୀବ ଟପ୍ନୋଙ୍କୁ ମଧ୍ୟ ୱାଶିଂଟନ ଡିସିରେ ନିଯୁକ୍ତ କରାଯାଇଥିଲା। ନଭନିତଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ନିଷ୍ପତ୍ତିରୁ ଜଣାପଡୁଛି ଯେ, ଜଟିଳ ଅନ୍ତର୍ଜାତୀୟ ବୁଝାମଣାଗୁଡ଼ିକୁ ସଞ୍ଚାଳନ କରିବାରେ ତାଙ୍କ ଦକ୍ଷତା ଉପରେ ସରକାରଙ୍କ ଭରସା ଅଛି। ଡବ୍ଲ୍ୟୁଟିଓରେ ଅନୁମୋଦିତ ସର୍ବନିମ୍ନ ପରିମାଣରୁ ଅଧିକ ସବସିଡ଼ି କୃଷକମାନଙ୍କୁ ଦେବାରେ ବିକାଶଶୀଳ ଦେଶଗୁଡ଼ିକୁ ସହାୟତା କରିବା ପାଇଁ ଭାରତ ଦାବି କରୁଛି। ବୈଶ୍ୱିକ ମଞ୍ଚରେ ଭାରତର ସ୍ୱାର୍ଥ କିଭଳି ଭଲ ଭାବେ ଉପସ୍ଥାପିତ ହେବ ତାହା ନିଶ୍ଚିତ କରିବାରେ ନଭନିତଙ୍କ କୂଟନୈତିକ ଯୋଗ୍ୟତା ଅତ୍ୟଧିକ ଉପଯୋଗୀ ହେବ। କୋଭିଡ୍-୧୯ ମହାମାରୀ ପରିପ୍ରେକ୍ଷୀରେ ଆସନ୍ତା ବର୍ଷ ଡବ୍ଲ୍ୟୁଟିଓ ମନ୍ତ୍ରୀସ୍ତରୀୟ ସମ୍ମିଳନୀ ଉଲ୍ଲେଖନୀୟ ଗୁରୁତ୍ୱ ବହନ କରିବ। ବିକାଶଶୀଳ ଦେଶଗୁଡ଼ିକ ପାଇଁ ଶସ୍ତାରେ ଜୀବନ ରକ୍ଷାକାରୀ ଚିକିତ୍ସା ଉପଲବ୍ଧ କରାଇବାକୁ ପ୍ରୋତ୍ସାହିତ କରିବାରେ ଭାରତର ଦୃଷ୍ଟିକୋଣକୁ ଅନେକ ସମର୍ଥନ ମିଳିଛି। ନଭନିତଙ୍କ ପ୍ରୟାସ ପାଇଁ ଅନେକ ଧନ୍ୟବାଦ।

### ହରିୟାଣାରେ ଦ୍ୱନ୍ଦ୍ୱ

ହରିୟାଣାର ଅର୍ବାନ ଡେଭଲପ୍‌ମେଣ୍ଟ ଡିପାର୍ଟମେଣ୍ଟ(ନଗର ଉନ୍ନୟନ ବିଭାଗ) ରୂପାନ୍ତରିତ ହୋଇ ଅର୍ବାନ ଲୋକାଲ୍ ବଡିଜ୍ ଡିପାର୍ଟମେଣ୍ଟ(ୟୁଏଲବି) ହେବାର ୧୬ ବର୍ଷ ବିତିଗଲାଣି। ତଥାପି ଆଶ୍ଚର୍ଯ୍ୟର କଥା, ନିର୍ଦ୍ଦେଶକ ପଦବୀର ନାମକରଣରେ ଏହି ପରିବର୍ତ୍ତନକୁ ପ୍ରତିଫଳିତ କରିବାରେ ରାଜ୍ୟ ପୌରପାଳିକା ଆଇନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ନିକଟରେ ଓକିଲ ହେମନ୍ତ କୁମାରଙ୍କ ଏକ ଚିଠି ହରିୟାଣା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି ଓ ସେ ଦର୍ଶାଇଛନ୍ତି ଯେ,ହରିୟାଣା ମ୍ୟୁନିସିପାଲିଟି ଆକ୍ଟ, ୧୯୭୩ ର ଧାରା ୨ (୯)ଅର୍ବାନ ଲୋକାଲ୍ ବଡିଜ ଡିପାର୍ଟମେଣ୍ଟ ପରିବର୍ତ୍ତେ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକଙ୍କ ବୈଧତାକୁ ଦର୍ଶାଇଆସିଛି। ଫଳସ୍ୱରୂପ, ଆଇନରେ ଦର୍ଶାଯାଇଥିବା କ୍ଷମତା ପ୍ରୟୋଗ ଏବଂ କର୍ତ୍ତବ୍ୟ ପାଳନ କରିବା ପାଇଁ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକଙ୍କ ଆଇନଗତ ଅଧିକାର ଅଛି। ଏହି ଦ୍ୱନ୍ଦ୍ୱକୁ ଆହୁରି ବଢାଇବା ପାଇଁ ଦୁଇ ମାସ ପୂର୍ବେ ରାଜ୍ୟ କ୍ୟାଡର୍‌ର ୨୦୧୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଯଶ୍ ପାଲଙ୍କୁ ୟୁଏଲ୍‌ବିର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତ କରାଯାଇଥିଲା। ସେହି ସମୟରେ ତାଙ୍କ ନିଯୁକ୍ତିକୁ ନେଇ ଅନେକେ ବିସ୍ମିତ ହୋଇଥିଲେ, ଯେହେତୁ ତିନିଜଣ ବରିଷ୍ଠ ଅଇଏଏସ୍ ଅଧିକାରୀ – ପି.ସି. ମୀନା, ଜିତେନ୍ଦ୍ର କୁମାର ଏବଂ ଅଞ୍ଜୁ ଚୌଧୁରୀ– ୟୁଏଲ୍‌ବି ଅଧୀନରେ ମ୍ୟୁନିସିପାଲିଟି କର୍ପୋରେଶନର କମିଶନର ଭାବରେ କାର୍ଯ୍ୟ କରୁଛନ୍ତି। ଜଣେ ଜୁନିୟର ଅଫିସରଙ୍କୁ ଉଚ୍ଚ ପଦବୀରେ ରଖିବା ବରିଷ୍ଠତା ଏବଂ ପାରଦର୍ଶିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୌତୂହଳର ବିଷୟ, ଗୁରୁଗ୍ରାମର ମ୍ୟୁନିସିପାଲିଟି କର୍ପୋରେଶନର କମିଶନର ପି.ସି. ମୀନା ଆଇଏଏସ୍‌ର ସୁପର ଟାଇମ ସ୍କେଲ୍‌ରେ ସଚିବ ଭାବେ ସ୍ଥାନ ପାଇଛନ୍ତି। ଜଣେ ସଚିବ ସ୍ତରୀୟ ଆଇଏଏସ୍ ଅଧିକାରୀଙ୍କୁ ଜଣେ ସ୍ୱତନ୍ତ୍ର ସଚିବସ୍ତରୀୟ ଅଧିକାରୀଙ୍କ ଅଧୀନରେ ରଖାଯାଇପାରିବ କି ନାହିଁ ତାହାକୁ ନେଇ ପ୍ରଶ୍ନ ଉଙ୍କିମାରିଛି। ହରିୟାଣା ଦ୍ୱନ୍ଦ୍ୱର ସମାଧାନ ହୋଇ ନ ପାରିବା ହେଉଛି ଅପାରଗତା ଏବଂ ଦୂରଦୃଷ୍ଟି ଅଭାବର ଆଉ ଏକ ଜ୍ୱଳନ୍ତ ଉଦାହରଣ।

### ଅଦଳବଦଳ

ନିକଟରେ କେରଳରେ ଆଇଏଏସ୍ ଅଧିକାରୀମାନଙ୍କର ବଡ଼ଧରଣର ଅଦଳବଦଳ କରାଯାଇଛି। ଏଥିରେ ୧୯୯୦ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଭି.ଭେନୁଙ୍କୁ ନୂତନ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏହି ଅଦଳବଦଳ ପରେ ରାଜ୍ୟ ସଶସ୍ତ୍ର ବଳରେ ମଧ୍ୟ ବହୁ ପ୍ରତୀକ୍ଷିତ ପୁନର୍ଗଠନ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଛି। ମହାନିର୍ଦ୍ଦେଶକ (ଡିଜି) ପଦବୀରେ ଥିବା ଅଧିକାରୀଙ୍କ ସମେତ ଅନେକ ବରିଷ୍ଠ ପୋଲିସ ଅଧିକାରୀଙ୍କ ଅବସର ପରେ ପିନାରାଇ ବିଜୟନ ସରକାର ନିକଟରେ ଡ. ଶୟିକ ଦାର୍ଭେଶଙ୍କୁ ନୂତନ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଭାବରେ ନିଯୁକ୍ତ କରିଛନ୍ତି। ସୂତ୍ରରୁ ଜଣାପଡ଼ିଛି ,ଏହି ପରିବର୍ତ୍ତନ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ଏକ ଆସନ୍ନ ଅଦଳବଦଳର ସଂକେତ ଦେଇଛି। ମେ'ରେ କେରଳର ଦୁଇ ଡିଜି ସ୍ତରୀୟ ଅଧିକାରୀ ବି.ସନ୍ଧ୍ୟା ଏବଂ ଏସ୍. ଆନନ୍ଦକ୍ରିଷ୍ଣନ୍‌ଙ୍କୁ ବିଦାୟ ଦିଆଯାଇଥିବାବେଳେ ଦାର୍ଭେଶଙ୍କ ପୂର୍ବାଧିକାରୀ ମଧ୍ୟ ଅବସର ନେଇଥିଲେ। ଅନ୍ୟ ଜଣେ ଡିଜି ସ୍ତରୀୟ ଅଧିକାରୀ ଟୋମିନ ଥାଚାନାକରୀ ଚଳିତ ମାସରେ ଅବସର ନେବେ। ତେବେ ଶୟିକ ଦାର୍ଭେଶଙ୍କ ପଦୋନ୍ନତି ସୂଚିତ କରିଛି ଯେ, ଲଗାତର ତୃତୀୟ ଥର ପାଇଁ ଆନ୍ଧ୍ରପ୍ରଦେଶରୁ ଆସିଥିବା ଜଣେ ଅଣ କେରଳୀ ଅଧିକାରୀଙ୍କୁ ପୋଲିସ ମୁଖ୍ୟ ଭାବରେ ନିଯୁକ୍ତ କରାଯାଇଛି। ତାଙ୍କର ପୂର୍ବାଧିକାରୀ ଅନିଲ କାନ୍ତ ଏବଂ ଲୋକନାଥ ବେହେରା ମଧ୍ୟ ରାଜ୍ୟ ବାହାରୁ ବହୁମୂଲ୍ୟ ଅଭିଜ୍ଞତା ଆଣିଥିଲେ। ତେବେ ଏହି ଅଦଳବଦଳ ରାଜ୍ୟ ସରକାରଙ୍କ ପାଇଁ ପୋଲିସ ଫୋର୍ସକୁ ନୂତନ ଶକ୍ତି ଯୋଗାଇବା ସକାଶେ ଏକ ସୁଯୋଗ।

Email: dilipcherian@gmail.com

# ସାମ୍ରାଜ୍ୟବାଦର ଛାୟାଯୁଦ୍ଧ



ଡ. ମାନସ ବେହେରା

ରୁଷ-ୟୁକ୍ରେନ ଯୁଦ୍ଧ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି। ବିଶ୍ୱ ରାଜନୈତିକ ଓ ରାଷ୍ଟ୍ର ବ୍ୟବସ୍ଥା ଏହାଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଛନ୍ତି। ଯେଉଁମାନେ ଏହାକୁ ଏକ ଆଞ୍ଚଳିକ ଯୁଦ୍ଧ ବୋଲି ଆକଳନ କରି ଶୀଘ୍ର ସମାପ୍ତ ହେବ ବୋଲି ଭବିଷ୍ୟବାଣୀ ଶୁଣାଇଥିଲେ ସେମାନେ ଭୁଲ ବୋଲି ପ୍ରମାଣିତ ହୋଇଛନ୍ତି। ଏ ଯୁଦ୍ଧରେ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ରମାନେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସମ୍ପୃକ୍ତ। ଯେଉଁମାନେ ଏଥିରେ ଆମେରିକା ଓ ଅନ୍ୟ ନାଟୋ ସଦସ୍ୟ ରାଷ୍ଟ୍ରଙ୍କ ସମ୍ପୃକ୍ତି ବିଷୟରେ ଦ୍ୱନ୍ଦ୍ୱରେ ଥିଲେ ତାହା ଆଜି ସ୍ପଷ୍ଟ। ବିଶ୍ୱ ରାଜନୀତି ଓ ଇତିହାସରେ ଏହା ଏକ ମୋଡ ଭାବରେ ପରିଗଣିତ ହୋଇଛି। ନବ୍ୟ ସାମ୍ରାଜ୍ୟବାଦର ନୂତନରୂପ ଏ ଯୁଦ୍ଧ ମାଧ୍ୟମରେ ପ୍ରକାଶ କରିଛି। ଆଜି ଆମେରିକା ଓ ରୁଷ ପ୍ରତ୍ୟକ୍ଷଭାବରେ ମୁହାଁମୁହିଁ। ବିଶ୍ୱ ସାମ୍ରାଜ୍ୟବାଦୀ ପଶାପାଲିରେ ୟୁକ୍ରେନ କେବଳ ଏକ ଛୋଟ ଗୋଟି। ଆମେରିକା ନେତୃତ୍ୱାଧୀନ ସାମ୍ରାଜ୍ୟବାଦୀ ବ୍ୟବସ୍ଥା ଆଜି ଅନେକ ଆହ୍ୱାନର ସମ୍ମୁଖୀନ। ଆମେରିକାର ଏକଚାଟିଆ ପ୍ରାଧାନ୍ୟ ଆଗପରି ନାହିଁ। ଚାଇନା, ରୁଷିଆ, ଆଫ୍ରିକା, ଭାରତ, ବ୍ରାଜିଲ୍ ସହ ଅନେକ ରାଷ୍ଟ୍ର ନୂଆ କ୍ଷମତା କେନ୍ଦ୍ରରେ ପରିଣତ ହେଉଛନ୍ତି। ଏହାକୁ ସହଜରେ ଆମେରିକା ଗ୍ରହଣ କରିପାରୁନାହିଁ। କାରଣ ବର୍ତ୍ତମାନ ନବ୍ୟଉଦାରବାଦୀ ଜଗତୀକରଣ ଅର୍ଥନୀତି ନବ୍ୟ ସାମ୍ରାଜ୍ୟବାଦର ଭିତ୍ତି। ଏହାପ୍ରତି ଆହ୍ୱାନ ଅର୍ଥ ସାମ୍ରାଜ୍ୟବାଦ ପ୍ରତି ଆହ୍ୱାନ। ଏହା ଏହି ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ। ସାମ୍ରାଜ୍ୟବାଦୀ ଶକ୍ତିମାନେ ନିଜର ଅର୍ଥନୈତିକ ଓ ରାଜନୈତିକ ଆଧିପତ୍ୟ ବଜାୟ ରଖିବାକୁ ଏ ଯୁଦ୍ଧରେ ୟୁକ୍ରେନ ପଛରେ ଛିଡା ହୋଇଛନ୍ତି। ସମଗ୍ର ୟୁରୋପରେ ଶକ୍ତିସଙ୍କଟ, ଆଫ୍ରିକାରେ ଖାଦ୍ୟସଙ୍କଟ ଆଦି ପରେ ବି ନାଟୋ ମେଣ୍ଟ ଯୁଦ୍ଧର ନିଆଁରେ ଘିଅ ଢାଳୁଛି। ଏ ଯୁଦ୍ଧର ଗତିଶୀଳତାକୁ ବୁଝିବାକୁ ହେଲେ ଏ ପୃଷ୍ଠଭୂମିକୁ ବୁଝିବାକୁ ପଡିବ।

ଏ ଯୁଦ୍ଧର କାରଣ କ'ଣ ? ଏହା ହିଁ ଜନଗଣଙ୍କ ମନରେ ପ୍ରଶ୍ନ। ଏ ସମ୍ପର୍କରେ ମୁଖ୍ୟତଃ ଦୁଇଟି ଉପାଖ୍ୟାନ ଉପସ୍ଥାପିତ ହୋଇଛି। ସାମ୍ରାଜ୍ୟବାଦୀ ଶକ୍ତିମାନେ ରୁଷକୁ ଦାୟୀକରି ଏହାର ବିସ୍ତାରବାଦୀ ନୀତିକୁ ଯୁଦ୍ଧର କାରଣ ବୋଲି ଦର୍ଶାଇଥାନ୍ତି। କିନ୍ତୁ ବାସ୍ତବରେ ନାଟୋର ବିସ୍ତାରବାଦୀ ନୀତି ହିଁ ଯୁଦ୍ଧର ମୁଖ୍ୟ କାରଣ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଶୀତଳଯୁଦ୍ଧରୁ ନାଟୋ ଓ ୱାର୍ଶା ମେଣ୍ଟର ସୃଷ୍ଟି। ଶୀତଳଯୁଦ୍ଧର ଅବସାନ ପରେ ଉଭୟ ପ୍ରାସଙ୍ଗିକତା ହରାଇବା କଥା। ମୂଳ କାରଣ ଗଲା ପରେ ଓ ବିଶ୍ୱ ଆମେରିକାର ଏକଚାଟିଆ ବ୍ୟବସ୍ଥା ହେଲା ପରେ ନାଟୋ ପରି ସାମରିକ ମେଣ୍ଟର ଆଉ ଆବଶ୍ୟକତା କ'ଣ ବୋଲି ପ୍ରଶ୍ନ ଉଠିଲା। କିନ୍ତୁ ଯେଉଁମାନେ ସାମ୍ରାଜ୍ୟବାଦର ଚରିତ୍ରକୁ ଜାଣିଛନ୍ତି ସେମାନେ ବୁଝିଛନ୍ତି ଯେ ସାମରିକବାଦ ସାମ୍ରାଜ୍ୟବାଦର ମୌଳିକ ଚରିତ୍ରର ଅଂଶବିଶେଷ। ଆମେରିକାର ଦୋମୁହାଁ ନୀତି ବିଶ୍ୱବାସୀଙ୍କ ଆଗରେ ଧରାପଡ଼ିଯାଇଛି। ଗଣତନ୍ତ୍ର, ଶାନ୍ତି ଓ ସହଯୋଗର ବାର୍ତ୍ତା ଦେଉଥିଲା ବେଳେ ନାଟୋକୁ କାହିଁକି ରଖାଯାଇଛି ତାର ଠିକ୍ ଉତ୍ତର ଆମେରିକା ଦେଉନାହିଁ। ନାଟୋ ଅଧୁନା ନବ୍ୟସାମ୍ରାଜ୍ୟବାଦର ମୁଖ୍ୟ ହତିଆର। ଏହା ହିଁ ରୁଷ-ୟୁକ୍ରେନ ଯୁଦ୍ଧର ମୁଖ୍ୟ କାରଣ।



ରୁଷ ଖଣ୍ଡବିଖଣ୍ଡିତ ହେଲା ପରେ ରାଜିନାମା ଅନୁଯାୟୀ ୟୁକ୍ରେନ ନାଟୋ ମେଣ୍ଟଭୁକ୍ତ ହେବନାହିଁ ଓ ରୁଷ ଏହାର ସାର୍ବଭୌମତ୍ୱକୁ ସମ୍ମାନଦେବ। ରୁଷ ସପକ୍ଷବାଦୀ ଶାସକମାନେ ୟୁକ୍ରେନରେ ଥିଲାବେଳେ ନାଟୋମେଣ୍ଟଭୁକ୍ତ ହେବା ପ୍ରସଙ୍ଗ ଏତେ ତୀବ୍ର ନ ଥିଲା। ବର୍ତ୍ତମାନର ରାଷ୍ଟ୍ରପତି ଜେଲନେସ୍କି ଆମେରିକା ସପକ୍ଷରେ ଓ ୟୁକ୍ରେନ ନାଟୋ ମେଣ୍ଟଭୁକ୍ତ ହେବା ଚାହୁଁଛନ୍ତି। ଏହାହିଁ ଯୁଦ୍ଧର ବି ଏକ କାରଣ। ଆମେରିକା ଏହାର ଫାଇଦା ନେଇ ନିଜର ସାମ୍ରାଜ୍ୟବାଦୀ ବିସ୍ତାର ନୀତି କାର୍ଯ୍ୟକାରୀ କରିବାକୁ ଚାହୁଁଛି। ଏହାର ପ୍ରାଧାନ୍ୟ ପ୍ରତି ଚାଇନା ପଟୁ ମୁଖ୍ୟ ଆହ୍ୱାନ ଥିଲାବେଳେ ସେ ରୁଷକୁ ନିୟନ୍ତ୍ରଣକୁ ଆଣି ବିଶ୍ୱରେ ଏକ ବାର୍ତ୍ତା ଦେବାକୁ ଚାହୁଁଛି ଯେ ସବୁ ଠିକ୍‌ଠାକ ଅଛି ଓ ଆମେରିକା ଏବେ ବି ବିଶ୍ୱର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ଏବଂ ଏହା କଥାରେ ବିଶ୍ୱ ପରିଚାଳିତ।

ଆମେରିକା ଓ ନାଟୋ ସଦସ୍ୟ ରାଷ୍ଟ୍ରମାନେ ଯୁଦ୍ଧର ଅବସାନ ପାଇଁ କୌଣସି କୂଟନୈତିକ ଉଦ୍ୟମ ନ କରି ୟୁକ୍ରେନକୁ ସାମରିକ ଓ ଆର୍ଥିକ ସହାୟତା ଦେଇ ଚାଲିଛନ୍ତି। ବର୍ତ୍ତମାନ ଅସ୍ତ୍ର ବ୍ୟବସାୟ ମାନ୍ଦା ଥିଲାବେଳେ ଏ ଯୁଦ୍ଧ ସାମ୍ରାଜ୍ୟବାଦୀ ଅସ୍ତ୍ର ବ୍ୟବସାୟକୁ ସୁଯୋଗ ଦେଇଛି। ଯୁଦ୍ଧ ଚଳାଇ ରଖିବା ପଛରେଏହା ଅନ୍ୟତମ କାରଣ। ସଙ୍କଟଗ୍ରସ୍ତ ପୁଞ୍ଜିବାଦୀ ଅର୍ଥନୀତି ନିଜକୁ ସାମାନ୍ୟ ଉଦ୍ଧାର କରିବା ପାଇଁ ଯୁଦ୍ଧକୁ ବ୍ୟବହାର କରୁଛି। ଆମେରିକା ଓ ନାଟୋ ଜାତିସଂଘକୁ ଅକର୍ମଣ୍ୟ କରିସାରିଛନ୍ତି। ଯୁଦ୍ଧର ଅବସାନ ପାଇଁ ଏହାର ସଦୁପଯୋଗ ନ କରି ରୁଷ ବିରୋଧରେ ପ୍ରସ୍ତାବ ଆଗତ କରି ନବ୍ୟଶୀତଳଯୁଦ୍ଧକୁ ତ୍ୱରାନ୍ୱିତ କରିଛନ୍ତି। ବିଶ୍ୱ ଏକ ବହୁପାକ୍ଷିକ ରୂପ ନେବାକୁ ଯାଉଥିଲାବେଳେ ଆମେରିକା ଏ ଯୁଦ୍ଧ ମାଧ୍ୟମରେ ପୁଣିଥରେ ଶୀତଳଯୁଦ୍ଧ ସମୟର ବିଭାଜିତ ବିଶ୍ୱକୁ ଲଦିଦେବାକୁ ଯାଉଛନ୍ତି। ଯୁଦ୍ଧ ଅପରାଧରେ ରୁଷକୁ ଅପରାଧୀ ସଜାଇ ଆନ୍ତର୍ଜାତିକ ନ୍ୟାୟାଳୟରେ ବିଚାର କରିବାକୁ ଆମେରିକା ଉଦ୍ୟମ କରୁଛି। ଏହା ଯୁଦ୍ଧରଏକ ନୂଆ ଦିଗ। ଚାଇନା ଓ ରୁଷ ଅଧିକ ନିକଟତର ହେଲେ ସାମ୍ରାଜ୍ୟବାଦୀ ବ୍ୟବସ୍ଥା ଦୋହଲିଯାଉଛି।

ଏ ଯୁଦ୍ଧର ପ୍ରଭାବ ସୁଦୂରପ୍ରସାରୀ, କିନ୍ତୁ ମାନବୀୟ କ୍ଷତିକୁ ବିଚାରକୁ ନ ନେଇ ଆମେରିକା ଯୁଦ୍ଧକୁ ପ୍ରୋତ୍ସାହିତ କରିଚାଲୁଛି। ସାମ୍ରାଜ୍ୟବାଦର ଛାୟାଯୁଦ୍ଧର ଏହା ଏକ ପରିଣାମ। ଆଜି ଏ ଯୁଦ୍ଧ ନାଟୋର ଅସ୍ତିତ୍ୱର ଲଢେଇରେ ପରିଣତ ହୋଇଛି। ୟୁକ୍ରେନର ନାଟୋ ସହଯୋଗୀମାନେ ସମସ୍ୱରରେ ରୁଷକୁ ସମାଲୋଚନା କରିଛନ୍ତି। ଏହାକୁ ଆଳ କରି ୟୁକ୍ରେନକୁ ଅଧିକ ସାମରିକ ସହଯୋଗର ଦାବି ତୀବ୍ର ହୋଇଛି। ଅର୍ଥାତ୍ ଯୁଦ୍ଧ ସମାପ୍ତ ହେବାର ସମ୍ଭାବନା ଏବେ ନାହିଁ। ୟୁକ୍ରେନ ନିୟନ୍ତ୍ରଣରେ ଏ ଯୁଦ୍ଧ ଆଉ ନାହିଁ। ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କର ନିରାପତ୍ତା ବ୍ୟବସ୍ଥା ସେମାନଙ୍କ ଭୌଗୋଳିକ ସୀମା ମଧ୍ୟରେ ସୀମିତ ନୁହେଁ। ସେମାନେ ତାଙ୍କର ପ୍ରଭାବ ଅନ୍ୟ ଅଞ୍ଚଳରେ ବଜାୟ ରଖିଥାନ୍ତି ଓ ଏହାପ୍ରତି ଆହ୍ୱାନ ସୃଷ୍ଟି ହେଲେ ଯୁଦ୍ଧ ସୃଷ୍ଟି ହୁଏ। ରୁଷ-ୟୁକ୍ରେନ ଯୁଦ୍ଧ ଏଥିପାଇଁ ସୃଷ୍ଟି। ଯେଉଁମାନେ ଏ ଯୁଦ୍ଧରେ ରୁଷ ଓ ଆମେରିକାକୁ ସମାନ ଭାବରେ ବିଚାର କରୁଛନ୍ତି ଓ ଉଭୟଙ୍କୁ ସମାନ ଭାବରେ ଦାୟୀ କରୁଛନ୍ତି ସେମାନେ ସାମ୍ରାଜ୍ୟବାଦର ମୌଳିକ ଚରିତ୍ରକୁ ଅଣଦେଖା କରୁଛନ୍ତି।

ବିଶ୍ୱ ଆଜି ଜଳବାୟୁ ସଙ୍କଟ, ଦାରିଦ୍ର୍ୟ, ଅସମାନତା, ଶୋଷଣ, ଫାସିବାଦର ସମସ୍ୟାରେ ଜର୍ଜରିତ ଥିଲାବେଳେ ଓ ଏହାକୁ ମୁକାବିଲା କରିବାରେ ନବ୍ୟଉଦାରବାଦୀ ଜଗତୀକରଣ ବିଫଳ ହୋଇଥିଲାବେଳେ ଆଉ ଏକ ଯୁଦ୍ଧକୁ ଜନସାଧାରଣଙ୍କ ଉପରେ ଲଦି ଦିଆଯାଇଛି। ଏହା ସମଗ୍ର ବିଶ୍ୱର ଶାନ୍ତି ଓ ସ୍ଥିରତା ପାଇଁ ବିପଦ। କିନ୍ତୁ ସାମ୍ରାଜ୍ୟବାଦୀ ବ୍ୟବସ୍ଥାରେ ପରିବର୍ତ୍ତନ ଆଶାକରିବା ବୃଥା। ସାମ୍ରାଜ୍ୟବାଦୀ ବିରୋଧରେ ସଂଗ୍ରାମ ତୀବ୍ରତର ହେଲେ ଓ ଯୁଦ୍ଧ ବିରୋଧରେ ଜନମତ ସୃଷ୍ଟି ହେଲେ ଚାପ ସୃଷ୍ଟିହେବ। ବିଶ୍ୱ ରାଜନୈତିକ ବ୍ୟବସ୍ଥା ବହୁପାକ୍ଷିକ ହେବା ଜରୁରୀ। ଏହାଦ୍ୱାରା ସାମ୍ରାଜ୍ୟବାଦ ଦୁର୍ବଳ ହେବ।

ମୋ: ୮୭୬୩୯୯୧୭୭୯

# ବିଦ୍ୟାର୍ଥୀଙ୍କ ବିଦେଶ ମୋହ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଏବେ ଅଭିଭାବକ ହୁଅନ୍ତୁ କି ବିଦ୍ୟାର୍ଥୀ ନିଜେ, ଖୁବ୍ ଛୋଟବେଳୁ ତାଙ୍କ ମନରେ ବିଦେଶରେ ଶିକ୍ଷାଗ୍ରହଣ କରିବାର ମନୋବୃତ୍ତି ଘରକରି ରହୁଛି। ଭଲ ପାଠ ପଢ଼ି ବିଦେଶ ଯାତ୍ରା କଲେ ସ୍ୱଚ୍ଛଳ ଜୀବନ, ଉନ୍ନତ ଜୀବନଶୈଳୀ ଏବଂ ମୋଟା ଅଙ୍କର ଦରମା ସମ୍ଭବ, ତେଣୁ ବିଦେଶ ଯିବାର ମୋହ ସବୁ ବିଦ୍ୟାର୍ଥୀଙ୍କ ମନରେ ଅଳ୍ପେ ବହୁତେ ରହିଥାଏ। ମାତ୍ର କେବେ କ'ଣ ଚିନ୍ତା କରାଯାଇଛି ଯେ ସ୍ୱଦେଶରେ ଶିକ୍ଷାଗ୍ରହଣ ଛାଡି ଏତେ ମାତ୍ରାରେ ପିଲା ଅନ୍ୟ ଦେଶକୁ ଯାଉଛନ୍ତି କାହିଁକି ? ଏହାର କାରଣ ଆମ ଦେଶରେ ଉଚ୍ଚଶିକ୍ଷା ଗ୍ରହଣ ଓ ଯୋଗ୍ୟତା ଅନୁଯାୟୀ ଚାକିରି ନ ମିଳିବା କ୍ଷେତ୍ରରେ ପରିଲକ୍ଷିତ ଅଭାବ କିମ୍ବା ବିଦେଶର ଆକର୍ଷକ ସୁବିଧା ଓ ଦରମା ନୁହେଁ ତ ?

ନିଶ୍ଚିତ ଭାବରେ ଏହା ହିଁ ଭାରତୀୟଙ୍କ ବିଦେଶ ମୋହର ପ୍ରଧାନ କାରଣ। ପ୍ରଥମେ ତ ସେଠାରେ ଆମ ଦେଶ ଅପେକ୍ଷା ସିଟ୍ ସଂଖ୍ୟା ଅଧିକ, ଦ୍ୱିତୀୟ ଓ ଗୁରୁତ୍ୱପୂର୍ଣ୍ଣ ବିଷୟ ଯାହା ବିଦ୍ୟାର୍ଥୀଙ୍କୁ ଆକୃଷ୍ଟ କରିଛି ତାହା ହେଉଛି, ସେଠାରେ ଶିକ୍ଷା ଶେଷ କରି ଆସୁଥିବା ପିଲାମାନେ ସ୍ୱଦେଶକୁ ଫେରି ପରୀକ୍ଷା ଦେଇ ଆଗକୁ ଉଚ୍ଚ ଶିକ୍ଷା ଗ୍ରହଣ ଏବଂ ସରକାରୀ ଚାକିରି କରିବାରେ ବି କିଛି ପ୍ରତିବନ୍ଧକ ନାହିଁ।

ଏହି ପରିସ୍ଥିତିରୁ ଆକଳନ କରାଯାଇପାରେ ଯେ ଭାରତରେ ଏବେ ଉଚ୍ଚଶିକ୍ଷାର ସ୍ଥିତି ଚିନ୍ତାଜନକ। ବିଭିନ୍ନ ଶିକ୍ଷା ସଂସ୍ଥାନରେ ଯୋଗ୍ୟ ଶିକ୍ଷକଙ୍କ ସହିତ ଆହୁରି ଅନେକ ପାରିପାର୍ଶ୍ୱିକ ସୁବିଧାର ଅଭାବ ଫଳରେ ଉପଯୁକ୍ତ ଶିକ୍ଷାଦାନ ହୋଇପାରୁନାହିଁ। ଗୋଟିଏ ପଟେ ଶିକ୍ଷା ସଂସ୍ଥାନଗୁଡ଼ିକର ସଂଖ୍ୟା ବୃଦ୍ଧି ପାଇଁ ଜୋର ଦିଆଯାଉଥିବା ବେଳେ ଅନ୍ୟପଟେ ଶିକ୍ଷକ ପଦୀ ଖାଲି ରହୁଛି। ସଂଖ୍ୟା ଦୃଷ୍ଟିରୁ ଉଚ୍ଚତର ଶିକ୍ଷା ବ୍ୟବସ୍ଥା ଦିଗରେ ଆମେରିକା ଓ ଚାଇନା ପରେ ଭାରତର ସ୍ଥାନ ତୃତୀୟ। ମାତ୍ର ଗୁଣାତ୍ମକ ଦୃଷ୍ଟିରୁ ବିଚାର କଲେ, ବିଶ୍ୱର ୧୦୦ ଶୀର୍ଷ ବିଶ୍ୱବିଦ୍ୟାଳୟ ଭିତରେ ଭାରତର ଗୋଟିଏ ମଧ୍ୟ ବିଶ୍ୱବିଦ୍ୟାଳୟ ଆସୁନାହିଁ।

ଆମ ଦେଶରେ ଅଧ୍ୟୟନରତ ପିଲାଙ୍କ ପାଖରେ ଯେ ଯୋଗ୍ୟତାର ଅଭାବ ରହିଛି ତାହା ନୁହେଁ ବରଂ ଏହାପାଇଁ ଆମର ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରବେଶିକା କାର୍ଯ୍ୟପ୍ରଣାଳୀ ଦାୟୀ। ଉଦାହରଣ ସ୍ୱରୂପ ଆମ ଦେଶରେ ୯୦% ରୁ ଅଧିକ ମାର୍କ ରଖିଥିବା ଛାତ୍ରୀଛାତ୍ର ଦିଲ୍ଲୀ ୟୁନିଭର୍ସିଟି (ଡି.ୟୁ.)ରେ ନିଜ ପସନ୍ଦ ଓ ଇଚ୍ଛା ମୁତାବକ ବିଷୟରେ ପଢ଼ିବାର ସୁଯୋଗରୁ ବଞ୍ଚିତ ହୁଅନ୍ତି। ଭଲ ମାର୍କ ରଖିବା ସତ୍ତ୍ୱେ ଭଲ କଲେଜରେ ପ୍ରବେଶ ହୋଇ ନ ପାରିଲେ ସେମାନେ ମଧ୍ୟମ ଏବଂ ନିକୃଷ୍ଟ ସ୍ତରୀୟ କଲେଜରେ ପଢିବା ଅପେକ୍ଷା ଦେଶ ବାହାରକୁ ଯାଇ ପଢିବାକୁ ଉଚିତ ମନେକରୁଛନ୍ତି। ଅପରପକ୍ଷେ ଅଷ୍ଟ୍ରେଲିଆ, କାନାଡ଼ା, ସିଙ୍ଗାପୁର, ୟୁ.କେ. ଆଦି ରାଷ୍ଟ୍ରରେ ୯୦% ମାର୍କ ରଖିଥିବା ପିଲାମାନେ ଇଚ୍ଛା ଅନୁଯାୟୀ ଯେ କୌଣସି ବିଷୟ ନେଇ ଅଧ୍ୟୟନ କରିବାକୁ ସକ୍ଷମ ହେଉଛନ୍ତି। ବିଦେଶରେ ପଢ଼ିବାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି, ସେଠି ପାଠପଢା ଆରମ୍ଭ ହେବାର ଗୋଟିଏ ବର୍ଷ ପୂର୍ବରୁ ପ୍ରବେଶିକା ପ୍ରସ୍ତୁତି ପ୍ରଣାଳୀ ଆରମ୍ଭ ହୋଇଯାଏ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ପସନ୍ଦ ଅନୁଯାୟୀ ବିଷୟ ଚୟନ କରି ପଢ଼ିବା ପାଇଁ ସମୟ ଓ ସ୍ୱାଧୀନତା ମିଳିଥାଏ।



ଭାରତ ଅନେକ ପ୍ରକାରର ବୃତ୍ତି ଯେପରି ଚଳଚ୍ଚିତ୍ର ନିର୍ମାଣ, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା, କୃଷି ଏବଂ ପଶୁପାଳନ କ୍ଷେତ୍ରରେ ଖୁବ୍ ପଛରେ ରହିଛି। ମାତ୍ର ଏହିସବୁ କ୍ଷେତ୍ରରେ ପଢାପଢ଼ି ଏବଂ ରୋଜଗାରକ୍ଷମ ହେବାର ସୁବିଧା ସହଜରେ ଏବଂ ଉନ୍ନତ ଭାବରେ ବିଦେଶରେ ଉପଲବ୍ଧ ହୋଇଥାଏ। ଭିନ୍ନ ଭିନ୍ନ ପ୍ରକାରରେ କାର୍ଯ୍ୟକ୍ଷମ ହେବାର ସୁଯୋଗ ସହିତ ଅଧିକ ବେତନ ମଧ୍ୟ ମିଳିଥାଏ। ଅଧ୍ୟୟନରୁ ଜଣାଯାଇଛି ଯେ ଏସୀୟ ଦେଶଗୁଡିକରେ ସ୍ନାତକ ଶିକ୍ଷା ଶେଷ କରିବା ପରେ ୮୦% ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ପାଇଁ ଏହି କାରଣରୁ ବିଦେଶ ଯିବାକୁ ଇଚ୍ଛୁକ ହୁଅନ୍ତି। ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟଗୁଡିକ ତରଫରୁ ବିଦ୍ୟାର୍ଥୀମାନଙ୍କୁ ଭିଜା ପ୍ରଦାନ କରାଯାଇ ବିଦେଶରେ ରହି ସେମାନଙ୍କ ପାଠପଢ଼ିବାର ସ୍ୱପ୍ନକୁ ସାକାର କରାଯାଇପାରୁଛି, ତେଣୁ ସେମାନଙ୍କ ବିଦେଶ ଆକର୍ଷଣ କ୍ରମେ ବଢ଼ି ବଢ଼ି ଚାଲିଛି।

ସବୁଠାରୁ ବିଶେଷ ଆକର୍ଷଣ ଯାହା ବିଦ୍ୟାର୍ଥୀଙ୍କୁ ବିଦେଶରେ ଶିକ୍ଷାଗ୍ରହଣ କରିବା ପାଇଁ ଉତ୍ସାହିତ ଏବଂ ପ୍ରେରିତ କରେ, ତାହା ହେଉଛି ଅନୁସନ୍ଧାନ ଏବଂ ଗବେଷଣାଧର୍ମୀ କାର୍ଯ୍ୟକ୍ରମ। ଭାରତ ତୁଳନାରେ ବିଦେଶରେ ଏହା ଉନ୍ନତ ମାନର ହୋଇଥାଏ ଏବଂ ବିଦ୍ୟାର୍ଥୀଗଣ ଏହାକୁ ଏକ ସୁବର୍ଣ୍ଣ ସୁଯୋଗ ମନେକରନ୍ତି। ଗୋଟିଏ ପଟେ ଭାରତର ଯୋଗ୍ୟ ବିଦ୍ୟାର୍ଥୀଙ୍କୁ ନିଜ ସଂସ୍ଥାରେ ପ୍ରବେଶ ପାଇଁ ବିଦେଶୀ ଶିକ୍ଷା ସଂସ୍ଥାଗୁଡିକ ଖୁବ୍ ଆଗ୍ରହୀ ହୋଇଥିବା ବେଳେ ଅନ୍ୟ ପଟେ ଆମ ମେଧାବୀ ବିଦ୍ୟାର୍ଥୀମାନେ ଉଚ୍ଚକ୍ଷମତା ସମ୍ପନ୍ନ କମ୍ପାନୀଗୁଡିକରେ କାମ କରିବାର ସୁଯୋଗ ପାଇବା ଅଭିଭାବକ ତଥା ଛାତ୍ରୀଛାତ୍ରଙ୍କୁ ବିଦେଶ ମୋହରେ ପକେଇସାରିଛି।

କାନାଡ଼ା, ଅଷ୍ଟ୍ରେଲିଆ, ବ୍ରିଟେନ ଓ ଆମେରିକାରେ ଅଧିକ ସଂଖ୍ୟକ ଉଚ୍ଚ ଶିକ୍ଷାନୁଷ୍ଠାନ ରହିଥିବାରୁ ନିକଟ ଭବିଷ୍ୟତରେ ଭାରତୀୟ ଛାତ୍ରଙ୍କ ବିଦେଶ ଗମନ ଧାରା ଜାରି ରହିବ ବୋଲି ଅନୁମାନ କରାଯାଉଛି। କେବଳ ଆମେରିକାରେ ୪୦୦୦ରୁ ଅଧିକ ବିଶ୍ୱବିଦ୍ୟାଳୟ ରହିଛି। ସେଠାରେ ନିଯୁକ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ବେତନ ଓ ଅନ୍ୟାନ୍ୟ ଅନେକ ସୁବିଧା ମଧ୍ୟ ଉପଲବ୍ଧ କରାଯାଉଛି। ଉପରୋକ୍ତ ବିଷୟ ଆଲୋଚନାର ପ୍ରାସଙ୍ଗିକତା ଏହା ଯେ ସବୁ ଯୋଗ୍ୟ ଏବଂ ମେଧାବୀ ବିଦ୍ୟାର୍ଥୀ ବିଦେଶରେ ଶିକ୍ଷାଗ୍ରହଣ କରିବା ଆମ ଦେଶ ପାଇଁ ଖୁସିର ବିଷୟ, ମାତ୍ର ଶିକ୍ଷାଗ୍ରହଣ ପରେ ନିଜ ଦେଶକୁ ନ ଫେରି ସେଠାକାର ସ୍ଥାୟୀ ବାସିନ୍ଦା ରୂପେ ରହିଗଲେ, ତାଙ୍କ ଉଚ୍ଚଶିକ୍ଷା ଏବଂ ଗବେଷଣା ଆମ ଦେଶର ହିତ କାମରେ ଲାଗିପାରିବ ନାହିଁ। ତେଣୁ ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କୁ ଅନୁରୋଧ ବିଦେଶରେ ଶିକ୍ଷା ପାଇବା ପରେ ସେହି ଶିକ୍ଷାକୁ ନିଜ ଦେଶର ହିତ ପାଇଁ ଉତ୍ସର୍ଗ କରିବାର ମନୋବୃତ୍ତି ରଖନ୍ତୁ। ଅପରପକ୍ଷେ ଆମ ଦେଶରେ ମେଧାବୀ ଏବଂ ଯୋଗ୍ୟ ବିଦ୍ୟାର୍ଥୀଙ୍କୁ ଉନ୍ନତ ଶିକ୍ଷା ବ୍ୟବସ୍ଥା ଯୋଗେଇଦେବା ପାଇଁ ସରକାର ସେହି ମାନର ବିଶ୍ୱବିଦ୍ୟାଳୟ ଗଠନ ସହିତ ସେମାନଙ୍କୁ ପଢ଼ିବାର ସୁଯୋଗ ସୃଷ୍ଟି କରାଯିବା ଆବଶ୍ୟକ।

ମୋ:୬୩୭୦୫୧୬୪୭୮

## ଏଇ ଭାରତରେ

ସିଗାରେଟ ଧୂଆଁ ପରିବେଶ ପ୍ରତି ଯେତିକି କ୍ଷତିକାରକ ତାହାର ବଟ୍ ଆହୁରି ମାରାତ୍ମକ। ଏହି ବଟ୍‌କୁ ରିସାଇକେଲ କରି ପରିବେଶ ସୁରକ୍ଷାରେ ଲାଗିଛନ୍ତି ନଏଡାର ନମନ ଗୁପ୍ତା। ସେ ସିଗାରେଟ ବଟ୍‌ରୁ ଖେଳଣା, କାଗଜ ଓ ଖତ ପ୍ରସ୍ତୁତ କରୁଛନ୍ତି। ନମନ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରିବା ପରେ ସିଗାରେଟ ବର୍ଜ୍ୟ ସମସ୍ୟାର ସମାଧାନ କରିବା ଲାଗି ନିଷ୍ପତ୍ତି ନେଇଥିଲେ। କାରଣ ଭାରତରେ ପ୍ରତିବର୍ଷ ୧୦ ହଜାର କୋଟି ସିଗାରେଟ ବଟ୍ ଫିଙ୍ଗି ଦିଆଯାଏ, ଯାହାର ଓଜନ ୨୬,୦୦୦ ଟନ୍‌ରୁ ଅଧିକ। ଏଣୁ ଛୋଟ ହେଲେ ମଧ୍ୟ ପରିବେଶ ଉପରେ ଏହାର ବଡ଼ ନକାରାତ୍ମକ ପ୍ରଭାବ ଥିବାରୁ ଏହାକୁ ରିସାଇକେଲ କରି ପରିବେଶ ସୁରକ୍ଷାରେ ଲାଗିଛନ୍ତି ନମନ। ସେ ୭ ମାସ ଗବେଷଣା କରିବା ପରେ ସିଗାରେଟ ୱେଷ୍ଟର ରିସାଇକେଲ କରିବା ଆରମ୍ଭ କରିଥିଲେ। ଏହି କାର୍ଯ୍ୟ ପାଇଁ ସେ 'କୋଡ୍ ଇଫେକ୍ଟ' କମ୍ପାନୀ ଖୋଲିଛନ୍ତି। ଏହା ଦେଶର ପ୍ରଥମ ସିଗାରେଟ ରିସାଇକେଲ କମ୍ପାନୀ। ଗୋଟିଏ ମାସରେ ପାଖାପାଖି ୧ ଟନ୍‌ରୁ ଅଧିକ ସିଗାରେଟ ବଟ୍ ରିସାଇକେଲ କରୁଛନ୍ତି। ଏବେ ସୁଦ୍ଧା ସେ ୨୦୦ କୋଟି ସିଗାରେଟ ବଟ୍ ରିସାଇକେଲ କରିସାରିଲେଣି। ଏହି ପରିମାଣର ବଟ୍ ରିସାଇକେଲ କରି ନମନ ୫ହଜାର କୋଟି ଲିଟର ପାଣିକୁ ଦୂଷିତ ହେବାରୁ ରୋକିପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜୁଲାଇ ୧୯୯୮

- ଚାନ୍ଦିପୁରର ମଧ୍ୟବର୍ତ୍ତୀ କ୍ଷେପଣାସ୍ତ୍ର ପରୀକ୍ଷା ଘାଟିଠାରେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର 'ନାଗ'ର ସଫଳ ପରୀକ୍ଷଣ।
- ଖବରକାଗଜ ପାଇଁ ଧାର୍ଯ୍ୟ ପାର୍ସଲ ରେଟ୍ ଉପରେ ନିଆଯାଉଥିବା ୨୦ ପ୍ରତିଶତ ଅତିରିକ୍ତ ସରଚାର୍ଜ ପ୍ରତ୍ୟାହୃତ।
- ଶ୍ରୀଲଙ୍କାର ପୂର୍ବାଞ୍ଚଳରେ ଏଲ୍‌ଟିଟିଇ ଆକ୍ରମଣରେ ୧୨ ଜଣ କନ୍‌ଷ୍ଟେବଲଙ୍କର ମୃତ୍ୟୁ ଘଟିଥିବାବେଳେ ପୋଲିସର ପାଲଟା ଆକ୍ରମଣରେ ଅନୁରୂପ ସଂଖ୍ୟକ ଏଲ୍‌ଟିଟିଇ ଉଗ୍ରବାଦୀ ନିହତ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 2 | 3 | | | | |
| | | | 7 | | 9 | 4 | | |
| | | | | | 4 | | 9 | 3 |
| | | | 6 | | 1 | | 5 | |
| | 5 | | | | | | 7 | |
| 4 | | 1 | 3 | | 2 | | | 6 |
| | 2 | 5 | | | | | | 9 |
| | | 7 | | | | 2 | | |
| 3 | | | | | 5 | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 8 | 5 | 9 | 4 | 7 | 6 | 2 |
| 5 | 7 | 4 | 2 | 6 | 3 | 9 | 8 | 1 |
| 6 | 9 | 2 | 7 | 1 | 8 | 5 | 3 | 4 |
| 9 | 4 | 6 | 8 | 3 | 1 | 2 | 5 | 7 |
| 2 | 8 | 5 | 4 | 7 | 9 | 6 | 1 | 3 |
| 7 | 1 | 3 | 6 | 5 | 2 | 4 | 9 | 8 |
| 8 | 5 | 7 | 3 | 2 | 6 | 1 | 4 | 9 |
| 4 | 6 | 1 | 9 | 8 | 7 | 3 | 2 | 5 |
| 3 | 2 | 9 | 1 | 4 | 5 | 8 | 7 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀଜୀଉଙ୍କ ଦର୍ଶନ ଶୃଙ୍ଖଳିତ ହୋଇପାରୁନି

ମହାଶୟ,

ଭକ୍ତମାନଙ୍କୁ ମହାପ୍ରଭୁଙ୍କ ଅପୂର୍ବ ଦର୍ଶନ କରାଇବା ପ୍ରଶାସନର ଗୁରୁଦାୟିତ୍ୱ। ସେଥିରେ ବାଧା ସୃଷ୍ଟିକରିବା ଅଶୋଭନୀୟ। ପ୍ରଭୁଙ୍କ ସେବାରେ ନିୟୋଜିତ ସେବକମାନେ ଏ ଦିଗରେ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ସେମାନଙ୍କ ଆଧାତ୍ମିକ କର୍ତ୍ତବ୍ୟ ନୁହେଁ କି ? ପ୍ରଭୁଙ୍କ ସେବାରେ ମନମାନି କରିବା ଶ୍ରୀମନ୍ଦିର ପରିଚାଳନାର ଛବିକୁ ଜାତୀୟସ୍ତରରେ ଖରାପ କରୁଛି ବୋଲି ଜାଣିବାକୁ ହେବ। ବିଭିନ୍ନ ପର୍ବପର୍ବାଣୀରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଜାତୀୟ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ ତଥା ଜଷ୍ଟିସ୍ ବି.ପି.ଦାସଙ୍କ ସୁପାରିସ କାର୍ଯ୍ୟକାରୀ କରାଯାଉନାହିଁ। ଦୁର୍ଭାଗ୍ୟଜନକ କଥା ହେଲା ପୁରୀରେ ଭକ୍ତଙ୍କ ସଂଖ୍ୟା ଅହେତୁକ ବୃଦ୍ଧି ପାଉଥିବା ବେଳେ କୌଣସି ବରିଷ୍ଠ ଅଧିକାରୀ ଦର୍ଶନ ବ୍ୟବସ୍ଥାକୁ ଅନୁଧ୍ୟାନକରୁ ନାହାନ୍ତି । ଚାରି ଚାରିଟା ଦ୍ୱାର ଭକ୍ତଙ୍କ ପାଇଁ ରହିଥିବା ବେଳେ କେବଳ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ ବ୍ୟବସ୍ଥା ରହିଥିବା ହେତୁ ଭକ୍ତମାନେ ଲମ୍ୱା ବାରିକେଡ୍ ମଧ୍ୟରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ଦୟନୀୟ ଅବସ୍ଥା ସୃଷ୍ଟିକରୁଛି।

–ଅଶୋକ କୁମାର ଆଢ଼୍ୟ , ମରୀଚିକୋଟ୍ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନାମଟା ଖାଲି ରହିଲା ସିନା
କାହିଁଛି ଆଉ କବି
ସତ୍ତା ତାର ମିଳିବ ଅବା କାହିଁ ?
ଶିଳ୍ପୀ ନାମ ଗଲାଣି ଲୁଚି
ରହିଚି ଖାଲି ଛବି
ରହିଚି ଜଡ଼, ଜୀବନ ଆଉ ନାହିଁ।
(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଖୋଲିଲା ମା' ଭଗବତୀଙ୍କ ମନ୍ଦିର ହୁଣ୍ଡି: ୩.୩୮ ଲକ୍ଷ ଟଙ୍କା ମିଳିଲା



ବାଣପୁର(ଶଙ୍କର ବସ୍ତି)/ ଗମ୍ଭାରୀମୁଣ୍ଡା, ୭।୭ (ଦିଲୀପ ସ୍ୱାଇଁ): ଖୋର୍ଦ୍ଧା ଜିଲା ବାଣପୁରର ମା' ଭଗବତୀଙ୍କ ମନ୍ଦିର ବାହାର ବେଢ଼ାରେ ଥିବା ହୁଣ୍ଡିକୁ ୬ ମାସର ବ୍ୟବଧାନ ପରେ ଅର୍ଥାତ୍ ଶୁକ୍ରବାର ଖୋଲାଯାଇଛି। ହୁଣ୍ଡିରୁ ୩ ଲକ୍ଷ ୩୮ ହଜାର ୮୦୫ ଟଙ୍କା, ୧୨ ଗ୍ରାମ୍ ୭୬୦ ମିଲିଗ୍ରାମ୍ ରୁପା ଅଳଙ୍କାର, ୧୮ କ୍ୟାରେଟ୍‌ବିଶିଷ୍ଟ ୨ ଗ୍ରାମ୍ ଓଜନର ଏକ ସୁନା ହନୁମାନ ଲକେଟ ମିଳିଛି। ତେବେ ସ୍ଥାନୀୟ ୟୁକୋ ବ୍ୟାଙ୍କରେ ଥିବା ମନ୍ଦିର ଜମାଖାତାରେ ଟଙ୍କା ଡିପୋଜିଟ କରାଯାଇଛି। ଶ୍ରଦ୍ଧାଳୁଙ୍କ ଦାନଅର୍ଥ ମା'ଙ୍କ ସେବାରେ ଲାଗିବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ କହିଛନ୍ତି। ସୂଚନା ମୁତାବକ, ମା'ଙ୍କ ନିକଟରେ ପୂଜାର୍ଚ୍ଚନା ପରେ ହୁଣ୍ଡି ଖୋଲାଯାଇ ଶ୍ରଦ୍ଧାଳୁଙ୍କ ଦ୍ୱାରା ପ୍ରଦତ୍ତ ଟଙ୍କା, ସୁନା ଓ ରୁପା ବାହାର କରାଯାଇ ମନ୍ଦିର କାର୍ଯ୍ୟାଳୟ କର୍ମଚାରୀ, ସେବାୟତ ଓ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଗଣତି କରାଯାଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ତଥା ସ୍ଥାନୀୟ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ସଭ୍ୟା ସ୍ଥାନୀୟ ବିଡିଓ ଶୀତଲ ଅଗ୍ରୱାଲ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ, ସ୍ଥାନୀୟ ଆଇଆଇସି ଜୟପ୍ରକାଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟରେ ଏବେ ସଚିବଙ୍କ ଶାସନ ଚାଲିଛି: ଟୁଡୁ

ପୁରୀ, ୭।୭(ଅଜିତ୍ ମହାନ୍ତି): କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ତାଙ୍କ ପୁରୀ ଗସ୍ତ ସମୟରେ ଶୁକ୍ରବାର ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ରାଜ୍ୟରେ ବର୍ତ୍ତମାନ ସଚିବଙ୍କ ଶାସନ ଚାଲିଥିବା ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଟୁଡୁ କହିଛନ୍ତି, ୫-ଟି ସଚିବଙ୍କୁ ନେଇ କେନ୍ଦ୍ର ସରକାର ଦେଇଥିବା ଚିଠିକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଯାହା କରିବା କଥା ତାହା କରିବା ଆବଶ୍ୟକ। ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଚିଠିର ଉତ୍ତର ଦେବା ସହ କାର୍ଯ୍ୟାନୁଷ୍ଠାନ ନେବା ଉଚିତ୍। ମୁଖ୍ୟମନ୍ତ୍ରୀଙ୍କର ଯଦି ନୈତିକ ମୂଲ୍ୟବୋଧ ଥିବ, ତାହାହେଲେ କେନ୍ଦ୍ର ସରକାରଙ୍କ ନିକଟରେ ଉତ୍ତର ରଖିବେ। ଯଦି ସରକାର କୌଣସି ପଦକ୍ଷେପ ନେଉନାହାନ୍ତି, ତେବେ ରାଜ୍ୟବାସୀ ତା'ର ଉତ୍ତର ଦେବେ। ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କର ଯଦି ସତ୍‌ସାହସ ଥିବ ତାହା ହେଲେ ସେ ୫-ଟି ସଚିବଙ୍କୁ ନେଇ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେବେ। ଯଦି ଅବସର ପରେ ୬ମାସିଆ ଚାକିରି ବୃଦ୍ଧିକୁ ମନ ବଳାଇଥିବେ, ତା'ହେଲେ ରିପୋର୍ଟ ଦେଇପାରିବେ ନାହିଁ। ବ୍ରିଟିଶ ଅମଳରେ ଯେମିତି ଶାସନ ଚାଲିଥିଲା, ଏବେ ସେମିତି ଓଡ଼ିଶାରେ ଶାସନ ଚାଲିଛି। ଗଣତନ୍ତ୍ର ରାଷ୍ଟ୍ରରେ ମନ୍ତ୍ରୀଙ୍କୁ ପଛରେ ପକାଇ ଆଗରେ ସଚିବ କ'ଣ କେମିତି କରାଯିବ କହୁଛନ୍ତି। ସେହିପରି ଅଣ୍ଡାମାଡ଼ ପ୍ରସଙ୍ଗକୁ ନେଇ ମନ୍ତ୍ରୀ ଟୁଡୁ କହିଛନ୍ତି, ବର୍ତ୍ତମାନ ଶ୍ରାବଣ ମାସରେ ଘରେ ଅଣ୍ଡା ପଶୁନାହିଁ। ତେଣୁ ଅଣ୍ଡା ବାହାରେ ଫିଙ୍ଗୁଛନ୍ତି।

# ରାଜଧାନୀରୁ ଆଉ ୧୨ଡେଙ୍ଗୁ ରୋଗୀ ଚିହ୍ନଟ

ଭୁବନେଶ୍ୱର, ୭।୭ (ବନ୍ଦନା ସେଠୀ)



ରାଜ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା କ୍ରମାଗତ ଭାବେ ବଢି ଚାଲିଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ଏହି ସଂଖ୍ୟା ଶତକ ପାର୍ କରିଛି। ଶୁକ୍ରବାର ରାଜଧାନୀରୁ ୧୨ଜଣ ନୂତନ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ନେଇ ବିଏମ୍‌ସି ସିଟି ହେଲ୍‌ଥ ଅଧିକାରୀ ଦୀପକ ବିଶୋଇ ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ନୟାପଲ୍ଲୀ ଅଞ୍ଚଳର ଏନ୍-୧, ଏନ୍-୨ ଏବଂ ଏନ୍-୪ରୁ ସର୍ବାଧିକ ରୋଗୀ ରହିଛନ୍ତି। ତେବେ ଏକାଧିକ ସଂକ୍ରମିତ ଚିହ୍ନଟ ହେଉଥିଲେ ବି ସ୍ଥିତି ଆୟତ୍ତରେ ରହିଛି ଓ ହସ୍ପିଟାଲାଇଜେଶନ୍ ସଂଖ୍ୟା କମ୍ ରହିଛି। ଚଳିତ ବର୍ଷ ଜାନୁୟାରୀରୁ ଜୁଲାଇ ୭ ପର୍ଯ୍ୟନ୍ତ ସହରରୁ ମୋଟ୍ ୧୨୧ଜଣ ଡେଙ୍ଗୁରୋଗୀ ଚିହ୍ନଟ ହୋଇଥିବାବେଳେ ମାତ୍ର ୫୯ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଥି ମଧ୍ୟରୁ ୫୪ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ଏବେ ମାତ୍ର ୫ଜଣ କ୍ୟାପିଟାଲ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବିଶୋଇ ସୂଚନା ଦେଇଛନ୍ତି। ଅପରପକ୍ଷେ ସଂକ୍ରମଣକୁ

**ସଂକ୍ରମିତଙ୍କ ସଂଖ୍ୟା ୧୨୧ ଛୁଇଁଲା**

ଦୃଷ୍ଟିରେ ରଖି ବିଏମ୍‌ସି ଲୋକଙ୍କୁ ଲଗାତାର ଭାବେ ସଚେତନ କରିବା ସହ ବିଭିନ୍ନ ୱାର୍ଡରେ ମଶାଧୂଆଁ ଦେବା ସହ ଘାସ, ବୁଦା କାଟିବା, ମଶା ଉତ୍ସ ନଷ୍ଟ କରିବା, ମଶା ତେଲ ପକାଇବା ଭଳି ଅନ୍ୟାନ୍ୟ କାର୍ଯ୍ୟ ହାତକୁ ନେଉଛି। ପ୍ରତି ଶନିବାର ଓ ଗୁରୁବାର ଡ୍ରାଏ ଡେ' ମଧ୍ୟ ପାଳନ କରାଯାଉଛି। ଏହାବାଦ୍ ପ୍ରତି ୱାର୍ଡରେ ମଶାଧୂଆଁ ବୁଲାଇବା ପାଇଁ ଜୁଲାଇ ଶେଷସୁଦ୍ଧା ଆଉ ୨୦ଟି ମିନି ଗାଡ଼ି କିଣାଯିବ ବୋଲି ବିଶୋଇ ସୂଚନା ଦେଇଛନ୍ତି।

# ବ୍ୟାପକ ବନୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



ଫଟୋ: ମନୋରଞ୍ଜନ ମିଶ୍ର

ଭୁବନେଶ୍ୱର,୭।୭(ଅଭିଜିତ ଦାସ)

ଭୁବନେଶ୍ୱର ଘାଟିକିଆସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ୭୪ତମ ରାଜ୍ୟସ୍ତରୀୟ ବନମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ସମ୍ମାନିତ ଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଏମ୍‌ପି ସୁଲତା ଦେଓ, ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର (ମଧ୍ୟମ) ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଯୋଗଦେଇ

**୭୪ତମ ରାଜ୍ୟସ୍ତରୀୟ ବନମହୋତ୍ସବ**

ଜନସାଧାରଣଙ୍କୁ ରାଜ୍ୟରେ ବ୍ୟାପକ ପରିମାଣରେ ବନୀକରଣ କରି ବିଶ୍ୱତାପନ ନିୟନ୍ତ୍ରଣ କରିବାକୁ ପରାମର୍ଶ ଦେଇଥିଲେ।

ଚଳିତବର୍ଷ ମଧ୍ୟ ଜୁଲାଇ ମାସର ପ୍ରଥମ ସପ୍ତାହକୁ ବନମହୋତ୍ସବ ସପ୍ତାହ ରୂପେ ପାଳନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ବ୍ୟାପକ ବୃକ୍ଷରୋପଣ କରାଯିବା ସହିତ ରାଜ୍ୟରେ ନୂତନ ଜଙ୍ଗଲ ସୃଷ୍ଟି ନିମନ୍ତେ ଚଳିତବର୍ଷ ବନୀକରଣ ଯୋଜନାରେ ୭୮୯୯୦.୩୨ ହେକ୍ଟର ପରିମିତ ଅଞ୍ଚଳରେ ବୃକ୍ଷରୋପଣ ଓ ୫ହଜାର କିମି ପଥପାର୍ଶ୍ୱ ବନୀକରଣ କରାଯାଇଛି। ସହରାଞ୍ଚଳ ବନୀକରଣ ଲାଗି ୪.୬୧ ଲକ୍ଷ ଚାରାରୋପଣ କରିବା ପାଇଁ ଯୋଜନା କରାଯାଇଛି। ଏହା ବ୍ୟତୀତ ୬.୪୨ କୋଟି ଚାରା ସାଧାରଣ ହିତାଧିକାରୀ ଓ ଅନୁଷ୍ଠାନଗୁଡ଼ିକୁ ବଣ୍ଟନ ଲାଗି ବ୍ୟବସ୍ଥା ହୋଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବନୀକରଣ ସଚେତନତା ଜାଗୃତ କରାଯିବା ସହ ବକ୍ତୃତା, ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାସହ ବନୀକରଣ ଓ ଜଙ୍ଗଲ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ସମ୍ବଲପୁର ଜିଲାର ଅଧାପଡା ବନ ସଂରକ୍ଷଣ ସମିତିକୁ 'ସର୍ବଶ୍ରେଷ୍ଠ ବନସଂରକ୍ଷଣ ସମିତି' ପୁରସ୍କାର ବାବଦକୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା।

### ହେଲ୍ମେଟ୍‌ର ସପ୍ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୭।୭ (ଶର୍ମିଷ୍ଠା ପାଣିଗ୍ରାହୀ)

ହେଲ୍ମେଟର ସପ୍ତମ ବାର୍ଷିକ ଉତ୍ସବ ଶୁକ୍ରବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜି-୨୦ ବିଷୟବସ୍ତୁକୁ ନେଇ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ସମ୍ମାନିତ ଅତିଥି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ, ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇ ଯୁବପିଢ଼ିଙ୍କ ନିମନ୍ତେ ଦକ୍ଷତା ବିକାଶର ଆବଶ୍ୟକତା ରହିଥିବା କହିଥିଲେ। ଅନୁଷ୍ଠାନର ସମ୍ପାଦିକା ନିବେଦିତା ଭଞ୍ଜ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ଡ. ଅଞ୍ଜଳି ତ୍ରିପାଠୀ ସରକାରଙ୍କ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା କାର୍ଯ୍ୟକ୍ରମ ଉପରେ ବୁଝାଇଥିଲେ। ଏହି ଅବସରରେ କିଶୋର କୁମାର ପାତ୍ର ଓ ରବୀନ୍ଦ୍ର ନାଥ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଚତୁର୍ଥ ସଙ୍କଳନ 'ବନ୍ଧୁତା' ପତ୍ରିକା ଲୋକାର୍ପଣ ହୋଇଥିଲା। ମଞ୍ଚ ପରିଚାଳକ ଡ. ଦେବାଶିଷ ମହାପାତ୍ରଙ୍କ ଦ୍ୱାରା ମାନସ ମୈଥିଳୀ କୃଷ୍ଣପ୍ରିୟା ଦାସଙ୍କ ଉପନ୍ୟାସ 'ମୈଥିଳୀ' ସମୀକ୍ଷା କରାଯାଇଥିଲା।

# ଭୁବନେଶ୍ୱରରେ ଗାଡ଼ି, ଗଜପତିରେ କଟିଛି ଚାଲାଣ

ଭୁବନେଶ୍ୱର,୭।୭(ସୂର୍ଯ୍ୟକାନ୍ତ ବେହେରା)

ଗାଡ଼ି ଓ ଗାଡ଼ି ଚାଳକ ଭୁବନେଶ୍ୱରରେ । ହେଲେ ଚାଲାଣ କଟିଲା ଗଜପତିରେ। ତେବେ ହଜାର କି ୨ ହଜାର ନୁହେଁ, ଏକାଥରକେ ୧୧ ହଜାର ଫାଇନ କଟିଥିବା ଜଣାପଡ଼ିଛି। ଗାଡ଼ି ଚଳାଇବା ବେଳେ ହେଲମେଟ ନ ପିନ୍ଧିବା, ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର କରିବା ଓ ଲାଇସେନ୍ସ ନଥିବା ଯୋଗୁ ମୋଟ ୧୧ ହଜାର ଟଙ୍କା ଫାଇନ କଟିଛି। ଗଜପତି ଆର୍‌ଟିଓଙ୍କ ଏପରି ଭୁଲ ପ୍ରତିବାଦରେ ଗାଡ଼ି ମାଲିକ ରଘୁନାଥ ହମ ଅସନ୍ତୋଷ ପ୍ରକାଶ କରିବା ସହ ଭୁବନେଶ୍ୱର ଆର୍‌ଟିଓ ଓ ଓଡ଼ିଶା ଷ୍ଟେଟ ଟ୍ରାନ୍ସଫର ଅଥରଟି ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କ କଥାକୁ କେହି ଶୁଣି ନଥିବା ଅଭିଯୋଗ କରିଛନ୍ତି। ତେଣୁ ହାଇକୋର୍ଟର ଦ୍ୱାରସ୍ଥ ହେବି ବୋଲି ଚେତାବନୀ ଦେଇଛନ୍ତି। ସୂଚନାନୁସାରେ ଶୁକ୍ରବାର ପୂର୍ବାହ୍ନରେ ଟ୍ରାଫିକ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ୧୧ ହଜାର ଫାଇନ ଡିପୋଜିଟ କରିବାକୁ ଗଜପତି ଆର୍‌ଟିଓ ତରଫରୁ ଗାଡିର ପ୍ରକୃତ ମାଲିକ ରଘୁନାଥଙ୍କ ମୋବାଇଲକୁ ଏକ ମେସେଜ ଆସିଥିଲା। ଆଉ ଏହା ଦେଖିବା ପରେ ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କାରଣ ସେହି ସମୟରେ ସେ ଘରେ ଥିବାବେଳେ ଚାଲାଣ କିଭଳି କଟିଲା ବୋଲି ଆଚମ୍ବିତ ହୋଇପଡିଥିଲା। ଅପରପକ୍ଷେ ଗାଡିର ନମ୍ବରକୁ କେହି ଚୋରି କରି ନକଲ ନମ୍ବର କରି ବ୍ୟବହାର କରୁଥିବା ନେଇ ରଘୁନାଥ ସନ୍ଦେହ କରୁଛନ୍ତି। ତୁରନ୍ତ ଏହାକୁ ସମାଧାନ କରାଯାଉ। ତଦନ୍ତ କରାଯାଇ ପ୍ରକୃତ ଦୋଷୀଙ୍କଠାରୁ ଫାଇନ ଆଦାୟ କରାଯାଉ। ଏହାସହ ସମାନ ନମ୍ବର ପ୍ଲେଟ କେସକୁ ଗୁରୁତର ସହ ନେଇ ତଦନ୍ତ କରାଯାଉ। ନଚେତ ପ୍ରଶାନରର ଏଭଳି ଅବହେଳା ଯୋଗୁ ଏଭଳି ଘଟଣା ରାଜ୍ୟର ଅନେକ ଜାଗାରେ ଘଟିପାରେ ବୋଲି ରଘୁନାଥ କହିଛନ୍ତି। ତେବେ ଏହା ପ୍ରଥମ ଗୋଟିଏ ଘଟଣା ନୁହେଁ, ଫାଇନରୁ ବର୍ତ୍ତିବା ଓ ଅପରାଧ ପାଇଁ ଅସାମାଜିକ ବ୍ୟକ୍ତିମାନେ ଏଭଳି ତରିକାକୁ ଆପଣାଉଥିବା ନେଇ କିଛି ଦିନ ତଳେ ଧରିତ୍ରୀରେ ଖବର ପ୍ରକାଶ କରାଯାଇଥିଲା। ହେଲେ ଏଥିପ୍ରତି ପରିବହନ ବିଭାଗ ଗୁରୁତର ନ ନେଇଥିବାରୁ ଗାଡିର ପ୍ରକୃତ ମାଲିକ ନାନା ହଇରାଣ ହେଉଛନ୍ତି।

### କଟୁରି ଚୋଟରେ ସାନ ମୃତ, ବଡ଼ଭାଇ ଗିରଫ

ଡେଲାଙ୍ଗ,୭।୭ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଧୀନ ଡିମ୍ପୁର ଗ୍ରାମରେ ଶୁକ୍ରବାର ବଡ଼ଭାଇର କଟୁରି ଚୋଟରେ ସାନ ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଅଭୟ ପ୍ରଧାନ(୩୬)। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ବଡ଼ଭାଇ ବିଜୟ କୁମାର ପ୍ରଧାନ (୪୩)ଙ୍କୁ ଡିମ୍ପୁର ଗାଁ ମଧ୍ୟରୁ ଏକ ଦୋକାନ ବାରଣ୍ଡାରୁ ଗିରଫ କରିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଅପରାହ୍ନ ୩ଟାବେଳେ ଘରେ କେହି ନଥିବା ବେଳେ ବିଜୟ ଓ ସାନଭାଇ ଅଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ମାରପିଟ ହୋଇଥିଲା। ଏଥିରେ ବିଜୟ ଉତ୍ତ୍ୟକ୍ତ ହୋଇ ଘରେ ଥିବା ଏକ କଟୁରିରେ ଅଭୟଙ୍କୁ ଚୋଟ ପକାଇଥିଲେ।

# ପ୍ରଥମଦିନରେ ରାଜଧାନୀର ୮ କଲେଜରେ ନାମଲେଖା

ଭୁବନେଶ୍ୱର,୭।୭ (ଅନୁରାଧା ମହାରଣା)

**ଯୁକ୍ତ ୨ ନାମଲେଖା ଆରମ୍ଭ**

୨୦୨୩-୨୪ ଶିକ୍ଷାବର୍ଷ ଲାଗି ଯୁକ୍ତ୨ ପ୍ରଥମବର୍ଷ ନାମଲେଖା ପ୍ରକ୍ରିୟା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ତେବେ ରାଜଧାନୀର ପ୍ରମୁଖ ୧୫ଟି କଲେଜ ମଧ୍ୟରୁ ୮ଟି କଲେଜରେ ପ୍ରଥମ ଦିନରେ ନାମଲେଖା ହୋଇଥିବା ଜଣାପଡ଼ିଛି। ସେଥିରୁ ଆର୍ଚାଯ୍ୟ ହରିହର କଲେଜରେ କଳାରେ ୨୭ଜଣ ନାମଲେଖାଇଥିବା ବେଳେ ବିଜ୍ଞାନରେ ୧୯ଜଣ ଏବଂ ବାଣିଜ୍ୟରେ ୮ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ସେହିପରି ବିଜେବିରେ କଳାରେ ୩୯ଜଣ, ବିଜ୍ଞାନରେ ୩୮ଜଣ ଏବଂ ବାଣିଜ୍ୟରେ ୪୮ଜଣ, ସିଟି ମହିଳା କଲେଜରେ କଳାରେ ୪୬ଜଣ, ବିଜ୍ଞାନରେ ୩୭ଜଣ, କମଳା ନେହେରୁରେ କଳାରେ ୧୩ଜଣ, ମହର୍ଷି ମହିଳା କଲେଜରେ ବିଜ୍ଞାନରେ ୨ଜଣ, ରମାଦେବୀରେ କଳାରେ ୪୬ଜଣ, ବିଜ୍ଞାନରେ ୫୧ଜଣ ଏବଂ ବାଣିଜ୍ୟରେ ୫୧ଜଣ, ଶ୍ରୀଜୟଦେବ କଲେଜରେ କଳାରେ ୪୮ଜଣ, ବିଜ୍ଞାନରେ ୪୫ଜଣ, ବାଣିଜ୍ୟରେ ୧୫ଜଣ, ସତ୍ୟସାଇ କଲେଜରେ କଳାରେ ୩୮ଜଣ, ବିଜ୍ଞାନରେ ୩୯ଜଣ ପିଲା ନାମଲେଖାଇଥିବା ନେଇ ରାତି ୧୧ଟା ସୁଦ୍ଧା ସାମ୍ସ ପୋର୍ଟାଲରୁ ଜଣାପଡ଼ିଛି। ୧୩ତାରିଖ ପର୍ଯ୍ୟନ୍ତ ନାମଲେଖା ଚାଲିବାକୁ ଥିବାବେଳେ ରାଜଧାନୀରେ ପ୍ରମୁଖ ୪ଟି ସରକାରୀ କଲେଜ ମଧ୍ୟରେ ବିଜେବି, ରମାଦେବୀ, ରାଜଧାନୀ କଲେଜ ଏବଂ ବେସିକ ସାଇନ୍ସ କଲେଜ ରହିଛି। ସେହିପରି ଅନୁଦାନପ୍ରାପ୍ତ କଲେଜ ମଧ୍ୟରେ ବିଜୁ ପଟ୍ଟନାୟକ, ଦେବରାୟ, କମଳାନେହେରୁ, ପଟିଆ କଲେଜ, ଆଚାର୍ଯ୍ୟହରିହର, ଏକାମ୍ର, ମହର୍ଷି, ମହର୍ଷି ମହିଳା କଲେଜ, ସିଟି ମହିଳା କଲେଜ, ସତ୍ୟସାଇ, ଜୟଦେବ କଲେଜ ରହିଛି।

### ଏଲ୍.ଏନ୍ ଲାଫ୍‌ଟର କ୍ଲବର ବୃକ୍ଷରୋପଣ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଯୋଗଦେଇଥିବା କ୍ଲବର ସଦସ୍ୟା ଓ ସଦସ୍ୟ।

ଭୁବନେଶ୍ୱର,୭।୭

ଶୁକ୍ରବାର ନୟାପଲ୍ଲୀ ନୂଆସାହିସ୍ଥିତ ୱାର୍ଡ ନଂ-୩୯ରେ ଏଲ.ଏନ୍ ଲାଫଟର ଏକ୍ସରସାଇଜ କ୍ଲବ ତଥା ସାମାଜିକ କର୍ମୀ ମିଲନ କୁମାର ପାଇକରାୟଙ୍କ ସହଯୋଗରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ତଥା ଉକ୍ତ କ୍ଲବର ବରିଷ୍ଠ ନାଗରିକ ସୀତାକାନ୍ତ ମହାପାତ୍ର, କ୍ଲବର ସଭାପତି ଜୟକୃଷ୍ଣ ରାଜହଂସ, ବିଶ୍ୱକେତନ ଦାସ, ଦିଲିପ ରାଉତ, ରାଧାଚରଣ ଜେନା, ଶତ୍ରୁଘନ ବାହିନୀପତି, ସେକ୍ ରମଜାନ, ବି.କର, ପ୍ରଭାକର ପଣ୍ଡା, ଦୀପକ ପାଢୀ ଯୋଗଦେଇ ବୃକ୍ଷରୋପଣ କରିଥିଲେ । କ୍ଲବର ମହିଳା ସଦସ୍ୟ ଯଥା ଲଳିତା, ଗୀତିଶ୍ରୀ, ରାଜେଶ୍ୱରୀ, ଲିଲିମା, ମୋନାଲିସା, ମିଲନିକା, ପ୍ରିୟା ଲକ୍ଷ୍ମୀ ଓ ବି. ଜେନା ପ୍ରମୁଖ ଯୋଗଦେଇ ଥିଲେ। କସ୍ତୁରବା ସଙ୍ଗଠନର ସଭାପତି କାନନବାଳା ମହାପାତ୍ର ଓ ସଂପାଦିକା ବନଜା ଦାସ ଯୋଗଦେଇ ବୃକ୍ଷରୋପଣର ଉପକାରିତା ବିଷୟରେ କହିଥିଲେ।

### ଭୌମନଗର ହାଟ ବ୍ୟବସାୟୀ ସଂଘର ବୈଠକ



ବୈଠକରେ ସଂଘ ଉପସଭାପତି ସରୋଜ କୁମାର ରାଉତ ଓ ଅନ୍ୟ କର୍ମକର୍ତ୍ତା।

ଭୁବନେଶ୍ୱର, ୭।୭ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧୀନରେ ଥିବା ଭୌମନଗର ହାଟ ବ୍ୟବସାୟୀ ସଂଘର ବାର୍ଷିକ ସାଧାରଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘ ଉପସଭାପତି ସରୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ୟୁନିଟ-୪ ହାଟ ପରିସରରେ ଥିବା ଗଣେଶ ମଣ୍ଡପଠାରେ ଆୟୋଜିତ ଏହି ବୈଠକରେ ସାଧାରଣ ସମ୍ପାଦକ ବଦ୍ରିନାରାୟଣ ମିଶ୍ର ଆଗାମୀ ଦିନରେ ହେବାକୁ ଥିବା ସଂଘର ନିର୍ବାଚନ ଓ ଗଣେଶ ପୂଜା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ହାଟର ବିଭିନ୍ନ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଅସୁବିଧା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସଂଘ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପାତ୍ର, କାର୍ଯ୍ୟକାରୀ ସଦସ୍ୟ ଯୁଗଳ କିଶୋର ବେହେରା, ସନ୍ତୋଷ କୁମାର ସାମଲ, ପ୍ରଦୀପ କୁମାର ବାରିକ, ଉପଦେଷ୍ଟା ଦଣ୍ଡପାଣି ନାୟକଙ୍କ ସମେତ ବ୍ୟବସାୟୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ପ୍ରତି ୧୫ଦିନରେ ହେବ ସମୀକ୍ଷା ବୈଠକ

ଭୁବନେଶ୍ୱର,୭।୭(ଶର୍ମିଷ୍ଠା ପାଣିଗ୍ରାହୀ)

**ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆରେ ନାମଫଳକ ଲେଖିବା ପ୍ରସଙ୍ଗ**

ଓଡ଼ିଶାର ସମସ୍ତ ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆରେ ନାମଫଳକ ଲେଖିବା ବାଧ୍ୟତାମୂଳକ କରିବା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ଆବଶ୍ୟକତା ତଥା ଗୁରୁତ୍ୱ ସଂପର୍କରେ ସାହୁ ଆଲୋକପାତ କରିଥିଲେ। ଏ ସଂକ୍ରାନ୍ତୀୟ ଆଇନର କଡ଼ାକଡ଼ି ଅନୁପାଳନ ନିମନ୍ତେ ଶ୍ରମ ଆୟୁକ୍ତ, ଜିଲା ଶ୍ରମ ଅଧିକାରୀ, ପୌର ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ୫୩ ହଜାର ୫୩୪ ପଞ୍ଜୀକୃତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ମଧ୍ୟରୁ ୪୮ ହଜାର ୫୪୭ଟି ପ୍ରତିଷ୍ଠାନରେ ଓଡ଼ିଆରେ ନାମଫଳକ ଲେଖାଯାଇଥିବା ଏବଂ ୨୭ଟି ଖିଲାପକାରୀ ପ୍ରତିଷ୍ଠାନ ବିରୁଦ୍ଧରେ ଜରିମାନା ଆଦାୟ ସହ ମୋକଦ୍ଦମା କରାଯାଇଥିବା ନେଇ ଶ୍ରମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏ ପର୍ଯ୍ୟନ୍ତ ୧୭ଟି ଜିଲାରେ ବିଭିନ୍ନ ବାଣିଜ୍ୟିକ ସଂଘ ସହିତ ଏ ନେଇ ବୈଠକ କରାଯାଇଥିବାବେଳେ ବାକି ଜିଲାଗୁଡ଼ିକରେ ଓଡ଼ିଆରେ ନାମଫଳକ ଲେଖିବା ସଂକ୍ରାନ୍ତୀୟ ବୈଠକ ଶେଷ କରିବାକୁ ସାହୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହ ମହାନଗର ନିଗମ ଅଧିକାରୀମାନଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରାଯାଇ ଓଡ଼ିଆରେ ନାମଲେଖା ନେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଏଥି ସହ ପ୍ରତି ୧୫ ଦିନରେ ଶ୍ରମ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ନେଇ ଏହାର ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

# ପଥର ରୂପରେ ପୂଜା ପାଉଛନ୍ତି ମହାପ୍ରଭୁ

ପୁରୀ, ୭।୭ (ଅଜିତ୍ ମହାନ୍ତି):

**ଉତ୍ତରାଖଣ୍ଡ ଉତ୍ତରକାଶୀରେ ଜଗନ୍ନାଥ ମନ୍ଦିର**

- ଛତିଶା ନିଯୋଗ ମହାନାୟକଙ୍କୁ ବ୍ୟଥିତ କରିଥିଲା ଅବହେଳା
- ବିକାଶ ପାଇଁ ସହଯୋଗର ହାତ ବଢ଼ାଇଲେ ସବ୍ୟସାଚୀ, ଅର୍ଚ୍ଚିତା

ବିଶ୍ୱର ବିଭିନ୍ନ ସ୍ଥାନରେ ଶ୍ରୀଜଗନ୍ନାଥ ମନ୍ଦିର ରହିଛି। ମହାପ୍ରଭୁ କେଉଁଠି ପଥର ରୂପରେ ତ ଆଉ କେଉଁଠି ମୂର୍ତ୍ତି ରୂପରେ ପୂଜା ପାଉଛନ୍ତି। ଏଭଳି ଏକ ଅନାଲୋଚିତ ଜଗନ୍ନାଥ ମନ୍ଦିର ଉତ୍ତରାଖଣ୍ଡର ଉତ୍ତରକାଶୀଠାରୁ ୬କି.ମି ଦୂର ସାଲ୍ଡ ଗ୍ରାମରେ ରହିଛି। ସମୁଦ୍ର ପତ୍ତନଠାରୁ ୩ହଜାର ଫୁଟ ଉପରେ ଅବସ୍ଥିତ ଏହି ମନ୍ଦିରରେ ପ୍ରସ୍ତର ରୂପରେ ଜଗନ୍ନାଥ ପୂଜା ପାଉଛନ୍ତି। ଏନେଇ ଶୁକ୍ରବାର ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଲିଉଡ୍ ଅଭିନେତା ସବ୍ୟସାଚୀ ମହାପାତ୍ର, ଅଭିନେତ୍ରୀ ଅର୍ଚ୍ଚିତା ଏବଂ ଶ୍ରୀମନ୍ଦିର ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ସୂଚନା ଦେଇଛନ୍ତି।

ଛତିଶା ନିଯୋଗ ମହାନାୟକ କହିଛନ୍ତି, ସେ ଯେତେବେଳେ ଉତ୍ତରକାଶୀକୁ ଯାଇଥିଲେ ଜାଣିବାକୁ ପାଇଥିଲେ ସେଠାରେ ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ରହିଛି। ସେ ସେହି ମନ୍ଦିରକୁ ଯାଇଥିଲେ ମଧ୍ୟ ପହୁଡ଼ ପଡ଼ିଥିବାରୁ ଦର୍ଶନ କରିପାରି ନ ଥିଲେ। ସେଠାରେ ମହାପ୍ରଭୁ ଅଖିଆ ଅପିଆ ରହୁଥିବା ତାଙ୍କୁ ବ୍ୟଥିତ କରିଥିଲା। ପରେ ସେ ଏନେଇ ଅଭିନେତା ସବ୍ୟସାଚୀଙ୍କୁ ଜଣାଇଥିଲେ। ସଂଯୋଗବଶତଃ ସେହି ସମୟରେ ଅର୍ଚ୍ଚିତାଙ୍କର ଏକ ସୁଟିଂ ଉତ୍ତରାଖଣ୍ଡରେ ଥିଲା। ସବ୍ୟସାଚୀ ଓ ଅର୍ଚ୍ଚିତା ସେହି ମନ୍ଦିରକୁ ଯାଇଥିଲେ। ତେବେ ସେଠାରେ ଜଗନ୍ନାଥଙ୍କ ଦାରୁମୂର୍ତ୍ତି ବଦଳରେ ଶିଳାମୂର୍ତ୍ତି ରହିଛି। ଜଗନ୍ନାଥଙ୍କ ପୂଜା ଠିକ୍ ଭାବେ ହେଉ ନ ଥିବା ବେଳେ ପ୍ରସାଦ ଠିକ୍ ଭାବେ ଲାଗି ପାରୁନାହିଁ। ତେଣୁ ମହାପାତ୍ର ବାହୁଡ଼ା ଯାତ୍ରା ଦିନ ଉକ୍ତ ମନ୍ଦିରରେ ପୂଜା କରିବାକୁ ଚେଷ୍ଟା କରିଥିଲେ। ମନ୍ଦିର ନିକଟ ୫ଟି ଗ୍ରାମର ଲୋକଙ୍କୁ ଏକାଠି କରି ପୂଜାର୍ଚ୍ଚନା ଆୟୋଜନ କରିଥିଲେ। ସ୍ଥାନୀୟ ଗ୍ରାମର ଲୋକଙ୍କ ଇଷ୍ଟଦେବତା ପ୍ରଭୁ ଶ୍ରୀଜଗନ୍ନାଥ। ଏଭଳିକି ସେମାନଙ୍କ ଲୋକ ଗୀତ ଓ ଝିଅ ବିଦାୟୀ ଗୀତରେ ଶ୍ରୀଜଗନ୍ନାଥଙ୍କ ନାମ ନେଇ ସ୍ମରଣ କରିଥାନ୍ତି। ସେହିପରି ସବ୍ୟସାଚୀ କହିଥିଲେ, ସେ ଏହି ମନ୍ଦିର ଉପରେ ଡକ୍ୟୁମେଣ୍ଟାରି ପ୍ରସ୍ତୁତ ପାଇଁ ଓଡ଼ିଆ ଲୋକଙ୍କ ସହାୟତା ନେଇଥିଲେ। ବ୍ରହ୍ମପୁରର ଜଣେ ଓଡ଼ିଆ ବ୍ୟକ୍ତି ସୋସିଆଲ ମିଡିଆରେ ଏହି ଭିଡିଓ ଦେଖି ସେଠାକାର ପ୍ରଶାସନକୁ ମେଲ୍ କରିଥିଲେ। ସେ ଏବଂ ଅର୍ଚ୍ଚିତା ସେଠାରେ ଥିବାବେଳେ ଉତ୍ତରାଖଣ୍ଡ ଉତ୍ତରକାଶୀ ପର୍ଯ୍ୟଟନ ବିଭାଗର ଅଧିକାରୀ ସେଠାରେ ପହଞ୍ଚିଥିଲେ। ଏସବୁ ମହାପ୍ରଭୁଙ୍କ ଲୀଳା। ମନ୍ଦିର ରକ୍ଷଣାବେକ୍ଷଣ ଓ ଉନ୍ନତି ପାଇଁ ସେ ୬ମାସ ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ନେଇଛନ୍ତି। ଉକ୍ତ ମନ୍ଦିରର ପ୍ରଚାର, ପୁନରୁଦ୍ଧାର ଓ ବିକାଶ ପାଇଁ ସେ ଉତ୍ତରାଖଣ୍ଡ ସରକାର, କେନ୍ଦ୍ର ପର୍ଯ୍ୟଟନ ବିଭାଗ, ଉତ୍ତରକାଶୀ ଏବଂ ରାଜ୍ୟ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି ବୋଲି ସବ୍ୟସାଚୀ କହିଛନ୍ତି। ଲୋକକଥା ଅନୁଯାୟୀ, ଉକ୍ତ ମନ୍ଦିରରେ ଜଗନ୍ନାଥଙ୍କ ବିଗ୍ରହ ମାଟିତଳୁ ଆବିର୍ଭାବ ହୋଇଛନ୍ତି। ଥରେ ଜଣେ ବ୍ୟକ୍ତି ହଳ କରୁଥିବା ସମୟରେ ହଳ ଉକ୍ତ ଶିଳାରେ ବାଜିଥିଲା, ଯାହାର ପ୍ରମାଣ ଏବେ ବି ରହିଛି। ଶିଳାଦେହରେ ୭ଟି ଗାର ରହିଛି। ସେହିପରି ଆଦି ଶଙ୍କରାଚାର୍ଯ୍ୟ ୧୨୦୦ ମସିହାରେ ଏଠାକୁ ଆସି ଜଗନ୍ନାଥ ଶିଳା ପ୍ରତିଷ୍ଠା କରିଥିଲେ। ଏହି ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ବ୍ୟତୀତ ହନୁମାନ, ଗଣେଶ, ଦୁର୍ଗା ଆଦି ପୂଜା ପାଉଛନ୍ତି।



ଜଗନ୍ନାଥ ମନ୍ଦିର। ଖବରଦାତା ସମ୍ମିଳନୀରେ ସବ୍ୟସାଚୀ ମହାପାତ୍ର ଓ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ସୂଚନା ଦେଉଛନ୍ତି। (ଫଟୋ- ଯଜ୍ଞେଶ୍ୱର)

## ସଂକ୍ଷେପରେ

### ଦୋକାନୀଙ୍କୁ ଆକ୍ରମଣ, ଜଣେ ଗିରଫ

**ଯାଁଳା,୭।୭(ବୁଲା ବାରିକ):** ପୂର୍ବଶତ୍ରୁତାକୁ ନେଇ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଶୁକ୍ରବାର ଇନ୍‌ଫୋଭ୍ୟାଲି ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ଉତ୍ତର ମୁଣ୍ଡମୁହାଣ ଗ୍ରାମର ତପନ ପଟ୍ଟନାୟକ(୪୦)। ସୂଚନା ମୁତାବକ, ଯାଁଳା ବଜାରରେ ଜୟକୃଷ୍ଣ ମହାପାତ୍ରଙ୍କ ଏକ ଗ୍ୟାରେଜ ରହିଛି। ଗୁରୁବାର ମଧ୍ୟାହ୍ନରେ ଜୟକୃଷ୍ଣ ଗ୍ୟାରେଜ ବନ୍ଦ କରି ଘରକୁ ଫେରୁଥିଲେ। ପୂର୍ବ ବିବାଦକୁ କେନ୍ଦ୍ରକରି ଯାଁଳା ଛକ ନିକଟରେ ଜୟକୃଷ୍ଣଙ୍କୁ ଅଟକାଇ ତପନ ଗାଳିଗୁଲଜ କରିବା ସହ ଏକ ଲୁହା ପାଇପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଜୟକୃଷ୍ଣ ଗୁରୁତର ଆହତ ହୋଇଥିଲେ। ତେବେ ସ୍ଥାନୀୟ ଲୋକେ ପହଞ୍ଚିବା ପୂର୍ବରୁ ତପନ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ କରି ତପନଙ୍କୁ ଗିରଫ କରିଥିଲା।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

**ବୋଲଗଡ଼, ୭।୭ (ଦେବବ୍ରତ ହୋତା):** ବଲାଙ୍ଗିର-ଖୋର୍ଦ୍ଧା ୫୭ନମ୍ବର ଜାତୀୟ ରାଜପଥର ବୋଲଗଡ଼ ତହସିଲ ଛକ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବେଗୁନିଆ ବ୍ଲକ ବୋତଲମା ଗ୍ରାମର ବନବିହାରୀ ପାଇକରାୟ (୫୮)। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ବନବିହାରୀ ବାଇକରେ ବେଗୁନିଆ ପଟୁ ବୋଲଗଡ଼ ଅଭିମୁଖେ ଆସୁଥିଲେ। ତହସିଲ ଛକ ନିକଟରେ ବିପରୀତ ପଟୁ ଆସୁଥିବା ଟ୍ରକ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବନବିହାରୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ପ୍ରଥମ ପର୍ଯ୍ୟାୟରେ ୯୦% ଛାତ୍ରୀଛାତ୍ର ନାମ ଲେଖାଇଲେ



**ନିରାକାରପୁର,୭।୭(ମାନସ ଚନ୍ଦ୍ର ପଟ୍ଟନାୟକ):** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଶୁକ୍ରବାର +୨ ପ୍ରଥମ ପର୍ଯ୍ୟାୟ ନାମଲେଖା ହୋଇଛି। ପ୍ରଥମ ଦିବସରେ ୯୦ ପ୍ରତିଶତ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। କଳା ବିଭାଗରେ ନାମ ଲେଖାଇବା ପାଇଁ ୬୦.୩୩%, ବାଣିଜ୍ୟ ବିଭାଗରେ ନାମ ଲେଖାଇବା ପାଇଁ ୫୨.୧୭ ପ୍ରତିଶତ ଓ ବିଜ୍ଞାନ ବିଭାଗ ପାଇଁ ୭୧.୩୩% କଟ ଅଫ ମାର୍କ ଧରାଯାଇଥିଲା। ଏହି ଆଧାରରେ ଅପରାହ୍ନ ୫ଟା ସୁଦ୍ଧା କଳା ବିଭାଗରେ ୭୫ ରୁ ୫୫, ବାଣିଜ୍ୟରେ ୭୫ରୁ ୬୦ ଏବଂ ବିଜ୍ଞାନରେ ୭୫ରୁ ୬୨ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି ବୋଲି ଅନୁଷ୍ଠାନର ଅଧକ୍ଷା ପ୍ରତିଭାମୟୀ ମିତ୍ର ସୂଚନା ଦେଇଛନ୍ତି।

# ପେନ୍‌ସନ ନ ପାଇ ଅବସରପ୍ରାପ୍ତ ଶିକ୍ଷକ ହଇରାଣ

**ଖୋର୍ଦ୍ଧା,୭।୭(ପ୍ରଭାତ ପାଣିଗ୍ରାହୀ)**

- ବିଇଓଙ୍କୁ ୧୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ
- ୧୫ରୁ ଆନ୍ଦୋଳନ ଚେତାବନୀ



ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଅବସରପ୍ରାପ୍ତ ଶିକ୍ଷକମାନେ।

ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ପେନ୍‌ସନ ପ୍ରଦାନରେ ବିଳମ୍ବ ଏବଂ ଅନ୍ୟ ସମସ୍ୟା ନେଇ ନିମ୍ନ ମାଧ୍ୟମିକ ଅବସରପ୍ରାପ୍ତ ଶିକ୍ଷକ ସଂଘ ଶୁକ୍ରବାର ସ୍ଥାନୀୟ ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କୁ ୧୪ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସପ୍ତାହକ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଆସନ୍ତା ୧୫ ତାରିଖରୁ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଇଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ରର ନକଲ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, ଶିକ୍ଷା ସଚିବ, ଶିକ୍ଷାମନ୍ତ୍ରୀ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ପଠାଯାଇଛି।

ଦାବିପତ୍ରରେ ଦର୍ଶାଯାଇଛି ଯେ, ଅବସରପ୍ରାପ୍ତ ଶିକ୍ଷକଙ୍କ ସମସ୍ୟା ନେଇ ବାରମ୍ବାର ଅବଗତ ସତ୍ତ୍ୱେ କୌଣସି ସମାଧାନ କରାଯାଉନାହିଁ। ପ୍ରାୟ ୧୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପେନ୍‌ସନ ସମ୍ବନ୍ଧୀୟ ଆବଶ୍ୟକ କାଗଜପତ୍ର ତ୍ୱରାନ୍ୱିତ କରାଯାଉନାହିଁ, ଫଳରେ ଶିକ୍ଷକମାନେ ଅବସର ପରେ ନିଜର ପ୍ରାପ୍ୟ ପାଇବାକୁ ବଞ୍ଚିତ ହୋଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେଜଣ ଶିକ୍ଷକମାନଙ୍କ ମାଧ୍ୟମରେ ଟଙ୍କା ଆଦାୟ କରାଯାଉଛି। ୧୨ ରୁ ୧୪ ହଜାର ଟଙ୍କା ପର୍ଯ୍ୟନ୍ତ ହାତ ଗୁଞ୍ଜା ଦେଇ କେତେଜଣ ମଧ୍ୟ ପେନଶନ ସମ୍ବନ୍ଧୀୟ କାର୍ଯ୍ୟ କରିଛନ୍ତି। ଏଠାରେ ବିନା ଟଙ୍କାରେ ଫାଇଲ ଘୁଞ୍ଚୁନଥିବା ଅଭିଯୋଗ ହୋଇଛି। ବିଭିନ୍ନ ସମୟରେ କାର୍ଯ୍ୟାଳୟକୁ ଅଭିଯୋଗ ଏବଂ ସାକ୍ଷାତ ପାଇଁ ଆସୁଥିବା ଶିକ୍ଷକମାନଙ୍କୁ ଅଫିସ୍ କାମରେ ବ୍ୟସ୍ତ, ମିଟିଂରେ ଅଛି ଆଳ ଦେଖାଇ ସହଯୋଗ କରୁନାହାନ୍ତି। ପ୍ରତିବାଦ କଲେ ମିଥ୍ୟା କେଶରେ ଫସାଇ ଦେବାକୁ ଧମକ ଦିଆଯାଉଛି। ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଅଦାଲତର ଆଶ୍ରୟ ନେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଟାଉନ ପୋଲିସ ଏହାର ଅନୁସନ୍ଧାନ ଆରମ୍ଭ କରିଛି। ଏହି ଦାବିପତ୍ର ପ୍ରଦାନ ବେଳେ ଅବସରପ୍ରାପ୍ତ ଶିକ୍ଷକ ସଂଘର ସଭାପତି ଲକ୍ଷ୍ମୀ ନାରାୟଣ ମହାନ୍ତି, ସମ୍ପାଦକ ଦେବରାଜ ପ୍ରଧାନ, ଉପସଭାପତି ବଟକୃଷ୍ଣ ପରିଡ଼ା, ଯୁଗ୍ମ ସମ୍ପାଦକ ମନ୍ମଥ କୁମାର ସାମଲ, କୋଷାଧ୍ୟକ୍ଷ ବ୍ରଜବନ୍ଧୁ ପରିଡ଼ା, ସତ୍ୟବାନ୍ ଶ୍ରୀଚନ୍ଦନ, ପ୍ରହ୍ଲାଦ ବାରିକ, ଭକ୍ତ ବଲ୍ଲଭ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ଓ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଆବଶ୍ୟକ ହେଲେ ସାମିଲ ହେବେ ବୋଲି ପ୍ରତିଶ୍ରୁତି ଦେଇଥିବା ସଂଘର ସମ୍ପାଦକ ପ୍ରଧାନ ଜଣାଇଛନ୍ତି।

## ୧୯ ଇନ୍‌ସ୍ପେକ୍ଟରଙ୍କ ବଦଳି

**ପୁରୀ, ୭।୭(ଅଜିତ୍ ମହାନ୍ତି)**

ପୁରୀ ପୋଲିସ ବିଭାଗରେ ଏକ ବଡ଼ଧରଣର ଅଦଳବଦଳ ହୋଇଛି। ପୁରୀର ବିଭିନ୍ନ ଥାନାରେ କାର୍ଯ୍ୟ କରୁଥିବା ୧୯ଜଣ ପୋଲିସ ଅଧିକାରୀମାନଙ୍କୁ ଅନ୍ୟ ଜିଲାକୁ ବଦଳି କରାଯାଇଛି। ଏନେଇ ଶୁକ୍ରବାର ରାଜ୍ୟ ପୋଲିସ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ, ଇନ୍‌ସ୍ପେକ୍ଟର ଗୋକୁଳ ରଞ୍ଜନ ଦାସଙ୍କୁ ଜଗତ୍‌ସିଂହପୁର, ଜ୍ଞାନେନ୍ଦ୍ର କୁମାର ସାହୁଙ୍କୁ ଖୋର୍ଦ୍ଧା, ଦିଲ୍ଲୀପ କୁମାର ଧଳଙ୍କୁ କେନ୍ଦ୍ରାପଡ଼ା, ସୁମତି କୁମାରୀ ମହାନ୍ତିଙ୍କୁ ଯାଜପୁର, ଦିଲ୍ଲୀପ କୁମାର ସ୍ୱାଇଁଙ୍କୁ ନୟାଗଡ଼, ନୀଳିମା ପଟ୍ଟନାୟକଙ୍କୁ ଜଗତ୍‌ସିଂହପୁର, ଅଭିମନ୍ୟୁ ନାୟକଙ୍କୁ ଜଗତ୍‌ସିଂହପୁର, ଶଙ୍କର୍ଷଣ ଦଳାଇଙ୍କୁ ଯାଜପୁର, ରବୀନ୍ଦ୍ରନାଥ ସେଠୀଙ୍କୁ ଖୋର୍ଦ୍ଧା, ରଞ୍ଜନ କୁମାର ମଲ୍ଲିକଙ୍କୁ ଯାଜପୁର, ବାମଦେବ ନନ୍ଦଙ୍କୁ କେନ୍ଦ୍ରାପଡ଼ା, ପ୍ରିୟରଞ୍ଜନ ନାୟକଙ୍କୁ କଟକ, ସୁଜିତ କୁମାର ଦାସଙ୍କୁ ନୟାଗଡ଼, ସୁଶାନ୍ତ କୁମାର ସାହୁଙ୍କୁ ଜଗତ୍‌ସିଂହପୁର, ଶରତ କୁମାର ନାୟକଙ୍କୁ ଯାଜପୁର, କୁଳମଣି ସେଠୀଙ୍କୁ ଜଗତ୍‌ସିଂହପୁର, ନାରାୟଣ ଚନ୍ଦ୍ର ଲେଙ୍କାଙ୍କୁ ନୟାଗଡ଼, ସୁଶାନ୍ତ କୁମାର ବେହେରାଙ୍କୁ ଖୋର୍ଦ୍ଧା ଏବଂ ସୁଜାତା ବେହେରାଙ୍କୁ ଜଗତସିଂହପୁରକୁ ବଦଳି କରାଯାଇଛି।

# ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର କରାଯାଉ



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ଅବସରରେ ଖୋର୍ଦ୍ଧା ବିକାଶ ମଞ୍ଚର ପ୍ରତିନିଧି ମଣ୍ଡଳୀ।

**ଖୋର୍ଦ୍ଧା,୭।୭(ପ୍ରଭାତ ପାଣିଗ୍ରାହୀ)**

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ଖୋର୍ଦ୍ଧାଗଡ଼ର ପୁନଃରୁଦ୍ଧାର ପାଇଁ ଖୋର୍ଦ୍ଧା ବିକାଶ ମଞ୍ଚର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ଶଙ୍ଖଭବନ ଠାରେ ବିଜେଡି ଖୋର୍ଦ୍ଧା ଜିଲା ପର୍ଯ୍ୟବେକ୍ଷକ ରବୀନ୍ଦ୍ର ଜେନାଙ୍କୁ ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ଅନୁଷ୍ଠାନର ସଭାପତି ଆଇନଜୀବୀ ନରେନ୍ଦ୍ର ପୃଷ୍ଟିଙ୍କ ସମେତ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଜେଡି ଜିଲା ସଭାପତି ବିଭୂତି ବଳବନ୍ତରାୟ, ପ୍ରଫେସର ନାରାୟଣ ରାଓ, ଗବେଷକ ଅଧ୍ୟାପକ ଗୋପାଳ କୃଷ୍ଣ ଦାସ, ସାମାଜିକ କର୍ମୀ ସୁବାସ ସାମନ୍ତରାୟ, ଗିରିଜା ପଟ୍ଟନାୟକ, ସୁଶିଲ ମହାନ୍ତି, ମଧୁସୂଦନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ୧୫୬୮ ମସିହାରେ ଗଜପତି ରାମଚନ୍ଦ୍ର ଦେଓ ଖୋର୍ଦ୍ଧାଗଡ଼ ପ୍ରତିଷ୍ଠା କରିଥିଲେ। ଖ୍ରୀ.୧୫୭୨ ମସିହାରୁ ୧୮୦୪ ମସିହା ପର୍ଯ୍ୟନ୍ତ ଖୋର୍ଦ୍ଧା ଥିଲା ଓଡ଼ିଶାର ରାଜଧାନୀ। ୧୯୯୦ ମସିହାରେ ଏହି ଗଡ଼ରେ ଏକ ଲାଇଟ୍ ଓ ସାଉଣ୍ଡ ଉତ୍ସବରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏହି ଗଡ଼ର ପୁନଃରୁଦ୍ଧାର କରାଯିବା ପାଇଁ ଘୋଷଣା କରିଥିଲେ। ୨୦୧୮ ମସିହାରେ ସାମାଜିକ ଅନୁଷ୍ଠାନ ନିୟୁଥିଙ୍କିଙ୍ଗ୍ ଫୋରମ୍ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ପାଇକ ବିଦ୍ରୋହର ଦ୍ୱିଶତ ବର୍ଷ ପୂର୍ତ୍ତି ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ପୁନଃରୁଦ୍ଧାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଗଡ ପୁନରୁଦ୍ଧାର ହେଲେ ଓଡ଼ିଆ ଜାତିର ଅସ୍ମିତା, ଗୌରବ ବୃଦ୍ଧି ପାଇବ ବୋଲି ଦର୍ଶାଯାଇଛି।

## ଖୋର୍ଦ୍ଧାରେ ଧର୍ମେନ୍ଦ୍ର- ଭର୍ତ୍ତୃହରିଙ୍କୁ ଏକାଠି ନେଇ ଚର୍ଚ୍ଚା

**ଖୋର୍ଦ୍ଧା,୭।୭(ପ୍ରଭାତ ପାଣିଗ୍ରାହୀ)**

ବରୁଣେଇ ପାଦଦେଶରେ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ ସ୍ଥଳରେ କାର୍ଯ୍ୟର ଅଗ୍ରଗତି ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମୀକ୍ଷା କରିଥିଲେ। ଏହି ସମୟରେ କଟକ ଏମ୍‌ପି ଭର୍ତ୍ତୃହରି ମହାତାବ ମଧ୍ୟ ପହଞ୍ଚିଥିଲେ। ତେବେ ଗୋଟିଏ ସ୍ଥାନରେ ଧର୍ମେନ୍ଦ୍ର ଏବଂ ଶାସକ ଦଳ ଏମ୍‌ପି ମହାତାବଙ୍କୁ ନେଇ ଚର୍ଚ୍ଚା ଯୋର ଧରିଥିଲା। ଉଭୟ ଦୀର୍ଘ ସମୟ ଧରି ନିର୍ମାଣ ସ୍ଥଳରେ ପ୍ରଶାସନିକ ଏବଂ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ପରାମର୍ଶ ମଧ୍ୟ ଦେଇଥିଲେ। ଏନେଇ ମହାତାବ କହିଛନ୍ତି, ନୟାଗଡ ଜିଲା ଦିଶା ବୈଠକରେ ଯୋଗଦେବା ଲାଗି ଯାଇଥିଲି। ଫେରିବା ବାଟରେ ଖୋର୍ଦ୍ଧା କଥା ମନେ ପଡିଗଲା। ପାଇକ ସ୍ମାରକୀ ସ୍ଥଳରେ ନିର୍ମାଣ କାର୍ଯ୍ୟ କିପରି ଚାଲିଛି ଦେଖିବାକୁ ଆସିଥିଲି। ସୌଜନ୍ୟତା ବଶତଃ କେନ୍ଦ୍ରମନ୍ତ୍ରୀ ପ୍ରଧାନ ମଧ୍ୟ ଏଠାକୁ ଆସିଥିବା ଜାଣିବାକୁ ପାଇଥିଲି। ପାଇକ ସ୍ମାରକୀ ଓଡ଼ିଆ ଜାତିର ଅସ୍ମିତା। ସମସ୍ତଙ୍କ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ। ମୁଁ ଦଳୀୟ ନେତା ଭାବେ ନୁହଁ ବରଂ ପାଇକ ମାଟିର ଗୌରବମୟ ଇତିହାସ ମୋତେ ଏଠାକୁ ଟାଣି ଆଣିଥିଲା।

## ଖୋଲିଲା ମା' ଭଗବତୀଙ୍କ ମନ୍ଦିର ହୁଣ୍ଡି: ୩.୩୮ ଲକ୍ଷ ଟଙ୍କା ମିଳିଲା

**ବାଣପୁର(ଶଙ୍କର ବସ୍ତି)/ଗମ୍ଭାରୀମୁଣ୍ଡା, ୭।୭(ଦିଲୀପ ସ୍ୱାଇଁ)**



ଖୋର୍ଦ୍ଧା ଜିଲା ବାଣପୁରର ମା' ଭଗବତୀଙ୍କ ମନ୍ଦିର ବାହାର ବେଢ଼ାରେ ଥିବା ହୁଣ୍ଡିକୁ ୬ ମାସର ବ୍ୟବଧାନ ପରେ ଅର୍ଥାତ୍ ଶୁକ୍ରବାର ଖୋଲାଯାଇଛି। ହୁଣ୍ଡିରୁ ୩ ଲକ୍ଷ ୩୮ ହଜାର ୮୦୫ ଟଙ୍କା, ୧୨ଗ୍ରାମ ୭୬୦ ମିଲିଗ୍ରାମ ରୁପା ଅଳଙ୍କାର, ୧୮କ୍ୟାରେଟ୍ ବିଶିଷ୍ଟ ୨ ଗ୍ରାମ୍ ଓଜନର ଏକ ସୁନା ହନୁମାନ ଲକେଟ ମିଳିଛି। ତେବେ ସ୍ଥାନୀୟ ୟୁକୋ ବ୍ୟାଙ୍କରେ ଥିବା ମନ୍ଦିର ଜମା ଖାତାରେ ଟଙ୍କା ଡିପୋଜିଟ କରାଯାଇଛି। ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ମା'ଙ୍କ ସେବାରେ ଲାଗିବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ କହିଛନ୍ତି। ସୂଚନା ମୁତାବକ, ମା'ଙ୍କ ନିକଟରେ ପୂଜାର୍ଚ୍ଚନା ପରେ ହୁଣ୍ଡି ଖୋଲାଯାଇ ଶ୍ରଦ୍ଧାଳୁଙ୍କ ଦ୍ୱାରା ପ୍ରଦତ୍ତ ଟଙ୍କା, ସୁନା ଓ ରୁପା ବାହାର କରାଯାଇ ମନ୍ଦିର କାର୍ଯ୍ୟାଳୟ କର୍ମଚାରୀ, ସେବାୟତ ଓ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଗଣତି କରାଯାଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସ୍ଥାନୀୟ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ସଭ୍ୟା ସ୍ଥାନୀୟ ବିଡିଓ ଶୀତଲ ଅଗ୍ରୱାଲ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ, ସ୍ଥାନୀୟ ଆଇଆଇସି ଜୟପ୍ରକାଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଆଦର୍ଶ ଶ୍ମଶାନ 'ମୋକ୍ଷସ୍ଥଳ' ଉଦ୍‌ଘାଟିତ



ମୋକ୍ଷସ୍ଥଳ ଉଦ୍‌ଘାଟନ ଅବସରରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟମାନେ।

**ଖୋର୍ଦ୍ଧା,୭।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ଟିଏଲସି ଠାରେ ଆଦର୍ଶ ଶ୍ମଶାନ (ମୋକ୍ଷସ୍ଥଳ) ଶୁକ୍ରବାର ଲୋକାର୍ପିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉନ୍ନତି ଯୋଜନାରେ ୯୯,୯୮ହଜାର ବ୍ୟୟ ଅଟକଳରେ ଏହି ଆଦର୍ଶ ଶ୍ମଶାନ ନିର୍ମାଣ କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ଜନସାଧାରଣ ସେମାନଙ୍କ ମୃତ ଆତ୍ମୀୟଙ୍କ ଶବକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସମ୍ମାନର ସହ ଶବ ଦାହ କରିପାରିବେ। ଏହି ଶ୍ମଶାନରେ ଏକ ସମୟରେ ୨ଟି ଶବଦାହ ହୋଇପାରିବ। ଏଠାରେ ଗାଧୁଆ ଘର, ଶବଦାହ ସାମଗ୍ରୀ ନିମନ୍ତେ ଆବଶ୍ୟକ ଦୋକାନ ଘର, ପ୍ରତୀକ୍ଷା ଘର ଓ ପାନୀୟଜଳର ବ୍ୟବସ୍ଥା ରହିଛି। ଉଦ୍‌ଘାଟନ ଉତ୍ସବରେ ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରିଜୱାନା କିଅକବ, ୧୦ ନମ୍ବର ୱାର୍ଡ କାଉନସିଲର ମୋନାଲିସା ସିଂହ, କନିଷ୍ଠଯନ୍ତ୍ରୀ ନିହାର ରଞ୍ଜନ ସାହୁଙ୍କ ସମେତ ପୌର ପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରକାଶ ଯେ, ୧୬ ଡିସେମ୍ବର ୨୦୨୦ ରେ ବିଧାୟକ ମିତ୍ର ଏହି ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିଲେ।

# 'ପ୍ରସ୍ତାବିତ ପାଇକ ସ୍ମାରକୀ ପାଇଁ ନିଆଯାଇଛି ପଦକ୍ଷେପ'

**ଖୋର୍ଦ୍ଧା,୭।୭(ପ୍ରଭାତ ପାଣିଗ୍ରାହୀ)**

୨୦୧୭ରେ ନୂଆଦିଲୀରେ ଦ୍ୱି ଶତବାର୍ଷିକ ପାଳନ କରାଯାଇଥିଲା। ୨୦୧୮ ଅଗଷ୍ଟ ୧୧ରେ ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂହ ପ୍ରସ୍ତାବିତ ସ୍ମାରକୀ ନିର୍ମାଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଇଣ୍ଡିଆନ ଅଏଲ ଫାଉଣ୍ଡେଶନ ଦେବାକୁ କହିଥିଲେ। ସେହିବର୍ଷ ଡିସେମ୍ବର ୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବରୁଣେଇ ପାଦଦେଶରେ ପାଇକ ବିଦ୍ରୋହର ସ୍ମାରକୀ ମୁଦ୍ରା ଓ ଷ୍ଟାମ୍ପ ଉନ୍ମୋଚନ କରିଥିଲେ। ୨୦୧୯ ଜୁଲାଇରେ ଓଡ଼ିଶା ସରକାର ୯.୫ ଏକର ଜମି ସ୍ମାରକୀ ନିର୍ମାଣ ପାଇଁ ଜମି ପ୍ରଦାନ କରିଥିଲେ। ସେହିବର୍ଷ ନଭେମ୍ବର ୬ରେ ତତ୍କାଳୀନ ସଂସ୍କୃତି ମନ୍ତ୍ରୀଙ୍କ ସହ ସମୀକ୍ଷା କରିଥିଲେ। ୨୦୧୯ ଡିସେମ୍ବର ୮ ତତ୍କାଳୀନ ରାଷ୍ଟ୍ରପତି ସ୍ମାରକୀ ଶିଳାନ୍ୟାସ କରିଥିଲେ। ୨୦୨୧ ଜାନୁଆରୀ ୧୮ ଓ ଫେବୃୟାରୀ ୧୯ରେ ଇଣ୍ଡିଆନ ଅଏଲ ଫାଉଣ୍ଡେଶନ ପକ୍ଷରୁ ଖୋର୍ଦ୍ଧା ଜିଲାପାଳଙ୍କ ମଧ୍ୟରେ ପ୍ରକଳ୍ପ ସ୍ଥାନରୁ ଗଛ ସ୍ଥାନାନ୍ତର ସହ ବିଦ୍ୟୁତ ଖୁଣ୍ଟ ହଟାଇବା ପାଇଁ ପୃଥକ ପତ୍ର ଲେଖିଥିଲେ। ୨୦୨୧ ଅକ୍ଟୋବର ଓଡ଼ିଶା ସରକାରଙ୍କ ସଂସ୍କୃତି ସଚିବ, ରାଜସ୍ୱ ସଚିବ ଏବଂ ଜିଲାପାଳଙ୍କ ମଧ୍ୟରେ ପ୍ରକଳ୍ପ ସ୍ଥାନରୁ ଗଛ ଓ ବିଦ୍ୟୁତ ଖୁଣ୍ଟ ହଟାଇବା ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା। ୨୦୨୨ ଜୁଲାଇ ୧୯ରେ ଓଡ଼ିଶା ସରକାର ବରୁଣେଇରେ ମାଗଣାରେ ୯.୫ ଏକର ଜମି ଆନୁଷ୍ଠାନିକ ଭାବେ ପ୍ରଦାନ ପାଇଁ ନିଷ୍ପତ୍ତି ନେଇଥିଲେ। ଡିସେମ୍ବର ୨୦୨୨ରେ ଇଣ୍ଡିଆନ ଅଏଲ ଫାଉଣ୍ଡେଶନକୁ ଜମି ହସ୍ତାନ୍ତର କରିଥିଲେ। ୨୦୨୩ ଏପ୍ରିଲ ୫ରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ଯୁଗ୍ମ ସଚିବ, ଖୋର୍ଦ୍ଧା ଜିଲାପାଳ, ଡିଏଫଓଙ୍କ ମଧ୍ୟରେ ବୈଠକ ହୋଇଥିଲା। ଉପଯୁକ୍ତ ସ୍ଥାନରୁ ଗଛ ଓ ବିଦ୍ୟୁତ୍ ତାର ହଟାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ୨୦୨୩ ମେ' ୧୨ରେ ପୁର୍ନବାର ସଂସ୍କୃତି ମନ୍ତ୍ରଣାଳୟ ସଚିବ ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କୁ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନରୁ ଗଛ ଓ ବିଦ୍ୟୁତ୍ ତାର ହଟାଇବା ପାଇଁ ପତ୍ର ଲେଖିଥିଲେ। ପୁନର୍ବାର କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଶାନ ରେଡୀ ମୁଖ୍ୟମନ୍ତ୍ରୀ ନବନୀ ପଟ୍ଟନାୟକଙ୍କୁ ୨୦୨୩ ମେ'୨୪ରେ ପତ୍ର ଲେଖି ସଂସ୍କୃତି ମନ୍ତ୍ରଣାଳୟ ପୂର୍ବ ଅନୁରୋଧକୁ ରଖିବା ପାଇଁ ପତ୍ର ଲେଖି ଜଣାଇଥିଲେ।

# ଓଡ଼ିଶା ପାଲା ବାୟକ ପରିଷଦର କର୍ମକର୍ତ୍ତା ଚୟନ

**ଯାଁଳା,୭।୭(ବୁଲା ବାରିକ)**

ଜଟଣୀ ବ୍ଲକ ଗଙ୍ଗପଡ଼ା ଗଙ୍ଗେଶ୍ୱର ଦେବଙ୍କ ପୀଠରେ ଓଡ଼ିଶା ପାଲା ବାୟକ ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଲା ବାୟକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଆଲୋଚନା ହୋଇଥିଲା। ଏହି ଅବସରରେ ପରିଷଦର କର୍ମକର୍ତ୍ତା ଚୟନ କରାଯାଇଥିଲା। ଗୁରୁ ଧିରେନ୍ଦ୍ର କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ଉପଦେଷ୍ଟାଭାବେ ୮ଜଣଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ସେହିଭଳି ପରିଷଦର ସଭାପତିଭାବେ ରମେଶ ଚନ୍ଦ୍ର ସାସମଲ, ଉପସଭାପତି ଭୀମସେନ ବେହେରା, ସମ୍ପାଦକ ପ୍ରମୋଦ କୁମାର ପାଲଟାସିଂହ, ସହ ସମ୍ପାଦକ ତଥା ସଂଯୋଜକ ଅଶୋକ ପାତ୍ର, ସଙ୍ଗଠନ ସମ୍ପାଦକ ରବିନ୍ଦ୍ର ମୁଦୁଲିଙ୍କୁ ଚୟନ କରାଯାଇଥିଲା। ବୈଠକରେ ଓଡ଼ିଶାର ବିଭିନ୍ନ ଜିଲାର ଶତାଧିକ ବାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ କଂଗ୍ରେସ ନେତା ମନ୍ମଥ ରାଉତରାୟ ଯୋଗଦେଇ ବାୟକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ସମାଧାନ ପାଇଁ ଚେଷ୍ଟା କରିବାକୁ ପ୍ରତିଶ୍ରୁତି ଦେଇଥିଲେ।



ବୈଠକରେ ଓଡ଼ିଶା ପାଲା ବାୟକ ପରିଷଦର କର୍ମକର୍ତ୍ତା।

# ବନ୍ଦ ଡାକରାକୁ ସମର୍ଥନ ଜଣାଇଲା ମହିଳା ମଣ୍ଡଳ

**ବେଗୁନିଆ,୭।୭(ହର ପ୍ରସନ୍ନ ପଣ୍ଡା)**



ମହିଳା ମଣ୍ଡଳ ପକ୍ଷରୁ ଅନୁଷ୍ଠିତ ବୈଠକ।




ସତ୍ୟାଗ୍ରହରେ ବସିଥିବା ନାଗରିକମାନେ।

**ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ପ୍ରସଙ୍ଗ**

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି) ମାନ୍ୟତା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୀର୍ଘ ବର୍ଷ ହେବ ଦାବି ହୋଇଆସୁଛି। ପ୍ରତିଶ୍ରୁତି ମିଳୁଛି, ହେଲେ କାର୍ଯ୍ୟକାରୀ ହେଉନାହିଁ। ଏପରିକି ଖୁବ୍‌ଶୀଘ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ମିଳିବ ବୋଲି ବିଧାନସଭା ଷ୍ଟାଣ୍ଡିଂ କମିଟି ପକ୍ଷରୁ ମଧ୍ୟ ପ୍ରତିଶ୍ରୁତି ମିଳିଥିଲା। ହେଲେ ମାନ୍ୟତା ମିଳିବା ବଦଳରେ ତାଲିକାରୁ ବାଦ୍ ଦିଆଯାଇଛି। ଯାହାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇଛି। ସିଏଚ୍‌ସି ମ୍ୟାନ୍ୟତା ଦାବିରେ ଉକ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକ ପାର୍ଶ୍ୱରେ ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁଷ୍ଠିତ ଗଣ ସତ୍ୟାଗ୍ରହ ଶୁକ୍ରବାର ୪୭ଦିନ ପୂରଣ ହୋଇଛି। ପ୍ରଶାସନ ପକ୍ଷରୁ ଏଯାବତ୍ କୌଣସି ପଦକ୍ଷେପ ନ ନିଆଯିବାରୁ ତେବେ ସତ୍ୟାଗ୍ରହକୁ ବ୍ୟାପକ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସ୍ଥାନୀୟ ପ୍ରଶାସନ, ବିଭାଗୀୟ ଅଧିକାରୀ ,ସଚିବ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପତ୍ର ମାଧ୍ୟମରେ ଜଣାଯାଇଛି। ଆସନ୍ତା ୧୦ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବେଗୁନିଆ ବନ୍ଦ ରହିବ ବୋଲି ଆୟୋଜକ କମିଟି ପକ୍ଷରୁ ପତ୍ର ମାଧ୍ୟମରେ ଚେତାବନୀ ଦିଆଯାଇଛି। ସ୍ଥାନୀୟ ଅଞ୍ଚଳର ୪ରୁ ୫ଟି ମହିଳା ମଣ୍ଡଳର ସଦସ୍ୟାମାନେ ବନ୍ଦ ଆନ୍ଦୋଳନକୁ ସଫଳ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ବେଗୁନିଆ ସଦର ମହକୁମାରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ, ଥାନା, ସ୍କୁଲ କଲେଜ, ଜାତୀୟ ରାଜପଥ ବନ୍ଦ ହେଲେ ଲୋକେ ଅସୁବିଧାର ସମ୍ମୁଖୀନ ହେବେ। ଏଥିପାଇଁ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୭।୨୦୨୩

| | |
|---|---|
| ୪,୦୩,୮୦୨ ଟଙ୍କା | |
| ସୁନା | ୭୦୦ ମିଲିଗ୍ରାମ୍ |
| ରୁପା | ୧୨୬.୮୫୦ ଗ୍ରାମ୍ |

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର, ସ୍ୱାମୀଙ୍କୁ ହତ୍ୟା ଧମକ

ଗୋପ,୭।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର କରିବା ସହ ସ୍ୱାମୀଙ୍କୁ ହତ୍ୟା କରିବା ଧମକ ଦେଉଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୨୯୪/୨୩) ରୁଜୁ କରିଥିବା ବେଳେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି। ପ୍ରକାଶ ଯେ, ଗୋପ ଥାନା ଅଞ୍ଚଳର ଜଣେ ମହିଳା ଗାଧୋଉଥିବା ବେଳେ ସେହି ଗ୍ରାମର ଜଣେ ଯୁବକ ଫଟୋ ଉଠାଇଥିଲେ। ଏହି ଫଟୋ ଭାଇରାଲ କରିବା ଧମକ ଦେଇ ତାଙ୍କୁ ବଳାତ୍କାର କରିଥିଲା। ଏପରିକି ତାଙ୍କ ସ୍ୱାମୀଙ୍କୁ ମାରି ଦେବି ବୋଲି ମଧ ଧମକ ଦେଉଥିଲା। ଶୁକ୍ରବାର ପୁନର୍ବାର ମହିଳାଙ୍କୁ ଯୁବକ ଜଣଙ୍କ ଧମକ ଦେଇ ବଳାତ୍କାର ଉଦ୍ୟମ କରିଥିଲା। ପରେ ମହିଳା ଜଣଙ୍କ ସବୁ କଥା ସ୍ୱାମୀଙ୍କୁ ଜଣାଇବା ପରେ ମହିଳା ଗୋପ ଥାନାରେ ଏକ ଅଭିଯୋଗ ଦେଇଥିଲା।

### ଜମିବାଡ଼ି ବିବାଦକୁ ନେଇ ବୃଦ୍ଧାଙ୍କୁ ଆକ୍ରମଣ

ନିମାପଡ଼ା,୭।୭(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଥାନା ଅନ୍ତର୍ଗତ ଡେଣ୍ଡୁଆଁ ପଞ୍ଚାୟତର ଛେନୁଆଁ ଗ୍ରାମରେ ପାରିବାରିକ ଓ ଜମିବାଡ଼ି ବିବାଦକୁ ନେଇ ଲକ୍ଷ୍ମୀ ବାହାଲିଆ(୭୦)ଙ୍କୁ ଆକ୍ରମଣ ହୋଇଛି। ଏ ନେଇ ଲକ୍ଷ୍ମୀ ୫ଜଣଙ୍କ ନାଁରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୩୦/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବୃଦ୍ଧା ଲକ୍ଷ୍ମୀଙ୍କ ଜମିବାଡ଼ିକୁ ନେଇ ପରିବାରରେ ବିବାଦ ଲାଗିରହିଥିଲା। ତାଙ୍କ ଜମି ଦେଢ଼ଶୁର ଓ ଅନ୍ୟମାନେ ଜବରଦସ୍ତ ମାଡ଼ି ବସିଛନ୍ତି। ଏ ସମ୍ପର୍କରେ ଲକ୍ଷ୍ମୀ ବାରମ୍ବାର ପ୍ରତିବାଦ କରିବାରୁ ଦେଢ଼ଶୁର ସମେତ ଅନ୍ୟମାନେ ମିଶି ଏକ ବାଡ଼ିଶରେ ମାଡ଼ ମାରିଥିଲେ। ଏଥିରେ ଲକ୍ଷ୍ମୀ ଆହତ ହୋଇଛନ୍ତି। ଏପରିକି ଆକ୍ରମଣକାରୀମାନେ ବୃଦ୍ଧାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଅପରପକ୍ଷେ ଦେଢ଼ଶୁର ଓ ଅନ୍ୟମାନେ ପୂର୍ବରୁ ମଧ ଲକ୍ଷ୍ମୀଙ୍କୁ ନିର୍ଯାତନା ଦେଇଆସୁଥିବା ନେଇ ଥାନାରେ ଅଭିଯୋଗ କରିଥିଲେ।

# ଭାରତୀୟ ପରମ୍ପରାର ବାହକ, ଜ୍ଞାନର ସାଧନ ସଂସ୍କୃତ

**ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ, ୪୩ତମ ପ୍ରତିଷ୍ଠା ଦିବସ**

- ବିଗତ ୫ ବର୍ଷର ୮୦ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ
- ୩ଜଣଙ୍କୁ ଡିଲିଟ୍, ୧୨ ପାଇଲେ ପିଏଚ୍.ଡି.
- ସର୍ବୋଚ୍ଚ ଲବ୍ଧାଙ୍କ ରଖିଥିବା ୫ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା
- ଅଚ୍ୟୁତ ସାମନ୍ତଙ୍କୁ ପ୍ରଜ୍ଞାନ ବାଚସ୍ପତି ସମ୍ମାନ
- 'ଜଗନ୍ନାଥ ଜ୍ୟୋତି', 'ଶ୍ରୀବିହାର ଭାରତୀ' ଉନ୍ମୋଚିତ

ପୁରୀ, ୭।୭(ଅଜିତ୍ ମହାନ୍ତି)

ବିଶ୍ୱରେ ଭାରତବର୍ଷର ସ୍ୱତନ୍ତ୍ର ପରିଚୟ ହେଉଛି ଏହାର ସଂସ୍କୃତି ଓ ସଂସ୍କୃତ ଭାଷା, ଯିଏ ସଂସାରକୁ ଯୁଦ୍ଧ ବିଭୀଷିକା ଛାଡ଼ି ପ୍ରେମରେ ବଞ୍ଚିବାର ବାର୍ତ୍ତା ଦେଇଥାଏ। ମଙ୍ଗଳ ଗ୍ରହ ଓ ଚନ୍ଦ୍ରରେ ଅନ୍ୟମାନେ ଗୃହ ନିର୍ମାଣ କରିବା ପାଇଁ ଚିନ୍ତା କରୁଥିବା ବେଳେ ଆମ ଦେଶ ଗ୍ରହ ଓ ଉପଗ୍ରହଙ୍କୁ ନିଜମାଟିରେ ପୂଜା କରି ବିଭୁପ୍ରଦତ୍ତ ସୌନ୍ଦର୍ଯ୍ୟମୟ ପରିବେଶକୁ ଭୋଗ କରିବା ପାଇଁ ନିମନ୍ତ୍ରଣ କରେ। ଆମେ ଉଭୟ ଆଧୁନିକ ବିଜ୍ଞାନ, ପ୍ରାଚୀନ ପରମ୍ପରା. ଶାସ୍ତ୍ର, ପୁରାଣ ଓ ସଂସ୍କୃତକୁ ନେଇ ଆଗକୁ ବଢ଼ିବା। ସଂସ୍କୃତ ହିଁ ସବୁ ଭାଷାର ଜନନୀ। ୧୯୮୧ ମସିହାରେ ପ୍ରତିଷ୍ଠିତ ତଥା ୪୨ବର୍ଷ ପୂରଣ କରିଥିବା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ବହୁ ବିଦ୍ୱାନ, ବାଗ୍ମୀ ବାହାରିଛନ୍ତି ବୋଲି ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ଉତ୍ସବକୁ ଉଦ୍‌ଘାଟନ କରି କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି।

ଦିବସର ପ୍ରଥମାର୍ଦ୍ଧରେ ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟାର୍ଦ୍ଧରେ ୪୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଏଥିରେ ରାଜ୍ୟପାଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପଦ୍ମଭୂଷଣ ତଥା ଜ୍ଞାନପୀଠ ପୁରସ୍କାରରେ ସମ୍ମାନିତ ଡ. ପ୍ରତିଭା ରାୟ ଯୋଗଦେଇ ସଂସ୍କୃତ ହେଉଛି ଭାରତୀୟ ପରମ୍ପରାର ବାହକ ଓ ଜ୍ଞାନର ସାଧନ ବୋଲି କହିଥିଲେ। ସେ ଚକ୍ର ପ୍ରସଙ୍ଗ ଅବତାରଣ କରି କହିଥିଲେ, ଚକ୍ରର କେନ୍ଦ୍ରବିନ୍ଦୁ ପରମାତ୍ମା ଓ ଅନ୍ୟ ସମସ୍ତ ଜୀବ, ଜଡ଼ ଏହାର ଅର ସଦୃଶ। ଗୋଟିକର ଅଭାବ ସମସ୍ତ ଚକ୍ରର ଗତିକୁ ପ୍ରଭାବିତ କରେ। ସେହିପରି ସଂସ୍କୃତ ଓ ସଂସ୍କୃତିରେ ଏକ ସମନ୍ୱିତ ଓ ସୁସଂହତ ସଭ୍ୟତା ରହିଛି ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କୁଳସଚିବ ସୁମିତ୍ରା ପଟ୍ଟନାୟକ ୨୦୧୮ରୁ ୨୦୨୨ ମସିହା ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର କୃତିତ୍ୱ ସଂକ୍ରାନ୍ତ ବିବରଣୀ ପାଠ କରିଥିଲେ। ଉତ୍ସବରେ ଏମ୍‌ପି ତଥା କିସ୍ ଓ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ପ୍ରଜ୍ଞାନ ବାଚସ୍ପତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ୩ଜଣଙ୍କୁ ଡିଲିଟ୍, ୧୨ଜଣଙ୍କୁ ପିଏଚ୍.ଡି., ପୂର୍ବ ୫ବର୍ଷରେ ଆଚାର୍ଯ୍ୟ (ଏମ୍‌ଏ) ଶ୍ରେଣୀରେ ସର୍ବୋଚ୍ଚ ଲବ୍ଧାଙ୍କ ରଖିଥିବା ୫ଜଣ ଛାତ୍ରୀଛାତ୍ରଙ୍କୁ କୁଳାଧିପତିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ୮ଟି ସ୍ନାତକୋତ୍ତର ବିଭାଗ ଶିକ୍ଷାଶାସ୍ତ୍ରୀ ବିଭାଗର ବିଗତ ୫ ବର୍ଷର ୮୦ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଉତ୍ସବକୁ ବ୍ୟାକରଣ ବିଭାଗ ମୁଖ୍ୟ ଡ. ପ୍ରିୟବ୍ରତ ମିଶ୍ର ସଂଯୋଜନା କରିଥିଲେ। ଶେଷରେ କୁଳାଧିପତି, ମୁଖ୍ୟ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭା ସାମନ୍ତଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

ସେହିପରି କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ବିଶ୍ୱବିଦ୍ୟାଳୟର ୪୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଯୋଗଦେଇ କହିଥିଲେ, ସଂସ୍କୃତ ଭାଷା ଭାରତୀୟ ଭାଷାଗୁଡ଼ିକର ଜନନୀ। ଏହାର ସାହିତ୍ୟ ନୈତିକ ଓ ଆଧାତ୍ମିକତାର ଶିକ୍ଷାଦିଏ। ତେଣୁ ମାନବକୁ ତା'ର ପ୍ରକୃତ ପରିଚୟ ପାଇବାକୁ ହେଲେ ସଂସ୍କୃତ ଅଧ୍ୟୟନର ଆବଶ୍ୟକତା ରହିଛି। ସଭା କାର୍ଯ୍ୟ ଆରମ୍ଭରେ ବିଶ୍ୱବିଦ୍ୟାଳୟର କୁଳସଚିବ ସୁମିତ୍ରା ପଟ୍ଟନାୟକ ୨୦୨୨-୨୩ ଶିକ୍ଷାବର୍ଷର ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଶୋଧ ପତ୍ରିକା 'ଜଗନ୍ନାଥ ଜ୍ୟୋତି' ଓ ନିଉଜ୍ ବୁଲେଟିନ୍ 'ଶ୍ରୀବିହାର ଭାରତୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ବିଭିନ୍ନ ବିଭାଗର ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ସ୍ନାତକୋତ୍ତର ପରିଷଦ ସଦସ୍ୟ, ବିଦ୍ୟା ପରିଷଦ ସଦସ୍ୟ, ଅଣଶିକ୍ଷକ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ୟାକରଣ ବିଭାଗ ମୁଖ୍ୟ ଡ. ପ୍ରିୟବ୍ରତ ମିଶ୍ର ଏବଂ ଶିକ୍ଷାଶାସ୍ତ୍ରୀ ବିଭାଗର ଅଧାପିକା ଡ. ନିବେଦିତା କର ସଂଯୋଜନା କରିଥିଲେ।



ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଏବଂ ଅନ୍ୟ ଅତିଥିଙ୍କ ସହ ସ୍ୱର୍ଣ୍ଣପଦକ ପ୍ରାପ୍ତ ଛାତ୍ରୀଛାତ୍ର। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ଅଗଷ୍ଟ ୯ରେ ବୀରରାମଚନ୍ଦ୍ରପୁର ସରପଞ୍ଚ ପଦ ପାଇଁ ଉପନିର୍ବାଚନ

ସାକ୍ଷୀଗୋପାଳ, ୭।୭
(ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବୀରରାମଚନ୍ଦ୍ରପୁର ପଞ୍ଚାୟତର ସରପଞ୍ଚ ପଦବୀ ନିମନ୍ତେ ଉପନିର୍ବାଚନ ବିଧିବଦ୍ଧ ଭାବେ ଉପଜିଲାପାଳ, ପୁରୀଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତ ମାସ ୧୦ତାରିଖରେ ଏହି ଉପନିର୍ବାଚନ ନିମନ୍ତେ ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ସରପଞ୍ଚ ପଦବୀ ଉପନିର୍ବାଚନ ନିମନ୍ତେ ବିଜ୍ଞପ୍ତି ପାଇବ। ଆସନ୍ତା ୧୪,୧୫ ଓ ୧୭ ତାରିଖରେ ମନୋନୟନ ପତ୍ର ପ୍ରଦାନ କରାଯିବ। ୧୮ ତାରିଖରେ ସ୍କ୍ରୁଟିନି କରାଯିବ ଓ ଯୋଗ୍ୟ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇବ। ୨୦ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଅନୁଷ୍ଠିତ ହେବ ଓ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ସହ ଅଗଷ୍ଟ ୯ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ପଞ୍ଚାୟତର ୧୫ଟି ବୁଥରେ ଭୋଟ ଗ୍ରହଣ କରାଯିବ। ଅଗଷ୍ଟ ୧୧ ତାରିଖରେ ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣତି କରାଯିବ ଓ ଫଳାଫଳ ଘୋଷଣା କରାଯିବ। ଅଗଷ୍ଟ ୧୪ ତାରିଖରେ ସରକାରୀ ଭାବରେ ବିଜୟ ଲାଭ କରିଥିବା ସରପଞ୍ଚ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇବ। ଅଗଷ୍ଟ ୧୬ ରେ ଏହି ଉପନିର୍ବାଚନ ଫଳାଫଳ ରିପୋର୍ଟ ନିର୍ବାଚନ କମିଶନଙ୍କୁ ପ୍ରଦାନ କରାଯିବ। ପ୍ରକାଶ ଥାଉକି, ସରପଞ୍ଚ ଦୀପା ବେହେରାଙ୍କର ଏକ ରାସ୍ତା ଦୁର୍ଘଟଣାରେ ପରଲୋକ ହେବା ପରେ ଏହି ଉପନିର୍ବାଚନ ଅନୁଷ୍ଠିତ ହେବ।

# ଜହ୍ନିକୁଦା-ସାତପଡ଼ା ବ୍ରିଜ୍ ନିର୍ମାଣ କରାଯାଉ

**କେନ୍ଦ୍ର ମନ୍ତ୍ରୀଙ୍କୁ ସେତୁ ନିର୍ମାଣ ସମିତିର ଦାବିପତ୍ର**

ପୁରୀ, ୭।୭(ଅଜିତ୍ ମହାନ୍ତି):

ଉପକୂଳ ଜାତୀୟ ରାଜପଥ ତା'ର ଦିଗ ବଦଳାଇବା ପରେ କେନ୍ଦ୍ର ପରିବେଶ ବିଭାଗ ଗତ ୨୦୨୧ ମସିହାରେ ଗୋପାଳପୁରରୁ ସାତପଡ଼ା ୭୨କିମି ପର୍ଯ୍ୟନ୍ତ ଆଉ ଏକ ଜାତୀୟ ରାଜପଥ କରିଛି। ସେଥିରେ ଜହ୍ନିକୁଦାରୁ ସାତପଡ଼ା ବ୍ରିଜ ନିର୍ମାଣ ସମ୍ଭବ ହୋଇପାରିବ। ଏଥିଲାଗି ପ୍ରାଥମିକ ପର୍ଯ୍ୟାୟରେ ୬୫୯ କୋଟି ଟଙ୍କା ଆକଳନ ହୋଇଛି। ନଳବଣ ପକ୍ଷୀ ଅଭୟାରଣ୍ୟ ୨୪ କିମି ଦୂରରେ ଥିବାବେଳେ ପରିବେଶ ବିଭାଗ ୭କିମି ଲେଖାକୁ ବିରୋଧ କରିଛି ଜହ୍ନିକୁଦା-ସାତପଡ଼ା ସେତୁ ନିର୍ମାଣ ସମିତି। ପରିବେଶ ଓ ଜୈବ ବିବିଧତାକୁ ଦୃଷ୍ଟି ରେ ରଖି ଜହ୍ନିକୁଦାରୁ ମଏଁସା ଓ ବ୍ରହ୍ମପୁରରୁ ସାତପଡ଼ା ମଝିରେ ଥିବା ଦୁଇଟି ନାଳରେ ଦୁଇଟି ଛୋଟ ବ୍ରିଜ ନିର୍ମାଣ ହେଲେ ଚିଲିକାର କିଛି କ୍ଷତି ହେବନାହିଁ ବୋଲି ଦର୍ଶାଯାଇ ସମିତି ପକ୍ଷରୁ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଶୁକ୍ରବାର ପୁରୀ ସର୍କିଟ ହାଉସରେ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଉଲ୍ଲେଖ ହୋଇଛି ଯେ, ନୂଆ ପ୍ରୋଜେକ୍ଟ ଅନୁଯାୟୀ ସବ୍‌କମିଟି ସ୍ଥଳ ପରିଦର୍ଶନ କରୁ। ଜାତୀୟ ରାଜପଥ ବିଭାଗ ଦୁଇବର୍ଷ ପରେ ବି ରିପୋର୍ଟ ଦେଉନାହିଁ। ବ୍ରିଜ ହେଲେ ଜଳଜୀବ ଡଙ୍ଗା ଓ ଭେସେ ମାଡ଼ରୁ ବର୍ତ୍ତିବେ। ପରିବେଶରେ ସୁଧାର ଆସିବ। କୃଷ୍ଣପ୍ରସାଦ ଲୋକେ ବନ୍ୟା ବେଳେ ବିଶେଷ ହଇରାଣ ହେବେନାହିଁ। ଆଞ୍ଚଳିକ ବିକାଶ ହୋଇପାରିବ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ତେବେ କେନ୍ଦ୍ରମନ୍ତ୍ରୀ ଟୁଡୁ ଖୁବଶୀଘ୍ର ବିଭାଗୀୟ ମନ୍ତ୍ରୀଙ୍କ ସହ ଯୋଗାଯୋଗ କରି ନୂଆ ପ୍ରୋଜେକ୍ଟ ପାଇଁ ପଦକ୍ଷେପ ନେବେ ବୋଲି କହିଛନ୍ତି। ଆସନ୍ତା ଦିନରେ ସାତପଡ଼ା-ଜହ୍ନିକୁଦା ନାଳରେ ଦୁଇଟି ଛୋଟ ବ୍ରିଜ ନିର୍ମାଣରେ ବିଳମ୍ବ ହେଲେ ଜହ୍ନିକୁଦା ସାତପଡ଼ା ସେତୁ ନିର୍ମାଣ ସମିତି ଗାଁ ଗାଁରେ ଜନ ଆନ୍ଦୋଳନ କରିବ ବୋଲି ଘୋଷଣା କରିଛି। ଦାବିପତ୍ର ପ୍ରଦାନ ସମୟରେ ସମିତିର ସଭାପତି ଅଭିମନ୍ୟୁ ଜେନା, ସମ୍ପାଦକ ଶରତ କୁମାର ରାୟଗୁରୁ, ଦେବେନ୍ଦ୍ର ନାଥ ତରେଇ ଏବଂ ବାବୁଲି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।



କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ସେତୁ ନିର୍ମାଣ ସମିତି ପକ୍ଷରୁ ଦାବିପତ୍ର ଦିଆଯାଉଛି।

## ଛାତ୍ରୀଙ୍କୁ ଡରାଇବାରୁ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ମାଡ଼

ଗୋପ,୭।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଞ୍ଚଳରେ କେତେଜଣ ସ୍କୁଲ ଛାତ୍ରୀଙ୍କୁ ଡରାଇବାରୁ ଶୁକ୍ରବାର ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ଆସିଛି। ଏହି ଯୁବକ ଜଣଙ୍କୁ ମାଡ ମାରିଥିବା ଯୁବକମାନେ ଥାନାରେ ଜିମା ଦେଇଥିଲେ। ପୋଲିସ ଏହି ଯୁବକକୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ପରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ପୁରୀ ପଠାଇ ଦେଇଥିଲା। ମାତ୍ର ପୋଲିସ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ରେଫର ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ଘରକୁ ପଠାଇ ଦେଇଛି। ପ୍ରକାଶ ଯେ, ଏହି ମାନସିକ ବିକାରଗ୍ରସ୍ତ ଯୁବକ ଜଣଙ୍କ ବିଭିନ୍ନ ସମୟରେ ଛୋଟ ପିଲାଙ୍କୁ ଭୟଭୀତ କରିଥାଏ। ଶୁକ୍ରବାର ସେ କିଛି ଝିଅଙ୍କୁ ଡରାଇବାରୁ ତାଙ୍କ ସମ୍ପର୍କୀୟଙ୍କ ସହ କିଛି ଯୁବକ ଏକତ୍ରିତ ହୋଇ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ମାଡ ମାରି ଥାନାରେ ଜିମା ଦେଇଥିଲେ। ପୋଲିସ ପ୍ରଥମେ ଚିକିତ୍ସା ପାଇଁ ଗୋପ ଡାକ୍ତରଖାନାକୁ ନେଇଥିଲା। ଡାକ୍ତର ଉକ୍ତ ଯୁବକଙ୍କ ଦେହ ଅତ୍ୟନ୍ତ ଖରାପ ଥିବାରୁ ପୁରୀ ସଦର ହସ୍ପିଟାଲକୁ ସ୍ଥାନାନ୍ତରିତ କରିଥିଲା। କିନ୍ତୁ ପୋଲିସ ତାଙ୍କୁ ଘରକୁ ଛାଡ଼ିଦେଇଛି। ଏପରି ଏକ ଘଟଣା ରେ ପୋଲିସ କିଛିପ୍ରତିକ୍ରିୟା ଦେଇ ନ ଥିବାବେଳେ ଏହି ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଭୂତି ଭଷଣ ସାହୁଙ୍କୁ ପଚାରିବାରେ ଯୁବକ ଜଣଙ୍କ ପ୍ରାୟତଃ ସମୟରେ ପିଲାମାନଙ୍କୁ ଭୟଭୀତ କରୁଥିବାରୁ ଆଜି ଏପରି ଅବସ୍ଥା ଉପୁଜିଥିଲା।

## ରାଜ୍ୟରେ ଏବେ ସଚିବଙ୍କ ଶାସନ ଚାଲିଛି: ଟୁଡୁ

ପୁରୀ, ୭।୭(ଅଜିତ୍ ମହାନ୍ତି):

କେନ୍ଦ୍ରମନ୍ତ୍ରୀ ବିଶ୍ୱେଶର ଟୁଡୁ ତାଙ୍କ ପୁରୀ ଗସ୍ତ ସମୟରେ ଶୁକ୍ରବାର ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ରାଜ୍ୟରେ ବର୍ତ୍ତମାନ ସଚିବଙ୍କ ଶାସନ ଚାଲିଥିବା ସେ କହିଛନ୍ତି। ସେହିପରି ଅଣ୍ଡା ଉପାଖ୍ୟାନ କଥା ମଧ କହିଛନ୍ତି। ୫-ଟି ସଚିବଙ୍କୁ ନେଇ କେନ୍ଦ୍ର ସରକାର ଦେଇଥିବା ଚିଠିକୁ ସମ୍ମାନ ଜଣାଇ ଯାହା କରିବା କଥା ରାଜ୍ୟ ସରକାର କରିବା ଉଚିତ୍। ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଚିଠିର ଉତ୍ତର ଦେବା ସହ କାର୍ଯ୍ୟାନୁଷ୍ଠାନ ନେବା ଉଚିତ୍। ଯଦି ସରକାର କୌଣସି ପଦକ୍ଷେପ ନେଉନାହାନ୍ତି, ତେବେ ରାଜ୍ୟବାସୀ ତା'ର ଉତ୍ତର ଦେବେ। ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କର ଯଦି ସତ୍‌ସାହସ ଥିବ ତାହା ହେଲେ ୫-ଟି ସଚିବଙ୍କୁ ନେଇ ଭାରତ ସରକାରଙ୍କୁ ରିପୋର୍ଟ ଦେବେ। ଯଦି ଅବସର ପରେ ୬ମାସିଆ ବୃଦ୍ଧିକୁ ମନ ବଳାଇଥିବେ ତାହା ହେଲେ ରିପୋର୍ଟ ଦେଇପାରିବେ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ଯଦି ନୈତିକ ମୂଲ୍ୟବୋଧ ଥିବ, ତାହାହେଲେ ଭାରତ ସରକାରଙ୍କ ନିକଟରେ ଉତ୍ତର ରଖିବେ। ବ୍ରିଟିଶ ଅମଳରେ ଯେମିତି ଶାସନ ଚାଲିଥିଲା, ସେମିତି ଓଡ଼ିଶାରେ ଶାସନ ଚାଲିଛି। ଗଣତନ୍ତ୍ର ରାଷ୍ଟ୍ରରେ ମନ୍ତ୍ରୀଙ୍କୁ ପଛରେ ପକାଇ ଆଗରେ ସଚିବ କ'ଣ କେମିତି କରାଯିବ କହୁଛନ୍ତି। ଅଣ୍ଡାମାଡ଼କୁ ନେଇ ମନ୍ତ୍ରୀ ଟୁଡୁ କହିଛନ୍ତି, ବର୍ତ୍ତମାନ ଶ୍ରାବଣ ମାସରେ ଘରେ ଅଣ୍ଡା ପଶୁନାହିଁ। ତେଣୁ ଅଣ୍ଡା ବାହାରେ ଫିଙ୍ଗୁଛନ୍ତି।

## ସତ୍ୟବାଦୀ ହାଇସ୍କୁଲରୁ ଖସିଲା ପ୍ଲାଷ୍ଟର

ସାକ୍ଷୀଗୋପାଳ, ୭।୭
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ଉଚ୍ଚ ବାଳକ ବିଦ୍ୟାଳୟ ସ୍ମାର୍ଟ ବିଦ୍ୟାଳୟ ଭାବେ ମାନ୍ୟତା ପାଇବାର ଗୋଟିଏ ବର୍ଷ ଭିତରେ ବିଦ୍ୟାଳୟକୁ ନେଇ ନାନା ବିବାଦ ଲାଗି ରହିଛି। କାର୍ଯ୍ୟାଳୟଠାରୁ ଆରମ୍ଭ କରି ଶ୍ରେଣୀକକ୍ଷ, ବିଜ୍ଞାନ ଗୃହ ଶିକ୍ଷକ କମନ ରୁମ ଛାତରୁ ସିମେଣ୍ଟ ପ୍ଲାଷ୍ଟର ଖସିଆସୁଛି। ତେବେ ଶୁକ୍ରବାର ପୁଣି ସେହି ସ୍ମାର୍ଟ କ୍ଲାସ ରୁମରୁ ଏକ ବିରାଟ ପ୍ଲାଷ୍ଟର ଖସିଯାଇଛି। ପ୍ଲାଷ୍ଟର ଖସି ଛାତ୍ରୀଛାତ୍ର ବସୁଥିବା ଟେବୁଲ ଉପରେ ପଡିଥିବା ବେଳେ ସୌଭାଗ୍ୟବଶତଃ ସେତେବେଳେ କେହି ଛାତ୍ରୀଛାତ୍ର ଉପସ୍ଥିତ ନ ଥିଲେ। ସେହିପରି ଲାଇବ୍ରେରି ଘରୁ ମଧ ଏକ ବିରାଟ ପ୍ଲାଷ୍ଟର ଖଣ୍ଡ ଖସିଥିବାର ଦେଖିବାକୁ ମିଳିଥିଲା। ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ସବୁ ବିପଦପୂର୍ଣ୍ଣ ରୁମରେ ସ୍କୁଲ କର୍ତ୍ତୃପକ୍ଷ ଏବେ ଶିକ୍ଷାଦାନ ବନ୍ଦ କରିଛି। ହେଲେ ବିଦ୍ୟାଳୟର ପୁରୁଣା ଆଜବେଷ୍ଟସ ଘରେ ଏବେ ବି ପିଲାଙ୍କୁ ଶିକ୍ଷାଦାନ ଦେବା ଯୋଗୁ ସ୍ମାର୍ଟ ବିଦ୍ୟାଳୟର ସୁବିଧା ସୁଯୋଗ ଛାତ୍ରୀଛାତ୍ର ପାଇପାରୁ ନାହାନ୍ତି। ଏଥିପ୍ରତି ସ୍କୁଲ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଯଥାଶୀଘ୍ର ନିର୍ମାଣ କାର୍ଯ୍ୟ ସାରିବାକୁ ଦାବି ହେଉଛି।

## ୬ ଜଣ ପାଇବେ ଉତ୍କଳଶ୍ରୀ ସମ୍ମାନ

ପୁରୀ, ୭।୭ (ଅଜିତ୍ ମହାନ୍ତି):

ଆସନ୍ତା ୮ ଓ ୯ ତାରିଖ ସନ୍ଧ୍ୟାରେ ପୁରୀ ସଂସ୍କୃତି ଭବନରେ ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍କଳଶ୍ରୀ ସମ୍ମାନ-୨୦୨୩ ଆୟୋଜନ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ୬ଜଣଙ୍କୁ ଉତ୍କଳଶ୍ରୀ ସମ୍ମାନ ପ୍ରଦାନ କରାଯିବ। ୮ତାରିଖରେ ମର୍ଦ୍ଦଳ ଗୁରୁ ସଚ୍ଚିଦାନନ୍ଦ ଦାସ, ଓଡ଼ିଶୀ ଗୁରୁ ମୀରା ଦାସ ଓ ଗୁରୁ ନିମାକାନ୍ତ ରାଉତରାୟଙ୍କୁ ଉତ୍କଳଶ୍ରୀ ସମ୍ମାନରେ ସମ୍ମାନିତ କରାଯିବ। ୯ତାରିଖରେ ଓଡ଼ିଶୀ ନୃତ୍ୟ ଗୁରୁ ମନୋରଞ୍ଜନ ପ୍ରଧାନ ଓ ମୀନତି ପ୍ରଧାନ, ଓଲିଉଡ୍ ଅଭିନେତ୍ରୀ ଗୁନଗୁନ୍ ଏବଂ ଅନୁ ଚୌଧୂରୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ନବପ୍ରତିଭା ଏବଂ ସାକ୍ଷୀଗୋପାଳ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏନେଇ ଶୁକ୍ରବାର ଅନୁଷ୍ଠାନ ପକ୍ଷରୁ ଉକ୍ତ ସାଲବେଗ ପୀଠରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

## ଭାରତ ବିକାଶ ପରିଷଦ ପକ୍ଷରୁ ବାଲ୍ ସଂସ୍କାର ଶିବିର

ସାକ୍ଷୀଗୋପାଳ, ୭।୭(ଭରତ ରାଉତ)

ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖା ପକ୍ଷରୁ କାଦୁଆସ୍ଥିତ ମହନ୍ତ ବଳରାମ ଦାସ ବିଦ୍ୟାପୀଠରେ ବାଲ୍ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜରେ ଦେଖାଦେଉଥିବା ସାମାଜିକ ଅଧୋଗତିର ଉନ୍ନତି ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାରତୀୟ ସଂସ୍କୃତିର ବିକାଶ ପାଇଁ ଏହା ଏକ ପ୍ରୟାସ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଭାରତ ବିକାଶ ପରିଷଦର ଆଭିମୁଖ୍ୟ, ଯୋଗର ଉପକାରିତା, ଭାରତୀୟ ସଂସ୍କୃତିର ବିକାଶ, ଦୈନନ୍ଦିନ ଜୀବନ ପରିଚର୍ଯ୍ୟା, ରାମାୟଣ ଓ ମହାଭାରତର ମୂଲ୍ୟବୋଧ, ପଣ୍ଡିତ ଗୋପବନ୍ଧୁଙ୍କ ଜୀବନୀ ବିଷୟରେ ଆଲୋଚନା ଏବଂ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ସଚିବ ନବଘନ ଶତପଥୀ, ବାଲ୍ ସଂସ୍କାର ସଚିବ ରୀତା ତ୍ରିପାଠୀ, ଉପସଭାପତି ବିଷ୍ଣୁ ମହାରଣା, କୋଷାଧ୍ୟକ୍ଷ ବିଜୟ କୁମାର ପରିଡ଼ା, ସଂସ୍କାର ସଚିବ ସୁନିଲ କୁମାର ବେହେରା, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ବରାଳ, ଶିକ୍ଷକ ଶରତ ଚନ୍ଦ୍ର ନାୟକ ଏବଂ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇଥିଲେ।



ଶିବିରରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ରତ୍ନଭଣ୍ଡାର ଖୋଲି ଅଳଙ୍କାର ଗଣତି କରାଯାଉ

**ଜୋର୍‌ଦାର ହେଲା ଦାବି**

- ଭାରତୀୟ ବିକାଶ ପରିଷଦର ବିକ୍ଷୋଭ
- ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶୋଭାଯାତ୍ରା
- କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ବି ପ୍ରସଙ୍ଗ ଉଠାଇଲେ

ପୁରୀ, ୭।୭(ଅଜିତ୍ ମହାନ୍ତି):

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲାଯାଉ। ଅଳଙ୍କାର ସବୁ ଗଣତି ଓ ମଣତି ସହ ସିବିଆଇ ଦ୍ୱାରା ଯାଞ୍ଚ ହେଉ। ରତ୍ନଭଣ୍ଡାରକୁ ନେଇ ଜଗନ୍ନାଥପ୍ରେମୀଙ୍କ ମନରେ ଯେଉଁ ପ୍ରଶ୍ନ ରହିଛି ତାହାକୁ ଦୂର କରାଯାଉ। ରତ୍ନଭଣ୍ଡାର ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ତତ୍କାଳୀନ ଆଇନ ମନ୍ତ୍ରୀ, ମୁଖ୍ୟ ପ୍ରଶାସକ, ଜିଲାପାଳ ଏବଂ ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ, ମୁଖ୍ୟ ପ୍ରଶାସକ ଏବଂ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ସେହିପରି ପୁରୀ ରେଳଷ୍ଟେଶନଠାରୁ ଶ୍ରୀଜଗନ୍ନାଥ ସେନାର ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରି ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ଆଗରେ ପହଞ୍ଚି ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ଦେଇଛନ୍ତି।

ଭାରତୀୟ ବିକାଶ ପରିଷଦ ପକ୍ଷରୁ ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ହୋଇଛି ଯେ, ୧୯୭୮ ମସିହାଠାରୁ ଦୀର୍ଘ ୪୬ବର୍ଷ ମଧ୍ୟରେ ଥରୁଟିଏ ବି ରତ୍ନଭଣ୍ଡାର ଖୋଲାଯାଇ ରତ୍ନଅଳଙ୍କାର ଗଣତି ଓ ମଣତି କରାଯାଇନାହିଁ। ରତ୍ନଭଣ୍ଡାର କୋଠା ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଉଚ୍ଚ ନ୍ୟାୟାଳୟ ୨୦୧୮ରେ ତୁରନ୍ତ ତାହାକୁ ମରାମତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ସରକାର ୧୭ଜଣିଆ କମିଟି ଗଠନ କରି ରତ୍ନଭଣ୍ଡାର ଖୋଲିବାହାର ଓ ଭିତର ଅବସ୍ଥା ଯାଞ୍ଚ କରିବା କେବଳ ଲୋକଦେଖାଣିଆ ଥିଲା। ପୁଣି ଦୁଇ ମାସ ପରେ ତତ୍କାଳୀନ ଜିଲାପାଳ ଗଣମାଧ୍ୟମକୁ ସଫେଇ ଦେଇ ହଜିଯାଇଥିବା ଚାବିର ନକଲ ଚାବି ମିଳିଥିବା କହିଥିଲେ। କୋଷାଗାର ପରିବର୍ତ୍ତେ ଜିଲା ରେକର୍ଡ ରୁମ୍‌ରୁ ଚାବି ମିଳିଥିଲା। କିନ୍ତୁ ସୂଚନା ଅଧିକାର ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି ଯେ, ଅଦ୍ୟାବଧି ଏନେଇ ଜନସାଧାରଣଙ୍କୁ ଅବଗତ କରାଯାଇନାହିଁ। ତଦନ୍ତ ପାଇଁ ଜଷ୍ଟିସ ରଘୁବୀର ଦାସଙ୍କୁ ନିଯୁକ୍ତି କରାଯିବା ସହ ୬ମାସ ମଧ୍ୟରେ ରିପୋର୍ଟ ଦେବାକୁ କୁହାଗଲା। ରିପୋର୍ଟ ପ୍ରଦାନର ୫ବର୍ଷ ପରେ ବି ତାହାକୁ ସାର୍ବଜନୀନ କିମ୍ବା ବିଧାନସଭାରେ ଉପସ୍ଥାପନ କରାଯାଇ ନାହିଁ। ଏଥିଲାଗି ରାଜକୋଷରୁ ପ୍ରାୟ ଅଧକୋଟି ଟଙ୍କା ଖର୍ଚ୍ଚ ହୋଇଛି। ୧୧୮ ବର୍ଷ ଧରି ଶ୍ରୀଜଗନ୍ନାଥଙ୍କ ଦୁର୍ଲଭ ରଘୁନାଥ ବେଶ ଦେଖିବାରୁ ଭକ୍ତ ବଞ୍ଚିତ ରହିଛନ୍ତି। ଏହା ପ୍ରଶାସନର ଆନ୍ତରିକତା ଅଭାବ ନା ଜାଣିଶୁଣି ନିଜ ଦୋଷକୁ ଲୁଚାଇବା ପାଇଁ ରାଜ୍ୟ ସରକାର ଏଭଳି ଯୋଜନା କରୁଛନ୍ତି, ତାହା ବୁଝାପଡୁନାହିଁ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରତ୍ନଭଣ୍ଡାର ଖୋଲା ନ ଗଲେ ଗଜପତି ମହାରାଜାଙ୍କ ବାସଭବନ ଆଗରେ ଧାରଣା ଦିଆଯିବ ବୋଲି ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ କହିଛନ୍ତି। ସେହିପରି ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ସରକାର ରତ୍ନଭଣ୍ଡାର ଖୋଲୁ ନ ଥିବାରୁ ଅଳଙ୍କାର ଲୁଟ୍ ହୋଇଥିବା ସ୍ପଷ୍ଟ ହେଉଛି। ଯଦି ରାଜ୍ୟ ସରକାର ସ୍ୱଚ୍ଛ, ତେବେ ରତ୍ନଭଣ୍ଡାର ଖୋଲି ଯାଞ୍ଚ କରନ୍ତୁ। ଏନେଇ ସରକାର ଜବାବ ଦିଅନ୍ତୁ ବୋଲି ପଟ୍ଟନାୟକ କହିଛନ୍ତି। କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମଧ ରତ୍ନଭଣ୍ଡାର ଖୋଲାଯିବାକୁ ମତ ଦେଇଛନ୍ତି। ଆଲୋଚନା ଭିତ୍ତିରେ ଏହି ସମସ୍ୟାର ସମାଧାନ ହୋଇ ପାରିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ବର୍ତ୍ତମାନ ରତ୍ନଭଣ୍ଡାର ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ଉଚିତ ଫୋରମ୍‌ରେ ଏହି ଦାବି ନେଇ ବିଚାର କରାଯିବ।




ଭାରତୀୟ ବିକାଶ ପରିଷଦ ଏବଂ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୮ ଜୁଲାଇ, ୨୦୨୩

**ବନ ମହୋତ୍ସବ ପାଳିତ**

ଚୌଦ୍ୱାର,(ଆଶୁତୋଷ ଦାସ): କଖଡ଼ି ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ କଳ୍ପନା ଛତାର ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ପ୍ରଧାନ ଶିକ୍ଷକ ଟିକନ ବେହେରାଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମାତୃସେବା କ୍ଲଷ୍ଟର ଅଧିକାରୀ ଜ୍ଞାନରଞ୍ଜନ ବିଶ୍ୱାଳ, ଶିକ୍ଷୟିତ୍ରୀ ଚାରୁଲତା ବେହେରା, ମମତା ଦଳେଇ, ଲିଲି ବେହେରା, ସନ୍ତୋଷ ବେଦାନ୍ତଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ୫୬ କେଜି ଗଞ୍ଜେଇ ଜବତ, ୩ ଗିରଫ

**କଟକ,୭।୭ (କାର୍ତ୍ତିକ ସାହୁ):** ଅବକାରୀ ବିଭାଗ ପକ୍ଷରୁ ଟାଙ୍ଗୀ ଟୋଲ୍ ଗେଟ୍ ନିକଟରେ ଶୁକ୍ରବାର ଚଢ଼ାଉ କରାଯାଇ ଏକ କାରରୁ ୫୬ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି କାରବାରରେ ଜଡ଼ିତ ଥିବା ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଉତ୍ତରପ୍ରଦେଶ ଦେଓରିଆ ଜିଲାର ଚନ୍ଦନ ସିଂହ, କ୍ରିଷ୍ଣ କୁମାର ପାଣ୍ଡେ, ଶ୍ରୀରାମ ଯାଦବ। ଏହି ଗଞ୍ଜେଇ ଗଜପତି ଅଞ୍ଚଳରୁ ଉତ୍ତରପ୍ରଦେଶ ଚାଲାଣ କରାଯାଉଥିବା ଜଣାପଡିଛି।

### ଲକ୍ଷ୍ମୀନାରାୟଣ ସାହୁ କଲେଜର ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ

**ମଙ୍ଗୁଳି-ଜଗତପୁର,୭।୭(ମାନସ ସାମଲ):** ଜଗତପୁରସ୍ଥିତ ଲକ୍ଷ୍ମୀନାରାୟଣ ସାହୁ କଲେଜରେ ନୂତନ ଅଧକ୍ଷ ଭାବେ ପ୍ରଫେସର କମଳ ପ୍ରସାଦ ମହାନ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ କଲେଜ ପରିଚାଳନା କମିଟି ସଭାପତି ନବକିଶୋର ସ୍ୱାଇଁଙ୍କ ଅଧକ୍ଷତାରେ ଶୁକ୍ରବାର ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏଥିରେ କଲେଜର ସମସ୍ତ ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇ ପ୍ରଫେସର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ଗଣିତଜ୍ଞ ଦୀପ୍ତି ରଥଙ୍କ ପରଲୋକ

**କଟକ,୭।୭ (କାର୍ତ୍ତିକ ସାହୁ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗଣିତ ବିଭାଗର ପୂର୍ବତନ



ମୁଖ୍ୟ ପ୍ରଫେସର ଡ. ଦୀପ୍ତି ରଥ(୮୦)ଙ୍କର ସିଡିଏ ଟ୍ରଙ୍କେ ରୋଡସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଶେଷ ଶଯ୍ୟା ନିକଟରେ ତାଙ୍କ ଭାଇ ପ୍ରଦୀପ କୁମାର ରଥ, ଅରୁଣ ରଥ, ତପନ ରଥ, ଭାଉଜ ସୁଶୀଳା ରଥ, ନୟନବାଳା ରଥ, ବନ୍ଦନା ରଥ ପ୍ରମୁଖ ଉପସ୍ଥିତ ଥିଲେ। ସତୀଚୌରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସାନଭାଇ ତପନ କୁମାର ରଥ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଦୀପ୍ତି ଜଣେ ଗଣିତଜ୍ଞ ଭାବେ ଓଡ଼ିଶାରେ ଅନେକ ସୁନାମ ଅର୍ଜନ କରିଥିଲେ। ମଧ୍ୟପ୍ରଦେଶର ଜବଲପୁର ବିଶ୍ୱବିଦ୍ୟାଳୟରୁ ସେ ବିଶ୍ୱବିଖ୍ୟାତ ଗଣିତଜ୍ଞ ପ୍ରଫେସର ତ୍ରିବିକ୍ରମ ପତିଙ୍କ ଅଧୀନରେ ଗବେଷଣା କରି ପିଏଚ୍‌ଡି ଓ ଡିଏସ୍‌ସି ଡିଗ୍ରୀ ହାସଲ କରିଥିଲେ। ସେ ଚିରକୁମାରୀ ଥିଲେ।

### ବନ ମହୋତ୍ସବ ସପ୍ତାହ ପାଳିତ

**କଟକ,୭।୭ (କାର୍ତ୍ତିକ ସାହୁ):** ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଓ କଟକ ଜିଲା ଆଇନ ସେବା ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ସପ୍ତାହ ଶୁକ୍ରବାର ପାଳିତ ହୋଇଛି। କଟକ ଫରେଷ୍ଟ ରେଞ୍ଜ, ସିଟି ଫରେଷ୍ଟ ଡିଭିଜନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଖାନ୍‌ନଗର ସରକାରୀ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧକ୍ଷ ତଥା ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର, ହାଇକୋର୍ଟ ଆଇନ ସେବା କମିଟି ଅଧକ୍ଷ ତଥା ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ସାବିତ୍ରୀ ରଥ, ମୁରାହରି ଶ୍ରୀ ରମଣ, ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ସମେତ ଜିଲା କୋର୍ଟର ଅଧିକାରୀ, ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ବନ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ହାଇସ୍କୁଲର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବୁଶ୍ କଟିଂ, ମଶା ଧୂଆଁ, ସଫେଇ କାର୍ଯ୍ୟକୁ ଗୁରୁତ୍ୱ

କଟକ,୭।୭(ସୁପ୍ରିୟା ପ୍ରିୟଦର୍ଶିନୀ)



ବୈଠକରେ ସିଏମ୍‌ସି ମେୟର, କମିଶନରଙ୍କ ସହ ଅନ୍ୟମାନେ।

**ଡେଙ୍ଗୁକୁ ନେଇ ସିଏମ୍‌ସିର ବୈଠକ**

■ପ୍ରତି ସପ୍ତାହରେ ଗୋଟିଏ ଦିନ ଡ୍ରାଏ ଡେ' ପାଳନ ହେବ

ବର୍ଷାଋତୁ ଆରମ୍ଭରୁ ଡେଙ୍ଗୁରୋଗ କାୟା ବିସ୍ତାର କରିବାରେ ଲାଗିଛି। ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ କଟକରେ ଏହାକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ ସେଥିପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ଅଣ୍ଟା ଭିଡ଼ିଛି। ଏନେଇ ସିଏମ୍‌ସି ପକ୍ଷରୁ ଶୁକ୍ରବାର ସ୍ଥାନୀୟ ବିଜୁଭବନ ପରିସରରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଏସ୍‌ସିବି ଜରୁରିକାଳୀନ ଅଧିକାରୀଙ୍କ ସମେତ ଅନ୍ୟ ଅଧିକାରୀ ଓ ଜନ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମେୟର ସୁବାସ ସିଂ ଅଧକ୍ଷତା କରିଥିଲେ। ଘରଦ୍ୱାର ସମେତ ଆଖପାଖ ପରିବେଶକୁ ପରିଷ୍କାର ରଖିବା ପାଇଁ ସହରବାସୀଙ୍କୁ ସଚେତନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। କଟକରେ ଡେଙ୍ଗୁ ଆକ୍ରାନ୍ତ ନାହାନ୍ତି ତଥାପି ପୂର୍ବରୁ ପ୍ରସ୍ତୁତ ହୋଇ ଏହାର ପ୍ରତିଷେଧକ ଗ୍ରହଣ ପାଇଁ ଯୋଜନା କରାଯାଇଛି। ଏପର୍ଯ୍ୟନ୍ତ କଟକ ଜିଲାରେ ଦୁଇ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ସହରରେ କୌଣସି ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ପ୍ରତି ସପ୍ତାହରେ ଗୋଟିଏ ଦିନ ଡ୍ରାଏ ଡେ ପାଳନ ପାଇଁ ସହରବାସୀଙ୍କୁ ଅବଗତ କରାଯିବ। କୌଣସି ସ୍ଥାନରେ ପାଣି ଜମା ନ ହେବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହ ସହରରେ ବୁସ୍ କଟିଂ, ମଶାତେଲ ଓ ମଶା ଧୂଆଁ ଦିଆଯିବା ସାଙ୍ଗକୁ ସଫେଇ କାର୍ଯ୍ୟକୁ ଗୁରୁତ୍ୱ ଦିଆଯିବ ବୋଲି ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ କହିଛନ୍ତି। ଗତବର୍ଷର ଡେଙ୍ଗୁ ହଟ୍‌ସ୍ପଟ ସ୍ଥାନଗୁଡିକ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଅପରପକ୍ଷରେ କୌଣସି ଲୋକଙ୍କ ପାଖରେ ଡେଙ୍ଗୁ ଲକ୍ଷଣ ଦେଖାଗଲେ ତୁରନ୍ତ ପରୀକ୍ଷା କରାଯିବା ସହ ମେଡିକାଲ ସୁବିଧା ଯୋଗାଇ ଦିଆଯିବ ବୋଲି ମେୟର କହିଛନ୍ତି।

# ଉନ୍ନୟନ କାର୍ଯ୍ୟ ତଦାରଖ କରିବାକୁ ନିର୍ଦ୍ଦେଶ

ଚୌଦ୍ୱାର,୭।୭(ଆଶୁତୋଷ ଦାସ)

**ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ**

ଚୌଦ୍ୱାର ସହରାଞ୍ଚଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କିତ ଏକ ସମୀକ୍ଷା ବୈଠକ ଶୁକ୍ରବାର ପୌର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୌଭିକ୍ ବିଶ୍ୱାଳ ଏଥିରେ ଯୋଗଦେଇ ପୌରାଞ୍ଚଳର ବିଭିନ୍ନ ୱାର୍ଡ଼ରେ ହୋଇଥିବା ଉନ୍ନୟନ କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଥିଲେ। ପୌରଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସହିତ ଉନ୍ନୟନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ବିଧାୟକ ଆଲୋଚନା କରିବା ସହିତ ବାକି ରହିଥିବା କାର୍ଯ୍ୟ ତୁରନ୍ତ ସାରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ପୌରପାଳିକାର ୧୯ଟି ୱାର୍ଡରେ ହେଉଥିବା ବିଭିନ୍ନ କାର୍ଯ୍ୟକୁ ପୌରାଧକ୍ଷା, ବିଧାୟକଙ୍କ ପ୍ରତିନିଧି, ଯନ୍ତ୍ରୀ ଓ ସ୍ଥାନୀୟ କାଉନ୍‌ସିଲର ତଦାରଖ କରି ସମସ୍ୟା ସମାଧାନ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ପୌରପାଳିକାରେ ରାଶନ୍ ସାମଗ୍ରୀ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଚଳିତ ମାସର ରାଶନ୍ ସାମଗ୍ରୀ ହିତାଧିକାରୀଙ୍କୁ ତୁରନ୍ତ ପ୍ରଦାନ କରିବାକୁ ନିର୍ବାହୀ ଅଧିକାରୀଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ। ତଳ ବଜାରଠାରୁ ବଡ଼ ବଜାର ପର୍ଯ୍ୟନ୍ତ ରାସ୍ତାରେ କିଛିଦିନ ତଳେ ପେଭର ବିଛା ଯାଇଥିଲା। ହେଲେ ଏବେ ତାହା ଖରାପ ହୋଇଯାଇଥିବା ନେଇ ଲୋକମାନେ ଅଭିଯୋଗ କରିଥିଲେ। ତୁରନ୍ତ ଏହା ଉପରେ ଦୃଷ୍ଟି ଦେବା ପାଇଁ ପୌରଯନ୍ତ୍ରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ସହରାଞ୍ଚଳର ଯେଉଁ ସ୍ଥାନରେ ଉନ୍ନୟନ କାର୍ଯ୍ୟ କରାଯାଉଛି ସେଠାରେ ଯନ୍ତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ତଦାରଖ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ବିଧାୟକଙ୍କ ପ୍ରତିନିଧି ବିଷ୍ଣୁ ଚରଣ ପରିଡ଼ା, ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ପୌର ଯନ୍ତ୍ରୀ ଶୁଭଶ୍ରୀ ବେହେରା, ସଞ୍ଜୟ ସାମଲ, ବନ୍ଦିତା ସାହୁଙ୍କ ସମେତ ସମସ୍ତ କାଉନସିଲର, ପୌର କର୍ମଚାରୀ ଯୋଗଦେଇଥିଲେ।




ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ପ୍ରତିବାଦରେ ସିପିଆଇ ପକ୍ଷରୁ ଶୁକ୍ରବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# ସୋମପୁର ସବ୍ ଷ୍ଟେଶନରୁ ଥୋରିଆପଡ଼ାକୁ ବିଦ୍ୟୁତ୍ ସଂଯୋଗ ଦାବି

କଟକ ସଦର,୭।୭
(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଥୋରିଆପଡ଼ା ଗ୍ରାମ ଓ ବୋଧପୁର ପଞ୍ଚାୟତକୁ ସୋମପୁର ସବ୍‌ଷ୍ଟେଶନରୁ ବିଦ୍ୟୁତ୍ ସଂଯୋଗ ଦେବା ପାଇଁ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଅଞ୍ଚଳର ୧ କିମି ଦୂରରେ ଏହି ସବ୍ ଷ୍ଟେଶନ ରହିଛି। ହେଲେ ଏଠାକାର ଉପଭୋକ୍ତାମାନେ ୨୦ କିମି ଦୂର ଜଗତ୍‌ସିଂହପୁର ଜିଲା ରଘୁନାଥପୁର ସବ୍ ଷ୍ଟେଶନରୁ ବିଦ୍ୟୁତ୍ ପାଉଛନ୍ତି। ୧୧ କେ.ଭି. ଫିଡରରେ ସାମାନ୍ୟ ତ୍ରୁଟି ଦେଖାଦେଲେ ଏହି ଅଞ୍ଚଳର ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଅନ୍ଧାରରେ ରହିବାକୁ ପଡୁଛି। ସୂଚନାଯୋଗ୍ୟ, ସୋମପୁର-ବୋଧପୁର ଗ୍ରାମର ମଲିଆବାଙ୍କ ପର୍ଯ୍ୟନ୍ତ ୧୧ କେ.ଭି. ଲାଇନ୍ ଟଣାଯାଇଛି। କେବଳ ସଂଯୋଗ କରାଗଲେ ସବୁ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏ ନେଇ ଜଗତସିଂହପୁର ଜିଲାର ସମସ୍ତ ଟାଟା ପାୱାରର ଯନ୍ତ୍ରୀଙ୍କୁ ଅବଗତ କରାଯାଇଛି।

# ୧୦ ମୋବାଇଲ ଜବତ, ୩ ଗିରଫ

କଟକ,୭।୭ (କାର୍ତ୍ତିକ ସାହୁ)

ମୋବାଇଲ ଚୋରି ଅଭିଯୋଗରେ ମାଲଗୋଦାମ ପୋଲିସ ୩ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଣିଆ ସାହିର ବାବୁ ଓରଫ ଦିବ୍ୟରଞ୍ଜନ ମହାରଣା, ଶିବ ଓରଫ ଜଗା ରାଓ ଓ ମଙ୍ଗଳାବାଗ ଅଞ୍ଚଳର ନନ୍ଦ ଓରଫ ରଞ୍ଜନ ପଲେଇ। ସେମାନଙ୍କଠାରୁ ୧୦ଟି ମୋବାଇଲ୍ ଓ ଦୁଇଟି ସାଇକେଲ ଜବତ କରାଯାଇଛି। ଗତ ୩୦ ତାରିଖରେ ପାଟରାସାହିର ଅଶୋକ ନାୟକ ତାଙ୍କ ସ୍ତ୍ରୀଙ୍କ ସହିତ ବାହାରକୁ ଯାଇଥିଲେ। ଏହି ସୁଯୋଗରେ ବାବୁ ତାଙ୍କ ଘରେ ପଶି ଏକ ମୋବାଇଲ୍ ଚୋରି କରି ନେଇଥିଲେ। ଏ ନେଇ ଅଶୋକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ବିଭିନ୍ନ ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ପ୍ରଥମେ ବାବୁଙ୍କୁ ଗିରଫ କରିଥିଲା। ପରେ ଅନ୍ୟମାନଙ୍କୁ ଧରିଥିଲା।



କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ କଟକ ଗଡ଼ଗଡିଆ ମନ୍ଦିର ରିଂରୋଡ୍ ପାର୍ଶ୍ୱରେ ଥିବା ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ମଙ୍ଗୁଳି-ଜଗତପୁର,୭।୭
(ମାନସ ସାମଲ)

ଜଗତପୁର ଥାନା ଅଞ୍ଚଳର ଏକ ହୋଟେଲ ରୁମ୍‌ରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଶୁକ୍ରବାର ପୋଲିସ ଜବତ କରିଛି। ସେ ହେଲେ ପୁରୀ ଅଞ୍ଚଳର ସମ୍ପଦ କୁମାର ସାହୁ(୪୨)। ସେଠାରୁ ପୋଲିସ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ଔଷଧ ବ୍ୟବସାୟରେ ଅତ୍ୟଧିକ କ୍ଷତି ପାଇଁ ଆତ୍ମହତ୍ୟା କରିଥିବା ସୁଇସାଇଡ୍ ନୋଟ୍‌ରେ ଉଲ୍ଲେଖ ରହିଛି ବୋଲି ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର ସୂଚନା ଦେଇଛନ୍ତି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୪୩/୨୩) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ସମ୍ପଦ ଦୀର୍ଘ ୧୦ବର୍ଷ ହେବ ମଙ୍ଗଳାବାଗ ଅଞ୍ଚଳରେ ଘର ଭଡା ନେଇ ଔଷଧ ବ୍ୟବସାୟ କରୁଥିଲେ। ଗତ ୬/୭ ମାସ ହେବ ତାଙ୍କ ବ୍ୟବସାୟ ବଡ଼ଧରଣର କ୍ଷତିରେ ଚାଲିଥିଲା। ସେଥିପାଇଁ ସେ ଅଧିକାଂଶ ଲୋକଙ୍କ ଠାରୁ ହାତ ଉଧାରି ଆଣି ଶୁଝି ପାରି ନ ଥିଲେ। ଏଥିଯୋଗୁ ସେ ଅଧିକାଂଶ ସମୟରେ ମାନସିକ ଚିନ୍ତାରେ ରହୁଥିଲେ। ଗୁରୁବାର ସକାଳେ ବ୍ୟବସାୟ କାମରେ ଜଗତପୁର ଯାଉଛି କହି ଘରୁ ବାହାରି ଆସିଥିଲେ। ହେଲେ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ସ୍ତ୍ରୀ ତାଙ୍କୁ ଫୋନ୍ କରିବାରୁ ସେ ଜଗତପୁରର ଏକ ହୋଟେଲରେ ଅଛି ରାତି ୧୧ଟା ସୁଦ୍ଧା ଘରେ ପହଞ୍ଚିବି ବୋଲି କହିଥିଲେ। ହେଲେ ସକାଳ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ କି ପରିବାରର କାହାରି ଫୋନ ଉଠାଇ ନ ଥିଲେ। ସନ୍ଦେହ ହେବାରୁ ଶୁକ୍ରବାର ସକାଳେ ପରିବାର ଲୋକେ ଉକ୍ତ ହୋଟେଲରେ ପହଞ୍ଚି ସେ ରହୁଥିବା ରୁମ୍ କବାଟ ବାଡେଇଥିଲେ। ହେଲେ ସେ କବାଟ ଖୋଲି ନ ଥିଲେ। ଖବରପାଇ ଜଗତପୁର ପୋଲିସ ପହଞ୍ଚି କବାଟ ତାଡି ଭିତରକୁ ପଶିବାରୁ ସମ୍ପଦ ଏକ ଗାମୁଛା ସାହାଯ୍ୟରେ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲା।

# ପୋଡ଼ିଗଲା ଇନ୍‌କ୍ୟୁବେଟର, ୨୫୦ ଅଣ୍ଡା ନଷ୍ଟ

ବାରଙ୍ଗ,୭।୭(ଲିଙ୍ଗରାଜ ରାଉତ)

ନନ୍ଦନକାନନର ଜୀବଜନ୍ତୁଙ୍କୁ ଖାଦ୍ୟ ଯୋଗାଇବା ପାଇଁ କର୍ତ୍ତୃପକ୍ଷ ଘରୋଇକରଣ ଉପରେ ନିର୍ଭର କରୁଥିବାବେଳେ କେତେକ ଖାଦ୍ୟ ଯୋଗାଣକୁ ନିଜ ଅଧୀନରେ ରଖିଛନ୍ତି। ଏହାସତ୍ତ୍ୱେ କର୍ମଚାରୀମାନଙ୍କ ଦାୟିତ୍ୱହୀନତା ଓ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କର ଖାମଖିଆଲ ମନୋଭାବ ଯୋଗୁ ବେଳେବେଳେ କର୍ତ୍ତୃପକ୍ଷଙ୍କୁ ଅପଦସ୍ଥ ହେବାକୁ ପଡୁଛି। ଯାହାର ଜ୍ୱଳନ୍ତ ଉଦାହରଣ ନନ୍ଦନକାନନରେ ଥିବା ଜୀବନ୍ତ ଖାଦ୍ୟ କେନ୍ଦ୍ରରେ ଗୁରୁବାର ଦେଖିବାକୁ ମିଳିଛି। କର୍ମଚାରୀମାନଙ୍କ ଖାମଖିଆଲ ଯୋଗୁ କୁକୁଡ଼ା ଚିଆଁ କରିବା ପାଇଁ ଥିବା ଇନ୍‌କ୍ୟୁବେଟର ମେଶିନଟି ପୋଡିଯାଇଥିଲା। ଫଳରେ ଉକ୍ତ ମେଶିନରେ ଥିବା ୨୫୦ଟି ଅଣ୍ଡା ନଷ୍ଟ ହୋଇଯାଇଛି। ପ୍ରକାଶ ଯେ, ୧୦ନମ୍ବର ଫାଟକ ପାଖରେ ରହିଛି ଜୀବନ୍ତଖାଦ୍ୟ ପ୍ରଜନନକେନ୍ଦ୍ର। ଏଠାରେ କୁକୁଡ଼ା, କୁକୁଡ଼ାଚିଆଁ, ବିଲାତି ମୂଷା ଆଦିକୁ ଜୀବଜନ୍ତୁଙ୍କ ଖାଦ୍ୟ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଉଛି। କୁକୁଡ଼ାଚିଆଁ ପାଇଁ ଏଠାକାର କର୍ମଚାରୀମାନେ ଇନ୍‌କ୍ୟୁବେଟର ମେଶିନରେ ୨୫୦ଟିଅଣ୍ଡା ରଖିଥିଲେ। ଗୁରୁବାର ୧୮ଦିନ ହୋଇଥିବାରୁ ଅଣ୍ଡାଗୁଡିକର ସ୍ଥିତି ଜାଣିବା ପାଇଁ ମେଶିନକୁ ଖୋଲିଥିଲେ। ହଠାତ୍ ଶର୍ଟସର୍କିଟ ହୋଇ ମେଶିନଟି ପୋଡିଯାଇ କାର୍ଯ୍ୟକ୍ଷମ ନହୋଇ ବନ୍ଦ ହୋଇଯାଇଥିବାର ଗୁରୁବାର ଅପରାହ୍ନରେ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଯଦି ନିୟମିତ ଯାଞ୍ଚ କରାଯାଇଥାନ୍ତା ତା'ହେଲେ ଅଣ୍ଡାଗୁଡିକର ସୁରକ୍ଷା କରାଯାଇପାରିବା ସହ ପରିଶ୍ରମ ଅନୁଯାୟୀ କୁକୁଡାଚିଆଁ ଉତ୍ପାଦନ ମଧ କରାଯାଇପାରନ୍ତା। କିନ୍ତୁ କର୍ମଚାରୀଙ୍କର ଦାୟିତ୍ୱହିନତା ଯୋଗୁ ୨୫୦ଟି କୁକୁଡାଅଣ୍ଡା ଚିଆଁ ହେବା ପୂର୍ବରୁ ନଷ୍ଟ ହୋଇଯାଇଛି। ଏହାର ଦାୟିତ୍ୱରେ ଥିବା ଷ୍ଟୋର ବିଭାଗ ରେଞ୍ଜରଙ୍କ ପଦୋନ୍ନତି ହୋଇଯାଇଥିବାରୁ ସେ ଜୀବନ୍ତଖାଦ୍ୟ ପ୍ରଜନନକେନ୍ଦ୍ରକୁ ବେଶି ସମୟ ନ ଆସିବାର ସୁଯୋଗରେ କର୍ମଚାରୀମାନଙ୍କ ଖାମଖିଆଲ ପରିମାଣ ବଢିଯାଇଥିବାର ଆଲୋଚନା ହେଉଛି।

**ରେଭେନ୍‌ଶା ଦ୍ୱିତୀୟ କ୍ୟାମ୍ପସ ସ୍ଥାନାନ୍ତର ପ୍ରସଙ୍ଗ**

# ଧାରଣାରେ ବସିଲେ ଛାତ୍ରୀଛାତ୍ର

କଟକ,୭।୭(ସୁପ୍ରିୟା ପ୍ରିୟଦର୍ଶିନୀ)



ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

**ଆଲୋଚନା ବିଫଳ, ବୈଠକ ଅଧାରୁ ଉଠି ପଳାଇଲେ କୁଳପତି**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସରେ ଉପଯୁକ୍ତ ବ୍ୟବସ୍ଥା କରାଯିବା ପରେ ସ୍ଥାନାନ୍ତର ପାଇଁ ଛାତ୍ରୀଛାତ୍ରମାନେ ଦାବି କରୁଛନ୍ତି। ଶୁକ୍ରବାର କୁଳପତି ଓ ଛାତ୍ରୀଛାତ୍ରଙ୍କୁ ନେଇ ସେଭେନ୍ ପିଲାର ଅଫ୍ ୱିଜଡମଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ହେଲେ ଆଲୋଚନା ବିଫଳ ହେବାରୁ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ବୈଠକ ଅଧାରୁ ଉଠି ପଳାଇଯାଇଥିଲେ। ପରେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅପରାହ୍ନଠାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଧାରଣାରେ ବସିଥିବା ଜଣାପଡିଛି।

ସୂଚନା ମୁତାବକ, ଆସନ୍ତା ୧୫ ତାରିଖରେ ବ୍ରଜବିହାରୀପୁରସ୍ଥିତ ରେଭେନ୍‌ଶା ଦ୍ୱିତୀୟ କ୍ୟାମ୍ପସକୁ ଆଇଟିଏମ୍ ଏବଂ ଆଇଏସ୍‌ଟି ବିଭାଗ ସ୍ଥାନାନ୍ତର ହେବ। ହେଲେ ଛାତ୍ରୀଛାତ୍ରମାନେ ସେଠାକୁ ଯିବାକୁ ରାଜି ହେଉନାହାନ୍ତି। ଏଭଳି ସ୍ଥିତିରେ ପାଠପଢା ଆରମ୍ଭ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଆୟୋଜିତ ବୈଠକରେ କୁଳପତି ନାୟକ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନେଇ ଆଲୋଚନା କରିଥିଲେ। ଏଥିରେ ଛାତ୍ରୀଛାତ୍ରମାନେ ସେମାନଙ୍କ ସମସ୍ୟା ଉପସ୍ଥାପନ କରିଥିଲେ। ସେହିଭଳି ନୂଆ ବିଲ୍ଡିଂଗୁଡିକ ନିର୍ମାଣାଧୀନ ଥିବାବେଳେ ସେଠାରେ ଏନ୍‌ସିସି, ଯୁବ ରେଡ୍‌କ୍ରସ,ସ୍କାଉଟ ଓ ଗାଇଡ୍‌ଙ୍କ ପାଇଁ ସୁବିଧା ନାହିଁ। ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ସ୍ଥାନୀୟ ଅଞ୍ଚଳରେ କୌଣସି ଦୋକାନ ବଜାର ନାହିଁ। ଏଭଳି ସ୍ଥିତିରେ କିଭଳି ପାଠ ପଢିବେ ବୋଲି କୁଳପତିଙ୍କୁ ଛାତ୍ରୀଛାତ୍ରମାନେ କହିଥିଲେ। ଏହାକୁ ନେଇ ବୈଠକରେ କୁଳପତି ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଶେଷରେ ଅସନ୍ତୋଷ ପ୍ରକାଶ କରି କୁଳପତି ବୈଠକ ଅଧାରୁ ଉଠି ପଳାଇଥିଲେ। ଅପରପକ୍ଷରେ ଯେପର୍ଯ୍ୟନ୍ତ କୁଳପତି ଦାବିଗୁଡିକ ବିଷୟରେ ଛାତ୍ରୀଛାତ୍ରଙ୍କୁ ଭେଟି ଆଲୋଚନା କରି ନାହାନ୍ତି ସେପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଛାତ୍ରୀଛାତ୍ର କହିଛନ୍ତି।



ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ଦ୍ୱାରା କଟକ ଖାନ୍‌ନଗର ହାଇସ୍କୁଲରେ ଅନୁଷ୍ଠିତ ବନ ମହୋତ୍ସବ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ହାଇକୋର୍ଟ ବିଚାରପତି, ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର।



ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଶୁକ୍ରବାର କଟକ ସେଲ୍‌ଟର ଛକସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ।



କଟକସ୍ଥିତ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟରେ ଯୁକ୍ତ୨ ଆଡ୍‌ମିଶନ କରୁଥିବା ଛାତ୍ରୀମାନେ।

# ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଦିତ୍ୟ



@ ପଙ୍କଜ



@ ସ୍ପନ୍ଦନ



@ ଦୁର୍ଗାମାଧବ



@ ସୁମନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ମିଳିବ ଧନ୍ଦାମୂଳକ ଶିକ୍ଷା

ଭୁବନେଶ୍ୱର,୭।୭
(ଅନୁରାଧା ମହାରଣା)

ଅଧାରୁ ପାଠ ଛାଡ଼ିଥିବା ୧୮ ବର୍ଷରୁ ଊର୍ଦ୍ଧ୍ୱ ପିଲାଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଏଥିପାଇଁ ପରାମର୍ଶ ତଥା ସ୍ୱଳ୍ପ ଅବଧିର ଧନ୍ଦାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଜଟଣୀସ୍ଥିତ ଗ୍ରାମତରଙ୍ଗ ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟଠାରେ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଧନ୍ଦାମୂଳକ ଶିକ୍ଷା ପ୍ରଦାନ ମାଧ୍ୟମରେ ସମାଜର ମୁଖ୍ୟସ୍ରୋତରେ ପିଲାମାନଙ୍କୁ କିପରି ସାମିଲ କରାଯାଇପାରିବ ତାହାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା, ଯାଜପୁର, ଜଗତ୍‌ସିଂପୁର ଓ କଳାହାଣ୍ଡି ଜିଲାରୁ ୩୦ଜଣ ଅଧାରୁ ପାଠ ଛାଡ଼ିଥିବା ପିଲା ଓ ସେମାନଙ୍କ ସହଯୋଗୀ ଶିକ୍ଷୟିତ୍ରୀଶିକ୍ଷକ ତଥା ଅଭିଭାବକ ଯୋଗଦେଇଥିଲେ । ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ଅତିରିକ୍ତ ନିର୍ଦ୍ଦେଶକ ଭଗବାନ ବେହେରା, ଉପନିର୍ଦ୍ଦେଶିକା କଳ୍ପନା ହାଂସଦା, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଆଞ୍ଚଳିକ ସହ ନିର୍ଦ୍ଦେଶକ ବିଜୟ କୁମାର ପାତ୍ର, ଏଲ୍ ଆଣ୍ଡ ଟିର ସହ ଉପାଧ୍ୟକ୍ଷ ଦେବାଶିଷ ମହାନ୍ତି, ଗ୍ରାମତରଙ୍ଗର ବରିଷ୍ଠ ଜେନେରାଲ ମ୍ୟାନେଜର ସଞ୍ଜୀବ ମିଶ୍ର ଓ ଅଜୟ କୁମାର ରାଉତ ଏବଂ ସହ ଜେନେରାଲ ମ୍ୟାନେଜର ସତ୍ୟଜିତ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପିଲାମାନଙ୍କୁ ଦିଗ୍‌ଦର୍ଶନ ଦେଇ ଉତ୍ସାହିତ କରିଥିଲେ । ଓସେପା ଓ ଗ୍ରାମତରଙ୍ଗର ସହଯୋଗୀ କର୍ମକର୍ତ୍ତାମାନେ ଶିବିରକୁ ପରିଚାଳନା କରିଥିଲେ।



ଗାଳ୍ପିକା ତଥା ପୋଲିସ ଅଫିସର ମାନସୀ ପାତ୍ରଙ୍କ ପୁସ୍ତକ 'ମଣିଷ ହାଟ'କୁ ଶୁକ୍ରବାର ଭୁବନେଶ୍ୱର ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉନ୍ମୋଚନ କରୁଛନ୍ତି।

# ନେକ୍ସଟ ପରୀକ୍ଷା ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯାଉ

**ଭୁବନେଶ୍ୱର,୭।୭(ଅନୁରାଧା ମହାରଣା):** ୨୦୧୯ ବ୍ୟାଚ୍ ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କ ପାଇଁ ନ୍ୟାଶନାଲ ଏକ୍‌ଜିଟ ଟେଷ୍ଟ(ନେକ୍ସଟ) କାର୍ଯ୍ୟକାରୀ ହେବ ନାହିଁ। ଏହା ୨୦୨୦ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପାଇଁ ଲାଗୁହେବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ୍ ମାଣ୍ଡବ୍ୟ କହିଛନ୍ତି। ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ ଏଆଇଡିଏସ୍‌ଓ ସର୍ବ ଭାରତୀୟ କମିଟିର ସାଧାରଣ ସମ୍ପାଦକ ସୌରଭ ଘୋଷ କହିଛନ୍ତି,ଏହା ନିଶ୍ଚିତ ଭାବରେ ଛାତ୍ର ଆନ୍ଦୋଳନର ଏକ ବିଜୟ। ମାତ୍ର ଏହା ସଂଗ୍ରାମର ଆଂଶିକ ସଫଳତା। ନେକ୍ସଟ ପରୀକ୍ଷାକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାହାର କରାଯାଉ, ନଚେତ ଏଆଇଡିଏସଓ ଏହାର ଆନ୍ଦୋଳନ ଜାରି ରଖିବ। ଏନେଇ ଶୁକ୍ରବାର ଦିଲ୍ଲୀର ଏନଏମସି କାର୍ଯ୍ୟାଳୟ ସମ୍ମୁଖରେ ଏକ ବିରୋଧ ପ୍ରଦର୍ଶନ କରାଯାଇ ସଂଗୃହୀତ ଦସ୍ତଖତ ଦାଖଲ କରାଯାଇଛି।

# ଭୁବନେଶ୍ୱରରୁ ଦଶମ ଶ୍ରେଣୀ ଛାତ୍ର ନିଖୋଜ

ଭୁବନେଶ୍ୱର,୭।୭
(ସୂର୍ଯ୍ୟକାନ୍ତ ବେହେରା)

ମୈତ୍ରୀବିହାର ଥାନା ଅଞ୍ଚଳରୁ ଜଣେ ଦଶମ ଶ୍ରେଣୀ ଛାତ୍ର ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ନିଖୋଜ ଛାତ୍ର ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ମହାରାଷ୍ଟ୍ରର ଯୋଗେଶ ବାଲାଜୀ। ଘଟଣାକୁ ଦୁଇଦିନ ବିତି ଯାଇଥିଲେ ମଧ୍ୟ ଏଯାବତ ତାଙ୍କର କୌଣସି ପତ୍ତା ମିଳିନାହିଁ। ଛାତ୍ର ଜଣକ ନାବାଳକ ହୋଇଥିବାରୁ ପୋଲିସ ଏକ ଅପହରଣ ମାମଲା (ନଂ ୨୨୦/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁସାରେ, ନିଖୋଜ ଯୋଗେଶ ସ୍ଥାନୀୟ ଅଞ୍ଚଳର ଏକ ସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିଲେ। ଗୁରୁବାର ଯୋଗେଶ ସ୍କୁଲ ଯିବାକୁ କହି ଘରୁ ବାହାରିଥିଲେ। ହେଲେ ସ୍କୁଲ ଛୁଟି ପରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ସ୍କୁଲ୍ ସମେତ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ।

# ଆହୁରି ୫ଦିନ ବର୍ଷିବ

ଭୁବନେଶ୍ୱର,୭।୭(ଅନୁରାଧା ମହାରଣା)



ସାରା ଦେଶକୁ ଦକ୍ଷିଣ-ପୂର୍ବ ମୌସମୀ ଅଗ୍ରସର ହେବା ପରେ ଜୟପୁର, ଗୁନା, ସତନା, ପେଣ୍ଡ୍ରା ରୋଡ୍, ବାଲେଶ୍ୱର ଦେଇ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ପର୍ଯ୍ୟନ୍ତ ଅର୍ଥାତ୍ ଝାଡଖଣ୍ଡ ଓ ଆଖପାଖ ଅଞ୍ଚଳରେ ସମୁଦ୍ର ପତ୍ତନର ୫.୮ କିମି ଉଚ୍ଚରେ ଦକ୍ଷିଣ ଆଡକୁ ରହିଛି। ତେଣୁ ଗତ ୨୪ ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶା ସହ ଉପକୂଳବର୍ତ୍ତୀ ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହୋଇଛି। ସେହିପରି ମାଲକାନଗିରି, ସୁନ୍ଦରଗଡ଼, ବୌଦ୍ଧ, ଝାରସୁଗୁଡ଼ା, ସମ୍ବଲପୁର, ନବରଙ୍ଗପୁର ଆଦି ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ତେବେ ଆଗାମୀ ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ୧୧ଟି ଜିଲାରେ ଭାରି ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ସଂପୃକ୍ତ ଜିଲାଗୁଡ଼ିକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ଅନୁଗୁଳ, ସମ୍ବଲ ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ଗଜପତି ଓ ଗଞ୍ଜାମ ଆଦି ରହିଛି। ସେହିପରି ୯ ତାରିଖରେ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ରାୟଗଡ଼ା ଓ କନ୍ଧମାଳ ଜିଲାରେ ପ୍ରବଳ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୦ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲାକୁ ୟେଲୋ ୱାର୍ନିଂ ରହିଛି। ୧୧ ତାରିଖରେ କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱରରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହା ପରଦିନ ଅର୍ଥାତ୍ ୧୨ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ସୋନପୁର, ସମ୍ବଲପୁର, ବରଗଡ଼, ଜାରସୁଗୁଡ଼ା ଓ ଦେବଗଡ଼ ଆଦି ଜିଲାରେ ପ୍ରବଳ ବର୍ଷା ହେବା ନେଇ ବିଭାଗ ପକ୍ଷରୁ ପୂର୍ବନୁମାନ କରାଯାଇଛି। ତେଣୁ ସଂପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଭୁବନେଶ୍ୱରରେ ବସିବ ଡପଲାର୍ ୱେଦର ରାଡାର

ଭୁବନେଶ୍ୱର,୭।୭
(ଅନୁରାଧା ମହାରଣା)

**ଜମି ଯୋଗାଇଦେବାକୁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚିଠି**

କଟକ-ଭୁବନେଶ୍ୱର ଦ୍ୱୈତ ନଗରୀର ପାଣିପାଗ ଆକଳନ ପାଇଁ ଡପଲାର୍ ୱେଦର ରାଡାର ବସିବ। ଠିକ ପୂର୍ବାନୁମାନ କରି ଆଗୁଆ ପ୍ରତିକାର ବ୍ୟବସ୍ଥା ପାଇଁ ଭୁବନେଶ୍ୱରଠାରେ ଏହାକୁ ସ୍ଥାପନ କରାଯିବ। ରାଡାର ବସାଇବା ପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଯୋଜନା କରାଯାଇଥିବାବେଳେ ଏନେଇ ରାଜ୍ୟ ସରକାରଙ୍କୁ ଆବଶ୍ୟକ ଜମି ଯୋଗାଇ ଦେବାକୁ ଏସ୍‌ଆର୍‌ସିଙ୍କୁ ଆଇଏମ୍‌ଡି ଚିଠି ଲେଖିଛି। ଏହି ରାଡାର ସ୍ଥାପନ ଦ୍ୱାରା ବିଜୁଳି ଘଡ଼ଘଡ଼ିଜନିତ ବର୍ଷା, କାଳବୈଶାଖୀ, ବଜ୍ରପାତ ଓ ପ୍ରବଳ ବର୍ଷା ସମ୍ପର୍କରେ ୩ ଘଣ୍ଟା ପୂର୍ବରୁ ଠିକ ସୂଚନା ମିଳିଯିବ। ଭୁବନେଶ୍ୱରରେ ଏକ ଏକ୍ସ-ବ୍ୟାଣ୍ଡ ରାଡାର ବସାଇବା ପାଇଁ ଯୋଜନା କରାଯାଉଥିବା ଆଇଏମ୍‌ଡ଼ି ଏସ୍‌ଆର୍‌ସିଙ୍କୁ ଚିଠି ଲେଖି ୪୦୦ ବର୍ଗମିଟର ଜମି ସହିତ କମ୍ପ୍ୟୁଟର ହାଉସିଂ ପାଇଁ ଅତିରିକ୍ତ ୪୦୦ ଫୁଟର ଜମି ଆବଶ୍ୟକତା ଥିବା ଦର୍ଶାଇଛି। ତେବେ ଜମି ନିକଟରେ କୌଣସି ପ୍ରାକୃତିକ ନିର୍ମଣର ଅର୍ଥାତ ପାହାଡ଼ ପର୍ବତ ଓ ଉଚ୍ଚ ଅଟ୍ଟାଳିକା ନ ଥିବା ଏଉଲ୍ଲେଖ କରାଯାଇଛି। ଏହାସହ ବିଦ୍ୟୁତ୍ ଯୋଗାଣର ବ୍ୟବସ୍ଥା ଥିବା ମଧ୍ୟ ଜରୁରୀ ବୋଲି କୁହାଯାଇଛି। ଏହି ଏକ୍ସ-ବ୍ୟାଣ୍ଡ ରାଡାର୍ ବସିଲେ ୧୦୦ କିମି ପରିଧି ମଧ୍ୟରେ ଯେଉଁ ପାଣିପାଗଜନିତ ଘଟଣା ଘଟିବ ତାହା ଅତି ସହଜରେ ଜାଣି ହେବ ।

# 'ଓ' ସହ ଥ୍ରେଡ୍ସ ଲୋଗୋର ସାମଞ୍ଜସ୍ୟ ନେଇ ଚର୍ଚ୍ଚା

ଭୁବନେଶ୍ୱର,୭।୭
(ଶର୍ମିଷ୍ଠା ପାଣିଗ୍ରାହୀ)




ଆପ୍ 'ଥ୍ରେଡ୍ସ'କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଏହାର ଲୋଗୋକୁ ନେଇ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହି ଆପ୍‌ର ଲୋଗୋ ଓଡ଼ିଆ ଅକ୍ଷର 'ଓ' ସହିତ ସାମଞ୍ଜସ୍ୟ ଅଛି ବୋଲି ଟୁଇଟର୍ , ଫେସବୁକ୍ ଭଳି ପ୍ଲାଟ୍‌ଫର୍ମରେ ଅନେକେ ପୋଷ୍ଟ କରିଛନ୍ତି। ଲୋଗୋର ଫଟୋ ଏବଂ 'ଓ' ର ଫଟୋକୁ କଲାଜ କରି ଅପ୍‌ଲୋଡ କରିବା ସହ ଓଡ଼ିଆ ଅକ୍ଷରକୁ ଏହି ଆପ୍‌ର ଲୋଗୋ ଭାବରେ ନେଇଥିବାରୁ ଅନେକ ମଧ୍ୟ ମାର୍କ ଜୁକରବର୍ଗଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏମିତିକି ଓଡ଼ିଆ 'ଓ' ସହ ସମାନ ଥିବାରୁ ଅନେକ ଏହି ଆପ୍‌କୁ ଡାଉନ୍‌ଲୋଡ କରିଥିବା କଥା ମଧ୍ୟ ଉଲ୍ଲେଖ କରିଛନ୍ତି।


## OFFICE OF THE LABOUR COMMISSIONER, ODISHA, BHUBANESWAR

No. 4254 Date: 05.07.2023

**Notice Inviting Tender for Request for Proposal (RFP) for Engagement of Manpower Service Provider**

No. K-15:- Proposals are invited from eligible Bidders (Firms/ Agencies) interested to provide services of Group-D staff to the Labour Commissioner, Odisha, Bhubaneswar- 751001 on outsourcing basis through a service agreement with specific terms and conditions. The Request for Proposal document along with all informations relating to the tender process such as cost of RFP document, EMD, Eligibility Criteria,Terms & Conditions, etc. are available on the website labour.odisha.gov.in and labourdirectorate.odisha.gov.in which may be downloaded.

**Important Dates:**

Date & Time of Pre-Bid Meeting
Last Date of Submission of ERPs
Date & Time of Opening of RFPs (Technical)

The undersigned services the right to reject any or all the tenders without assigning any reason thereof.

Sd./- Labour Commissioner
Shrama Bhawan, Kharavela Nagar, Bhubaneswar-751001
Ph. No.: (0674) 2390624, E-Mail: www.labcom.orissa.@gmail.com
OIPR-17002/11/0002/2324

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, GANJAM [R&B] DIVISION NO.II, BERHAMPUR

Phone/Fax: 0680-2233996, e-mail: sernb2.ganjam@gmail.com
INVITATION FOR BIDS (IFB) [e-Procurement]

**TENDER CALL NOTICE**

**Bid Identification No. SC (R&B)-GM-II-07/2023-24, No.6084, Dated 05.07.2023**

No. B-465:-

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in Single cover system to be received in **ONLINE MODE** only for the work as detailed below:
2) Nature of Work : Road work
3) No. of work : 02 Nos.
4) Tender Cost : Rs.6,000/-
5) Class of Contractor : 'C' Class & 'B' Class
6) Availability of bid documents in the website : From 18.07.2023 10.00 AM to 04.08.2023 4.00 P.M.
7) Date of opening of Bid : 05.08.2023 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website **https://tendersorissa.gov.in**

(Sd./- S. Patel)
Superintending Engineer, Ganjam (R&B) Division No.II
OIPR-34080/11/0009/2324

## GOVERNMENT OF ODISHA
No.B-435:
## OFFICE OF THE SUPERINTENDING ENGINEER PARALAKHEMUNDI (R&B) DIVISION, PARALAKHEMUNDI
**e-Procurement Notice**

Bid Identification No.S.E., PKD. R&B DIVN.09/2023-24

No.2136 Date:6.7.2023

**INVITATION FOR BIDS**

| | | | |
|---|---|---|---|
| 1. | The Superintending Engineer, Paralakhemundi (R&B) Division on behalf of Governor of Odisha invites Percentage rate bid in **Double/ Single Cover** system to be received in on **ONLINE MODE** only for the construction of works as detailed in the table below: | | |
| 2. | Nature of Works | : | Building Works |
| 3. | No. of Works | : | 12 (Twelve) No. of Works |
| 4. | Estimated Cost (Approximately) | : | Sl.No.01) Rs.99.06 lakhs<br>Sl.No.02 to 12) Rs.10.50 Lakhs & Rs.21.00 Lakhs |
| 5. | Bid Cost | : | Sl.No.01) Rs.10000/-<br>Sl.No.02 to Sl.No. 12) Rs.6000/- |
| 6. | Class of Contractor | : | Sl.No.01) "B" Class<br>Sl.No.02 to Sl.No.12) "B" Class/ "C" Class/ "D" Class |
| 7. | Availability of Bid Documents in the website | : | 10.00 Hrs. of Dt.13.07.2023 to 17.00 Hrs. of Dt.20.07.2023 |
| 8. | Date of opening of bid | : | 12.00 Hrs. of Dt.21.07.2023 |
| 9. | The bidders have to participate in **ONLINE** bidding only. Further details can be seen from the website **http://tendersorissa.gov.in**. Any Addendum /Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

Sd./- Superintending Engineer
Paralakhemundi (R&B) Division
OIPR-34065/11/0006/2324

## OFFICE OF THE DIVISIONAL FOREST OFFICER ANGUL(T) FOREST DIVISION

Ltr No. 3812 Dated. 06.07.2023

**TENDER CALL NOTICE FOR HIRE VEHICLE**

No. MM-90:-

Sealed tender quotation Calls are invited for hiring vehicle to this office latest by 23.07.2023 for detailed tender notice go through this office website: **www.angul.nic.in & www.odishaforest.in**

Divisional Forest Officer
Angul Division
OIPR-08027/11/0005/2324

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-1173

## OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH,BHUBANESWAR-751022

Tender Call Notice No.IDCO:H.O./P&C/EST/E-1084/03/2013-14/ 20812, Dt.05.07.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**1.Name of the Work:** Improvement of CC Road at Balabhadrapur Industrial Estate in Kendrapara District, Odisha.2.Value of the Work: Rs.108.53 Lakhs. 3. Period of Completion: 03 (Three) Calendar Months. 4. Other details:

| Procurement Officer | Bid ID/Tender reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar-751022 | P&C/EST/ E-66/2023-24 | 13.07.2023 at 17.00 Hrs. | 29.07.2023 upto 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in. and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in. and www.idco.in.

**Sd./-Chief General Manager (P&C), IDCO, Bhubaneswar**
OIPR-14003/11/0105/2324

## Government of Odisha, e- Procurement Notice
## INVITATION FOR BIDS (IFB)
**Bid Identification No. C.C.E.Dkl.(R&B) 07/2023-24**

Email Id-sedklpwd@gmail.com
Letter No.1857/Dt.01.07.2023

**No.B-458:**The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Building / Bridge works as detailed below:

1. Name of the work : Buildings / Bridge works
2. No. of works : 12 (Twelve) Nos.
3. Estimated Cost : Rs.3,07,10,548/- to Rs. 7,83,27,007/- (as given in column No. 03 of table)
4. Cost of tender paper : Rs 10,000.00
5. Class of contractor : 'A' Class & 'Special' Class (as given in column No. 07 of table)
6. Period of Completion of work: 09 (Nine) to 11 (Eleven) Calendar months (as given in column No. 08 of table)
7. Date and time of availability of bid Document in the website : From Dt.10.07.2023 to 5.30 PM of Dt.24.07.2023
8. Date of opening of bid : Dt.25.07.2023 at 11.30 hours

The bidders have to participate in ONLINE bidding only. Further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- Chief Construction Engineer**
**Dhenkanal (R&B) Circle, Dhenkanal**
**OIPR-34132/11/0011/2324**

No. B-433

## OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR

E-mail ID: cebuildings_orissa@yahoo.co.in; cebuildings@rediffmail.com, Tel. -(0674)- 2391523

**INVITATIONS FOR BIDS (IFB)**

File No-B-I-DJC-14/2013 Lr. No.- 27935 Dt. 6th July, 2023

**Invitation for Bids**

**Bid Identification No. OSD C.E. (B) – 11 / 2023-24**

| | | | |
|---|---|---|---|
| 1. | The OSD Chief Engineer (Buildings), Odisha, Bhubaneswar on behalf of Governor of Odisha invites percentage rate bids in double cover system in ONLINE MODE only, for the work **"Extension of 2nd & 3rd Floor of the District Court Building at Nuapada" amounting to Rs.14,90,00,000/- (Approximate)** as detailed below. | | |
| 2. | Nature of Work | :- | **Building work** |
| 3. | No. of Work | :- | **01 No.** |
| 4. | Bid Cost | :- | **₹ 10,000/- (Each)** |
| 5. | Class of Contractor | :- | **'A'/Special Class** |
| 6. | Availability of Bid Documents in the website | :- | **From dt. 20.07.2023 to 17.00 hours of dt.03.08.2023** |
| 7. | Date of opening of Bids | :- | **Dt. 04.08.2023 at 11.30 AM.** |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/ cancellation of tender can also be seen in the said website only. | | |

**Sd./- OSD Chief Engineer (Buildings), Odisha, Bhubaneswar**
OIPR-34117/11/0028/2324

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER CENTRAL (R&B) CIRCLE, BHUBANESWAR

Mail i.d. seccbbsr@gmail.com

**E-procurement Tender Call Notice No.05 of 2023-24**
**No. 2058 (Estg.) Bhubaneswar the 3rd July 2023**

No.B-448:- The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for one number interior building work to be received in online bidding, double cover system for construction work as detailed in: https://tendersorissa.gov.in. The details of bid documents will be available in the above website from 5.00 P.M of 10.07.2023 to 5.00 P.M. of 24.07.2023. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 25.07.2023 in the Office of the Chief Construction Engineer, Central (R&B) Circle Bhubaneswar.

Further details can be seen from the e-procurement portal **www.tendersorissa.gov.in**

Addendum / Corrigendum, if required, will be available only in the Website.

**Sd./- Er. P.K.Mohanty**
**Chief Construction Engineer, Central (R&B) Circle, Bhubaneswar**
OIPR-34156/11/0005/2324

## SAMBALPUR MUNICIPAL CORPORATION

Notice No.5746/SMC Date 06.07.23

**QUOTATION CALL NOTICE FOR DOOR TO DOOR WASTE COLLECTION SERVICES WITHIN SMC AREA FOR ZONE-2**

**No.C-758:**Sealed quotations are invited from the reputed Company/ trust/ society/ NGO/government owned entity/individual/ proprietary registered under relevant statute and in operation for door to door collection and transportation of Municipal solid waste from households and non-households within in SMC area for Zone-2. The tender paper should reach Sambalpur Municipal Corporation on or before 5.30 PM of Dt 27.07.2023. The Tender Paper along with details specifications and eligibility criteria for the said works can be downloaded from the website-www.smcsambalpur.nic.in.

The undersigned reserves the right to accept or reject any or all the tender without assigning any reason thereof.

Sd/- Commissioner
Sambalpur Municipal Corporation
OIPR-13122/11/0031/2324

## SAMBALPUR MUNICIPAL CORPORATION

Notice No.5742/SMC Date 06.07.23

**QUOTATION CALL NOTICE FOR DOOR TO DOOR WASTE COLLECTION SERVICES WITHIN SMC AREA FOR ZONE-1**

**No.C-759:**Sealed quotations are invited from the reputed Company/ trust/ society/ NGO/government owned entity/ individual/ proprietary registered under relevant statute and in operation for door to door collection and transportation of Municipal solid waste from households and non-households within in SMC area for Zone-1. The tender paper should reach Sambalpur Municipal Corporation on or before 5.30 PM of Dt 27.07.2023. The Tender Paper along with details specifications and eligibility criteria for the said works can be downloaded from the website-www.smcsambalpur.nic.in.

The undersigned reserves the right to accept or reject any or all the tender without assigning any reason thereof.

Sd/- Commissioner
Sambalpur Municipal Corporation
OIPR-13122/11/0032/2324

## Government of Odisha "e" Procurement Notice
## Bid Identification No. PWDK-10/2023-24
## No. G2/4955 Dt. 28.06.2023

GOVT. OF ODISHA
No.B-455
e-mail: eepwdkeonjhar@yahoo.com

| | | | |
|---|---|---|---|
| 1. | No. of the work | :- | 03 Nos. Building Work and 01 No. Road Work. |
| 2. | Estimated cost | :- | **₹ 9.05 Lakh to ₹ 80.12 Lakhs** |
| 3. | Period of completion | :- | 3 (Three) to 4 (Four) Calendar Months |
| 4. | Date and Time of availability of Bid document in the portal | :- | From 10.00 Hr **10.07.2023** to 17.00 Hr of **24.07.2023** |
| 5. | Last Date/Time for receipt of bids in the portal | :- | 17.00 Hr of **24.07.2023**. |
| 6. | Date of opening of Bid from portal | :- | 11.30 Hr of **25.07.2023**. |
| 7. | Name and address of the officer inviting bid | :- | Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "http://tendersodisha.gov.in

**Sd./- Superintending Engineer**
**Keonjhar (R&B) Division**
OIPR-34004/11/0006/2324

# ନବ ମନୋନୀତ ଶିକ୍ଷକ ପ୍ରଶିକ୍ଷକଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୭।୭(ଅନୁରାଧା ମହାରଣା):** ରାଜ୍ୟ କୃଷି ଭବନଠାରେ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ(ଟିଇ ଆଣ୍ଡ୍ ଏସ୍‌ସିଇଆରଟି) ପକ୍ଷରୁ ନବ ମନୋନୀତ ୧୦୮ ଶିକ୍ଷକ ପ୍ରଶିକ୍ଷକଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେମାନଙ୍କୁ ରାଜ୍ୟର ୩୦ଟି ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସମେତ ୪ଟି ବ୍ଲକ୍ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ନିଯୁକ୍ତି ଦିଆଯିବ। ଟିଇ ଓ ଏସ୍‌ସିଇଆରଟିର ନିର୍ଦ୍ଦେଶକ ମନୋଜ କୁମାର ପାଢୀ ନବନିଯୁକ୍ତ ଶିକ୍ଷକ ପ୍ରଶିକ୍ଷକଙ୍କୁ ସ୍ୱାଗତ କରିଥିଲେ । ଶିକ୍ଷକମାନଙ୍କୁ ଉନ୍ନତମାନର ପ୍ରଶିକ୍ଷଣ ଦେଇ ଶିକ୍ଷାର ଉନ୍ନତି ଦିଗରେ ନିଜର ଶ୍ରେଷ୍ଠ ଅବଦାନ ଦେବାକୁ ସମସ୍ତ ଶିକ୍ଷକ ପ୍ରଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ । ୧୨୦ ଶିକ୍ଷକ ପ୍ରଶିକ୍ଷକ ପଦବୀ ପୂରଣ ପାଇଁ ରାଜ୍ୟ କର୍ମଚାରୀ ପ୍ରବରଣ ଆୟୋଗ ଲିଖିତ ପରୀକ୍ଷା କରିଥିଲା । ଲିଖିତ ପରୀକ୍ଷା କରାଯାଇ ୧୦୮ ପ୍ରାର୍ଥୀଙ୍କୁ ଆୟୋଗ ମନୋନୟନ କରିଥିଲା । ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ସେମାନଙ୍କର ଆବଶ୍ୟକ ପ୍ରମାଣ ପତ୍ର ଯାଞ୍ଚ କରାଯାଇଥିଲା । ଏହାସହ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସହ ୪ଟି ବ୍ଲକ୍ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଖାଲି ଥିବା ପଦବୀରେ ଯୋଗଦେବାକୁ ପ୍ରାର୍ଥୀମାନେ ନିଜ ଇଚ୍ଛା ମୁତାବକ ଚୟନ କରିଥିଲେ।


# ODISHA PUBLIC SERVICE COMMISSION
## CUTTACK
## NOTICE

**No. 5434/P.S.C.** **Dt.: 07.07.2023**

No. D-77: It is for information of all provisionally qualified candidates of OCS main examination 2021 that, the **Document Verification & Personality Test** for the Odisha Civil Services, 2021, pursuant to Advt. No. 25 of 2021-22 will be held from **15.07.2023 to 25.07.2023 (including fourth Saturday & Sunday)** in the Office of Commission, at 19, Dr. P.K. Parija Road, Cuttack - 753001 as per the programme mentioned below.

| Sl. No. | Roll No. of Candidates | Date of Document Verification and Personality Test | Time of Reporting by the Candidates | Time of Document Verification | Time of Personality Test | Team |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01. | 100214, 100288, 100635, 100789, 101495, 101596, 101723, 102112, 102113, 102306 **= 10 Candidates** | 15.07.2023 | 08.00 A.M. | 08.30 A.M. | 10.45 A.M. | Team - I |
| | 102402, 102756, 102986, 103124, 103474, 103974, 104028, 104100 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 104125, 104161, 104441, 104458, 104476, 104505, 104529, 104535, 104891, 104923 **= 10 Candidates** | 15.07.2023 | 08.00 A.M. | 08.30 A.M. | 10.45 A.M. | Team - II |
| | 104949, 200099, 200282, 200314, 200329, 200339, 200438, 200553 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 200781, 201078, 201336, 201874, 201941, 202755, 202789, 202927, 203166, 203552 **= 10 Candidates** | 15.07.2023 | 08.00 A.M. | 08.30 A.M. | 10.45 A.M. | Team - III |
| | 203915, 203972, 204072, 204264, 204370, 204442, 204455, 204469 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| 02. | 204600, 204753, 204767, 204857, 205067, 205253, 205564, 205762, 205866, 300076 **= 10 Candidates** | 16.07.2023 | 08.00 A.M. | 08.30 A.M. | 10.45 A.M. | Team - I |
| | 300159, 300207, 300268, 300441, 300515, 300523, 300535, 300574 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 300580, 300582, 300590, 300597, 300615, 300623, 300662, 300804, 300855, 300954 **= 10 Candidates** | 16.07.2023 | 08.00 A.M. | 08.30 A.M. | 10.45 A.M. | Team - II |
| | 300971, 300975, 300983, 300993, 301183, 301208, 301216, 301299 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 301340, 301388, 301394, 301407, 301424, 301664, 301773, 301809, 301811, 301836 **= 10 Candidates** | 16.07.2023 | 08.00 A.M. | 08.30 A.M. | 10.45 A.M. | Team - III |
| | 301839, 301844, 301881, 301916, 301940, 301953, 301977, 302010 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 302027, 302051, 302168, 302184, 302188, 302222, 302232, 302246, 302271, 302308 **= 10 Candidates** | 16.07.2023 | 08.00 A.M. | 08.30 A.M. | 10.45 A.M. | Team - IV |
| | 302392, 302399, 302421, 302439, 302452, 302475, 302488, 302511 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| 03. | 302575, 302617, 302621, 302628, 302633, 302641, 302679, 302761, 302772, 302776 **= 10 Candidates** | 17.07.2023 | 08.00 A.M. | 08.30 A.M. | 10.45 A.M. | Team - I |
| | 302784, 302787, 302793, 302813, 302814, 302858, 302880, 302883 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 302934, 302951, 303065, 303070, 303134, 303147, 303178, 303195, 303213, 303214 **= 10 Candidates** | 17.07.2023 | 08.00 A.M. | 08.30 A.M. | 10.45 A.M. | Team - II |
| | 303447, 303588, 303651, 303653, 303659, 303697, 303708, 303714 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 303746, 303752, 303765, 303898, 304029, 304062, 304082, 304184, 304283, 304315 **= 10 Candidates** | 17.07.2023 | 08.00 A.M. | 08.30 A.M. | 10.45 A.M. | Team - III |
| | 304331, 304335, 304394, 304436, 304473, 304583, 304613, 304622 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 304696, 304717, 304746, 304765, 304779, 304792, 304811, 304892, 304899, 304937 **= 10 Candidates** | 17.07.2023 | 08.00 A.M. | 08.30 A.M. | 10.45 A.M. | Team - IV |
| | 304968, 304997, 305023, 305033, 305108, 305190, 305241, 305311 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 305321, 305323, 305375, 305378, 305432, 305439, 305485, 305531, 305553, 305663 **= 10 Candidates** | 17.07.2023 | 08.00 A.M. | 08.30 A.M. | 10.45 A.M. | Team - V |
| | 305729, 305734, 305742, 305745, 305780, 305833, 305973, 306036 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| 04. | 306094, 306096, 306111, 306125, 306139, 306237, 306252, 306291, 306313, 306321 **= 10 Candidates** | 18.07.2023 | 08.00 A.M. | 08.30 A.M. | 10.45 A.M. | Team - I |
| | 306323, 306326, 306336, 306403, 306427, 306461, 306485, 306491 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 306500, 306551, 306573, 306576, 306585, 306593, 306605, 306635, 306649, 306705 **= 10 Candidates** | 18.07.2023 | 08.00 A.M. | 08.30 A.M. | 10.45 A.M. | Team - II |
| | 306750, 306776, 306800, 306810, 306827, 306853, 306892, 306899 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 306907, 306920, 306986, 307066, 307069, 307071, 307079, 307129, 307134, 307142 **= 10 Candidates** | 18.07.2023 | 08.00 A.M. | 08.30 A.M. | 10.45 A.M. | Team - III |
| | 307145, 307148, 307150, 307159, 307178, 307229, 307241, 307264 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 307289, 307315, 307354, 307589, 307650, 307771, 307848, 307920, 308037, 308061 **= 10 Candidates** | 18.07.2023 | 08.00 A.M. | 08.30 A.M. | 10.45 A.M. | Team - IV |
| | 308085, 308089, 308107, 308128, 308190, 308331, 308373, 308433 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 308470, 308518, 308590, 308592, 308887, 308888, 308893, 308946, 309038, 309140 **= 10 Candidates** | 18.07.2023 | 08.00 A.M. | 08.30 A.M. | 10.45 A.M. | Team - V |
| | 309236, 309237, 309251, 309266, 309302, 309308, 309345, 309349 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| 05. | 309358, 309462, 309594, 309719, 309747, 309872, 309887, 309930, 309933, 309942 **= 10 Candidates** | 19.07.2023 | 08.00 A.M. | 08.30 A.M. | 10.45 A.M. | Team - I |
| | 309961, 309962, 310002, 310031, 310104, 310154, 310196, 310201 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 310292, 310396, 310480, 310484, 310571, 310596, 310665, 310671, 310749, 310779 **= 10 Candidates** | 19.07.2023 | 08.00 A.M. | 08.30 A.M. | 10.45 A.M. | Team - II |
| | 310831, 310880, 310946, 310958, 310989, 311006, 311090, 311303 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 311342, 311391, 311410, 311450, 311470, 311487, 311553, 311598, 311609, 311626 **= 10 Candidates** | 19.07.2023 | 08.00 A.M. | 08.30 A.M. | 10.45 A.M. | Team - III |
| | 311631, 311705, 311751, 311782, 311798, 311809, 311873, 311897 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 311918, 312155, 312231, 312262, 312305, 312411, 312446, 312472, 312533, 312572 **= 10 Candidates** | 19.07.2023 | 08.00 A.M. | 08.30 A.M. | 10.45 A.M. | Team - IV |
| | 312714, 312788, 312804, 312834, 312865, 312886, 312905, 313041 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 313042, 313132, 313133, 313175, 313282, 313317, 313334, 313353, 313389, 313410 **= 10 Candidates** | 19.07.2023 | 08.00 A.M. | 08.30 A.M. | 10.45 A.M. | Team - V |
| | 313432, 313447, 313451, 313457, 313502, 313569, 313593, 313595 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| 06. | 313606, 313608, 313618, 313645, 313671, 313782, 313828, 313884, 313962, 313985 **= 10 Candidates** | 20.07.2023 | 08.00 A.M. | 08.30 A.M. | 10.45 A.M. | Team - I |
| | 314319, 314355, 314363, 314407, 314414, 314423, 314454, 314511 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 314617, 314675, 314692, 314711, 314720, 314757, 314833, 314842, 314850, 314918 **= 10 Candidates** | 20.07.2023 | 08.00 A.M. | 08.30 A.M. | 10.45 A.M. | Team - II |
| | 314936, 314947, 315014, 315044, 315072, 315076, 315082, 315083 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 315113, 315140, 315153, 315313, 315359, 315389, 315392, 315421, 315454, 315479 **= 10 Candidates** | 20.07.2023 | 08.00 A.M. | 08.30 A.M. | 10.45 A.M. | Team - III |
| | 315600, 315668, 315677, 315694, 315712, 315715, 315787, 315972 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 316025, 316133, 316188, 316191, 316231, 316262, 316361, 316368, 316418, 316445 **= 10 Candidates** | 20.07.2023 | 08.00 A.M. | 08.30 A.M. | 10.45 A.M. | Team - IV |
| | 316487, 316624, 316629, 316647, 316688, 316751, 316770, 316775 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| 07. | 316831, 316901, 317025, 317051, 317123, 317212, 317233, 317361, 317377, 317399 **= 10 Candidates** | 21.07.2023 | 08.00 A.M. | 08.30 A.M. | 10.45 A.M. | Team - I |
| | 317490, 317544, 317588, 317590, 317640, 317682, 317695, 317742 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 317763, 317816, 317887, 317942, 318036, 318088, 318155, 318207, 318296, 318345 **= 10 Candidates** | 21.07.2023 | 08.00 A.M. | 08.30 A.M. | 10.45 A.M. | Team - II |
| | 318363, 318380, 318408, 318413, 318470, 318662, 318799, 318881 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 318914, 319087, 319130, 319137, 319145, 319152, 319169, 319279, 319424, 319430 **= 10 Candidates** | 21.07.2023 | 08.00 A.M. | 08.30 A.M. | 10.45 A.M. | Team - III |
| | 319460, 319500, 319539, 319555, 319563, 319613, 319616, 319661 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 319743, 319788, 319867, 319965, 320060, 320258, 320336, 320356, 320396, 320482 **= 10 Candidates** | 21.07.2023 | 08.00 A.M. | 08.30 A.M. | 10.45 A.M. | Team - IV |
| | 320491, 320522, 320660, 320922, 320958, 320971, 321041, 321069 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| 08. | 321098, 321099, 321118, 321279, 321282, 321288, 321325, 321340, 321409, 321412 **= 10 Candidates** | 22.07.2023 | 08.00 A.M. | 08.30 A.M. | 10.45 A.M. | Team - I |
| | 321487, 321490, 321554, 321619, 321656, 321686, 321697, 321732 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 321780, 321805, 321841, 321842, 321872, 321878, 322014, 322036, 322040, 322048 **= 10 Candidates** | 22.07.2023 | 08.00 A.M. | 08.30 A.M. | 10.45 A.M. | Team - II |
| | 322051, 322063, 322187, 322205, 322206, 322305, 322341, 322414 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 322508, 322536, 322634, 322696, 322707, 322716, 322832, 322939, 322987, 323019 **= 10 Candidates** | 22.07.2023 | 08.00 A.M. | 08.30 A.M. | 10.45 A.M. | Team - III |
| | 323020, 323051, 323179, 323181, 323209, 323212, 323223, 323239 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 323334, 323337, 323343, 323378, 323546, 323572, 323593, 323715, 323724, 323817 **= 10 Candidates** | 22.07.2023 | 08.00 A.M. | 08.30 A.M. | 10.45 A.M. | Team - IV |
| | 323818, 323955, 323984, 324057, 324157, 324194, 324227, 324243 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 324249, 324327, 324357, 324364, 324411, 324502, 324524, 324549, 324680, 324831 **= 10 Candidates** | 22.07.2023 | 08.00 A.M. | 08.30 A.M. | 10.45 A.M. | Team - V |
| | 324882, 324959, 324983, 325048, 325093, 325105, 325287, 325290 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| 09. | 325413, 325416, 325455, 325529, 325571, 325724, 325880, 325924, 325978, 326014 **= 10 Candidates** | 23.07.2023 | 08.00 A.M. | 08.30 A.M. | 10.45 A.M. | Team - I |
| | 326036, 326040, 326075, 326081, 326086, 326097, 326157, 326158 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 326188, 326236, 326286, 326338, 326361, 326403, 326414, 326423, 326443, 326444 **= 10 Candidates** | 23.07.2023 | 08.00 A.M. | 08.30 A.M. | 10.45 A.M. | Team - II |
| | 326491, 326515, 326539, 326563, 326575, 326583, 326584, 326594 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 326624, 326642, 326714, 326752, 326756, 326793, 326795, 326800, 326823, 326833 **= 10 Candidates** | 23.07.2023 | 08.00 A.M. | 08.30 A.M. | 10.45 A.M. | Team - III |
| | 326852, 326871, 326974, 326990, 327017, 327059, 327070, 327287 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 327290, 327332, 327413, 327436, 400072, 400124, 400155, 400281, 400476, 400507 **= 10 Candidates** | 23.07.2023 | 08.00 A.M. | 08.30 A.M. | 10.45 A.M. | Team - IV |
| | 400661, 400791, 400809, 400886, 400949, 400966, 401052, 401054 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| | 401405, 401746, 401764, 401769, 401807, 401830, 401941, 402092, 402100, 402262 **= 10 Candidates** | 23.07.2023 | 08.00 A.M. | 08.30 A.M. | 10.45 A.M. | Team - V |
| | 402276, 402293, 402407, 402482, 402698, 402699, 402736, 402758 = **08 Candidates** | | 12.30 P.M. | 01.00 P.M. | 02.45 P.M. | |
| 10. | 402759, 402818, 402847, 402940, 403072, 403160, 403277, 403381, 403450, 403465 **= 10 Candidates** | 24.07.2023 | 08.00 A.M. | 08.30 A.M. | 10.45 A.M. | Team - I |
| | 403499, 403680, 403852, 403948, 403949, 404018, 404350, 404672, 404747 **= 09 Candidates** | | 12.30 P.M. | 01.00 P.M. | 02.45 P.M. | |
| | 404748, 404955, 405014, 405123, 405147, 405434, 405544, 405723, 405836, 405843 **= 10 Candidates** | 24.07.2023 | 08.00 A.M. | 08.30 A.M. | 10.45 A.M. | Team - II |
| | 405870, 405897, 405951, 405992, 406059, 406151, 406195, 406292, 406408 **= 09 Candidates** | | 12.30 P.M. | 01.00 P.M. | 02.45 P.M. | |
| | 406525, 406527, 406545, 406701, 406709, 406748, 406802, 406854, 406910, 406931 **= 10 Candidates** | 24.07.2023 | 08.00 A.M. | 08.30 A.M. | 10.45 A.M. | Team - III |
| | 406966, 406980, 407084, 407096, 407310, 407412, 407493, 407651, 500070 **= 09 Candidates** | | 12.30 P.M. | 01.00 P.M. | 02.45 P.M. | |
| | 500296, 500304, 500452, 500469, 500625, 500634, 500749, 500942, 501028, 501043 **= 10 Candidates** | 24.07.2023 | 08.00 A.M. | 08.30 A.M. | 10.45 A.M. | Team - IV |
| | 501069, 501121, 501484, 501893, 502173, 502460, 502813, 502895, 502956 **= 09 Candidates** | | 12.30 P.M. | 01.00 P.M. | 02.45 P.M. | |
| 11. | 503008, 503200, 503234, 503238, 503428, 503585, 503646, 503649, 503731, 503844 **= 10 Candidates** | 25.07.2023 | 08.00 A.M. | 08.30 A.M. | 10.45 A.M. | Team - I |
| | 503849, 503989, 504210, 504240, 504404, 504408, 504683, 505176, 505201 **= 09 Candidates** | | 12.30 P.M. | 01.00 P.M. | 02.45 P.M. | |
| | 505426, 505518, 505542, 505658, 505754, 505815, 505882, 505917, 505959, 506096 **= 10 Candidates** | 25.07.2023 | 08.00 A.M. | 08.30 A.M. | 10.45 A.M. | Team - II |
| | 506139, 506179, 506549, 506601, 506627, 506796, 506835, 506868, 507036 **= 09 Candidates** | | 12.30 P.M. | 01.00 P.M. | 02.45 P.M. | |
| | 507334, 507616, 507670, 507759, 507836, 507915, 508095, 508250, 508392, 508414 **= 10 Candidates** | 25.07.2023 | 08.00 A.M. | 08.30 A.M. | 10.45 A.M. | Team - III |
| | 508617, 508721, 508767, 508771, 508810, 508821, 508832, 509061, 509449 **= 09 Candidates** | | 12.30 P.M. | 01.00 P.M. | 02.45 P.M. | |
| | 509520, 509581, 509976, 510008, 510066, 510191, 510192, 510212, 510260, 510340 **= 10 Candidates** | 25.07.2023 | 08.00 A.M. | 08.30 A.M. | 10.45 A.M. | Team - IV |
| | 510354, 510379, 310680, 510682, 511293, 511374, 511548, 511839 = **08 Candidates** | | 12.30 P.M. | 01.00 P.M. | 02.45 P.M. | |

The candidates are required to produce following original documents along with a set of self-attested photocopies of all certificates/documents at the time of document verification failing which their candidature will be rejected.

1. Hard Copy of Online application form duly signed in.
2. Attestation Form, Bio-data Form.
   (To be downloaded from the website of the Commission)
3. H.S.C. or equivalent certificate in support of declaration of age.
4. Intermediate/+2 examination certificate issued by the concerned Board/Council.
5. Bachelor's Degree Certificate issued by the conerned University. If any candidate claims to possess qualification, equivalent to the prescribed qualification, the rule/authority (with number & date) under which it is so treated must be furnished.
6. Odia Pass Certificate.
7. Caste Certificate by Birth in support of claim as SC/ST/SEBC issued by the competent authority within the closing date of online application.
8. Sports Certificate and Identity Card issued by Director of Sports, Odisha, if any.
9. Permanent Disability Certificate (indicating percentage of disability i.e. 40% or more) issued by the concerned Medical Board, wherever applicable.
10. Discharge Certificate issued by the Commanding Officer of the Unit last served in case of Ex-servicemen candidates.
    (ii) The Ex-Servicemen candidates are required to furnish an Affidavit in original indicating that-
    "I have not got any appointment as an Ex-Servicemen against Civil Post against the Quota available for the said category".
11. A declaration regarding number of attempts exercised by the candidates in the OCS examination in the prescribed format annexed at Annexure - A.
12. Three recent passport size photographs, which has been uploaded with online application.
13. No Objection Certificate (in case of in-service candidates), whereever applicable.
14. Any document in support if Identity (Aadhaar/DL/PAN Card/Voter ID Card).

**OIPR-12002/11/0054/2324** **Sd./- Secretary**

## ସଂକ୍ଷେପରେ

### ରାସ୍ତାରେ ଓଲଟିପଡ଼ିଲା ହାଇୱା



ବାରଙ୍ଗ,୭।୭(ଲିଙ୍ଗରାଜ ରାଉତ)- ଦାରୁଠେଙ୍ଗଗାଁ ନିକଟ ଜୁଝଗଡ଼ଠାରେ ବାରଙ୍ଗପଟୁ ବାଲିନେଇ ଚନ୍ଦକା ଆଡେ ଆସୁଥିବା ଓଡି୦୨-ଏକ୍ୟୁ-୪୭୭୫ନଂ ହାଇୱାଟି ଶୁକ୍ରବାର ଅପରାହ୍ନରେ ରାସ୍ତା ଉପରେ ଓଲଟିପଡିଛି। ଦ୍ରୁତଗତିରେ ଆସୁଥିବାବେଳେ ହାଇୱାଟି ଭାରସାମ୍ୟ ହରାଇ ରାସ୍ତାଉପରେ ଓଲଟିପଡିଥିଲା। ଏହିସମୟରେ ସେହି ରାସ୍ତାରେ ଯାଉଥିବା ଏକ ବାଇକ୍ ଚାଳକ ସୌଭାଗ୍ୟବଶତଃ ବର୍ତ୍ତିଯାଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ଆହତ ହୋଇଥିବା ହାଇୱା ଚାଳକ ଓ ହେଲପରକୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଛନ୍ତି।

### ଯୁବତୀଙ୍କୁ ପ୍ରତାରଣା, ଯୁବକ ଗିରଫ

ବାଲିଅନ୍ତା,୭।୭(ନୀଳମାଧବ ସାହୁ)- ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ସହ ବଳାତ୍କାର ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳ ସାଗର ଦାସ। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ସୂଚନା ଅନୁଯାୟୀ, ପୀଡ଼ିତା ଜଣକ ଉକ୍ତ ଥାନା ଅଞ୍ଚଳରେ ଟ୍ରେଲରିଂ ଶିଖୁଥିବା ବେଳେ ଯୁବକଙ୍କ ସହ ପରିଚିତ ହୋଇଥିଲେ। ପରେ ସେ ବିବାହର ପ୍ରତିଶ୍ରୁତି ଦେଇ ଗତ ୧୪ତାରିଖରେ ଯୁବତୀଙ୍କୁ ଏକ ସମ୍ପର୍କୀୟଙ୍କ ଘରକୁ ନେଇଯାଇଥିଲେ। ପରେ ଶାରୀରିକ ସମ୍ପର୍କରେ ରଖିବା ଆଉ ଧରାଛୁଆଁ ଦେଇ ନ ଥିଲେ। ଏ ନେଇ ଯୁବତୀଙ୍କ ପରିବାର ଲୋକ ଜାଣିବା ପରେ ଯୁବକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୨୩୮/୨୩) ରୁଜୁ କରି ତଦନ୍ତ କରି ଯୁବକଙ୍କୁ ଗିରଫ କରିଥିଲା।

### ଭ୍ୟାନିଟି ଝାମ୍ପି ଫେରାର ବେଳେ ପଡ଼ିଗଲେ ଲୁଟେରା

ବାରଙ୍ଗ,୭।୭(ଲିଙ୍ଗରାଜ ରାଉତ)- ଗୋଡିସାହି ଫାଣ୍ଡି ନିକଟରୁ ଶୁକ୍ରବାର ଚଳନ୍ତା ବାଇକ୍‌ରୁ ଭ୍ୟାନିଟି ଝାମ୍ପି ନେଇ ଫେରାର ହେଉଥିବା ବେଳେ ବାଇକରୁ ଖସି ଜଣେ ଲୁଟେରା ଧରାପଡିଥିବାବେଳେ ଆଉ ଜଣେ ଫେରାର ହୋଇଯାଇଛି। ବିଳମ୍ବିତ ରାତିରେ ଏକ ଦମ୍ପତି ବାଙ୍କୀ ପଟକୁ ବାଇକ୍‌ରେ ଯାଉଥଲେ। ତାଙ୍କୁ ପିଛା କରି ଗୋଡିସାହି ଫାଣ୍ଡିଠାରୁ ଅଳ୍ପ ଦୂରରେ ଦୁଇଜଣ ଲୁଟେରା ଏକ ବାଇକ୍‌ରେ ଆସି ମହିଳାଙ୍କ ଭ୍ୟାନିଟି ଝାମ୍ପିନେଇ ତ୍ରିଶୂଳିଆ ଆଡେ ପଳାଇଆସୁଥିଲେ। ଏହି ସମୟରେ ଆସୁଥିବା ଏକ ହାଇୱା ସହ ଧକ୍କା ଦେଇ ଗାଡିରୁ ଜଣେ ଲୁଟେରା ପଡିଯାଇଥିଲେ। ସ୍ଥାନୀୟ ଲୋକ ଜଣଙ୍କୁ କାବୁ କରିଦେବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲା। କାବୁ କରିଥିବା ଲୁଟେରାଙ୍କୁ ଗ୍ରାମବାସୀ ପୋଲିସର ଜିମା ଦେଇଥିଲେ।

# ଉଚ୍ଛେଦ ବେଳେ ବିଡିଏ ଟିମ୍‌କୁ ଆକ୍ରମଣ

## ପୋଲିସ ଆଗରେ ଯନ୍ତ୍ରୀଙ୍କ ଶାର୍ଟ ଚିରି ଗାଡ଼ମାରିଲେ ବସ୍ତିବାସିନ୍ଦା

ଭୁବନେଶ୍ୱର, ୭।୭ (ବନ୍ଦନା ସେଠୀ)



ସହକାରୀ ଯନ୍ତ୍ରୀ ବିଭୂ ପ୍ରସାଦ ବେହେରାଙ୍କ ଶାର୍ଟ ଚିରି ଆକ୍ରମଣ କରାଯାଉଛି। ବସ୍ତିବାସିନ୍ଦାଙ୍କ କବଳରୁ ପୋଲିସ ତାଙ୍କୁ ଉଦ୍ଧାର କରୁଛି।

ଜବରଦଖଲ ଉଚ୍ଛେଦବେଳେ ପୋଲିସ ଉପସ୍ଥିତିରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ଆକ୍ରମଣ ହୋଇଛି। ଏଥିରେ ସହକାରୀ ଯନ୍ତ୍ରୀ ବିଭୂ ପ୍ରସାଦ ବେହେରା, ଜଣେ ଠିକାଦାରଆହତହୋଇଛନ୍ତି।ବସ୍ତିବାସିନ୍ଦାଙ୍କ ଆକ୍ରମଣ ପରେ ସେଠାରେ କିଛି ସମୟ ପର୍ଯ୍ୟନ୍ତ ଉତ୍ତେଜନା ଦେଖାଦେଇଥିଲା। ଫଳରେ ଏନ୍‌ଫୋର୍ସମେଣ୍ଟ ଟିମ୍ ଉଚ୍ଛେଦ ଅଧାରୁ ବନ୍ଦ କରି ଫେରିବା ସହ ଭରତପୁର ଥାନାରେ ୧୦ରୁ ଉର୍ଦ୍ଧ୍ୱ ଲୋକଙ୍କ ବିରୋଧରେ ଏତଲା ଦେଇଛି। ସୂଚନାଯୋଗ୍ୟ, ଭରତପୁର ଥାନା ଅନ୍ତର୍ଗତ ପାତ୍ରପଡ଼ା ମୌଜା(ଶନି ମନ୍ଦିର ପଛ ଅଞ୍ଚଳ)ର ସରକାରୀ ପ୍ଲଟ୍ ନଂ. ୩୨୧ ଦୀର୍ଘଦିନ ଧରି ଜବରଦଖଲରେ ରହିଥିଲା। ଶୁକ୍ରବାର ବିଡିଏ ଟିମ୍ ସେଠାରେ ପହଞ୍ଚି ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିଲା। ଏକ ପ୍ଲାଟୁନ ରିଜର୍ଭ ପୋଲିସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ପୂର୍ବାହ୍ନରେ ଉଚ୍ଛେଦ ସୁରୁଖୁରୁରେ ଚାଲିଥିବାବେଳେ ଅପରାହ୍ନ ୪ଟା ୨୦ରେ ବସ୍ତିର ଏକ ଗୋଷ୍ଠୀ ସେମାନଙ୍କ ସମର୍ଥକଙ୍କୁ ଧରି ହଠାତ୍ ପହଞ୍ଚି ଉଚ୍ଛେଦକୁ ବିରୋଧ କରିଥିଲେ। ଏହି ସମୟରେ କେତେଜଣ ବସ୍ତିବାସିନ୍ଦା ବିଡ଼ିଏ ସହକାରୀ ଯନ୍ତ୍ରୀ ବିଭୁ ପ୍ରସାଦଙ୍କ ସହ ଏନ୍‌ଫୋର୍ସମେଣ୍ଟ ଟିମ୍ ସଦସ୍ୟ ଓ ଉଚ୍ଛେଦରେ ନିୟୋଜିତ ଠିକାଦାରଙ୍କୁ ଆକ୍ରମଣ କରିଥିଲେ। ପୋଲିସର ଆକ୍ରମଣକାରୀଙ୍କ କବଳରୁ ସେମାନଙ୍କୁ ଉଦ୍ଧାର କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ନାକେଦମ୍ ହୋଇଥିଲା। ତେବେ ଉକ୍ତ ଉଚ୍ଛେଦକୁ ବନ୍ଦ କରାଯାଥିଲେ ମଧ୍ୟ ସେତେବେଳକୁ ୧୨ଟି ଆଜବେଷ୍ଟସ ଘର, ୨ଟି ଚାଳ ଛପର, ୪ଟି ପଲିଥିନ ଘର, ୫ଟି ଅର୍ଦ୍ଧ ନିର୍ମିତ ଘର, ୩୦୦ ଫୁଟ ଲମ୍ବର ପାଚେରି, ୯ଟି କ୍ୟାବିନ, ୩ଟି ଚିକେନ କାଉଣ୍ଟର ଓ ୨ଟି କବାଡିଆ ଦୋକାନ ଭଙ୍ଗା ସରିଥିଲା।

# ଶହୀଦନଗର ଜନପଥ ଅଞ୍ଚଳରୁ ହଟିବ ପାର୍କିଂ

## ରାସ୍ତାକଡ଼ରେ ଗାଡ଼ି ରଖିଲେ ଉଠାଇନେବ ବିଏମ୍‌ସି

ଭୁବନେଶ୍ୱର, ୭।୭ (ବନ୍ଦନା ସେଠୀ)

ଶହୀଦନଗର ଜନପଥ ଅଞ୍ଚଳରୁ ହଟିବ ପାର୍କିଂ। ରାସ୍ତା କଡରେ ଗାଡି ରଖିଲେ ଗାଡ଼ି ଉଠାଇ ନିଆଯିବ ବୋଲି କଡା ଚେତାବନୀ ଦେଇଛନ୍ତି ମେୟର ସୁଲୋଚନା ଦାସ। ଶହୀଦନଗର ଅଞ୍ଚଳରେ ଥିବା ବ୍ୟବସାୟୀ ଓ ଘର ମାଲିକଙ୍କୁ ନେଇ ମେୟରଙ୍କ ଅଧକ୍ଷତାରେ ଶୁକ୍ରବାର ବିଏମ୍‌ସି ମୁଖ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାସ୍ତାକଡ଼ରେ ଗାଡ଼ି ନ ରଖି ସେଠାରେ ଥିବା ମଲ୍ଟି ଲେଭଲ ପାର୍କିଂରେ ଗାଡ଼ି ରଖିବାକୁ ମେୟର ଅନୁରୋଧ କରିଛନ୍ତି। ବ୍ୟବସାୟୀ ଓ କର୍ମଚାରୀ ଯେଉଁମାନଙ୍କର ନିଜସ୍ୱ ପାର୍କିଂ ନାହିଁ କିମ୍ବା ନିଜସ୍ୱ ପାର୍କିଂ କ୍ଷମତାଠାରୁ ଅଧିକ ଗାଡି ରହିଛି, ସେମାନେ ବାହାରେ ନ ରଖି ମଲ୍ଟି ଲେଭଲ ପାର୍କିଂରେ ଗାଡି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗ୍ରାହକମାନଙ୍କୁ ମଧ୍ୟ ମଲ୍ଟି ଲେଭଲ ପାର୍କିଂରେ ଗାଡି ରଖିବା ପାଇଁ ପରାମର୍ଶ ଦେବାକୁ କୁହାଯାଇଛି। ବ୍ୟବସାୟୀ ଓ ସେମାନଙ୍କ କର୍ମଚାରୀମାନେ ରାସ୍ତାରେ ଗାଡି ରଖିବାରୁ ସର୍ବସାଧାରଣଙ୍କ ଚଳପ୍ରଚଳରେ ବହୁ ଅସୁବିଧା ହେଉଛି। ତେଣୁ ପ୍ରଥମେ ସେମାନେ ପାର୍କିଂରେ ଗାଡ଼ି ରଖିବାର ଅଭ୍ୟାସ କରନ୍ତୁ ବୋଲି କୁହାଯାଇଛି। ସେହିପରି ନିଜସ୍ୱ ପାର୍କିଂ କରିବାକୁ ଚୁକ୍ତି କରିଥିବା ଅନୁଷ୍ଠାନଗୁଡିକ ନିଜ ଚୁକ୍ତିର ଖିଲାପ ନ କରିବାକୁ ଅନୁରୋଧ କରାଯାଇଛି। ମଲ୍ଟି ଲେଭଲ ପାର୍କିଂରେ ୨୦୦ ଚାରିଚକିଆ ଯାନ, ୩୦୦ ଦୁଇଚକିଆ ଯାନ ଏବଂ ୨୦୦ ସାଇକେଲ ରଖିବା ପାଇଁ ବ୍ୟବସ୍ଥା ରହିଛି। ତେଣୁ ତା'ର ସୁବିନିଯୋଗ କରିବା ସହ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ନ କରିବାକୁ ଜନସାଧାରଣଙ୍କୁ କୁହାଯାଇଛି। ବୈଠକରେ ମେୟର ଓ କମିଶନରଙ୍କ ସମେତ ସ୍ଥାନୀୟ କର୍ପୋରେଟର ରାଜ କିଶୋର ଦାସ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ଜୋନାଲ ଡେପୁଟି କମିଶନର ପ୍ରିୟବ୍ରତ ପାଢୀ, ସ୍ମାର୍ଟସିଟି ଜେନେରାଲ ମ୍ୟାନେଜର ସୁବ୍ରତ ବେହେରାଙ୍କ ସମେତ ଶହୀଦନଗର ଅଞ୍ଚଳର ଘର ମାଲିକ, ବ୍ୟବସାୟୀ, ପାର୍କିଂ ନେଇଥିବା ଏଜେନ୍ସିର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଗୁରୁ ପୀତାମ୍ବର, ନୃସିଂହଚରଣଙ୍କୁ ବିମୁଗ୍ଧା ସମ୍ମାନ



ଅତିଥିଙ୍କ ଗହଣରେ 'ବିମୁଗ୍ଧା ସମ୍ମାନ' ପାଇଥିବା ଗୁରୁ ପୀତାମ୍ବର ବିଶ୍ୱାଳ ଓ ନୃସିଂହଚରଣ ପଟ୍ଟନାୟକ। (ଫଟୋ- ବିକାଶ ନାୟକ)

ଭୁବନେଶ୍ୱର,୭।୭(ଶର୍ମିଷ୍ଠା ପାଣିଗ୍ରାହୀ)

ପଦାମୃତ ନୃତ୍ୟାୟନ ପକ୍ଷରୁ ଶୁକ୍ରବାର ଭଞ୍ଜକଳା ମଣ୍ଡପରେ ତୃତୀୟ ବିମୁଗ୍ଧା ୨୦୨୩ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଅତିଥି ଭାବେ ନୃତ୍ୟାଙ୍ଗନା ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ, ମର୍ଦ୍ଦଳ ବାଦକ ଧନେଶ୍ୱର ସ୍ୱାଇଁ, ଗୁରୁ ସୁତପା ତାଲୁକ୍‌ଦାର, ଅନୁଷ୍ଠାନର ଉପଦେଷ୍ଟା ଗୁରୁ ରଘୁନାଥ ମହାପାତ୍ର, ସଭାପତି କେ ରାମା ସ୍ୱାମି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗୁରୁ ପିତାମ୍ବର ବିଶ୍ୱାଳ ଓ ନୃସିଂହ ଚରଣ ପଟ୍ଟନାୟକଙ୍କୁ ବିମୁଗ୍ଧା ସମ୍ମାନରେ ସମ୍ମାନିତ କରିବା ସହ ୫ହଜାର ଟଙ୍କା ଲେଖାଏ ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ବାଦ୍ୟ ବୀଣା ଗୁରୁକୁଳର ଛାତ୍ରମାନଙ୍କ ଦ୍ୱାରା ଦଳଗତ ମର୍ଦ୍ଦଳ ବାଦନ ପରିବେଷଣ କରାଯାଇଥିଲା। ପରେ ରୁଦ୍ରାକ୍ଷ ଫାଉଣ୍ଡେଶନ ପକ୍ଷରୁ ଶିଳ୍ପୀ ସଞ୍ଜୀବ କୁମାର ଜେନାଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ, ସୁରଭୀ ଅନୁଷ୍ଠାନ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ଏବଂ ଶେଷରେ ଅନୁଷ୍ଠାନର ଛାତ୍ରୀମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଟୁଆରା ସଂଯୋଜନା କରିଥିଲେ।

# ଅପହରଣର ମିଛ ନାଟକ ରଚିଥିଲେ

## ୨ ଛାତ୍ର ଅପହରଣ ଘଟଣା ଉପରୁ ପର୍ଦ୍ଦା ଉଠାଇଲା ସିସିଟିଭି

ବାରଙ୍ଗ,୭।୭(ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅଞ୍ଚଳରେ ଥିବା ଏକ ଘରୋଇ ସ୍କୁଲର ୨ ଦଶମ ଶ୍ରେଣୀ ଛାତ୍ରଙ୍କ ନିଖୋଜ ହୋଇଥିବା ଘଟଣା ଉପରୁ ଶୁକ୍ରବାର ପରଦା ଉଠାଇଛି ସିସିଟିଭି। ଚନ୍ଦକା ପୋଲିସ ସ୍ଥାନୀୟ କିଛି ସିସିଟିଭି ଫୁଟେଜ ଯାଞ୍ଚବେଳେ ଛାତ୍ରଦ୍ୱୟଙ୍କ ମିଛ ଅପହରଣ କଥା ପଦାକୁ ଆସିଛି। ସିସିଟିଭିରେ ଜଣାପଡ଼ିଛି ଯେ, ଦୁଇ ନାବାଳକ ନିଜେ ତାଙ୍କ ଇଚ୍ଛାରେ ଏକ ଅଟୋରୁ ଓହ୍ଲାଉଛନ୍ତି। ପରେ ସ୍ୱଇଚ୍ଛାରେ ବଜାର ବୁଲାବୁଲି କରୁଥିବା ସିସିଟିଭିରେ ଦେଖିବାକୁ ମିଳିଛି। ପରେ ଅପହରଣର ମିଛ ନାଟକ କରି ପରିବାର ଓ ପୋଲିସକୁ ଜଣାଇଥିଲେ। ତେବେ ଦୁଇଛାତ୍ର ନିଖୋଜ ହେବାପରେ ବିଭିନ୍ନ ମହଲରୁ ନାନା କଥା ଶୁଣିବାକୁ ମିଳିଥିଲା। ଗୁଣିଗାରେଡ଼ି ସନ୍ଦେହ ତ ଆନ୍ତଃରାଜ୍ୟ ପିଲାଚୋର ଗ୍ୟାଙ୍ଗ ଅପହରଣ କରିଥିବା ସନ୍ଦେହ ହେଉଥିଲା। କିନ୍ତୁ ଭରତପୁର ଛକ ଏବଂ ଫାୟାର ଷ୍ଟେଶନ ଛକରେ ଲାଗିଥିବା ସିସିଟିଭି କ୍ୟାମେରା ଦୁଇନାବାଳକଙ୍କ ମିଛର ଗୁମର ଖୋଲିଛି। ତେବେ ଦୁଇନାବାଳକ କେଉଁ କାରଣରୁ ଆଉ କାହିଁକି ଅପହରଣପରି ମିଛ କାହାଣି ଲୋକଙ୍କୁ କହିଲେ ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସେନେଇ ପୋଲିସ ଦୁଇ ନାବାଳକଙ୍କୁ ପଚରାଉଚରା କରିବ ବୋଲି ସୂଚନା ମିଳିଛି। ସୂଚନା ଥାଉକି, ଗତ ୪ତାରିଖରେ କୁଜିମହଲ ଗ୍ରାମର ପୃଥ୍ୱୀରାଜ ପ୍ରଧାନ ଓ ଭରତପୁର ଅଞ୍ଚଳର ସୋନୁ କୁମାର ସ୍କୁଲ ନିକଟକୁ ଟ୍ୟୁଶନ ପାଇଁ ଏକ ଅଟୋରେ ଆସିଥିଲେ। ପରେ ଟ୍ୟୁଶନ ନିକଟ ଏକ ଦୋକାନକୁ ବିସ୍କୁଟ ନେବାପାଇଁ ଆସିଥିବାବେଳେ କେହି ସେମାନଙ୍କୁ ଅପହରଣ କରି ନେଇଥିଲେ। ପରେ ପୋଲିସ ଖବର ପାଇ ତାଙ୍କ ପରିବାରର ସହାୟତାରେ ସେମାନଙ୍କୁ ଚିଟିଲାଗଡରୁ ଉଦ୍ଧାର କରିଆଣିଥିଲେ। ଯାହା ଶୁକ୍ରବାର ସେମାନଙ୍କର ମିଛ କାହାଣି ସିସିଟିଭି ଆଗରେ ଧରାପଡିଛି ବୋଲି ଚନ୍ଦକା ପୋଲିସ ପକ୍ଷରୁ କୁହାଯାଇଛି।

# ବନ ମହୋତ୍ସବରେ ଗଛ ଲଗାଇଲା ବିଏମ୍‌ସି



ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ଓ ଅନ୍ୟମାନେ ଚାରା ରୋପଣ କରୁଛନ୍ତି।

ଭୁବନେଶ୍ୱର, ୭।୭ (ବନ୍ଦନା ସେଠୀ)

ପରିମଳ ସାଙ୍ଗକୁ ରାଜଧାନୀର ସବୁଜିମାକୁ ବଢାଇବା ପାଇଁ ବିଏମ୍‌ସି ପକ୍ଷରୁ ବନ ମହୋତ୍ସବରେ ବୃକ୍ଷ ରୋପଣ କରାଯାଇଛି। ଶୁକ୍ରବାର ୭୪ତମ ବନ ମହୋତ୍ସବ ପାଳନ ଅବସରରେ ସ୍ଥାନୀୟ ବଡ଼ଗଡ଼ ଉଚ୍ଚ ବିଦ୍ୟାଳୟ ପରିସରରେ ବିଏମ୍‌ସି ପକ୍ଷରୁ ବୃକ୍ଷ ରୋପଣ କରାଯାଇଥିଲା। ୧୯୯୯ ମହାବାତ୍ୟା ପରେ ଭୁବନେଶ୍ୱରର ସବୁଜିମା ଅତ୍ୟନ୍ତ ଭାବେ ପ୍ରଭାବିତ ହୋଇଥିଲା। ଏହା ପରଠାରୁ ପ୍ରତିବର୍ଷ ସରକାର ବୃକ୍ଷରୋପଣକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ୭୪ତମ ବନ ମହୋତ୍ସବ ସପ୍ତାହ ଅବସରରେ ବଡ଼ଗଡ଼ ହାଇସ୍କୁଲ ପ୍ରାଙ୍ଗଣକୁ ସୁସଜ୍ଜିତ କରିବା ସହିତ ଏହାର ପରିବେଶରେ ଉନ୍ନତି ଆଣିବା ପାଇଁ ବୃକ୍ଷ ରୋପଣ କରାଯାଇଛି। ଅନ୍ୟ ଅନୁଷ୍ଠାନଗୁଡିକରେ ମଧ୍ୟ ବୃକ୍ଷ ରୋପଣ କରାଯିବ ବୋଲି ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ଭୁବନେଶ୍ୱରର ବାସୋପଯୋଗିତାକୁ ଉଚ୍ଚତମ ସୂଚକରେ ପହଞ୍ଚାଇବା ପାଇଁ ବିଏମ୍‌ସିର ଚେଷ୍ଟା ଜାରି ରହିଛି । ଏଥିପାଇଁ ପରିମଳ, ସୌନ୍ଦର୍ଯ୍ୟକରଣ (ପ୍ଲେସ୍ ମେକିଙ୍ଗ୍) ସାଙ୍ଗକୁ ସହରରେ ସବୁଜିମା ଭରିଦେବା ପାଇଁ କାର୍ଯ୍ୟକ୍ରମ କରାଯାଉଛି। ମହୋତ୍ସବ ସପ୍ତାହ ଅବସରରେ ଗୋଷ୍ଠୀ ସହଭାଗିତା ବଢାଇବା ପାଇଁ ଏବଂ ଶିଶୁମାନଙ୍କୁ ପରିବେଶ ପ୍ରସ୍ତୁତିରେ ବ୍ରତି କରାଇବା ପାଇଁ ବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷ ରୋପଣ କରାଯାଇଥିବା ମେୟର ସୁଲୋଚନା ଦାସ କହିଥିଲେ। ବିଦ୍ୟାଳୟ ପରିସରରେ ନିମ୍ବ, ବଉଳ, କରଞ୍ଜ, ଜାମୁକୋଳି ଆଦି ଦୀର୍ଘ ମିଆଦି ଚାରା ରୋପଣ କରାଯାଇଥିଲା। ଏହିସବୁ ଚାରା ସିଟି ଫରେଷ୍ଟ ଡିଭିଜନ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଡେପୁଟି ମେୟର ମଞ୍ଜୁଲତା କଅଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ସ୍ଥାନୀୟ କର୍ପୋରେଟର ଅଜିତ୍ ବେହେରା ଓ ଅନ୍ୟ କର୍ପୋରେଟରଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଏମ୍‌ସିର ଉଦ୍ୟାନ କୃଷି ବିଶାରଦ ଗିରିଜା ଭୂଷଣ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ

ଭୁବନେଶ୍ୱର,୭।୭(ଅନୁରାଧା ମହାରଣା)

## ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଡ. ସାମନ୍ତଙ୍କୁ ଡକ୍ଟରେଟ୍ ପ୍ରଦାନ କରୁଛନ୍ତି।

ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡକ୍ଟରେଟ ପ୍ରଦାନ କରାଯାଇଛି। ଶୁକ୍ରବାର ବିଶ୍ୱବିଦ୍ୟାଳୟର ୯ମ ସମାବର୍ତ୍ତନ ଉତ୍ସବ ଅବସରରେ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଡ. ସାମନ୍ତଙ୍କୁ ଏହି ସମ୍ମାନସୂଚକ ଡିଲିଟ 'ପ୍ରଜ୍ଞା ବାଚସ୍ପତି' ସମ୍ମାନ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟ ଯୋଗଦେଇଥିଲେ। ଡ. ସାମନ୍ତ ଶିକ୍ଷା ଓ ସମାଜସେବା ପାଇଁ ଯେଉଁ କାମ କରୁଛନ୍ତି ସେଥିନିମନ୍ତେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ ପ୍ରଦାନ କରିବା ଉଚିତ ବୋଲି ଡ. ରାୟ କହିଥିଲେ। ଏହା ହେଉଛି ସାମନ୍ତଙ୍କ ୫୩ତମ ଡକ୍ଟରେଟ। ଏହି ସମ୍ମାନ ପାଇଁ ଡ. ସାମନ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟ ଓ ଶିକ୍ଷା ପରିଷଦକୁ କୃତଜ୍ଞତା ଜଣାଇଛନ୍ତି। ପୁରୀ ମାଟିରେ ନିଜର ଶିକ୍ଷା ଯାତ୍ରା ଆରମ୍ଭ କରି ଏଠାରୁ ସମ୍ମାନସୂଚକ ଡକ୍ଟରେଟ ପାଇବା ସୌଭାଗ୍ୟର ବିଷୟ ବୋଲି ସେ କହିଛନ୍ତି। ସମାରୋହରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରବୀନ୍ଦ୍ରପଣ୍ଡା, କୁଳସଚିବ ସୁମିତ୍ରା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଦର୍ଶକଙ୍କ ଭାବାବେଗକୁ ଛୁଇଁବ 'ଦଶମ'

ଭୁବନେଶ୍ୱର,୭।୭(ଶର୍ମିଷ୍ଠା ପାଣିଗ୍ରାହୀ)



ଗୀତ ରେକର୍ଡିଂ ଅବସରରେ ଚଳଚ୍ଚିତ୍ର 'ଦଶମ'ର ଟିମ୍ ସହ ଅଭିନେତା ବାବୁ ଶାନ୍ ମହାନ୍ତି।

ଓଡ଼ିଆ ଚଳଚ୍ଚିତ୍ର 'ଦଶମ'କୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର୍ ଧରିଛି। ସ୍କୁଲ ବେଳର କାହାଣୀ ରୁପେଲି ପରଦାରେ ଦିଶିବ। ଚଳଚ୍ଚିତ୍ରର ପୃଷ୍ଠଭୂମି କେବଳ ଅଭିନେତାଙ୍କୁ ନେଇ ନୁହେଁ, ବରଂ ପ୍ରତିଟି ଦର୍ଶକଙ୍କ ଭାବାବେଗକୁ ନେଇ ତିଆରି କରାଯାଇଛି ବୋଲି ନିର୍ମାତାମାନେ ପ୍ରକାଶ କରିଛନ୍ତି। ଅଭିନେତା ବାବୁଶାନ୍ ମହାନ୍ତି ମଧ୍ୟ ଦଶମ ଟିମ୍ ସହ ଯୋଡ଼ି ହୋଇଛନ୍ତି। ସିନେମାର ଏକ ପ୍ରମୁଖ ଗୀତରେ ବାବୁଶାନ କଣ୍ଠଦାନ କରିଛନ୍ତି। ଭୁବନେଶ୍ୱର ସୋମେଶ ଷ୍ଟୁଡିଓରେ ଗୀତଟି ରେକର୍ଡ କରାଯାଇଛି। ରାଜା ଡିଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରର ଶୁଟିଂ ଶେଷ ହୋଇଛି। ପୁରୀ, ଯାଜପୁର ସମେତ ଭୁବନେଶ୍ୱର ଓ ଏହାର ଉପକଣ୍ଠ ଅଞ୍ଚଳରେ ଶୁଟିଂ କରାଯାଇଛି। ଦଶମ ଶ୍ରେଣୀର ଦୁଇ ଛାତ୍ର ଗୋଷ୍ଠୀଙ୍କ ଭିତରେ ତିକ୍ତତା ଏବଂ ମଧୁର ସମ୍ପର୍କ ଉପରେ କାହାଣୀର ପୃଷ୍ଠଭୂମି ପ୍ରସ୍ତୁତ ବୋଲି ନିର୍ଦ୍ଦେଶକ ରାଜା କହିଛନ୍ତି। ଗଣେଶ ପୂଜାରେ 'ଦଶମ' ପ୍ରେକ୍ଷାଳୟକୁ ଆସିବା ନେଇ ସୂଚନା ମିଳିଛି। ଶୈଳେନ୍ଦ୍ର ସାମନ୍ତରାୟ, ଆକାଶ ହୋତା, ଫନୀ ପ୍ରତିକ, ଅର୍ମାନ ମହାନ୍ତି ସମେତ ଅଭିଜ୍ଞ ରବି ମିଶ୍ର ଏବଂ ସୁଶାନ୍ତ ଦାସ ମହାପାତ୍ର ପ୍ରମୁଖ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବେ। କୁମାରଶ୍ରୀ ସାହୁ ସ୍କ୍ରିନପ୍ଲେ ଓ ଡାଏଲଗ୍ ଦାୟିତ୍ୱ ତୁଲାଇଛନ୍ତି। ପ୍ରଯୋଜନା ଦାୟିତ୍ୱରେ ରହିଛନ୍ତି ଦୀପକ କୁମାର ଜେନା ଏବଂ ଶ୍ରଦ୍ଧା ପାଣିଗ୍ରାହୀ। ଚଳଚ୍ଚିତ୍ରରେ ୮ଟି ଗୀତ ରହିଥିବା ବେଳେ ଗୌରବ ଆନନ୍ଦ, ସନ୍ଦୀପ ପଣ୍ଡା, ପ୍ରୀତ ପ୍ରିୟ, ଶୁଭ୍ରଜିତ, ବିନୟ ରଥ, ଅନୁରାଗ ପଟ୍ଟନାୟକ ଏବଂ ସୁବ୍ରତ ବେହେରା ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। କେ.ଡି ସିପୁନ ସମ୍ପାଦନା ଦାୟିତ୍ୱରେ ରହିଛନ୍ତି।

# ଆଜିଠାରୁ ସ୍ୱାଭାବିକ ହେବ ନିକୋ ପାର୍କ ଏମ୍‌ସିସି

ଭୁବନେଶ୍ୱର,୭।୭(ବନ୍ଦନା ସେଠୀ)

## ■ସାମୂହିକ କାର୍ଯ୍ୟବନ୍ଦ କରିଥିଲେ ଡ୍ରାଇଭର, ହେଲ୍ପର
## ■ସଫେଇ କର୍ମୀଙ୍କୁ ନିଲମ୍ବିତ କରିବା ପରେ ବିବାଦ ତେଜିଲା

ଜୁଲାଇ ୫ ତାରିଖରୁ ନିକୋ ପାର୍କ ନିକଟରେ ଥିବା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ବନ୍ଦ ପଡ଼ିଛି। ଏଥିସହ ୩ଜଣ ସଫେଇକର୍ମୀଙ୍କୁ ବିଏମ୍‌ସି ନିଲମ୍ବିତ କରିଥିବାରୁ ଏମ୍‌ସିସିରେ ଏହି ଅଚଳାବସ୍ଥା ନଜରକୁ ଆସିଛି। ଫଳରେ ଲୋକଙ୍କ ଘରେ ଓ ରାସ୍ତାରେ ଆବର୍ଜନା ଭର୍ତ୍ତି ହୋଇଥିବାବେଳେ ଅଳିଆ ନେବାକୁ ଗୋଟିଏ ହେଲେ ମଧ୍ୟ ସଫେଇ ଗାଡ଼ି ଯାଇ ନାହିଁ। ଏଭଳି ସ୍ଥିତିରେ ୩ଟି ୱାର୍ଡ (୨୮, ୨୯ ଓ ୩୫)ରେ ବର୍ଜ୍ୟ ପରିଚାଳନା ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ହୋଇପଡ଼ିଛି। ଅପରପକ୍ଷେ ଏହି ପ୍ରସଙ୍ଗ ନେଇ ଖାରବେଳ ଥାନାରେ ଅଭିଯୋଗ ହୋଇଥିବାବେଳେ ପୋଲିସ ହସ୍ତକ୍ଷେପ ପରି ମାମଲାର ଆଂଶିକ ସମାଧାନ କରିବା ସହ ଶନିବାରଠାରୁ ଏମ୍‌ସିସି କାର୍ଯ୍ୟ ସ୍ୱାଭାବିକ ହେବ ବୋଲି ସୂଚନା ଦେଇଛି। ଦରମା ପ୍ରଦାନରେ ଅସଙ୍ଗତି ସହ ଏଜେନ୍ସି କର୍ତ୍ତୃପକ୍ଷଙ୍କ ଖରାପ ବ୍ୟବହାର, ଇପିଏଫ୍ ଓ ଇଏସ୍‌ଆଇ ସୁବିଧା ଉପଲବ୍ଧ କରାଯାଉ ନଥିବା ଅଭିଯୋଗରେ ସଫେଇକର୍ମୀମାନେ କାର୍ଯ୍ୟବନ୍ଦ କରିଥିଲେ। ଏହାସହ ନିଲମ୍ବିତ କର୍ମଚାରୀଙ୍କୁ ପୁନର୍ବାର କାର୍ଯ୍ୟରେ ଯୋଗଦେବାକୁ ବିଜ୍ଞପ୍ତି ପ୍ରକାଶ କରିବା ଦାବି କରିଛନ୍ତି। ୫ ତାରିଖରେ ବିଏମ୍‌ସି ଜାରି କରିଥିବା ୩ କର୍ମଚାରୀଙ୍କ ନିଲମ୍ବନ ବିଜ୍ଞପ୍ତିକୁ ଏମ୍‌ସିସିରେ ଲଗାଯାଇଥଲା। ଯାହାକୁ ନେଇ ସଫେଇ ଗାଡ଼ିରେ କାର୍ଯ୍ୟରତ ସମସ୍ତ ୪୦ ଡ୍ରାଇଭର ଓ ହେଲପର ଗେଟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ୬ ତାରିଖରେ ସମାନ ଦାବି ନେଇ ଏମ୍‌ସିସି ଆଗରେ ଟାୟର ଜାଳି ସଫେଇକର୍ମୀ ପ୍ରତିବାଦ ଜଣାଇଥିଲେ। ଫଳରେ ଘରୋଇ ଠିକା ସଂସ୍ଥା 'ୱିସ୍' ପକ୍ଷରୁ ଏ ନେଇ ଖାରବେଳ ନଗର ଥାନାରେ ନିର୍ଦ୍ଦିଷ୍ଟ କେତେଜଣ ସଫେଇକର୍ମୀଙ୍କ ନାମରେ ଏତଲା ଦାୟର କରାଯାଇଥିଲା। ଶୁକ୍ରବାର ମଧ୍ୟ ବିଏମ୍‌ସି ଅଧିକାରୀଙ୍କ ତାଗିଦ୍‌ର ସଫେଇକର୍ମୀଙ୍କ ଉପରେ କିଛି ପ୍ରଭାବ ନ ପଡ଼ିବାରୁ ଆନ୍ଦୋଳନ କରୁଥିବା ସଫେଇକର୍ମୀ ପୁଣି ଏମ୍‌ସିସି ଘେରିବା ସହ କାମ ବନ୍ଦ କରିଥିଲେ। ପରେ ଖାରବେଳ ଥାନା ପୋଲିସ ସେମାନଙ୍କୁ ଏମ୍‌ସିସି ଆଗରୁ ହଟାଇବା ସହ ବୁଝାଇ ଭିତରେ ଥିବା ୮ଗାଡ଼ି ଦ୍ୱାରା ବର୍ଜ୍ୟ ସଂଗ୍ରହ କରାଯାଇଥିଲା। କିନ୍ତୁ ସନ୍ଧ୍ୟାରେ ଏହି ମାମଲା ପୁଣି ନୂଆ ମୋଡ଼ ନେଇଥିଲା। ଘରୋଇ ସଂସ୍ଥା 'ୱିସ'ର ଏତଲା ପରେ ସଫେଇ କର୍ମୀମାନେ ମଧ୍ୟ ଖାରବେଳ ନଗର ଥାନାରେ କାଉଣ୍ଟର ଏତଲା ଦେଇଥିଲେ। ଖାରବେଳ ଥାନା ଅଧିକାରୀ ନିଜେ ମାମଲାରେ ହସ୍ତକ୍ଷେପ କରି ଆପୋସ ବୁଝାମଣା କରାଇଥିବା ସୂଚନା ମିଳିଛି। ରୁଲ୍ ବୁକ ଅନୁସାରେ ନିଲମ୍ବିତ କର୍ମୀଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗ କରାଇବା ନିୟମ ନ ଥିବାବେଳେ ୨ରୁ ୩ ଦିନ ପରେ ସେମାନଙ୍କୁ ପୁନଃ ଥଇଥାନ କରାଯିବ ବୋଲି ଥାନାରେ ଘରୋଇ ଠିକା ସଂସ୍ଥା ପକ୍ଷରୁ ପ୍ରତିଶ୍ରୁତି ମିଳିଛି। ସେହିପରି ସୋମବାର ସୁଦ୍ଧା ବିଏମ୍‌ସି ସେମାନଙ୍କ ଦରମା ପାଇବା କଥା ସହ ଇପିଏଫ୍, ଇଏସ୍‌ଆଇ ଏବଂ ଅନ୍ୟ ସମସ୍ୟା ନେଇ ବିସ୍ତୃତ ବିବରଣୀ ଦେବ ବୋଲି ଥାନା ଅଧିକାରୀଙ୍କ ଉପସ୍ଥିତିରେ ଏଜେନ୍ସି ଓ ସଫେଇକର୍ମୀଙ୍କ ମଧ୍ୟରେ ଆଲୋଚନା ହୋଇଛି। ଏହାବାଦ ଶନିବାର ସକାଳୁ ପୁଣି ପୂର୍ବ ପରି କାମ ଆରମ୍ଭ ହେବ ବୋଲି ଥାନା ସୂତ୍ରରୁ ସୂଚନା ମିଳିଛି।

## ସଂକ୍ଷେପରେ

### ଗାଡି ଧକ୍କାରେ ୨ ଯୁବକ ଗୁରୁତର

ନିଶ୍ଚିନ୍ତକୋଇଲି,୭।୭(ଅଶୋକ କୁମାର ମହାପାତ୍ର)- ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତ କୁଳଗାଁଇଶାଳୋଠାରେ ଥିବା ପୁବଂଶ ସେତୁ ଉପରେ ଏକ ଅଜଣା ଗାଡ଼ି ଧକ୍କାରେ ୨ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ସକାଳେ କେଣ୍ଟାଲୋ ପଞ୍ଚାୟତ ଲୋକନାଥପୁର ଗ୍ରାମର ସୁଶାନ୍ତ ମଲିକ ଓ କେଣ୍ଟାଲୋ ଗ୍ରାମର ପପୁନା ମଲିକ ଏକ ବାଇକ୍ ଯୋଗେ ଆସୁଥିଲା ବେଳେ ତାଙ୍କୁ ଏକ ଗାଡି ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଦମକଳବାହିନୀ କର୍ମଚାରୀଙ୍କ ସହାୟତାରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

### ଜାମିନରୁ ଫେରିବା ପରେ ଅଭିଯୋଗକାରୀଙ୍କୁ ହତ୍ୟା ଧମକ

#### ଟେଣ୍ଟ ହାଉସ ମାଲିକ ମରଣାନ୍ତକ ଆକ୍ରମଣ ଘଟଣା:

ମାହାଙ୍ଗା,୭।୭(ଯଯାତି ସିଂହ)
ମାହାଙ୍ଗା ଥାନା ଅନ୍ତର୍ଗତ କୁହୁଣ୍ଡା ଗ୍ରାମର ଜଣେ ଟେଣ୍ଟ ହାଉସ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ହରେକୃଷ୍ଣ ନାୟକ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ଜେଲ ଯାଇଥିଲେ। ସେ ଜାମିନରୁ ଫେରିବାପରେ ହରେକୃଷ୍ଣଙ୍କ ହତ୍ୟା କରିବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ହରେକୃଷ୍ଣ କୋଠପଦା ବଜାରରେ ଏକ ଟେଣ୍ଟ ହାଉସ କରି ପରିବାର ପ୍ରତିପୋଷଣ କରିଥାନ୍ତି । ବନଗୁରିଆ ଗ୍ରାମର ବିଭୁତିଭୂଷଣ ବେହେରା ବିବାହ ଭୋଜିରେ ସେ ଟେଣ୍ଟ କାର୍ଯ୍ୟ କରିଥିଲେ । ଗତ ୨୦ ତାରିଖରେ ବିଭୁତି ଟେଣ୍ଟ ଜିନିଷ ଫେରାଇବା ସମୟରେ ୩ ଡିଜେ ଲାଇଟ କମ୍ ଥିବା ହରେକୃଷ୍ଣ କହିଥିଲେ। ଏନେଇ ହରେକୃଷ୍ଣ ଓ ବିଭୁତି ମଧ୍ୟରେ ବଚସା ହୋଇଥିଲେ । ଏହି ସମୟରେ ସେଠାରେ ଉପସ୍ଥିତ ଥିବା ସଚ୍ଚିଦାନନ୍ଦ ବେହେରା ଏକ ଲୁହା ରଡ୍‌ରେ ହରେକୃଷ୍ଣଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ବାମ ହାତ ଭାଙ୍ଗି ଯିବା ସହ ଡାହାଣ ହାତରେ ଗଭିର କ୍ଷତ ହୋଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ହରେକୃଷ୍ଣଙ୍କୁ ଉଦ୍ଧାର କରି ପ୍ରଥମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ସେଠାରୁ ଫେରିବା ପରେ ହରେକୃଷ୍ଣ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ମାମଲା (ନଂ. ୧୧୯/୨୩) ରୁଜୁ କରି ସଚ୍ଚିଦାନନ୍ଦଙ୍କୁ କୋର୍ଟ ଚାଲାଣ କରିଥିଲା। ସେ ଜାମିନରୁ ଆସିବା ପରେ ହରେକୃଷ୍ଣଙ୍କ ପରିବାରକୁ ହତ୍ୟା କରିବାକୁ ଧମକ ଦେଇଥିବା ନେଇ ଥାନାରେ ପୁର୍ନବାର ଅଭିଯୋଗ କରିଛନ୍ତି।

### ଅବକାରୀ ଚଢ଼ାଉ, ୮୭୫ ଦେଶୀମଦ ଜବତ

ଆଠଗଡ,୭।୭(ସତ୍ୟ ପ୍ରସାଦ ରଥ)
ଆଠଗଡ ଅବକାରୀ ଓ ଜଙ୍ଗଲ ବିଭାଗ ପକ୍ଷରୁ ଶୁକ୍ରବାର ମିଳିତ ଚଢ଼ାଉ କରାଯାଇଛି। ଏହି ସମୟରେ କୌଣସି ଅଭିଯୁକ୍ତ ଧରାପଡ଼ି ନାହାନ୍ତି। ଆଠଗଡ ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପ୍ରମୋଦ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ସରସ୍ୱତୀପୁର ଓ ଡାଲୁଆ ସଂରକ୍ଷିତ ଜଙ୍ଗଲରେ ମିଳିତ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ୧୧,୪୪୫ ଲିଟର ଗୁଡପୋଚ ଓ ୮୭୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ଥାନାରେ ୪ଟି ମାମଲା ରୁଜୁ କରାଯାଇଛି। ଏହି ଚଢାଉରେ ଅବକାରୀ ଇନ୍ସପେକ୍ଟର କେଶବ ଚନ୍ଦ୍ର ଦାସ , ଖୁଣ୍ଟୁଣୀ ଫରେଷ୍ଟ ରେଞ୍ଜ ଅଫିସର ନୀଳମାଧବ ସାହୁ, ଜିଲା ଅବକାରୀ ମୋବାଇଲ ଇନ୍ସପେକ୍ଟର ସଞ୍ଜିତ ବାର୍ଲା, ଅଜିତ କୁମାର ପାତ୍ର, ସୌମ୍ୟ ରଞ୍ଜନ ମାଝୀ ,ଦୀପକ କୁମାର ମାରାଣ୍ଡି ପ୍ରମୁଖ ସାମିଲ ହୋଇଥିଲେ।

# ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କିରାଣି ଅଭାବ

**ଅସୁବିଧା ଭୋଗୁଛନ୍ତି ଶିକ୍ଷୟିତ୍ରୀ, ଶିକ୍ଷକ**

ନିଶ୍ଚିନ୍ତକୋଇଲି, ୭।୭
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟରେ କୌଣସି କିରାଣି ନ ଥିବା କାରଣରୁ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି କାର୍ଯ୍ୟାଳୟକୁ ନୂତନ କିରାଣି ଯୋଗାଇ ଦେବା ନିମନ୍ତେ ସାଧାରଣରେ ଦାବି ହୋଇଛି।
ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ ପଞ୍ଚାୟତକୁ ନେଇ ଗଠିତ । ଏହି ୪୧ ପଞ୍ଚାୟତରେ ୧୮୪ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ବିଦ୍ୟାଳୟ ଗୁଡିକରେ ୧୫ ହଜାର ୨୮୨ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ବ୍ଲକରେ ୭୪୨ ଶିକ୍ଷୟିତ୍ରୀ,ଶିକ୍ଷକ କାର୍ଯ୍ୟ କରୁଛନ୍ତି। ସେହିପରି ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ ଅଧୀନରେ ବହୁ ମଦ୍ରାସା ଓ ଘରୋଇ ବିଦ୍ୟାଳୟ ରହିଛି। ଦୈନନ୍ଦିନ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ତଥା ଅଭିଭାବକମାନେ ବିଭିନ୍ନ କାର୍ଯ୍ୟରେ ଏହି କାର୍ଯ୍ୟାଳୟକୁ ଆସିଥାନ୍ତି। ଏଠାରେ ଜଣେ ବରିଷ୍ଠ କିରାଣୀ ଓ ୨ ଜଣ କନିଷ୍ଠ କିରାଣି କାର୍ଯ୍ୟ କରିବା କଥା। କିନ୍ତୁ ଦୀର୍ଘ ଦିନ ହେଲା ଏଠାରେ ୨ କନିଷ୍ଠ କିରାଣୀ ପଦବୀ ଖାଲି ପଡିଛି। ବରିଷ୍ଠ କିରାଣୀ ଗୋଲଖ ବାରିକ ନିକଟରେ କାର୍ଯ୍ୟରୁ ଅବସର ନେଇଛନ୍ତି। ଫଳରେ ଦୂର ଦୂରାନ୍ତରୁ ଆସୁଥିବା ଶିକ୍ଷୟିତ୍ରୀ, ଶିକ୍ଷକ ଛାତ୍ରୀଛାତ୍ରୀ ଓ ଅଭିଭାବକମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏପରିକି ପ୍ରତିମାସରେ ଦରମା କିପରି ମିଳିବ ସେନେଇ ଆଶଙ୍କାବ୍ୟକ୍ତ କରାଯାଇଛି। ଏସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା କୁହନ୍ତି, ଡିଇଓଙ୍କ ସହ ଆଲୋଚନା ଏନେଇ ତୁରନ୍ତ ପଦକ୍ଷେପ ନିଆଯିବ।

# ଟି ସେତୁ ଉପରେ ଓଲଟିଲା ପରିବା ବୋଝେଇ ଗାଡ଼ି



ବଡ଼ମ୍ବା,୭।୭(ମାୟାଧର ମଲ୍ଲିକ)

ବଡ଼ମ୍ବା ଥାନା ଅନ୍ତର୍ଗତ ଗୋପିନାଥପୁର ମହାନଦୀଟି ସେତୁ ଉପରେ ଶୁକ୍ରବାର ସକାଳେ ଏକ ପରିବା ବୋଝେଇ ଗାଡ଼ି ଓଲଟି ଯାଇଛି। ଉକ୍ତ ଗାଡ଼ିଟି ଭାରସାମ୍ୟ ହରାଇ ଓଲିଟି ପଡ଼ିଥିବା ଚର୍ଚ୍ଚା ହେଉଛି। ଏଥିରେ ଗାଡ଼ି ଚାଳକ ଜଣକ ଆହତ ହୋଇଛନ୍ତି। ତାଙ୍କ ଘର କରଡ଼ିବନ୍ଧ ଗ୍ରାମରେ ବୋଲି ଜଣାପଡ଼ିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବଡ଼ମ୍ବା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ଚିକିତ୍ସା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି।

# ସଂଖ୍ୟାଲଘୁ ସେଲର କାର୍ଯ୍ୟକାରିଣୀ ବୈଠକ



ମାହାଙ୍ଗା ବିଧାୟକ ପ୍ରତାପ ଜେନା ବୈଠକରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି।

ନିଶ୍ଚିନ୍ତକୋଇଲି, ୭।୭
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ସଂଖ୍ୟାଲଘୁ ସେଲର କାର୍ଯ୍ୟକାରିଣୀ ବୈଠକ ସୁକରପଡା ଡାକ ବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ସଂଖ୍ୟାଲଘୁ ସେଲର ସଭାପତି ମିର୍ଜା ଅବୁଲ ବେଗ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ଓଡିଶାରେ ବାସ କରୁଥିବା ସମସ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର ଧନ ଜୀବନ ସୁରକ୍ଷା ବିକାଶ କରିବା ସହ ସେମାନଙ୍କର ସାମୂହିକ କଲ୍ୟାଣ କରିବା ନିମନ୍ତେ ନବୀନ ସରକାର ଅଙ୍ଗୀକାରବଦ୍ଧ ବୋଲି କହିଥିଲେ। ଏହି ବୈଠକରେ ସେକ ଜାକିର ଖାଁ, ସେକ କଲାମ ଉଦ୍ଦିନ, ସେକ ରଜାକ, ଅବଦୁଲ ଅରମାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା, ୱାର୍ଡ ସଭ୍ୟସଭ୍ୟା ଓ ନିର୍ବାଚିତ ଲୋକପ୍ରତିନିଧି ଯୋଗ ଦେଇଥିଲେ। ଆଗାମୀ ଦିନରେ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନେ ଐକ୍ୟବଦ୍ଧ ଭାବେ ବିଜେଡି ସରକାରକୁ ପୁନର୍ବାର କ୍ଷମତାସୀନ କରିବା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଧାୟକ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଭ୍ୟାନିଟି ଝାମ୍ପି ଫେରାର ବେଳେ ପଡ଼ିଗଲେ ଲୁଟେରା

ବାରଙ୍ଗ,୭।୭(ଲିଙ୍ଗରାଜ ରାଉତ)

ଗୋଡିସାହି ଫାଣ୍ଡି ନିକଟରୁ ଶୁକ୍ରବାର ଚଳନ୍ତା ବାଇକ୍‌ରୁ ଭ୍ୟାନିଟି ଝାମ୍ପି ନେଇ ଫେରାର ହେଉଥିବା ବେଳେ ବାଇକରୁ ଖସି ଜଣେ ଲୁଟେରା ଧରାପଡିଥିବାବେଳେ ଆଉ ଜଣେ ଫେରାର ହୋଇଯାଇଛି। ବିଳମ୍ବିତ ରାତିରେ ଏକ ଦମ୍ପତି ବାଙ୍କୀ ପଟକୁ ବାଇକ୍‌ରେ ଯାଉଥଲେ। ତାଙ୍କୁ ପିଛା କରି ଗୋଡିସାହି ଫାଣ୍ଡିଠାରୁ ଅଳ୍ପ ଦୂରରେ ଦୁଇଜଣ ଲୁଟେରା ଏକ ବାଇକ୍‌ରେ ଆସି ମହିଳାଙ୍କ ଭ୍ୟାନିଟି ଝାମ୍ପିନେଇ ତ୍ରିଶୂଳିଆ ଆଡେ ପଳାଇଆସୁଥିଲେ। ଏହି ସମୟରେ ଆସୁଥିବା ଏକ ହାଇୱା ସହ ଧକ୍କା ଦେଇ ଗାଡିରୁ ଜଣେ ଲୁଟେରା ପଡିଯାଇଥିଲେ। ସ୍ଥାନୀୟ ଲୋକ ଜଣଙ୍କୁ କାବୁ କରିଦେବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲା। କାବୁ କରିଥିବା ଲୁଟେରାଙ୍କୁ ଗ୍ରାମବାସୀ ପୋଲିସର ଜିମା ଦେଇଥିଲେ।

# ବଜ୍ରପାତରେ ୨ ମଇଁଷି ମୃତ

ନିଶ୍ଚିନ୍ତକୋଇଲି,୭।୭
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଲୋ ପଞ୍ଚାୟତ ଲୋକନାଥପୁର ଗ୍ରାମର ନାରାୟଣ ଦାସ ବିଲରେ ମଇଁଷି ଚରାଉଥିବା ବେଳେ ଶୁକ୍ରବାର ଅପରାହ୍ନରେ ବଜ୍ରପାତ ଘଟି ୨ଟି ମଇଁଷିଙ୍କ ମୃତ୍ୟୁ ହୋଇଛି। ଖବର ପାଇ ନିଶ୍ଚିନ୍ତକୋଇଲି ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ପ୍ରକାଶ ଚନ୍ଦ୍ର ବେଉରା ଘଟଣାସ୍ଥଳରେ ପହଞ୍ଚି ମୃତ ମଇଁଷି ୨ଟିକୁ ବ୍ୟବଚ୍ଛେଦ କରିଛନ୍ତି। ମଇଁଷି ଦୁଇଟିର ଆନୁମାନିକ ମୂଲ୍ୟ ପ୍ରାୟ ୮୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ସରକାରଙ୍କ ତରଫରୁ ନାରାୟଣ ପରିବାରକୁ କ୍ଷତିପୂରଣ ଯୋଗାଇ ଦିଆଯିବା ନିମନ୍ତେ ସାଧାରଣରେ ଦାବି ହୋଇଛି।

# ପୋଡ଼ିଗଲା ଇନକ୍ୟୁବେଟର, ୨୫୦ ଅଣ୍ଡା ନଷ୍ଟ

ବାରଙ୍ଗ,୭।୭(ଲିଙ୍ଗରାଜ ରାଉତ)

ନନ୍ଦନକାନନର ଜୀବଜନ୍ତୁଙ୍କୁ ଖାଦ୍ୟ ଯୋଗାଇବା ପାଇଁ କର୍ତ୍ତୃପକ୍ଷ ଘରୋଇକରଣ ଉପରେ ନିର୍ଭର କରୁଥିବାବେଳେ କେତେକ ଖାଦ୍ୟ ଯୋଗାଣକୁ ନିଜ ଅଧୀନରେ ରଖିଛନ୍ତି। ଏହାସତ୍ତ୍ୱେ କର୍ମଚାରୀମାନଙ୍କ ଦାୟିତ୍ୱହୀନତା ଓ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କର ଖାମଖିଆଲ ମନୋଭାବ ଯୋଗୁ ବେଳେବେଳେ କର୍ତ୍ତୃପକ୍ଷଙ୍କୁ ଅପଦସ୍ଥ ହେବାକୁ ପଡୁଛି। ଯାହାର ଜ୍ୱଳନ୍ତ ଉଦାହରଣ ନନ୍ଦନକାନନରେ ଥିବା ଜୀବନ୍ତ ଖାଦ୍ୟ କେନ୍ଦ୍ରରେ ଗୁରୁବାର ଦେଖିବାକୁ ମିଳିଛି। କର୍ମଚାରୀମାନଙ୍କ ଖାମଖିଆଲ ଯୋଗୁ କୁକୁଡ଼ା ଚିଆଁ କରିବା ପାଇଁ ଥିବା ଇନକ୍ୟୁବେଟର ମେଶିନଟି ପୋଡିଯାଇଥିଲା। ଫଳରେ ଉକ୍ତ ମେଶିନରେ ଥିବା ୨୫୦ଟି ଅଣ୍ଡା ନଷ୍ଟ ହୋଇଯାଇଛି। ପ୍ରକାଶ ଯେ, ୧୦ନମ୍ବର ଫାଟକ ପାଖରେ ରହିଛି ଜୀବନ୍ତଖାଦ୍ୟ ପ୍ରଜନନକେନ୍ଦ୍ର। ଏଠାରେ କୁକୁଡ଼ା, କୁକୁଡ଼ାଚିଆଁ, ବିଲାତି ମୂଷା ଆଦିକୁ ଜୀବଜନ୍ତୁଙ୍କ ଖାଦ୍ୟ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଉଛି। କୁକୁଡାଚିଆଁ ପାଇଁ ଏଠାକାର କର୍ମଚାରୀମାନେ ଇନକ୍ୟୁବେଟର ମେଶିନରେ ୨୫୦ଟିଅଣ୍ଡା ରଖିଥିଲେ। ଗୁରୁବାର ୧୮ଦିନ ହୋଇଥିବାରୁ ଅଣ୍ଡାଗୁଡିକର ସ୍ଥିତି ଜାଣିବା ପାଇଁ ମେଶିନକୁ ଖୋଲିଥିଲେ। ହଠାତ୍ ଶର୍ଟସର୍କିଟ ହୋଇ ମେଶିନଟି ପୋଡିଯାଇ କାର୍ଯ୍ୟକ୍ଷମ ନହୋଇ ବନ୍ଦ ହୋଇଯାଇଥିବାର ଗୁରୁବାର ଅପରାହ୍ନରେ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଯଦି ନିୟମିତ ଯାଞ୍ଚ କରାଯାଇଥାନ୍ତା ତା'ହେଲେ ଅଣ୍ଡାଗୁଡିକର ସୁରକ୍ଷା କରାଯାଇପାରିବା ସହ ପରିଶ୍ରମ ଅନୁଯାୟୀ କୁକୁଡାଚିଆଁ ଉତ୍ପାଦନ ମଧ୍ୟ କରାଯାଇପାରନ୍ତା। କିନ୍ତୁ କର୍ମଚାରୀଙ୍କର ଦାୟିତ୍ୱହିନତା ଯୋଗୁ ୨୫୦ଟି କୁକୁଡାଅଣ୍ଡା ଚିଆଁ ହେବା ପୂର୍ବରୁ ନଷ୍ଟ ହୋଇଯାଇଛି। ଏହାର ଦାୟିତ୍ୱରେ ଥିବା ଷ୍ଟୋର ବିଭାଗ ରେଞ୍ଜରଙ୍କ ପଦୋନ୍ନତି ହୋଇଯାଇଥିବାରୁ ସେ ଜୀବନ୍ତଖାଦ୍ୟ ପ୍ରଜନନକେନ୍ଦ୍ରକୁ ବେଶି ସମୟ ନ ଆସିବାର ସୁଯୋଗରେ କର୍ମଚାରୀମାନଙ୍କ ଖାମଖିଆଲ ପରିମାଣ ବଢିଯାଇଥିବାର ଆଲୋଚନା ହେଉଛି।

### ରାସ୍ତାରେ ଓଲଟିପଡ଼ିଲା ହାଇୱା

ବାରଙ୍ଗ,୭।୭(ଲିଙ୍ଗରାଜ ରାଉତ)

ଦାରୁଠେଙ୍ଗାଁ ନିକଟ କୁଟଗଡ଼ଠାରେ ବାରଙ୍ଗପଟୁ ବାଲିନେଇ ଚନ୍ଦକା ଆଡେ ଆସୁଥିବା ଓଡି୦୨-ଏକ୍ସ-୪୭୭୫ନଂ ହାଇୱାଟି ଶୁକ୍ରବାର ଅପରାହ୍ନରେ ରାସ୍ତା ଉପରେ ଓଲଟିପଡିଛି। ଦ୍ରୁତଗତିରେ ଆସୁଥିବାବେଳେ ହାଇୱାଟି ଭାରସାମ୍ୟ ହରାଇ ରାସ୍ତାଉପରେ ଓଲଟିପଡିଥିଲା। ଏହିସମୟରେ ସେହି ରାସ୍ତାରେ ଯାଉଥିବା ଏକ ବାଇକ୍ ଚାଳକ ସୌଭାଗ୍ୟବଶତଃ ବଞ୍ଚିଯାଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ଆହତ ହୋଇଥିବା ହାଇୱା ଚାଳକ ଓ ହେଲପରକୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଛନ୍ତି।

# 'ଶ୍ରମିକ ନେତା ଅକ୍ଷୟ ମଲ୍ଲିକଙ୍କ ପରି ସଙ୍ଗଠକ ମିଳିବା କଷ୍ଟ'



ଟିଗିରିଆ,୭।୭(ଜାଫର ଖାଁ )

ଆଠଗଡ-ଟିଗିରିଆ ନିର୍ବାଚନ ମଣ୍ଡଳୀର ଶ୍ରମିକ ନେତା, ସାମାଜିକ କର୍ମୀ ଓ ରାଜନୀତିଜ୍ଞ ସ୍ୱର୍ଗତ ଅକ୍ଷୟ କୁମାର ମଲ୍ଲିକଙ୍କ ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏକ ସ୍ମୃତି ସଭା, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ଚାରାରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ପାଞ୍ଚଗାଁସ୍ଥିତ ତଳସାହି ବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ମଲ୍ଲିକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ କହିଥିଲେ, ମଲ୍ଲିକଙ୍କ ଭଳି ବିଚକ୍ଷଣ ରାଜନୀତିଜ୍ଞ, ସାମାଜିକ କର୍ମୀ ଓ ସଙ୍ଗଠକ ମିଳିବା କଷ୍ଟକର। ପରେ ଅନୁଷ୍ଠିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୧୧୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ମନ୍ତ୍ରୀ ନିକଟରେ ଥିବା ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ଦ୍ୱାରା ଚାରା ରୋପଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ କୁମାର ସାହୁ, ଜିଲା ପରିଷଦ ସଭ୍ୟ ସସ୍ମିତା ରାଉତ ଓ ସଞ୍ଜୟ କୁମାର ମଲ୍ଲିକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗିରଥି ନନ୍ଦ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୂପା ଦଳେଇ,ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗୌରହରି ପରିଡା,ବ୍ଲକ ବିଜେଡ଼ି ସଭାପତି ଅଜିତ ଧୀର,ପାଞ୍ଚଗାଁ ପଞ୍ଚାୟତ ସରପଞ୍ଚ ନିରଞ୍ଜନ ଦଳେଇ ପ୍ରମୁଖ ଯୋଗଦେଇଥିଲେ।

# ୭ ଦଫା ଦାବିରେ ଟିପିସିଓଡିଏଲ୍ କାର୍ଯ୍ୟାଳୟ ଘେରାଉ

ରଘୁନାଥପୁର, ୭।୭(ରାଜେନ୍ଦ୍ର ନାରାୟଣ ସିଂହ)



ବିଭାଗୀୟ ଅଧିକାରୀ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ରାଜରାସ୍ତାକୁ ଓହ୍ଲାଇବାକୁ ବିଦ୍ୟୁତ୍ ଉପଭୋକ୍ତା ସଂଘର ଚେତାବନୀ**

ବିଦ୍ୟୁତ୍ ସମସ୍ୟା ପ୍ରତିବାଦରେ ୭ ଦଫା ଦାବି ନେଇ ରଘୁନାଥପୁର ଟିପିସିଓଡିଏଲ କାର୍ଯ୍ୟାଳୟକୁ ଶୁକ୍ରବାର ସ୍ଥାନୀୟ ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ଘେରାଉ କରାଯାଇଛି। ସଂଘ ସଭାପତି ରଞ୍ଜନ କୁମାର ମହାନ୍ତି ଓ ସମ୍ପାଦକ ଗୋବିନ୍ଦ ଜେନା ଏହାର ନେତୃତ୍ୱ ନେଇଥିଲେ। ଆଗାମୀ ୧୫ ଦିନ ମଧ୍ୟରେ କୌଣସି ପ୍ରତିକାର କରା ନ ଗଲେ ବାଧ୍ୟହୋଇ ରାଜରାସ୍ତାକୁ ଓହ୍ଲାଇବାକୁ ସେମାନେ ଚେତାବନୀ ଦେଇଛନ୍ତି। ଏନେଇ ଟିପିସିଓଡିଏଲ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯାଇ ସଂଘ ପକ୍ଷରୁ ଏସ୍‌ଡିଓଙ୍କ ଅନୁପସ୍ଥିତିରେ ଯନ୍ତ୍ରୀ ହୃଷିକେଶ ଦାସଙ୍କୁ ଲିଖିତ ଅବଗତ କରାଯିବା ସହ ଏସ୍ଇ ପାରାଦୀପ, ଶକ୍ତିମନ୍ତ୍ରୀ ଓ ସଚିବ ଏବଂ ୫-ଟି ସଚିବଙ୍କୁ ଡାକଯୋଗେ ଲିଖିତ ଅଭିଯୋଗ ପ୍ରେରଣ କରାଯାଇଛି। ଏହି ଅବସରରେ ସଂଘ କର୍ମକର୍ତ୍ତା ବିନୋଦ ବିହାରୀ ମହାନ୍ତି କହିଛନ୍ତି, ରଘୁନାଥପୁର ଅଞ୍ଚଳରେ ଲୋଭୋଲ୍ଟେଜ ଓ ଅଘୋଷିତ ବିଦୁତ କାଟ ଏକ ଚିରନ୍ତନ ସମସ୍ୟା। ଏହାଛଡା ୧୧ ଓ ୩୩ କେଭି ଲାଇନ ମେଣ୍ଟେନାନ୍ସ ଆଳରେ ମନମୁଖୀଭାବେ ବିଦୁତ ସଂଯୋଗ କଟାଯାଉଛି। ଦୀର୍ଘବର୍ଷ ତଳୁ ରଘୁନାଥପୁର ଅଞ୍ଚଳରେ ଏକ ବିଦୁତ ଷ୍ଟ୍ରକ୍ଚର ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲେ ସୁଧା ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି ବୋଲି ସାମାଜିକ କର୍ମୀ ସରିତ ମହାପାତ୍ର କହିଛନ୍ତି। ସେହିପରି ସୌଭାଗ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ମଧ ଅଧିକାଂଶ ଲୋକ ବିଦ୍ୟୁତ ସଂଯୋଗରୁ ବଞ୍ଚିତ ହୋଇଛନ୍ତି। ଏହାଛଡା ଟ୍ରାନ୍ସଫର୍ମରଗୁଡ଼ିକ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରି ନାହିଁ ବୋଲି ଅଭୟ ସାମନ୍ତରାୟ ପ୍ରକାଶ କରିଛନ୍ତି। ସେହିପରି ଠିକ ସମୟରେ ମିଟର ରିଡିଂ କରା ନ ଯାଇ ମନଇଚ୍ଛା କରାଯାଉଛି ବୋଲି ରାଜେଶ କୁମାର ସ୍ୱାଇଁ ଓ ଜଗନ୍ନାଥ ମହାପାତ୍ର ଅଭିଯୋଗ କରିଛନ୍ତି। ଦୀର୍ଘବର୍ଷ ଧରି ଦାୟିତ୍ୱରେ ଥିବା ଅଧିକାରୀ ଓ କେତେଜଣ କର୍ମଚାରୀ ଗୋଟିଏ ସ୍ଥାନରେ ରହି ନିଜର ଆସନକୁ ମଜବୁତ କରିବା ସହ ଲୋକଙ୍କ ଅଭିଯୋଗକୁ ଅଣଦେଖା କରୁଛନ୍ତି ବୋଲି ଅଭିଯୋଗ ହୋଇଥିଲା। ଏନେଇ କାର୍ଯ୍ୟାନୁଷ୍ଠାନ ନେବା ସହ ଅନ୍ୟାନ୍ୟ ସମସ୍ୟା ସମାଧାନ ଲାଗି ପଦକ୍ଷେପ ନେବାକୁ ଦାବ କରାଯାଇଛି। ଏହି ପ୍ରତିବାଦ ସଭାରେ ଚନ୍ଦ୍ରଶେଖର ସିଂହ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଅରୁଣ ସ୍ୱାଇଁ, ନାରଣ ସିଂହ, ଉତ୍ତମ ବେହୁରା, ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ପାଇଁ ସଚେତନା ଶୋଭାଯାତ୍ରା

ବାଙ୍କୀ,୭।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟ୍‌ମାନଙ୍କ ଦ୍ୱାରା ଅନ୍ତର୍ଜାତିକ ପ୍ଲାଷ୍ଟିକ୍ ମୁକ୍ତ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ବାହାରି ବାଙ୍କୀ-କଟକ ରାସ୍ତା, ବାଙ୍କୀ ମୁଖ୍ୟସହର, ପୁରୁଣାବଜାର ମୁଖ୍ୟ ରାସ୍ତାରେ ଲୋକଙ୍କୁ ସଚେତନ କରାଇଥିଲା। ଏନ୍‌ସିସି ଅଧିକାରୀ ଗୋବିନ୍ଦଚନ୍ଦ୍ର ତ୍ରିପାଠୀଙ୍କ ପରିଚାଳନାରେ କ୍ୟାଡେଟ୍‌ମାନେ ପଲିଥିନ୍‌ମୁକ୍ତ, ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ପାଇଁ ପ୍ଲାକ୍‌କାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ। ଶେଷରେ ମିତାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଚକାପଦା ଗ୍ରାମର ସ୍ୱେଚ୍ଛାସେବୀ ଅନୁଷ୍ଠାନର ଆଦର୍ଶ ଯୁବପରିଷଦ ଆନୁକୂଲ୍ୟରେ ଶୁକ୍ରବାର ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଚାରାରୋପଣ କରାଯାଉଛି। (ଫଟୋ-ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ବଡ଼ମ୍ବାସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଶୁକ୍ରବାର ଚାରାରୋପଣ କରୁଛନ୍ତି। (ଫଟୋ-ମାୟାଧର ମଲ୍ଲିକ)




ପ୍ଲାଷ୍ଟିକ୍ ମୁକ୍ତ ସପ୍ତାହ ପାଳନ ଅବସରରେ ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟମାନେ ଶୁକ୍ରବାର ସଚେତନତା ଶୋଭଯାତ୍ରା କରୁଛନ୍ତି। (ଫଟୋ-ଜ୍ଞାନେନ୍ଦ୍ର ମୋହନ ମିଶ୍ର)

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

**ନିମାପଡ଼ା,୭।୭(ବିଚିତ୍ରାନନ୍ଦ ସାହୁ):** ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଗ୍ରାମ ପଞ୍ଚାୟତର ସାହୁପଡ଼ା ଗ୍ରାମର ପ୍ରମିଳା ମଲ୍ଲିକ(୫୫)ଙ୍କ ଶୁକ୍ରବାର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଏ ନେଇ ମୃତାଙ୍କ ଭାଇ ବିଚିତ୍ରାନନ୍ଦ ମଲ୍ଲିକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଏକ ମାମଲା(ନଂ.୧୨/୨୩) ରୁଜୁ କରି ତଦନ୍ତ ଚଳାଇଛି। ମହିଳାଙ୍କ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ସୂଚନା ଅନୁଯାୟୀ, ପ୍ରମିଳା ଅପରାହ୍ନରେ ଘରର ବାରିପଟେ କୌଣସି କାର୍ଯ୍ୟରେ ଯାଉଥିବା ବେଳେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ସେ ଅଚେତ ହୋଇପଡ଼ିବାରୁ ପରିବାର ଲୋକ ତାଙ୍କୁ ଆମ୍ବୁଲାନ୍ସରେ ଚାରିଛକ ମେଡିକାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବାଣପୁର ନୋଡାଲ ହାଇସ୍କୁଲରେ ବନ ମହୋତ୍ସବ

**ବାଣପୁର,୭।୭(ଶଙ୍କର ବସ୍ତି):** ବନ ମହୋତ୍ସବ ସପ୍ତାହ ପରିପ୍ରେକ୍ଷୀରେ ବାଣପୁର ଗୋଷ୍ଠୀ ଶିକ୍ଷାଧିକାରୀ ସନାତନ ଜାଲିଙ୍କ ତତ୍ତ୍ୱାବଧାନରେ ବାଣପୁର ନୋଡାଲ ହାଇସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଣପୁର ତାଲୁକ ଆଇନ ସେବା ପ୍ରାଧିକରଣଙ୍କ ଦ୍ୱାରା ବନାଞ୍ଚଳ ଅଧିକାରୀଙ୍କ ମାଧମରେ ପ୍ରତ୍ୟେକ ସ୍କୁଲ ନିମନ୍ତେ ଚାରାଯୋଗାଣ କରାଯାଇଥିଲା। ଏହି ଚାରାରୋପଣ କାର୍ଯ୍ୟକ୍ରମରେ ଅତିଥିଭାବେ ବାଲୁଗାଁ ବନବିଭାଗ ଅଧିକାରୀ ପ୍ରତାପ ମହାନ୍ତି, ଏନଏସି କାଉନ୍‌ସିଲର ରାସଲତା ଜେନା, ପରିଚାଳନା ସଦସ୍ୟ ଦେବବ୍ରତ ବଡ଼ଜେନା, ପ୍ରଧାନ ଶିକ୍ଷକ ଜଗଦୀଶ ପ୍ରଧାନଙ୍କ ସମେତ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସ୍କୁଲ ପରିସରରେ ପ୍ରାୟ ୨୦ଟି ଭିନ୍ନ ଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ପରେ ସ୍କୁଲ ସଭାଗୃହରେ ଏକ ବୈଠକରେ ଯୋଗଦେଇ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ବୃକ୍ଷର ଉପକାର ସମ୍ପର୍କରେ କହିଥିଲେ। ଏଥିସହ ସମସ୍ତ ଜନସାଧାରଣଙ୍କୁ ଚାରାରୋପଣ ନିମନ୍ତେ ଅତିଥିମାନେ ଆହ୍ୱାନ ଦେଇଥିଲେ।

### କ୍ଷେତ୍ରବାସୀ ବିଦ୍ୟାଳୟରେ ବନ ମହୋତ୍ସବ

**ଟାଙ୍ଗୀ,୭।୭(ରଘୁନାଥ ସାହୁ):** କୁହୁଡି କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଟାଙ୍ଗୀ ବ୍ଲକ ଶିକ୍ଷା ଅଧିକାରୀ ରବିନ୍ଦ୍ର କୁମାର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବୃକ୍ଷ ରୋପଣର ଉପକାରିତା ସମ୍ପର୍କରେ କହିଥିଲେ। ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଶିକ୍ଷକ ସମରେଶ ବେହେରା, କ୍ଷେତ୍ରବାସୀ ପ୍ରଧାନ, ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା, ଶୈଳବାଳା ମହାରଣା, ସସ୍ମିତା ଦଳବେହେରା, କଳ୍ପନା ରାଉତରାୟ ପ୍ରମୁଖ ପରିଚାଳନା କରିଥିଲେ। ଛାତ୍ର ସୁଶାନ୍ତ ସ୍ୱାଇଁ, ଆଦିତ୍ୟ ବେହେରା, ଛାତ୍ରୀ ସୁଚିତ୍ରା ସ୍ୱାଇଁ ବନ ମହୋତ୍ସବ ସମ୍ପର୍କରେ ମନ୍ତବ୍ୟ ପ୍ରଦାନ କରିଥିଲେ।

# ଭାରତୀୟ ପରମ୍ପରାର ବାହକ, ଜ୍ଞାନର ସାଧନ ସଂସ୍କୃତ

**ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ, ୪୩ତମ ପ୍ରତିଷ୍ଠା ଦିବସ**

- ବିଗତ ୫ ବର୍ଷର ୮୦ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ
- ୩ଜଣଙ୍କୁ ଡିଲିଟ୍, ୧୨ ପାଇଲେ ପିଏଚ୍.ଡି.
- ସର୍ବୋଚ୍ଚ ଲବ୍ଧାଙ୍କ ରଖିଥିବା ୫ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା
- ଅଚ୍ୟୁତ ସାମନ୍ତଙ୍କୁ ପ୍ରଜ୍ଞାନ ବାଚସ୍ପତି ସମ୍ମାନ
- 'ଜଗନ୍ନାଥ ଜ୍ୟୋତି', 'ଶ୍ରୀବିହାର ଭାରତୀ' ଉନ୍ମୋଚିତ


ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଅନ୍ୟମାନେ।

**ପୁରୀ, ୭।୭(ଅଜିତ୍ ମହାନ୍ତି)**

ବିଶ୍ୱରେ ଭାରତବର୍ଷର ସ୍ୱତନ୍ତ୍ର ପରିଚୟ ହେଉଛି ଏହାର ସଂସ୍କୃତି ଓ ସଂସ୍କୃତ ଭାଷା, ଯିଏ ସଂସାରକୁ ଯୁଦ୍ଧ ବିଭୀଷିକା ଛାଡ଼ି ପ୍ରେମରେ ବଞ୍ଚିବାର ବାର୍ତ୍ତା ଦେଇଥାଏ। ମଙ୍ଗଳ ଗ୍ରହ ଓ ଚନ୍ଦ୍ରରେ ଅନ୍ୟମାନେ ଗୃହ ନିର୍ମାଣ କରିବା ପାଇଁ ଚିନ୍ତା କରୁଥିବା ବେଳେ ଆମ ଦେଶ ଗ୍ରହ ଓ ଉପଗ୍ରହଙ୍କୁ ନିଜମାଟିରେ ପୂଜା କରି ବିଭୁପ୍ରଦତ୍ତ ସୌନ୍ଦର୍ଯ୍ୟମୟ ପରିବେଶକୁ ଭୋଗ କରିବା ପାଇଁ ନିମନ୍ତ୍ରଣ କରେ। ଆମେ ଉଭୟ ଆଧୁନିକ ବିଜ୍ଞାନ, ପ୍ରାଚୀନ ପରମ୍ପରା. ଶାସ୍ତ୍ର, ପୁରାଣ ଓ ସଂସ୍କୃତକୁ ନେଇ ଆଗକୁ ବଢ଼ିବା। ସଂସ୍କୃତ ହିଁ ସବୁ ଭାଷାର ଜନନୀ। ୧୯୮୧ ମସିହାରେ ପ୍ରତିଷ୍ଠିତ ତଥା ୪୨ବର୍ଷ ପୂରଣ କରିଥିବା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ବହୁ ବିଦ୍ୱାନ, ବାଗ୍ମୀ ବାହାରିଛନ୍ତି ବୋଲି ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ଉତ୍ସବକୁ ଉଦ୍‌ଘାଟନ କରି କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି।

ଦିବସର ପ୍ରଥମାର୍ଦ୍ଧରେ ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟାର୍ଦ୍ଧରେ ୪୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଏଥିରେ ରାଜ୍ୟପାଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପଦ୍ମଭୂଷଣ ତଥା ଜ୍ଞାନପୀଠ ପୁରସ୍କାରରେ ସମ୍ମାନିତ ଡ. ପ୍ରତିଭା ରାୟ ଯୋଗଦେଇ ସଂସ୍କୃତ ହେଉଛି ଭାରତୀୟ ପରମ୍ପରାର ବାହକ ଓ ଜ୍ଞାନର ସାଧନ ବୋଲି କହିଥିଲେ। ସେ ଚକ୍ର ପ୍ରସଙ୍ଗ ଅବତାରଣ କରି କହିଥିଲେ, ଚକ୍ରର କେନ୍ଦ୍ରବିନ୍ଦୁ ପରମାତ୍ମା ଓ ଅନ୍ୟ ସମସ୍ତ ଜୀବ, ଜଡ଼ ଏହାର ଅର ସଦୃଶ। ଗୋଟିକର ଅଭାବ ସମସ୍ତ ଚକ୍ରର ଗତିକୁ ପ୍ରଭାବିତ କରେ। ସେହିପରି ସଂସ୍କୃତ ଓ ସଂସ୍କୃତିରେ ଏକ ସମନ୍ୱିତ ଓ ସୁସଂହତ ସଭ୍ୟତା ରହିଛି ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କୁଳସଚିବ ସୁମିତ୍ରା ପଟ୍ଟନାୟକ ୨୦୧୮ରୁ ୨୦୨୨ ମସିହା ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର କୃତିତ୍ୱ ସଂକ୍ରାନ୍ତ ବିବରଣୀ ପାଠ କରିଥିଲେ। ଉତ୍ସବରେ ଏମ୍‌ପି ତଥା କିସ୍ ଓ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ପ୍ରଜ୍ଞାନ ବାଚସ୍ପତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ୩ଜଣଙ୍କୁ ଡିଲିଟ୍, ୧୨ଜଣଙ୍କୁ ପିଏଚ୍‌ଡି, ପୂର୍ବ ୫ବର୍ଷରେ ଆଚାର୍ଯ୍ୟ (ଏମ୍‌ଏ) ଶ୍ରେଣୀରେ ସର୍ବୋଚ୍ଚ ଲବ୍ଧାଙ୍କ ରଖିଥିବା ୫ଜଣ ଛାତ୍ରୀଛାତ୍ରଙ୍କୁ କୁଳାଧିପତିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ୮ଟି ସ୍ନାତକୋତ୍ତର ବିଭାଗ ଶିକ୍ଷାଶାସ୍ତ୍ରୀ ବିଭାଗର ବିଗତ ୫ ବର୍ଷର ୮୦ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଉତ୍ସବକୁ ବ୍ୟାକରଣ ବିଭାଗ ମୁଖ୍ୟ ଡ. ପ୍ରିୟବ୍ରତ ମିଶ୍ର ସଂଯୋଜନା କରିଥିଲେ।

ଶେଷରେ କୁଳାଧିପତି, ମୁଖ୍ୟଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭା ସାମନ୍ତଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

ସେହିପରି କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ବିଶ୍ୱବିଦ୍ୟାଳୟର ୪୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ମୁଖ୍ୟ ବକ୍ତା ଭାବେ ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଯୋଗଦେଇ କହିଥିଲେ, ସଂସ୍କୃତ ଭାଷା ଭାରତୀୟ ଭାଷାଗୁଡ଼ିକର ଜନନୀ। ଏହାର ସାହିତ୍ୟ ନୈତିକ ଓ ଆଧ୍ୟାତ୍ମିକତାର ଶିକ୍ଷାଦିଏ। ତେଣୁ ମାନବକୁ ତା'ର ପ୍ରକୃତ ପରିଚୟ ପାଇବାକୁ ହେଲେ ସଂସ୍କୃତ ଅଧ୍ୟୟନର ଆବଶ୍ୟକତା ରହିଛି। ସଭା କାର୍ଯ୍ୟ ଆରମ୍ଭରେ ବିଶ୍ୱବିଦ୍ୟାଳୟର କୁଳସଚିବ ସୁମିତ୍ରା ପଟ୍ଟନାୟକ ୨୦୨୨-୨୩ ଶିକ୍ଷାବର୍ଷର ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଶୋଧ ପତ୍ରିକା 'ଜଗନ୍ନାଥ ଜ୍ୟୋତି' ଓ ନିଉଜ୍ ବୁଲେଟିନ୍ 'ଶ୍ରୀବିହାର ଭାରତୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ବିଭିନ୍ନ ବିଭାଗର ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ସ୍ନାତକୋତ୍ତର ପରିଷଦ ସଦସ୍ୟ, ବିଦ୍ୟା ପରିଷଦ ସଦସ୍ୟ, ଅଣଶିକ୍ଷକ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ୟାକରଣ ବିଭାଗ ମୁଖ୍ୟ ଡ. ପ୍ରିୟବ୍ରତ ମିଶ୍ର ଏବଂ ଶିକ୍ଷାଶାସ୍ତ୍ରୀ ବିଭାଗର ଅଧ୍ୟାପିକା ଡ. ନିବେଦିତା କର ସଂଯୋଜନା କରିଥିଲେ।

### ଛାତ୍ରୀଙ୍କୁ ଡରାଇବାରୁ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ମାଡ଼

**ଗୋପ,୭।୭(ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ ଥାନା ଅଞ୍ଚଳରେ କେତେଜଣ ସ୍କୁଲ ଛାତ୍ରୀଙ୍କୁ ଡରାଇବାରୁ ଶୁକ୍ରବାର ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ଆସିଛି। ଏହି ଯୁବକ ଜଣଙ୍କୁ ମାଡ ମାରିଥିବା ଯୁବକମାନେ ଥାନାରେ ଜିମା ଦେଇଥିଲେ। ପୋଲିସ ଏହି ଯୁବକକୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ପରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ପୁରୀ ପଠାଇ ଦେଇଥିଲା। ମାତ୍ର ପୋଲିସ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ରେଫର ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ଘରକୁ ପଠାଇ ଦେଇଛି। ପ୍ରକାଶ ଯେ, ଏହି ମାନସିକ ବିକାରଗ୍ରସ୍ତ ଯୁବକ ଜଣଙ୍କ ବିଭିନ୍ନ ସମୟରେ ଛୋଟ ପିଲାଙ୍କୁ ଭୟଭୀତ କରିଥାଏ। ଶୁକ୍ରବାର ସେ କିଛି ଝିଅଙ୍କୁ ଡରାଇବାରୁ ତାଙ୍କ ସମ୍ପର୍କୀୟଙ୍କ ସହ କିଛି ଯୁବକ ଏକତ୍ରିତ ହୋଇ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ମାଡ ମାରି ଥାନାରେ ଜିମା ଦେଇଥିଲେ। ପୋଲିସ ପ୍ରଥମେ ଚିକିତ୍ସା ପାଇଁ ଗୋପ ଡାକ୍ତରଖାନାକୁ ନେଇଥିଲା। ଡାକ୍ତର ଉକ୍ତ ଯୁବକଙ୍କ ଦେହ ଅତ୍ୟନ୍ତ ଖରାପ ଥିବାରୁ ପୁରୀ ସଦର ହସ୍ପିଟାଲକୁ ସ୍ଥାନାନ୍ତରିତ କରିଥିଲା। କିନ୍ତୁ ପୋଲିସ ତାଙ୍କୁ ଘରକୁ ଛାଡ଼ିଦେଇଛି। ଏପରି ଏକ ଘଟଣା ରେ ପୋଲିସ କିଛି ପ୍ରତିକ୍ରିୟା ଦେଇ ନ ଥିବାବେଳେ ଏହି ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଭୂତି ଭଷଣ ସାହୁଙ୍କୁ ପଚାରିବାରେ ଯୁବକ ଜଣଙ୍କ ପ୍ରାୟତଃ ସମୟରେ ପିଲାଙ୍କୁ ଭୟଭୀତ କରୁଥିବାରୁ ଆଜି ଏପରି ଅବସ୍ଥା ଉପୁଜିଥିଲା।

# ଜହ୍ନିକୁଦା-ସାତପଡ଼ା ବ୍ରିଜ୍ ନିର୍ମାଣ କରାଯାଉ


କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**କେନ୍ଦ୍ରମନ୍ତ୍ରୀଙ୍କୁ ସେତୁ ନିର୍ମାଣ ସମିତିର ଦାବିପତ୍ର**

**ପୁରୀ, ୭।୭(ଅଜିତ୍ ମହାନ୍ତି):** ଉପକୂଳ ଜାତୀୟ ରାଜପଥ ତା'ର ଦିଗ ବଦଳାଇବା ପରେ କେନ୍ଦ୍ର ପରିବେଶ ବିଭାଗ ଗତ ୨୦୨୧ ମସିହାରେ ଗୋପାଳପୁରରୁ ସାତପଡ଼ା ୭୨କିମି ପର୍ଯ୍ୟନ୍ତ ଆଉ ଏକ ଜାତୀୟ ରାଜପଥ କରିଛି। ସେଥିରେ ଜହ୍ନିକୁଦାରୁ ସାତପଡ଼ା ବ୍ରିଜ ନିର୍ମାଣ ସମ୍ଭବ ହୋଇପାରିବ। ଏଥିଲାଗି ପ୍ରାଥମିକ ପର୍ଯ୍ୟାୟରେ ୬୫୯ କୋଟି ଟଙ୍କା ଆକଳନ ହୋଇଛି। ନଳବଣ ପକ୍ଷୀ ଅଭୟାରଣ୍ୟ ୨୪ କିମି ଦୂରରେ ଥିବାବେଳେ ପରିବେଶ ବିଭାଗ ୭କିମି ଲେଖାକୁ ବିରୋଧ କରିଛି ଜହ୍ନିକୁଦା-ସାତପଡ଼ା ସେତୁ ନିର୍ମାଣ ସମିତି। ପରିବେଶ ଓ ଜୈବ ବିବିଧତାକୁ ଦୃଷ୍ଟି ରେ ରଖି ଜହ୍ନିକୁଦାରୁ ମଏଁସା ଓ ବ୍ରହ୍ମପୁରରୁ ସାତପଡ଼ା ମଝିରେ ଥିବା ଦୁଇଟି ନାଳରେ ଦୁଇଟି ଛୋଟ ବ୍ରିଜ ନିର୍ମାଣ ହେଲେ ଚିଲିକାର କିଛି କ୍ଷତି ହେବନାହିଁ ବୋଲି ଦର୍ଶାଯାଇ ସମିତି ପକ୍ଷରୁ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଶୁକ୍ରବାର ପୁରୀ ସର୍କିଟ ହାଉସରେ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଉଲ୍ଲେଖ ହୋଇଛି ଯେ, ନୂଆ ପ୍ରୋଜେକ୍ଟ ଅନୁଯାୟୀ ସବ୍‌କମିଟି ସ୍ଥଳ ପରିଦର୍ଶନ କରୁ। ଜାତୀୟ ରାଜପଥ ବିଭାଗ ଦୁଇବର୍ଷ ପରେ ବି ରିପୋର୍ଟ ଦେଉନାହିଁ। ବ୍ରିଜ ହେଲେ ଜଳଜୀବ ଡଙ୍ଗା ଓ ଭେସେ ମାଡ଼ରୁ ବର୍ତ୍ତିବେ। ପରିବେଶରେ ସୁଧାର ଆସିବ। କୃଷ୍ଣପ୍ରସାଦ ଲୋକେ ବନ୍ୟା ବେଳେ ବିଶେଷ ହଇରାଣ ହେବେନାହିଁ। ଆଞ୍ଚଳିକ ବିକାଶ ହୋଇପାରିବ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ତେବେ କେନ୍ଦ୍ରମନ୍ତ୍ରୀ ଟୁଡୁ ଖୁବଶୀଘ୍ର ବିଭାଗୀୟ ମନ୍ତ୍ରୀଙ୍କ ସହ ଯୋଗାଯୋଗ କରି ନୂଆ ପ୍ରୋଜେକ୍ଟ ପାଇଁ ପଦକ୍ଷେପ ନେବେ ବୋଲି କହିଛନ୍ତି। ଆସନ୍ତା ଦିନରେ ସାତପଡ଼ା-ଜହ୍ନିକୁଦା ନାଳରେ ଦୁଇଟି ଛୋଟ ବ୍ରିଜ ନିର୍ମାଣରେ ବିଳମ୍ବ ହେଲେ ଜହ୍ନିକୁଦା ସାତପଡ଼ା ସେତୁ ନିର୍ମାଣ ସମିତି ଗାଁ ଗାଁରେ ଜନ ଆନ୍ଦୋଳନ କରିବ ବୋଲି ଘୋଷଣା କରିଛି। ଦାବିପତ୍ର ପ୍ରଦାନ ସମୟରେ ସମିତିର ସଭାପତି ଅଭିମନ୍ୟୁ ଜେନା, ସମ୍ପାଦକ ଶରତ କୁମାର ରାୟଗୁରୁ, ଦେବେନ୍ଦ୍ର ନାଥ ତରେଇ ଏବଂ ବାବୁଲି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

### ଅଗଷ୍ଟ ୯ରେ ବୀରରାମଚନ୍ଦ୍ରପୁର ସରପଞ୍ଚ ପାଇଁ ଉପନିର୍ବାଚନ

**ସାକ୍ଷୀଗୋପାଳ, ୭।୭ (ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର)**

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବୀର ରାମଚନ୍ଦ୍ରପୁର ପଞ୍ଚାୟତର ସରପଞ୍ଚ ପଦବୀ ନିମନ୍ତେ ଉପନିର୍ବାଚନ ବିଧିବଦ୍ଧ ଭାବେ ଉପଜିଲାପାଳ, ପୁରୀଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତ ମାସ ୧୦ତାରିଖରେ ଏହି ଉପନିର୍ବାଚନ ନିମନ୍ତେ ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ସରପଞ୍ଚ ପଦବୀ ଉପନିର୍ବାଚନ ନିମନ୍ତେ ବିଜ୍ଞପ୍ତି ପାଇବ। ଆସନ୍ତା ୧୪,୧୫ ଓ ୧୭ ତାରିଖରେ ମନୋନୟନ ପତ୍ର ପ୍ରଦାନ କରାଯିବ। ୧୮ ତାରିଖରେ ସ୍କ୍ରୁଟିନି କରାଯିବ ଓ ଯୋଗ୍ୟ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇବ। ୨୦ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଅନୁଷ୍ଠିତ ହେବ ଓ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ସହ ଅଗଷ୍ଟ ୯ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ପଞ୍ଚାୟତର ୧୫ଟି ବୁଥରେ ଭୋଟ ଗ୍ରହଣ କରାଯିବ। ଅଗଷ୍ଟ ୧୧ ତାରିଖରେ ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣତି କରାଯିବ ଓ ଫଳାଫଳ ଘୋଷଣା କରାଯିବ। ଅଗଷ୍ଟ ୧୪ ତାରିଖରେ ସରକାରୀ ଭାବରେ ବିଜୟ ଲାଭ କରିଥିବା ସରପଞ୍ଚ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇବ। ଅଗଷ୍ଟ ୧୬ ରେ ଏହି ଉପନିର୍ବାଚନ ଫଳାଫଳ ରିପୋର୍ଟ ନିର୍ବାଚନ କମିଶନଙ୍କୁ ପ୍ରଦାନ କରାଯିବ। ପ୍ରକାଶ ଥାଉକି, ସରପଞ୍ଚ ଦୀପା ବେହେରାଙ୍କର ଏକ ରାସ୍ତା ଦୁର୍ଘଟଣାରେ ପରଲୋକ ହେବା ପରେ ଏହି ଉପନିର୍ବାଚନ ଅନୁଷ୍ଠିତ ହେବ।

# 'ପ୍ରକୃତି ବିନା ଜୀବନ ଅସମ୍ଭବ'



ବନ ମହୋତ୍ସବ ଅବସରରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

**ବୋଲଗଡ଼,୭।୭(ଦେବବ୍ରତ ହୋତା)**

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ପ୍ରେରଣା ଆନ୍ତର୍ଜାତୀୟ ସବୁଜ ବାହିନୀ ବୋଲଗଡ଼ ଶାଖା ଆନୁକୂଲ୍ୟରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସବୁଜ ବାହିନୀ ବୋଲଗଡ ଶାଖା ସଭାପତି ପ୍ରମୋଦ ସ୍ୱାଇଁ ଓ କମାଣ୍ଡର ସାନନ୍ଦ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ମୁଖ୍ୟ ଅତିଥି, ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଲଛମନ ପରିଡା ମୁଖ୍ୟ ବକ୍ତା, ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ କୈଳାସ ନାଥ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟିର ସଭାନେତ୍ରୀ ବିନୋଦିନୀ ଦତ୍ତ, ବିକ୍ରମ ସାହୁ, ସେବତୀ ପରିଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ବୃକ୍ଷରୋପଣ ଦ୍ୱାରା ସବୁଜିମା ଭରା ପ୍ରକୃତି ନିର୍ମାଣ ହେବ, ଏହି ପ୍ରକୃତି ବିନା ଜୀବନ ସମ୍ଭବ ନୁହେଁ ବୋଲି କହିଥିଲେ। ଏହି ଅବସରରେ ପ୍ରମୋଦ ସ୍ୱାଇଁ, ପାଣ୍ଡବ ସାହୁ, ନିରଞ୍ଜନ ନାୟକ, ଲଛମନ ପରିଡା, ବିନୋଦିନୀ ଦତ୍ତ, ସୀତାକାନ୍ତ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟସ୍ତରୀୟ କବିତା ରଚନା ପ୍ରତିଯୋଗିତାରେ କନିଷ୍ଠ ବିଭାଗରେ ଶୁଭଙ୍କର ପୃଷ୍ଟି ପ୍ରଥମ, ଆଶୁତୋଷ ଜେନା ଦ୍ୱିତୀୟ ଓ ସୌମ୍ୟପ୍ରଜ୍ଞା ଶ୍ରୀଚନ୍ଦନ ତୃତୀୟ ହୋଇଥିବା ବେଳେ ବରିଷ୍ଠ ବିଭାଗରେ ଜ୍ଞାନ ରଞ୍ଜନ ନାୟକ ପ୍ରଥମ, ସୋନାଲି ସାହୁ ଦ୍ୱିତୀୟ, ଓ ଶ୍ୱେତପଦ୍ମା ଦେବତା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସର ବଗିଚାରେ ବିଭିନ୍ନ କିସମର ଶହେରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ଜନସଚେତନତା ପାଇଁ ପ୍ଲାକାର୍ଡ ଧରି ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ଓ ଅତିଥିମାନେ ସଂପୁର ଗ୍ରାମ ପରିକ୍ରମା କରିଥିଲେ। ଶିକ୍ଷକ ବିଶ୍ୱଜିତ ସରୋଜ କୁମାର ଧନ୍ୟବାଦ ଦେଇଥିଲେ।

# 'ପ୍ରଦୂଷଣମୁକ୍ତ ପାଇଁ ଚାରାଟିଏ ରୋପଣ କର'



**ବେଗୁନିଆ,୭।୭(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଅନ୍ତର୍ଗତ ଭୂଇଁପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ପ୍ରତିମା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ବେଗୁନିଆ ବନପାଳ ପ୍ରିୟଦର୍ଶିନୀ ସେଠୀ, ଶିକ୍ଷାବିତ୍ ଶରତ କୁମାର ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବୃକ୍ଷ ସମ୍ପର୍କିତ ସଚେତନତା ସଙ୍ଗୀତ ପରିବେଷଣ କରାଯାଇଥିଲା। ବୃକ୍ଷରୋପଣର ଉପକାରିତା ଏବଂ ଉପାଦେୟତା ସମ୍ପର୍କରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଚାରା ରୋପଣ କରି ଜଙ୍ଗଲ ସୃଷ୍ଟି କରିବା ଜରୁରୀ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ୨୦ଟି ଚାରା ରୋପଣ କରାଯାଇଛି। ସେହିପରି ବିଦ୍ୟାଳୟର ହତାବାହାରେ ୫ଟି ବର ଏବଂ ଅଶ୍ୱତଥ ବୃକ୍ଷ ରୋପଣ କରାଯାଇଥିଲା। ସାମାଜିକ କର୍ମୀ ଅଶ୍ୱିନୀ ପଟ୍ଟନାୟକ, ବନରକ୍ଷୀ ଦୁର୍ଗା ପ୍ରସାଦ ପଣ୍ଡା, ସୋମନାଥ ସାହୁ, ଶ୍ରୀବତ୍ସ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ମଲ୍ଲି ରାଉତ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ଶୁଭଶ୍ରୀ ଲକ୍ଷ୍ମୀପ୍ରିୟା ଧନ୍ୟବାଦ ଦେଇଥିଲେ।

# ରତ୍ନଭଣ୍ଡାର ଖୋଲି ଅଳଙ୍କାର ଗଣତି କରାଯାଉ

**ପୁରୀ, ୭।୭(ଅଜିତ୍ ମହାନ୍ତି):**


ଭାରତୀୟ ବିକାଶ ପରିଷଦ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଜୋର୍‌ଦାର ହେଲା ଦାବି**

- ଭାରତୀୟ ବିକାଶ ପରିଷଦର ବିକ୍ଷୋଭ
- ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶୋଭାଯାତ୍ରା
- କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ବି ପ୍ରସଙ୍ଗ ଉଠାଇଲେ

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲାଯାଉ। ଅଳଙ୍କାର ସବୁ ଗଣତି ଓ ମଣତି ସହ ସିବିଆଇ ଦ୍ୱାରା ଯାଞ୍ଚ ହେଉ। ରତ୍ନଭଣ୍ଡାରକୁ ନେଇ ଜଗନ୍ନାଥପ୍ରେମୀଙ୍କ ମନରେ ଯେଉଁ ପ୍ରଶ୍ନ ରହିଛି ତାହାକୁ ଦୂର କରାଯାଉ। ରତ୍ନଭଣ୍ଡାର ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ତତ୍କାଳୀନ ଆଇନ ମନ୍ତ୍ରୀ, ମୁଖ୍ୟ ପ୍ରଶାସକ, ଜିଲାପାଳ ଏବଂ ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ, ମୁଖ୍ୟ ପ୍ରଶାସକ ଏବଂ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ସେହିପରି ପୁରୀ ରେଳଷ୍ଟେଶନଠାରୁ ଶ୍ରୀଜଗନ୍ନାଥ ସେନାର ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରି ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ଆଗରେ ପହଞ୍ଚି ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ଦେଇଛନ୍ତି।

ଭାରତୀୟ ବିକାଶ ପରିଷଦ ପକ୍ଷରୁ ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ହୋଇଛି ଯେ, ୧୯୭୮ ମସିହାଠାରୁ ଦୀର୍ଘ ୪୬ବର୍ଷ ମଧ୍ୟରେ ଥରୁଟିଏ ବି ରତ୍ନଭଣ୍ଡାର ଖୋଲାଯାଇ ରତ୍ନଅଳଙ୍କାର ଗଣତି ଓ ମଣତି କରାଯାଇନାହିଁ। ରତ୍ନଭଣ୍ଡାର କୋଠା ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଉଚ୍ଚ ନ୍ୟାୟାଳୟ ୨୦୧୮ରେ ତୁରନ୍ତ ତାହାକୁ ମରାମତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ସରକାର ୧୭ଜଣିଆ କମିଟି ଗଠନ କରି ରତ୍ନଭଣ୍ଡାର ଖୋଲି ବାହାର ଓ ଭିତର ଅବସ୍ଥା ଯାଞ୍ଚ କରିବା କେବଳ ଲୋକଦେଖାଣିଆ ଥିଲା। ପୁଣି ଦୁଇ ମାସ ପରେ ତତ୍କାଳୀନ ଜିଲାପାଳ ଗଣମାଧ୍ୟମକୁ ସଫେଇ ଦେଇ ହଜିଯାଇଥିବା ଚାବିର ନକଲ ଚାବି ମିଳିଥିବା କହିଥିଲେ। କୋଷାଗାର ପରିବର୍ତ୍ତେ ଜିଲା ରେକର୍ଡ ରୁମ୍‌ରୁ ଚାବି ମିଳିଥିଲା। କିନ୍ତୁ ସୂଚନା ଅଧିକାର ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି ଯେ, ଅଦ୍ୟାବଧି ଏନେଇ ଜନସାଧାରଣଙ୍କୁ ଅବଗତ କରାଯାଇନାହିଁ। ତଦନ୍ତ ପାଇଁ ଜଷ୍ଟିସ ରଘୁବୀର ଦାସଙ୍କୁ ନିଯୁକ୍ତି କରାଯିବା ସହ ୬ମାସ ମଧ୍ୟରେ ରିପୋର୍ଟ ଦେବାକୁ କୁହାଗଲା। ରିପୋର୍ଟ ପ୍ରଦାନର ୫ବର୍ଷ ପରେ ବି ତାହାକୁ ସାର୍ବଜନୀନ କିମ୍ବା ବିଧାନସଭାରେ ଉପସ୍ଥାପନ କରାଯାଇନାହିଁ। ଏଥିଲାଗି ରାଜକୋଷରୁ ପ୍ରାୟ ଅଧକୋଟି ଟଙ୍କା ଖର୍ଚ୍ଚ ହୋଇଛି। ୧୧୮ ବର୍ଷ ଧରି ଶ୍ରୀଜଗନ୍ନାଥଙ୍କ ଦୁର୍ଲଭ ରଘୁନାଥ ବେଶ ଦେଖିବାରୁ ଭକ୍ତ ବଞ୍ଚିତ ରହିଛନ୍ତି। ଏହା ପ୍ରଶାସନର ଆନ୍ତରିକତା ଅଭାବ ନା ଜାଣିଶୁଣି ନିଜ ଦୋଷକୁ ଲୁଚାଇବା ପାଇଁ ରାଜ୍ୟ ସରକାର ଏଭଳି ଯୋଜନା କରୁଛନ୍ତି, ତାହା ବୁଝାପଡୁନାହିଁ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରତ୍ନଭଣ୍ଡାର ଖୋଲା ନ ଗଲେ ଗଜପତି ମହାରାଜାଙ୍କ ବାସଭବନ ଆଗରେ ଧାରଣା ଦିଆଯିବ ବୋଲି ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ କହିଛନ୍ତି। ସେହିପରି ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ସରକାର ରତ୍ନଭଣ୍ଡାର ଖୋଲୁ ନ ଥିବାରୁ ଅଳଙ୍କାର ଲୁଟ୍ ହୋଇଥିବା ସ୍ପଷ୍ଟ ହେଉଛି। ଯଦି ରାଜ୍ୟ ସରକାର ସ୍ୱଚ୍ଛ, ତେବେ ରତ୍ନଭଣ୍ଡାର ଖୋଲି ଯାଞ୍ଚ କରନ୍ତୁ। ଏନେଇ ସରକାର ଜବାବ ଦିଅନ୍ତୁ ବୋଲି ପଟ୍ଟନାୟକ କହିଛନ୍ତି। କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମଧ୍ୟ ରତ୍ନଭଣ୍ଡାର ଖୋଲାଯିବାକୁ ମତ ଦେଇଛନ୍ତି। ଆଲୋଚନା ଭିତ୍ତିରେ ଏହି ସମସ୍ୟାର ସମାଧାନ ହୋଇ ପାରିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ବର୍ତ୍ତମାନ ରତ୍ନଭଣ୍ଡାର ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ଉଚିତ ଫୋରମ୍‌ରେ ଏହି ଦାବି ନେଇ ବିଚାର କରାଯିବ।

## ସଂକ୍ଷେପରେ

### ମହାପ୍ରଭୁଙ୍କୁ ଭକ୍ତଙ୍କ ଦାନ ପାଇଁ ଡିଜିଟାଲ ବ୍ୟବସ୍ଥା

ପୁରୀ, ୭।୭(ଅଜିତ୍ ମହାନ୍ତି)- ଅନେକ ସମୟରେ ଶ୍ରୀମନ୍ଦିରକୁ ଭକ୍ତ ଦାନ ଦେଇପାରୁ ନ ଥିଲେ। ଏପରିକି ଅନେକ ସମୟରେ ଅସାଧୁ ବ୍ୟକ୍ତି ମହାପ୍ରଭୁଙ୍କ ନାମରେ ଠକେଇ କରି ଭକ୍ତଙ୍କ ଟଙ୍କା ହରିଲୁଟ କରୁଥିବା ଦେଖିବାକୁ ମିଳିଥିଲା। ତେଣୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଡିଜିଟାଲ ଦାନ ବ୍ୟବସ୍ଥା କରାଯାଇଛି। ଫଳରେ ଭକ୍ତମାନେ ଶ୍ରୀମନ୍ଦିର ବାହାରେ ବାଟଘାଟ, ରେଳଷ୍ଟେଶନ, ବସ୍‌ଷ୍ଟାଣ୍ଡ, ଅତିଥିଶାଳା ଓ ହୋଟେଲରେ ବି ମହାପ୍ରଭୁଙ୍କ ପାଇଁ ଦାନ କରିପାରିବେ। ସେଥିପାଇଁ ବିଭିନ୍ନ ସ୍ଥାନରେ କ୍ୟୁଆର୍ ସ୍କାନର ଲଗାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ଦାନ ସୂତ୍ରରୁ ରାଜସ୍ୱ ବୃଦ୍ଧି କରିବାକୁ ଏଭଳି ପଦକ୍ଷେପ ନେଇଛି। ପୁରୀ ସହରର ଅନେକ ସ୍ଥାନରେ ପେଟିଏମ୍ ପକ୍ଷରୁ ସ୍କାନର ଲଗାଯାଇଛି। ଜଣେ ଭକ୍ତ ଚାହିଁଲେ ଏହାକୁ ତାଙ୍କ ମୋବାଇଲ୍ ଫୋନରେ ସ୍କାନ କରି ତୁରନ୍ତ ଶ୍ରୀମନ୍ଦିର ପାଣ୍ଠିକୁ ଦାନ କରିପାରିବେ। ସିଂହଦ୍ୱାର ପ୍ରବେଶ ପଥ ବ୍ୟତୀତ ବିଭିନ୍ନ ସ୍ଥାନରେ ଏହି ସ୍କାନର ଲାଗିଛି। ରେଳଷ୍ଟେଶନ, ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ ସ୍କାନର ଲଗାଇବା ଦାୟିତ୍ୱ ନେଇଛି ପେଟିଏମ୍। ଶ୍ରୀମନ୍ଦିର ପ୍ରଶାସନର ଅଧୀନରେ ଥିବା ଭକ୍ତନିବାସଗୁଡ଼ିକରେ ମଧ ଏହି ସ୍କାନର ଲଗାଯାଇଛି। ସେହିପରି ଶ୍ରୀମନ୍ଦିରର ବ୍ୟାଙ୍କ ଜମାଖାତା ଥିବା ଘରୋଇ ବ୍ୟାଙ୍କ ମଧ ଭକ୍ତ ନିବାସରେ ସ୍କାନ୍‌ର୍ ଲଗାଇଥିବା ଜଣାପଡ଼ିଛି।

### ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ନିମାପଡ଼ା ବିଧାୟକ

ନିମାପଡ଼ା,୭।୭(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ମୁଖ୍ୟତଃ ୪ର୍ଥ ଅର୍ଥ କମିଶନ, ୫ମ ଅର୍ଥ କମିଶନ, ଚତୁର୍ଦ୍ଦଶ କମିଶନ, ପଞ୍ଚଦଶ କମିଶନ ଯୋଜନା, ବିଭିନ୍ନ ପଞ୍ଚାୟତର ଅଙ୍ଗନୱାଡ଼ି ଗୃହ ନିର୍ମାଣ, ଏମଜିଏନ୍‌ଆର୍‌ଇଜିଏସ୍‌ରେ ପଞ୍ଚାୟତର ହେଉଥିବା ବିକାଶ କାର୍ଯ୍ୟର ସମୀକ୍ଷା କରିଥିଲେ। ସରକାରୀ ଅନୁଦାନ ଓ ବିଧାୟକ ଉନ୍ନୟନ ପାଣ୍ଠିର ଠିକ୍ ବିନିଯୋଗ ହେଉଛି କି ନାହିଁ ବିଧାୟକ ଦାଶ ତଦାରଖ କରିଥିଲେ। ବିଭିନ୍ନ ପଞ୍ଚାୟତରେ ନିର୍ମିତ ହେଉଥିବା ଅଙ୍ଗନୱାଡ଼ି ଗୃହ ଓ ବିଭିନ୍ନ ଯୋଜନାର ନିର୍ମାଣ ହେଉଥିବା ନୂତନ ପ୍ରକଳ୍ପ, ଉନ୍ନୟନ କାର୍ଯ୍ୟ ଖୁବ୍‌ଶୀଘ୍ର ତ୍ୱରାନ୍ୱିତ କରିବାକୁ ବିଧାୟକ ଦାଶ ବ୍ଲକ ସହକାରୀ ଯନ୍ତ୍ରୀ, ସମସ୍ତ କନିଷ୍ଠ ଯନ୍ତ୍ରୀ, ପିଇଓମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଉପାଧକ୍ଷା ଅନୁସୟା ମହାନ୍ତି, ବିଜେଡି ବ୍ଲକ ସଭାପତି ଅଶୋକ ସାହୁ, ଏମ୍‌ପି ପ୍ରତିନିଧି ବିଜୟ ପଟ୍ଟନାୟକ ଅଜୟ ସ୍ୱାଇଁ, ବ୍ଲକ ସହକାରୀ ଯନ୍ତ୍ରୀ ସୁନୀଲ ନନ୍ଦ ପ୍ରମୁଖ ଯୋଗଦେଇଥିଲେ।

### ବନ ମହୋତ୍ସବ ସପ୍ତାହ ଉଦ୍‌ଯାପିତ

ବ୍ରହ୍ମଗିରି,୭।୭(ସ୍ୱାଧୀନ ଚମ୍ପତିରାୟ) : ବ୍ରହ୍ମଗିରି ବନ ବିଭାଗ ତରଫରୁ ୭ଦିନ ଧରି ଚାଲିଥିବା ୭୪ତମ ବନ ମହୋତ୍ସବ ସପ୍ତାହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବନ ବିଭାଗ ତରଫରୁ ବ୍ରହ୍ମଗିରି ବ୍ଲକର ବିଭିନ୍ନ ସ୍ଥାନରେ ଏହି ମହୋତ୍ସବ ସମାରୋହରେ ପାଳିତ ହେବା ପରେ ଶୁକ୍ରବାର ଏହାର ଉଦ୍‌ଯାପନୀ ଦିବସ କୃଷକ ବିଦ୍ୟାପୀଠରେ ପାଳନ କରାଯାଇଥିଲା। ଏହି ଅବସରରେ ବ୍ରହ୍ମଗିରି ରେଞ୍ଜ ଅଧିକାରୀ ଚନ୍ଦ୍ରଶେଖର ସାହୁ, ୨୮ନମ୍ବର ଜିଲା ପରିଷଦ ସଦସ୍ୟ କୈଳାଶ ଚନ୍ଦ୍ର ପରିଡା, ସ୍ଥାନୀୟ ସରପଞ୍ଚ ଓ ବିଶିଷ୍ଟ ସାମାଜିକ କର୍ମୀ ବିହାରୀ ବନ୍ଧୁ ପଳାଇ ପ୍ରମୁଖ ଏହି ସମାରୋହରେ ଯୋଗଦେଇ ପ୍ରଥମେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ଏକ ବିଶାଳ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତେ ମିଶି ଶତାଧିକ ଭିନ୍ନ ଭିନ୍ନ କିସମର ଚାରା ରୋପଣ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ସଚେତନ ନିମନ୍ତେ ଏକ ସାଧାରଣ ସଭା କରାଯାଇଥିଲା। ସଭାରେ ବ୍ରହ୍ମଗିରି ରେଞ୍ଜ ଅଧିକାରୀ ଛାତ୍ରୀଛାତ୍ରଙ୍କୁ ବୃକ୍ଷର ଆବଶ୍ୟକ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରି ସମସ୍ତଙ୍କୁ ଚାରାରୋପଣ କରିବା ଓ ଅନ୍ୟଙ୍କୁ ଚାରା ରୋପଣ କରିବା ନିମନ୍ତେ ବାର୍ତ୍ତା ଦେବା ନିମନ୍ତେ ଅନୁରୋଧ କରିଥିଲେ। ବିଶ୍ୱ ତାପମାତ୍ରା ନିୟନ୍ତ୍ରଣରେ ବୃକ୍ଷର ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ। ଚାରା ରୋପଣ କରିବା ଓ ଜଙ୍ଗଲ ସୁରକ୍ଷା ଦିଗରେ ଛାତ୍ରୀଛାତ୍ରମାନେ ଶପଥ ପାଠ କରି ଦୃଢ଼ ସଂକଳ୍ପ ନେଇଥିଲେ।

# ପଥର ରୂପରେ ପୂଜା ପାଉଛନ୍ତି ମହାପ୍ରଭୁ


ସାଲ୍ଡରେ ଜଗନ୍ନାଥ ମନ୍ଦିର


ଖବରଦାତା ସମ୍ମିଳନୀରେ ଅଭିନେତା ସବ୍ୟସାଚୀ ମହାପାତ୍ର ଏବଂ ଶ୍ରୀମନ୍ଦିର ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ସୂଚନା ଦେଉଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

**ଉତ୍ତରାଖଣ୍ଡ ଉତ୍ତରକାଶୀରେ ଜଗନ୍ନାଥ ମନ୍ଦିର**
- ଛତିଶା ନିଯୋଗ ମହାନାୟକଙ୍କୁ ବ୍ୟଥିତ କରିଥିଲା ଅବହେଳା
- ବିକାଶ ପାଇଁ ସହଯୋଗର ହାତ ବଢ଼ାଇଲେ ସବ୍ୟସାଚୀ, ଅର୍ଚ୍ଚିତା

ପୁରୀ, ୭।୭ (ଅଜିତ୍ ମହାନ୍ତି):

ବିଶ୍ୱର ବିଭିନ୍ନ ସ୍ଥାନରେ ଶ୍ରୀଜଗନ୍ନାଥ ମନ୍ଦିର ରହିଛି। ମହାପ୍ରଭୁ କେଉଁଠି ପଥର ରୂପରେ ତ ଆଉ କେଉଁଠି ମୂର୍ତ୍ତି ରୂପରେ ପୂଜା ପାଉଛନ୍ତି। ଏଭଳି ଏକ ଅନାଲୋଚିତ ଜଗନ୍ନାଥ ମନ୍ଦିର ଉତ୍ତରାଖଣ୍ଡର ଉତ୍ତରକାଶୀଠାରୁ ୬କି.ମି ଦୂର ସାଲ୍ଡ ଗ୍ରାମରେ ରହିଛି। ସମୁଦ୍ର ପତ୍ତନଠାରୁ ୩ହଜାର ଫୁଟ ଉପରେ ଅବସ୍ଥିତ ଏହି ମନ୍ଦିରରେ ପ୍ରସ୍ତର ରୂପରେ ଜଗନ୍ନାଥ ପୂଜା ପାଉଛନ୍ତି। ଏନେଇ ଶୁକ୍ରବାର ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଲିଉଡ୍ ଅଭିନେତା ସବ୍ୟସାଚୀ ମହାପାତ୍ର, ଅଭିନେତ୍ରୀ ଅର୍ଚ୍ଚିତା ଏବଂ ଶ୍ରୀମନ୍ଦିର ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ସୂଚନା ଦେଇଛନ୍ତି।

ଛତିଶା ନିଯୋଗ ମହାନାୟକ କହିଛନ୍ତି, ସେ ଯେତେବେଳେ ଉତ୍ତରକାଶୀକୁ ଯାଇଥିଲେ ଜାଣିବାକୁ ପାଇଥିଲେ ସେଠାରେ ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ରହିଛି। ସେ ସେହି ମନ୍ଦିରକୁ ଯାଇଥିଲେ ମଧ ପହୁଡ଼ ପଡ଼ିଥିବାରୁ ଦର୍ଶନ କରିପାରି ନ ଥିଲେ। ସେଠାରେ ମହାପ୍ରଭୁ ଅଖିଆ ଅପିଆ ରହୁଥିବା ତାଙ୍କୁ ବ୍ୟଥିତ କରିଥିଲା। ପରେ ସେ ଏନେଇ ଅଭିନେତା ସବ୍ୟସାଚୀଙ୍କୁ ଜଣାଇଥିଲେ। ସଂଯୋଗବଶତଃ ସେହି ସମୟରେ ଅର୍ଚ୍ଚିତାଙ୍କର ଏକ ସୁଟିଂ ଉତ୍ତରାଖଣ୍ଡରେ ଥିଲା। ସବ୍ୟସାଚୀ ଓ ଅର୍ଚ୍ଚିତା ସେହି ମନ୍ଦିରକୁ ଯାଇଥିଲେ। ତେବେ ସେଠାରେ ଜଗନ୍ନାଥଙ୍କ ଦାରୁମୂର୍ତ୍ତି ବଦଳରେ ଶିଳାମୂର୍ତ୍ତି ରହିଛି। ଜଗନ୍ନାଥଙ୍କ ପୂଜା ଠିକ୍ ଭାବେ ହେଉ ନ ଥିବା ବେଳେ ପ୍ରସାଦ ଠିକ୍ ଭାବେ ଲାଗି ପାରୁନାହିଁ। ତେଣୁ ମହାପାତ୍ର ବାହୁଡ଼ା ଯାତ୍ରା ଦିନ ଉକ୍ତ ମନ୍ଦିରରେ ପୂଜା କରିବାକୁ ଚେଷ୍ଟା କରିଥିଲେ। ମନ୍ଦିର ନିକଟ ୫ଟି ଗ୍ରାମର ଲୋକଙ୍କୁ ଏକାଠି କରି ପୂଜାର୍ଚ୍ଚନା ଆୟୋଜନ କରିଥିଲେ। ସ୍ଥାନୀୟ ଗ୍ରାମର ଲୋକଙ୍କ ଇଷ୍ଟଦେବତା ପ୍ରଭୁ ଶ୍ରୀଜଗନ୍ନାଥ। ଏଭଳିକି ସେମାନଙ୍କ ଲୋକ ଗୀତ ଓ ଝିଅ ବିଦାୟୀ ଗୀତରେ ଶ୍ରୀଜଗନ୍ନାଥଙ୍କ ନାମ ନେଇ ସ୍ମରଣ କରିଥାନ୍ତି। ସେହିପରି ସବ୍ୟସାଚୀ କହିଥିଲେ, ସେ ଏହି ମନ୍ଦିର ଉପରେ ଡକ୍ୟୁମେଣ୍ଟାରି ପ୍ରସ୍ତୁତ ପାଇଁ ଓଡ଼ିଆ ଲୋକଙ୍କ ସହାୟତା ନେଇଥିଲେ। ବ୍ରହ୍ମପୁରର ଜଣେ ଓଡ଼ିଆ ବ୍ୟକ୍ତି ସୋସିଆଲ ମିଡିଆରେ ଏହି ଭିଡିଓ ଦେଖି ସେଠାକାର ପ୍ରଶାସନକୁ ମେଲ୍ କରିଥିଲେ। ସେ ଏବଂ ଅର୍ଚ୍ଚିତା ସେଠାରେ ଥିବାବେଳେ ଉତ୍ତରାଖଣ୍ଡ ଉତ୍ତରକାଶୀ ପର୍ଯ୍ୟଟନ ବିଭାଗର ଅଧିକାରୀ ସେଠାରେ ପହଞ୍ଚିଥିଲେ। ଏସବୁ ମହାପ୍ରଭୁଙ୍କ ଲୀଳା। ମନ୍ଦିର ରକ୍ଷଣାବେକ୍ଷଣ ଓ ଉନ୍ନତି ପାଇଁ ସେ ୬ମାସ ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ନେଇଛନ୍ତି। ଉକ୍ତ ମନ୍ଦିରର ପ୍ରଚାର, ପୁନରୁଦ୍ଧାର ଓ ବିକାଶ ପାଇଁ ସେ ଉତ୍ତରାଖଣ୍ଡ ସରକାର, କେନ୍ଦ୍ର ପର୍ଯ୍ୟଟନ ବିଭାଗ, ଉତ୍ତରକାଶୀ ଏବଂ ରାଜ୍ୟ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି ବୋଲି ସବ୍ୟସାଚୀ କହିଛନ୍ତି। ଲୋକକଥା ଅନୁଯାୟୀ, ଉକ୍ତ ମନ୍ଦିରରେ ଜଗନ୍ନାଥଙ୍କ ବିଗ୍ରହ ମାଟିତଳୁ ଆବିର୍ଭାବ ହୋଇଛନ୍ତି। ଥରେ ଜଣେ ବ୍ୟକ୍ତି ହଳ କରୁଥିବା ସମୟରେ ହଳ ଉକ୍ତ ଶିଳାରେ ବାଜିଥିଲା, ଯାହାର ପ୍ରମାଣ ଏବେ ବି ରହିଛି। ଶିଳାଦେହରେ ୭ଟି ଗାର ରହିଛି। ସେହିପରି ଆଦି ଶଙ୍କରାଚାର୍ଯ୍ୟ ୧୨୦୦ ମସିହାରେ ଏଠାକୁ ଆସି ଜଗନ୍ନାଥ ଶିଳା ପ୍ରତିଷ୍ଠା କରିଥିଲେ। ଏହି ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ବ୍ୟତୀତ ହନୁମାନ, ଗଣେଶ, ଦୁର୍ଗା ଆଦି ପୂଜା ପାଉଛନ୍ତି।

# ପୂର୍ବ ଶତ୍ରୁତାରୁ ଘରକୁ ବୋମାମାଡ଼

ନିମାପଡ଼ା,୭।୭(ବିଚିତ୍ରାନନ୍ଦ ସାହୁ)

- ସାଇଣ୍ଟିଫିକ୍ ଟିମ୍ ପହଞ୍ଚ ତଦନ୍ତ କରି ସୂତୁଲି, ବାରୁଦ ଗୁଣ୍ଡ ଜବତ କରିଛି
- ପୂର୍ବରୁ ଘରେ ପଶି ଚୋରି, ସ୍କୁଟିକୁ ନିଆଁ ଲଗାଇଥିଲେ ଦୁର୍ବୃତ୍ତ

ନିମାପଡ଼ା ଥାନା ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତର ମାଧିବରହପୁର ଗ୍ରାମର ଜଲାଲ ଖାଁଙ୍କ ଘର ଉପରକୁ ଗୁରୁବାର ରାତିରେ ପୂର୍ବ ଶତ୍ରୁତାକୁ ନେଇ ୩ଜଣ ଦୁର୍ବୃତ୍ତ ୩ଟି ବୋମାମାଡ଼ ପକାଇ ବାଇକ୍‌ରେ ଫେରାର ହୋଇଯାଇଛନ୍ତି। ବୋମାମାଡ଼ରେ ଜଲାଲଙ୍କ ସ୍ତ୍ରୀ ଅକସନା ବିବି, ପୁଅ ସୋଏବ ଖାଁ ଆହତ ହୋଇ ଚାରିଛକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏଥିସହ ବୋମାମାଡ଼ରେ ଜଲାଲଙ୍କ ଘରର କାନ୍ଥ ଫାଟି ଯିବା ସହ କବାଟ ଭାଙ୍ଗିଯାଇଛି। ସେହିପରି ଘରର ଅଧିକାଂଶ ଆସବାବପତ୍ର ଭାଙ୍ଗି ନଷ୍ଟ ହୋଇଯାଇଛି। ତେବେ ବୋମାମାଡ଼ର ଶବ୍ଦରେ ଆଖପାଖ ଲୋକ ଓ ପଡ଼ୋଶୀ ଆତଙ୍କିତ ହୋଇପଡ଼ିଛନ୍ତି। ତେବେ ପୂର୍ବ ଶତ୍ରୁତାକୁ ନେଇ ଏହି ବୋମାମାଡ଼ ହୋଇଛି ବୋଲି ଜଲାଲ ଖାଁ ଚାରିଛକ ଥାନାରେ ଅଭିଯୋଗ କରିଛନ୍ତି। ଖବରପାଇ ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ପ୍ରମୁଖ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୭୧/୨୩) ରୁଜୁ କରିଛି। ଖବରପାଇ ପୁରୀରୁ ସାଇଣ୍ଟିଫିକ ଟିମ ଓ ସହକାରୀ ସାଇଣ୍ଟିଫିକ ଅଧିକାରୀ ଆଦିତ୍ୟ ରଞ୍ଜନ ନାୟକ, ବିରଜାପ୍ରସାଦ ସାମଲ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ବୋମାର ସୂତୁଲି, ବାରୁଦ ଗୁଣ୍ଡ ଆଦି ଜବତ କରିଛନ୍ତି। ସୂଚନାଯୋଗ୍ୟ, ଗତ କିଛିମାସ ତଳେ ସ୍ଥାନୀୟ ଅଞ୍ଚଳର ଦୁଇଜଣ ଯୁବକ ଜଲାଲଙ୍କ ଘରେ ପଶି ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନାଗହଣା ଚୋରି କରି ନେଇଥିଲେ। ଏପରିକି ତା’ ପରେ ପୁଣି ଦୁର୍ବୃତ୍ତମାନେ ଜଲାଲଙ୍କ ଘର ଆଗରେ ଥିବା ଏକ ସ୍କୁଟି ଗାଡ଼ିକୁ ପୋଡ଼ି ଦେବା ସହ ଏକ ବିଦ୍ୟୁତ୍ ମୋଟର ଚୋରି କରି ନେଇଥିଲେ। ଏ ସମ୍ପର୍କରେ ପୂର୍ବରୁ ଥାନାରେ ଅଭିଯୋଗ ହୋଇଥିବାବେଳେ ପୋଲିସ ଦୁର୍ବୃତ୍ତଙ୍କୁ ଗିରଫ କରି ଜେଲ ପଠାଇଥିଲା। ଦୁର୍ବୃତ୍ତମାନେ ଜେଲରୁ ଜାମିନରେ ଆସିବା ପରେ କ୍ରୋଧାନ୍ୱିତ ହୋଇ ପୁଣି ଘରକୁ ବୋମାମାଡ଼ କରିଥାଇପାରନ୍ତି ବୋଲି ଜଲାଲ ଅନୁମାନ କରୁଛନ୍ତି।


ବୋମାମାଡରେ କ୍ଷତିଗ୍ରସ୍ତ ହୋଇଥିବା ଘରର ଆସବାବପତ୍ର ।

# କଟୁରି ଚୋଟରେ ସାନ ମୃତ, ବଡ଼ଭାଇ ଗିରଫ

ଡେଲାଙ୍ଗ,୭।୭(ରଶ୍ମିରଞ୍ଜନ ପ୍ରଧାନ)

**ଅଭିଯୁକ୍ତ ମାନସିକ ବିକାରଗ୍ରସ୍ତ ସନ୍ଦେହ**

ଡେଲାଙ୍ଗ ଥାନା ଅଧୀନ ଡଁପୁର ଗ୍ରାମରେ ଶୁକ୍ରବାର ବଡ଼ଭାଇର କଟୁରି ଚୋଟରେ ସାନ ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଅଭୟ ପ୍ରଧାନ(୩୬)। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ବଡ଼ଭାଇ ବିଜୟ କୁମାର ପ୍ରଧାନ (୪୩)ଙ୍କୁ ଡଁପୁର ଗାଁ ମଧ୍ୟରୁ ଏକ ଦୋକାନ ବାରଣ୍ଡାରୁ ଗିରଫ କରିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଅପରାହ୍ନ ୩ଟାବେଳେ ଘରେ କେହି ନଥିବା ବେଳେ ବିଜୟ ଓ ସାନଭାଇ ଅଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ମାରପିଟ ହୋଇଥିଲା। ଏଥିରେ ବିଜୟ ଉତ୍ତ୍ୟକ୍ତ ହୋଇ ଘରେ ଥିବା ଏକ କଟୁରିରେ ଅଭୟଙ୍କୁ ଚୋଟ ପକାଇଥିଲେ। ଫଳରେ ଘଟଣାସ୍ଥଳରେ ଅଭୟଙ୍କ ମୃତ୍ୟୁ ଘଟିଥିଲା। ପରେ ବିଜୟ ଗାଁ ଦାଣ୍ଡକୁ ଯାଇ ମୁଁ ଆଜି ଭାଇକୁ ମାରିଦେଇଛି ବୋଲି କହିବାରୁ ଗ୍ରାମ ଲୋକ ମୃତକଙ୍କ ମଝିଆ ଭାଇକୁ ଜଣାଇଥିଲେ। ମଝିଆ ଭାଇ ଘରକୁ ଯିବାପରେ ଅଭୟ ରକ୍ତ ଜୁଡୁବୁଡୁ ହୋଇପଡିଥିବାର ଦେଖିବାକୁ ପାଇଥିଲେ। ମୃତକଙ୍କ କାନମୁଣ୍ଡାରୁ ରକ୍ତ ବାହାରୁଥିବା ବେଳେ ନିକଟରେ ଏକ ରକ୍ତ ଜୁଡୁବୁଡୁ ଇଟା, ଚା’ ତିଆରି ସସ୍ପେନ୍ ଓ କଟୁରି ପଡିଥିଲା। ଖବରପାଇ ଡେଲାଙ୍ଗ ଥାନା ଆଇଆଇସି ଅନିଲ କୁମାର ମହାନ୍ତି, ଏଏସ୍‌ଆଇ ସୁଦାମ ଚରଣ ନାୟକ, ଗୋପବନ୍ଧୁ ରାଉତ ଓ ମଙ୍ଗଳାପ୍ରସନ୍ନ ଜେନା ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛନ୍ତି। ପୋଲିସ ଘଟଣା ସ୍ଥଳରୁ କଟୁରି, ଇଟା, ଚା ସସ୍ପେନ୍ ପ୍ରଭୃତି ଜବତ କରିଛି। ବଡଭାଇ ମାନସିକ ବିକାରଗ୍ରସ୍ତ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା। ଅନ୍ୟପଟେ ମଝିଆ ଭାଇ ସଞ୍ଜୟ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭୟଙ୍କ କାନମୁଣ୍ଡା ଓ ପଛପଟୁ ୨ଟି ସ୍ଥାନରେ ତୀକ୍ଷଣ ଅସ୍ତ୍ରରେ ଚୋଟ ମରାଯାଇଥିବାର ପୋଲିସ ଦେଖିବାକୁ ପାଇଛି।

# ୧୯ ଇନ୍ସପେକ୍ଟରଙ୍କ ବଦଳି

ପୁରୀ, ୭।୭(ଅଜିତ୍ ମହାନ୍ତି):

ପୁରୀ ପୋଲିସ ବିଭାଗରେ ଏକ ବଡ଼ଧରଣର ଅଦଳବଦଳ ହୋଇଛି। ପୁରୀର ବିଭିନ୍ନ ଥାନାରେ କାର୍ଯ୍ୟ କରୁଥିବା ୧୯ଜଣ ପୋଲିସ ଅଧିକାରୀମାନଙ୍କୁ ଅନ୍ୟ ଜିଲାକୁ ବଦଳି କରାଯାଇଛି। ଏନେଇ ଶୁକ୍ରବାର ରାଜ୍ୟ ପୋଲିସ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ, ଇନ୍ସପେକ୍ଟର ଗୋକୁଳ ରଞ୍ଜନ ଦାସଙ୍କୁ ଜଗତ୍‌ସିଂହପୁର, ଜ୍ଞାନେନ୍ଦ୍ର କୁମାର ସାହୁଙ୍କୁ ଖୋର୍ଦ୍ଧା, ଦିଲ୍ଲୀପ କୁମାର ଧଳଙ୍କୁ କେନ୍ଦ୍ରାପଡ଼ା, ସୁମତି କୁମାରୀ ମହାନ୍ତିଙ୍କୁ ଯାଜପୁର, ଦିଲ୍ଲୀପ କୁମାର ସ୍ୱାଇଁଙ୍କୁ ନୟାଗଡ଼, ନୀଳିମା ପଟ୍ଟନାୟକଙ୍କୁ ଜଗତ୍‌ସିଂହପୁର, ଅଭିମନ୍ୟୁ ନାୟକଙ୍କୁ ଜଗତ୍‌ସିଂହପୁର, ଶଙ୍କର୍ଷଣ ଦଳାଇଙ୍କୁ ଯାଜପୁର, ରବୀନ୍ଦ୍ରନାଥ ସେଠୀଙ୍କୁ ଖୋର୍ଦ୍ଧା, ରଞ୍ଜନ କୁମାର ମଲ୍ଲିକଙ୍କୁ ଯାଜପୁର, ବାମଦେବ ନନ୍ଦଙ୍କୁ କେନ୍ଦ୍ରାପଡ଼ା, ପ୍ରିୟରଞ୍ଜନ ନାୟକଙ୍କୁ କଟକ, ସୁଜିତ କୁମାର ଦାସଙ୍କୁ ନୟାଗଡ଼, ସୁଶାନ୍ତ କୁମାର ସାହୁଙ୍କୁ ଜଗତ୍‌ସିଂହପୁର, ଶରତ କୁମାର ନାୟକଙ୍କୁ ଯାଜପୁର, କୁଳମଣି ସେଠୀଙ୍କୁ ଜଗତ୍‌ସିଂହପୁର, ନାରାୟଣ ଚନ୍ଦ୍ର ଲେଙ୍କାଙ୍କୁ ନୟାଗଡ଼, ସୁଶାନ୍ତ କୁମାର ବେହେରାଙ୍କୁ ଖୋର୍ଦ୍ଧା ଏବଂ ସୁଜାତା ବେହେରାଙ୍କୁ ଜଗତସିଂହପୁରକୁ ବଦଳି କରାଯାଇଛି।

# ‘ଗଛ କାଟିବା ଦ୍ୱାରା ପରିବେଶ ଉପରେ କୁପ୍ରଭାବ ପଡୁଛି’

ଡେଲାଙ୍ଗ, ୭।୭(ରଶ୍ମିରଞ୍ଜନ ପ୍ରଧାନ):

**ବ୍ଲକସ୍ତରୀୟ ବନ ମହୋତ୍ସବ**

କଲ୍ୟାଣପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଡେଲାଙ୍ଗ ବ୍ଲକସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରକୃତିବନ୍ଧୁ ଅର୍ପିତ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ବିଦ୍ୟାଳୟର ଅଧକ୍ଷା ତୃପ୍ତିମୟୀ ପରିଡ଼ା, ଅଧ୍ୟାପକ କୈଳାସ ଦାଶ, ଲୋକନାଥ ମିଶ୍ର ପ୍ରମୁଖ ଯୋଗଦେଇ ଚାରା ରୋପଣ ଉପରେ ଗୁରୁତ୍ୱାରୋପଣ କରିଥିଲେ। ଗଛ କାଟିବା ଦ୍ୱାରା ପରିବେଶ ଉପରେ କୁପ୍ରଭାବ ପଡୁଛି। ଗ୍ଲୋବାଲ ୱାର୍ମିଂ, ସ୍ୱଳ୍ପବର୍ଷା, ଠିକ୍ ସମୟରେ ମୌସୁମୀ ନ ଆସିବା ପ୍ରଭୃତି ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ଅନ୍ତତଃ ପକ୍ଷେ ଗୋଟିଏ ଲେଖାଏ ଗଛ ଲଗାଇବା ପାଇଁ ଅଧକ୍ଷା ସାହୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବଉଳ, ଆମ୍ବ, ହରିଡ଼ା, ବାହାଡ଼ା, ଅଁଳା ଆଦି ବିଭିନ୍ନ ପ୍ରକାରର ୫୦ରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ବିଦ୍ୟାଳୟର ବିଜ୍ଞାନ ବିଭାଗରେ ଗତବର୍ଷ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଦୁଇଜଣ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଦିଲୀପ କୁମାର ରଥ ସଭା ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ। ପ୍ରଣୟ ପ୍ରଧାନ, ସୁବ୍ରତ ଭଞ୍ଜ, ଦେବଦତ୍ତ ମହାରଣା, ଉତ୍ତମ ସ୍ୱାଇଁ, ରମେଶ ପରିଡ଼ା, କାର୍ତ୍ତିକ ପାଟ୍ଟଶାଣୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।


ଜଣେ କୃତି ପ୍ରତଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

# ଦୁର୍ଦ୍ଦାନ୍ତ ଲୁଟେରା ଗିରଫ: ୨୨ ମୋବାଇଲ ଜବତ

ପୁରୀ, ୭।୭(ଅଜିତ୍ ମହାନ୍ତି)

ବାସେଳିସାହି ଥାନା ପୋଲିସ ଜଣେ ଦୁର୍ଦ୍ଦାନ୍ତ ଲୁଟେରାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୨ଟି ଲୁଟ୍ ମୋବାଇଲ ଫୋନ୍ ଓ ୨ହଜାର ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ବାସେଳିସାହି ଥାନା ଅନ୍ତର୍ଗତ ଥାନାପତି ଲେନ୍‌ର କାବୁ ଓରଫ ସୂର୍ଯ୍ୟ ନାରାୟଣ ତ୍ରିପାଠୀ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୧୪୭/୨୩) ରୁଜୁ କରିଛି। ଏନେଇ ଟାଉନଥାନା ପରିସରରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମଳନୀରେ ସିଟି ଡିଏସ୍‌ପି କେ.କେ. ହରିପ୍ରସାଦ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ୨୮ତାରିଖରେ ବାବୁଲି ସାହୁ ଲୋକନାଥ ରୋଡ଼ ଦେଇ ବଡ଼ଦାଣ୍ଡକୁ ଯାଉଥିଲେ। ଏହି ସମୟରେ କେହି ତାଙ୍କ ମୋବାଇଲ ଫୋନ୍ ଲୁଟ୍ କରିନେଇଥିଲା। ସେ ବାସେଳିସାହି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି କାବୁଙ୍କୁ ଗିରଫ କରିଥିଲା। ଏହି ଫୋନ୍‌ଗୁଡ଼ିକ ମଧ୍ୟରୁ ୨ଟି ଫୋନ୍ ରାଜ୍ୟ ବାହାରର ବୋଲି ଜଣାପଡିଛି। ସମ୍ପୃକ୍ତ ମାଲିକଙ୍କୁ ଯୋଗାଯୋଗ କରାଯାଇ ଫୋନ୍ ଫେରସ୍ତ କରାଯିବ। ଖବରଦାତା ସମ୍ମିଳନୀରେ ସାହି ଥାନା ଅଧିକାରୀ କୁଳମଣି ସେଠୀ ଓ ଟାଉନ ଥାନା ଅତିରିକ୍ତ ଆଇଆଇସି ସୁରେଶ ପୃଷ୍ଟି ଉପସ୍ଥିତ ଥିଲେ।

# ‘ବୃକ୍ଷ ବଞ୍ଚିଲେ ଜୀବଜଗତ, ମନୁଷ୍ୟ ବଞ୍ଚିବ’



ବନ ମହୋତ୍ସବ ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ।

ନିମାପଡ଼ା,୭।୭(ବିଚିତ୍ରାନନ୍ଦ ସାହୁ)

ସମାଜରେ ବୃକ୍ଷ ବଞ୍ଚିଲେ ମନୁଷ୍ୟ, ଜୀବଜଗତ ବଞ୍ଚିବ। ମନୁଷ୍ୟ ଓ ବୃକ୍ଷ ଉଭୟେ ପରିପୂରକ, ପରିବେଶର ସୁରକ୍ଷା ପାଇଁ ଚାରା ରୋପଣ, ଜଙ୍ଗଲ ସୃଷ୍ଟି ସବୁଜିମା ଅପରିହାର୍ଯ୍ୟ। ଆଜିର ଯୁବ ସମାଜ ଆଗେଇ ଆସିଲେ ପରିବେଶ ସ୍ୱଚ୍ଛ, ସୁରକ୍ଷିତ ଓ ସନ୍ତୁଳିତ ହୋଇରହିପାରିବ ବୋଲି ନିମାପଡ଼ା କଲେଜଠାରେ ଆୟୋଜିତ ମେଘା ବନ ମହୋତ୍ସବ ପାଳନ ସମାରୋହରେ ବରିଷ୍ଠ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ନିମାପଡ଼ା କଲେଜ, ଆଲୁମିନ ଆସୋସିଏଶନ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଗୋପ ବନ୍ୟପ୍ରାଣୀ ବନାଞ୍ଚଳ, ପୁରୀ ବନ୍ୟପ୍ରାଣୀ ଉପଖଣ୍ଡ, ସାମାଜିକ ଅନୁଷ୍ଠାନ ନୟାସବେରା ୟୁଥ୍ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଏହି ମହୋତ୍ସବ ହୋଇଥିଲା। ଏଥିରେ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ ଜଗତ ପ୍ରସାଦ ସାବୁତ, ଅଧକ୍ଷା ପୁଷ୍ପିତା ରାଜଗୁରୁ, ଆଲୁମିନି ଆସୋସିଏଶନର ସଭାପତି ଶିକ୍ଷାବିତ ବସନ୍ତ ମହାନ୍ତି, ସମ୍ପାଦକ ବସନ୍ତ ପାତ୍ର, ନିମାପଡ଼ା ବନ ବିଭାଗର ଫରେଷ୍ଟର ପ୍ରଦୀପ ପାଣିଗ୍ରାହୀ, ଅବିନାଶ ଖୁଣ୍ଟିଆ, ପ୍ରଧାପକ ରବୀନ୍ଦ୍ରନାଥ ପାଢ଼ୀ, ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ, ସୁବ୍ରତ ମହାନ୍ତି, ଡ. ଅରୁଣ କୁମାର ଦାଶ, ନୟାସବେରା ୟୁଥ ଟ୍ରଷ୍ଟ ସମ୍ପାଦକ ନିର୍ମଳ ପରିଜା ପ୍ରମୁଖ ଯୋଗଦେଇ ଚାରା ରୋପଣ, ବନୀ କରଣ, ସ୍ୱଚ୍ଛ ପରିବେଶ, ସବୁଜ ବଳୟ ସୃଷ୍ଟି ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପରିବେଶର ସୁରକ୍ଷା ପାଇଁ ଚାରା ରୋପଣ ଜରୁରୀ। ତେଣୁ ପ୍ରତ୍ୟେକ ବ୍ୟକ୍ତି ଚାରା ରୋପଣ ପାଇଁ ସଂକଳ୍ପ ନେଇ ଗଛ ଲଗାଇବା ପାଇଁ ସମାରୋହରେ ସାମୂହିକ ଶପଥ ପାଠ ହୋଇଥିଲା। ଏହି ଅବସରରେ ଉପସ୍ଥିତ ଅତିଥି, କଲେଜ କର୍ମକର୍ତ୍ତା, ଛାତ୍ରୀଛାତ୍ର କଲେଜ ପରିସର ସଫେଇ କରିବା ସହ ଚାରା ରୋପଣ କରି ବୃକ୍ଷ ହିଁ ଭଗବାନ, ବୃକ୍ଷ ହିଁ ଜୀବନ ବୋଲି ମତ ରଖିଥିଲେ।

# ଦୟାନଦୀ ଶଯ୍ୟାରେ ପ୍ରାଚୀନ ମନ୍ଦିରର ଅବଶେଷ

ପିପିଲି, ୭।୭(ଦୁର୍ଗାମାଧବ ମିଶ୍ର)

**ଚିହ୍ନଟ କଲା ଇନ୍‌ଟାକ୍ଟ ଟିମ୍**
- ପ୍ରାୟ ୮ଶହ ବର୍ଷର ପୁରୁଣା ହୋଇଥିବା ଅନୁମାନ
- ଗଙ୍ଗବଂଶୀୟ ରାଜତ୍ୱ ସମୟର ହୋଇଥାଇପାରେ

ପୁରୀ ଜିଲା ପିପିଲି ବ୍ଲକ ଓରକଳ ଗ୍ରାମ ନିକଟ ଦୟାନଦୀ ଶଯ୍ୟାରୁ ଏକ ପ୍ରାଚୀନ ମନ୍ଦିରର ଅବଶେଷ ମିଳିଛି। ଏହି ପ୍ରାଚୀନ ମନ୍ଦିରର ଅବଶେଷକୁ ଐତିହ୍ୟ ଗବେଷଣା ସଂସ୍ଥା ଇନ୍‌ଟାକ୍ଟ ଚିହ୍ନଟ କରିଛି। ଦୟାନଦୀ ଶଯ୍ୟାରେ ବହୁ ପୁରାତନ ମନ୍ଦିର ବୁଡ଼ିରହିଛି। ମନ୍ଦିରର ଭଗ୍ନାବଶେଷ, ପୁରାତନ ଶିଳାମୂର୍ତ୍ତି ପ୍ରଭୃତି ନଦୀକୂଳ ଓ ଆଖପାଖ ତଟବର୍ତ୍ତୀ ଗ୍ରାମରେ ପଡ଼ିରହିଛି। ସେହିପରି ଓରକଳ ଗ୍ରାମ କଣାସ ମାଇନର କେନାଲ ବନ୍ଧ ପାର୍ଶ୍ୱ ଅନାବନା ଘାସ ମଧ୍ୟରେ ଅବହେଳିତ ଭାବେ ରହିଥିବା ହରପାର୍ବତୀ, ଶିବଲିଙ୍ଗ, ଶ୍ରୀଗଣେଶ, ନନ୍ଦୀ, ବୃଷଭ ଆଦି ଶିଳାମୂର୍ତ୍ତି ଠାବ କରାଯାଇଛି। କେତେଜଣ ବ୍ୟକ୍ତି ଦୟାନଦୀରେ ମାଛ ଧରୁଥିବା ବେଳେ ସେମାନଙ୍କ ଜାଲରେ କେତୋଟି ଶିଳାମୂର୍ତ୍ତି ପଡ଼ିଥିଲା। ଏହାକୁ ଆଧାର କରି ଇନ୍‌ଟାକ୍ଟ ଭୁବନେଶ୍ୱର ଶାଖା ଆବାହକ ଅନିଲ ଧୀରଙ୍କ ନେତୃତ୍ୱରେ ଦୁଇଜଣିଆ ଟିମ୍ ଶୁକ୍ରବାର ଏଠାରେ ପହଞ୍ଚି ଦୟାନଦୀ ଗର୍ଭରେ ଥିବା ଉକ୍ତ ପ୍ରାଚୀନ ମନ୍ଦିରର ସନ୍ଧାନ କରିଛନ୍ତି।

ପୂର୍ବରୁ ଦୟାନଦୀ କୂଳରେ ଏହି ମନ୍ଦିର ଥିଲା। କିନ୍ତୁ ଦୟାନଦୀ ତା’ର ଗତିପଥ ପରିବର୍ତ୍ତନ କରିବାରୁ କାଳକ୍ରମେ ମନ୍ଦିରଟି ନଦୀଗର୍ଭ ବାଲିଶଯ୍ୟାରେ ପୋତି ହୋଇଯାଇଛି। ଏବେ ମଧ ନଦୀରେ ଅନେକ ପୁରାତନ ଶିଳା ପଡ଼ିଥିବା ଦେଖାଯାଉଛି। ନଦୀଶଯ୍ୟାରେ ବୁଡ଼ି ରହିଥିବା ଏହି ମନ୍ଦିରଟି ପ୍ରାୟ ଆଠଶହ ବର୍ଷର ପୁରୁଣା ଏବଂ ଗଙ୍ଗବଂଶୀୟ ରାଜତ୍ୱ ସମୟର ହୋଇପାରେ ବୋଲି ଇନ୍‌ଟାକ୍ଟ ଟିମ୍ ଅନୁମାନ କରିଛି। ଐତିହ୍ୟ ଗବେଷକ ଦୀପକ ନାୟକ କହିଛନ୍ତି, ବିଗତ କିଛି ମାସ ଧରି ଆମେ ଏହି ଦୟାନଦୀ ତଟବର୍ତ୍ତୀ ଓରକଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଅନୁଧ୍ୟାନ କରିଛୁ। ଏହି ସବୁ ଅଞ୍ଚଳରେ ଯଦି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ନତାତ୍ତ୍ୱିକ ଖନନ ହୁଅନ୍ତା ତେବେ ଆହୁରି ଅନେକ ପ୍ରାଚୀନ ପ୍ରତ୍ନତାତ୍ତ୍ୱିକ ବିଭବର ସନ୍ଧାନ ମିଳିପାରନ୍ତା। ସେହିପରି ଇନ୍‌ଟାକ୍ଟ ଭୁବନେଶ୍ୱର ଶାଖା ଆବାହକ ଧୀର କହିଛନ୍ତି, ସେଠାରେ ପ୍ରାଥମିକ ଅନୁଧ୍ୟାନ କଲା ପରେ ଦୟାନଦୀରେ ଦେଖାଯାଉଥିବା ସେହି କୁଦ ସ୍ଥାନରେ ହିଁ ମନ୍ଦିର ରହିଛି। ଯେତେବେଳେ ବି ଦୟାନଦୀ ଅଞ୍ଚଳରେ ଐତିହାସିକ ଗବେଷଣା ହୋଇଥାଏ, କିଛି ନା କିଛି ପୁରାତନ ଅବଶେଷ ନଜରକୁ ଆସିଥାଏ। ତେଣୁ ସମ୍ପୃକ୍ତ ଅଞ୍ଚଳରେ ପ୍ରତ୍ନତାତ୍ତ୍ୱିକ ସର୍ଭେ ସହ ମିଳିଥିବା ମଧ୍ୟଯୁଗୀୟ ଅବଶେଷଗୁଡ଼ିକର ସଂରକ୍ଷଣ ପାଇଁ ଛୋଟ ସଂଗ୍ରହାଳୟ କରାଯିବା ଉଚିତ। କଣାସ ମାଇନର କେନାଲ ବନ୍ଧ ପାର୍ଶ୍ୱରେ ଅନାବନା ଘାସ ଭିତରେ ଅବହେଳିତ ଭାବେ ପୂଜା ପାଉଥିବା ପୁରାତନ ଶିଳାମୂର୍ତ୍ତି ପାଇଁ ଗୋଟିଏ ମନ୍ଦିର ନିର୍ମାଣ କରାଯିବାର ଆବଶ୍ୟକତା ରହିଛି ବୋଲି ଧୀର ମତ ଦେଇଛନ୍ତି।


ଇନ୍‌ଟାକ୍ଟ ଟିମ୍ ଶିବଲିଙ୍ଗ ଓ ମୂର୍ତ୍ତି ଚିହ୍ନଟ କରୁଛନ୍ତି ।

# ମନ ଅରଣ୍ୟ

ଗଳ୍ପ

ଦୀପ୍ତି ଖଣ୍ଡୁଆଳ

ପ୍ରବନ୍ଧ ପ୍ରତିଯୋଗିତା ପାଇଁ ନିର୍ଦ୍ଧାରିତ ପରୀକ୍ଷା କକ୍ଷରେ ୯ମ ଶ୍ରେଣୀର ଛାତ୍ରୀଛାତ୍ର ନିଜ ନିଜ ସ୍ଥାନରେ ବସିଯାଇଥିଲେ। କେଉଁଠି କେମିତି ଚାପା ଗୁଞ୍ଜରଣ ବ୍ୟତୀତ କକ୍ଷରେ ବିରାଜୁଥିଲା ନିରବତା।

ପ୍ରତିଯୋଗିତାର ବିଷୟ ଜଣାଇ ଦିଆଯାଇ ନାହିଁ। କ'ଣ ବିଷୟ ଦିଆଯାଇଥିବ, କିପରି ଲେଖିବାକୁ ହେବ, କେଉଁ ସାମ୍ପ୍ରତିକ ବିଷୟରେ ପ୍ରଶ୍ନ ପଡ଼ିବାର ସମ୍ଭାବନା ରହିଛି ଇତ୍ୟାଦିକୁ ନେଇ ଗଭୀର ଭାବନା ଭିତରେ ବୁଡ଼ି ରହିଥାଆନ୍ତି ଛାତ୍ରୀଛାତ୍ର।

ଯଥା ସମୟରେ ପ୍ରଶ୍ନପତ୍ର ପାଇବା ପରେ ଧଳା ଶାର୍ଟ ଓ ବ୍ଲୁ ପ୍ୟାଣ୍ଟ୍ ପିନ୍ଧି ବେଞ୍ଚ ଉପରେ ବସିଥିବା ପ୍ରତିଯୋଗୀଙ୍କ ମୁଣ୍ଡସବୁ ନଇଁଗଲା ଡେକ୍ସ ଉପରକୁ। ରାଜୁତି କଲା ଅଖଣ୍ଡ ନିରବତା। ଯେମିତି ସେ କକ୍ଷରେ କେହି ନାହାନ୍ତି। ଛାତ୍ରୀଛାତ୍ରଙ୍କ ନିବିଷ୍ଟତାକୁ ବୃଦ୍ଧି କରୁଥିଲା ପ୍ରବନ୍ଧ ପ୍ରତିଯୋଗିତାର ଚାପ।

ସମ୍ପୃକ୍ତ କକ୍ଷରେ ନିରୀକ୍ଷକ ତଥା ବିଚାରକ ଦାୟିତ୍ୱରେ ଥିବା ଆମନ୍ତ୍ରିତ ଅତିଥି ପ୍ରତିଯୋଗୀଙ୍କ ପ୍ରତି ସତର୍କ ଦୃଷ୍ଟି ନିକ୍ଷେପ କରି କକ୍ଷ ମଧ୍ୟରେ ପଦଚାରଣ କରୁଥିଲେ। କେତେବେଳେ ପ୍ରତିଯୋଗିତାର କେତେକ ଗୁରୁତ୍ୱପୂର୍ଣ୍ଣ ନିୟମକୁ ପିଲାମାନଙ୍କ ଅବଗତି ପାଇଁ ଦୋହରାଉଥିଲେ ତ କେତେବେଳେ କାହାକୁ କେମିତି ସିଧା ବସିବାକୁ ନିର୍ଦ୍ଦେଶ ଦେଉଥିଲେ। ଗଭୀର ନିରବତା ଭିତରେ ତାଙ୍କ କ୍ଷୁଦ୍ର କ୍ଷୁଦ୍ର ଉଚ୍ଚାରଣ ଛାତ୍ରୀଛାତ୍ରଙ୍କୁ ବିଶେଷ ପ୍ରଭାବିତ କରୁଥିଲା।

ମୁକ୍ତି ସଂଗ୍ରାମରେ ଏରସମାର ଭୂମିକା ଶୀର୍ଷକ ବିଷୟ ଉପରେ ଚାଲିଥିଲା ପ୍ରବନ୍ଧ ପ୍ରତିଯୋଗିତା। ସୁନ୍ଦର ହସ୍ତାକ୍ଷର ସହିତ ଗୁଣାତ୍ମକ ସୃଷ୍ଟି ପାଇଁ ନିଜର ଭେଜା ଖର୍ଚ୍ଚ କରୁଥିଲେ ବହୁ ମେଧାବୀ ଛାତ୍ରୀଛାତ୍ର।

ଟିଂ...ଟିଂ...ଟିଂ...।

ଘଣ୍ଟି ଶବ୍ଦ ଜଣାଇଦେଲା ପ୍ରତିଯୋଗିତା ଶେଷ ହେବାର ସୂଚନା। ପରୀକ୍ଷା ଖାତା ସଂଗ୍ରହ କଲାପରେ ଜଳସ୍ରୋତ ପରି ଚଳଚଞ୍ଚଳ ହେଉଥିଲା ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଗହଳି। ମାତ୍ର ବିଚାରକ ଖୋଜିଲା ଆଖିରେ କାହାକୁ ଯେମିତି ଲକ୍ଷ୍ୟ କରୁଥିଲେ। ସେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ମାତୃଭାଷା ଉପରେ ତାଙ୍କର ଦଖଲ ଥିବାରୁ ତାଙ୍କୁ ବିଚାରକ ଭାବରେ ବିଦ୍ୟାଳୟ ପକ୍ଷରୁ ଆମନ୍ତ୍ରଣ କରାଯାଇଥିଲା। କିଛି ସମୟ ପରେ ତାଙ୍କ ନିଷ୍ପତ୍ତି ଅନୁସାରେ ଘୋଷଣା କରାଯିବ ପ୍ରତିଯୋଗିତାର ଫଳାଫଳ। ମେଳଣ ପଡ଼ିଆ ପରି ସ୍କୁଲ ପରିସରରେ ଆକାଂକ୍ଷିତ ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କ ଭିଡ଼।

କିଏ ଅଣନିଃଶ୍ୱାସୀ ହୋଇ ଜାଣିବାକୁ ଚାହୁଁଥିଲା– ତୋର କେମିତି ହେଇଛି?

ଛୋଟ ଭାରାକ୍ରାନ୍ତ ଉତ୍ତର– ହଁ, ସେମିତି...।

ଯଥା ସମୟରେ ଡାକବାଜି ଯନ୍ତ୍ରରେ ୧ମ, ୨ୟ ଓ ୩ୟ ସ୍ଥାନ ହାସଲ କରିଥିବା କୃତୀ ଛାତ୍ରୀଛାତ୍ରଙ୍କ ନାମ ଘୋଷଣା କରିଦିଆଗଲା। ହଠାତ୍ ପ୍ରତିଯୋଗୀଙ୍କ ମୁହଁରେ ଘୋଟିଗଲା ଏକ ଆଶ୍ଚର୍ଯ୍ୟମିଶା ନୈରାଶ୍ୟର କଳା ବାଦଲ। କିଏ କୁଆଡ଼େ ଯେ ଯାହା ବାଟରେ ଚାଲିଗଲେ।

କିନ୍ତୁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଦୁର୍ବଳ ଛାତ୍ରୀଟି ଘରକୁ ଫେରି ଆନନ୍ଦରେ ଅଧୀର ହୋଇ ଡାକ ଛାଡ଼ିଲା– 'ମମି... ମୁଁ କମ୍ପିଟେସନରେ ଫାଷ୍ଟ ହୋଇଛି।'

ମମି ସ୍ତବ୍ଧ ହୋଇଗଲେ ନିମିଷକ ପାଇଁ। ଯଦିଓ ତାଙ୍କ ଭିତରେ ହଠାତ୍ ଏକ ଖୁସିର ଗଜା ଉଙ୍କି ମାରିଥିଲା, ତଥାପି ଘଟଣା ସମ୍ପର୍କରେ ବୁଝିବା ପାଇଁ ଏକାଗ୍ରତା ନେଇ ଝିଅକୁ ଆଶ୍ଚର୍ଯ୍ୟ ଭଙ୍ଗୀରେ ଅନାଇଲେ।

ବହୁତ ଭଲ ପିଲାଙ୍କୁ ପଛରେ ପକାଇ ମୋତେ ଫାଷ୍ଟ କରିଦେଲେ ସେହି ଅଙ୍କଲ।

ମମି, ପ୍ରଶ୍ନିଳ ଦୃଷ୍ଟିରେ ଅନାଇଲେ...।

ମମିଙ୍କ ଚେତନା ଫେରାଇ ଆଣିବାକୁ ଚେଷ୍ଟା କଲା ଝିଅ– "ତମକୁ ଯିଏ ଅଧିକାଂଶ ସମୟ ବାଇକ୍‌ରେ ବସାଇ ଅଫିସରୁ ଆଣି ଘରେ ଛାଡ଼ିଯାଆନ୍ତି... ମୋତେ ଓଡ଼ିଆ ବୁଝେଇ ଦବାପାଇଁ ତମେ ଯାହାକୁ ଫୋନ୍ କରି ଆମ ଘରକୁ ଡକାଅ... ସେଇ ଜଣକ ଆଜି ପ୍ରତିଯୋଗିତାରେ ଜଜ୍ ହୋଇଥିଲେ...।"

ସେତେବେଳକୁ ମମିଙ୍କ ଓଠ ଠେଲି ଶରତ ଆକାଶରେ ଭାସୁଥିବା ସ୍ୱଚ୍ଛ ବାଦଲ ପରି ଚେନାଏ ହସ କଅଁଳି ଆସିଲାଣି। ସେ ଶ୍ରଦ୍ଧାର ଟାଙ୍ଗୁଡ଼ିରେ ସେତକ ସାଉଁଟି ନେଉଥିଲେ ପରମ ଆତ୍ମତୃପ୍ତିରେ। ସେଇ ଜଣଙ୍କ ସାନ୍ନିଧ୍ୟର ଭାବନା ଯୋଗୁ ତାଙ୍କ ଶରୀର ରୋମାଞ୍ଚିତ ହେଉଥିଲା କ୍ରମେ କ୍ରମେ...। ତାଙ୍କ ଆକର୍ଷଣ ରୂପ ନେଉଥିଲା ଅବା, ଅଲଗା ଢଙ୍ଗରେ, ଅଲଗା ଚେତନାରେ। ମେଞ୍ଚେ ମଲ୍ଲୀଫୁଲ ଫୁଟି ଚଉଦିଗରେ ବିଞ୍ଚି ଦେଉଥିଲା ଅବା ଅପୂର୍ବ ମହକ।

ସେ ମହାଶୟ ଏତେ ଭଲ ବ୍ୟକ୍ତିତ୍ୱର ଯେ, ସେ ଦାଣ୍ଡ ଅଗଣାକୁ ଆସନ୍ତି, ନିଃଶବ୍ଦରେ। ତାଙ୍କ କୋମଳ ପାଦର ସ୍ପର୍ଶରେ ଭୂମି ସୌଭାଗ୍ୟ ଲାଭ କରୁଥିବାର ସେ ଅନୁଭବ କରନ୍ତି। ଅପରପକ୍ଷରେ ତାଙ୍କ ମନରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହୁଏ ଯେ ତାଙ୍କ ଟମି ତାଙ୍କୁ ଦେଖି କେବେ ଅଜଣା ଲୋକ ବୋଲି ଭାବେ ନାହିଁ କିପରି? ଏମିତି କେମିତି ହୁଏ? ବେଳେବେଳେ ଆଶ୍ଚର୍ଯ୍ୟ ହେବାକୁ ହୁଏ ଯେ ଟମି ତାଙ୍କୁ ଦେଖି ଭୁକେ ନାହିଁ କାହିଁକି? ଯେ କେହି ଆସିଲେ ଯଦି ଟମି ଭୁକି ଭୁକି ସ୍ୱର୍ଗ ମର୍ତ୍ତ୍ୟ କମ୍ପାଇଦିଏ, ତେବେ ସେ ମହାଶୟଙ୍କ ପ୍ରତି ଟମିର ଏତେ ଦରଦ କାହିଁକି?

ଆଶ୍ଚର୍ଯ୍ୟ ହୋଇ ଝିଅ ପଚାରେ– ମମି, ଟମି କ'ଣ ସେ ସାର୍‌ଙ୍କୁ ଆଗରୁ ଚିହ୍ନିଛି? ସେ ଭୁକୁ ନାହିଁ କାହିଁକି? କୁକୁର ଟମିର ମନୋଭାବକୁ ନେଇ ଝିଅ ମନରେ ସୃଷ୍ଟି ହୋଇଥିବା ଜିଜ୍ଞାସା ଓ ମା' ମନରେ ସେଇ ବ୍ୟକ୍ତି ଜଣଙ୍କୁ ନେଇ ସୃଷ୍ଟି ହୋଇଥିବା ଯାଦୁକରୀ ସମ୍ମୋହନର ସମାଧାନ କରିବା ପାଇଁ ଦୁହେଁ ଆଲୋଚନାରେ ମଜି ଯାଇଥିଲେ। କୁକୁର ତେବେ କ'ଣ ମାନବିକ ସମ୍ପର୍କକୁ ବୁଝିପାରେ? ଯଦି ଏପରି ହୁଏ ତା'ହେଲେ ଅନ୍ୟ ଯେଉଁମାନେ ବିଭିନ୍ନ ସମୟରେ ତାଙ୍କ ଘରକୁ ଆସିଥାଆନ୍ତି, ସେମାନେ ତ ତାଙ୍କର ନିଶ୍ଚିତ ସମ୍ପର୍କୀୟ ନା ନାହିଁ।

ଝିଅ କହିଲା, ମମି ମଣିଷର ଭଲ ଓ ଖରାପ ଗୁଣକୁ ବୋଧେ ବୁଝିବାର କ୍ଷମତା କୁକୁରର ରହିଛି। କାରଣ ଟମି ତାଙ୍କଠାରେ କିଛି ଭଲ ଗୁଣ ଦେଖି ତାଙ୍କ ପ୍ରତି ଅନୁରକ୍ତ ଥିଲା। ତାଙ୍କୁ ଦେଖି ଭୁକୁ ନ ଥିଲା। ଖାଲି ବଲବଲ କରି ଅନାଉଥିଲା।

ଅଥଚ ଦେଖ ମମି... ଟମିର ଏହିପରି ବ୍ୟବହାରରେ କିନ୍ତୁ ସେ ବ୍ୟକ୍ତି ଜଣକ ଭୟଭୀତ ହୋଇପଡୁଥିଲେ କାହିଁକି? ସେ ବି ନିରବ ହୋଇ ଛିଡ଼ା ହୋଇ ଯାଉଥିଲେ। କ'ଣ କ'ଣ ଭାବନ୍ତି ମୁଁ ଜାଣିପାରେ ନାହିଁ। ମୁଁ କିଛି ବୁଝିପାରେ ନାହିଁ।

ମମି ହଡ଼ବଡ଼େଇ ଯାଆନ୍ତି ଝିଅର ଯୁକ୍ତିରେ। କୁକୁର ଓ ସେଇ ବ୍ୟକ୍ତିଙ୍କୁ ନେଇ ତା'ର ଗବେଷଣା। ମମି ଭୟଭୀତ ହୋଇପଡ଼ନ୍ତି। ଏକ ଅଜଣା ଆତଙ୍କ ତାଙ୍କୁ ମାଡ଼ିବସେ। ସେ କ'ଣ କହିବେ ବୁଝିପାରନ୍ତି ନାହିଁ। ଝିଅ ଯଦି ଏହି ଗବେଷଣା ସମ୍ପର୍କରେ ସମାଧାନ ପାଇଁ ତା'ର ବାପା ସନ୍ଧ୍ୟାରେ ଘରକୁ ଫେରିଲେ ତାଙ୍କୁ ପଚାରିଦିଏ, ତେବେ କିଛି ଅସୁବିଧା ହେବ ନାହିଁ ତ!

ତେବେ ସେ ଭଲ କରି ଜାଣନ୍ତି ଯେ, ଝିଅର ଅକ୍ଷର ଭଲ ନୁହେଁ, କି ପ୍ରତିଯୋଗିତାରେ ପ୍ରଥମ ହେବା ଭଳି ଯୋଗ୍ୟତା ତା'ର ନାହିଁ। ତଥାପି ମମି ବିସ୍ମିତ ହୋଇ ଝିଅର କଇଁଫୁଲିଆ ମୁହଁକୁ ତୋଳି ଧରିଲେ ପରିସ୍ଥିତିକୁ ହାଲୁକା କରିବା ପାଇଁ। ମାତ୍ର ତାଙ୍କ ମନ ପକ୍ଷୀ ସେତେବେଳକୁ ଉଡ଼ିଯାଇଥିଲା ସେଇ ବ୍ୟକ୍ତି ପାଖକୁ...

ହଠାତ୍ ଟମିର ଭୁକିବା ଶବ୍ଦରେ ମା' ଝିଅ ଆଶ୍ଚର୍ଯ୍ୟ ହୋଇଗଲେ। ସେ ଶବ୍ଦ ଧୀରେ ଧୀରେ ନିକଟତର ହେଉଥିବା ଜାଣି ଆହୁରି ଉତ୍କଣ୍ଠିତ ହୋଇପଡ଼ିବା ଭିତରେ ଟମି ଚେନ୍ ଛିଣ୍ଡାଇ ସେମାନଙ୍କ ପାଖକୁ ଆସିଯାଇଥିଲା। ଆଉ ପାଟିରେ ଧରିଥିଲା ସେଇ ବ୍ୟକ୍ତି ଜଣଙ୍କର ରୁମାଲ୍ ବୋଲି ମମି ଠିକ୍ ଭାବରେ ଚିହ୍ନି ପାରିଲେ। ଏମିତି କିପରି ହେଲା!

ଝିଅ ଚିତ୍କାର କଲା, ମମି... ଟମି ଚେନ୍ ଛିଣ୍ଡାଇଲା କିପରି? ଆଉ ଏ ରୁମାଲ୍ କାହାର?

ମୋ: ୯୯୩୮୧୪୫୫୩୪



## ପୁସ୍ତକ ପରିଚୟ

### କାଳ ଅକାଳ




**ଲେଖକ:** ବିଭୂତି ପଟ୍ଟନାୟକ
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୬୦୦/–

ଆଲୋଚ୍ୟ ଉପନ୍ୟାସରେ ବର୍ଣ୍ଣିତ ବିଷୟବସ୍ତୁର କାଳଖଣ୍ଡ ହେଉଛି ୧୮୬୬ରୁ ୧୮୮୬ ଓ ଏହାର ନାୟକ ନୀଳଗିରି ଶେରଗଡ଼ର ଚାଷୀ ନୀଳମଣି ଦାସ। ଏହି କୋଡ଼ିଏ ବର୍ଷର ପ୍ରାୟ ଅଜ୍ଞାତ ଓଡ଼ିଶାର ଇତିହାସକୁ ପୃଷ୍ଠଭୂମିରେ ରଖି ବିଭୂତି ବାବୁ 'କାଳ ଅକାଳ' ଉପନ୍ୟାସଟି ଲେଖିଛନ୍ତି ଓ ମୋଟ ୭୧ଟି ପରିଚ୍ଛେଦରେ ଏହାର କଳେବର ୫୯୦ ପୃଷ୍ଠା ସମ୍ବଳିତ ହୋଇଛି। ୧୮୬୫-୬୬ର ଅନାବୃଷ୍ଟି, ଖାଦ୍ୟାଭାବ ଓ ଅଗଣିତ ଲୋକଙ୍କ ଅକାଳ ମୃତ୍ୟୁଠାରୁ ଆରମ୍ଭ କରି ଇଂରେଜ ଇରିଗେଶନ୍ କମ୍ପାନୀ ଦ୍ୱାରା ତାଳଦଣ୍ଡା କେନାଲ ଖନନ, କେନାଲ ଜଳ ଯୋଗାଣ ପାଇଁ ଚାଷୀଙ୍କ ଉପରେ ଅତିରିକ୍ତ କରଧାର୍ଯ୍ୟ ଓ ତା'ର ପରିଣତି, ଓଡ଼ିଶାର ସମାଜ-ରାଜନୈତିକ ପରିବର୍ତ୍ତନ (୧୮୬୬-୧୮୮୬)ର ଜନଜୀବନ ଉପରେ ପ୍ରଭାବ ଆଦି ଘଟଣାକୁ ଲେଖକ ଯେଭଳି ଇତିହାସରୁ ଗୋଟିପଣେ ତୋଳିଆଣି ମୂର୍ତ୍ତିମନ୍ତ କରିଛନ୍ତି ଆଲୋଚ୍ୟ ଉପନ୍ୟାସରେ, ତା'ର ବିକଳ୍ପ କ୍ୱଚିତ୍ ଉପଲବ୍ଧ ଓଡ଼ିଆ ଉପନ୍ୟାସ ସାହିତ୍ୟରେ। ତାଳଦଣ୍ଡା କେନାଲ କାର୍ଯ୍ୟକାରୀ ହେବା ପରେ ନୀଳଗିରିର ଚାଷୀ ନୀଳମଣି ଦାସ ନିଜର ଚାଷଜମି ବିକ୍ରି କରି ଝଙ୍କଡ଼ ଅଞ୍ଚଳର ସୁଜନପୁରରେ ନାଳକୂଳିଆ ଚାଷଜମି କିଣି ବସବାସ କରିବା ଉପନ୍ୟାସର ମୁଖ୍ୟ କାହାଣୀ ପ୍ରବାହ ହୋଇଥିବା ବେଳେ ଇଂରେଜ ଓ ବଙ୍ଗାଳୀ ଅଧିକାରୀଙ୍କ ଦ୍ୱାରା ଓଡ଼ିଆ ଓ ଓଡ଼ିଆ ଭାଷା ସମ୍ମୁଖୀନ ହୋଇଥିବା ନାନା ଆହ୍ୱାନର ତଥ୍ୟସମ୍ମତ ଚିତ୍ର ଲେଖକ ନିଜର ପ୍ରଭାବଶାଳୀ ଶୈଳୀରେ ଉପସ୍ଥାପନ କରିଛନ୍ତି। କଟକ ଡିବେଟିଂ ସୋସାଇଟିରେ ସମ୍ବର୍ଦ୍ଧିତ ହେବା ବେଳେ ପ୍ରତ୍ନତତ୍ତ୍ୱବିତ୍ ରାଜେନ୍ଦ୍ର ଲାଲ ମିତ୍ରଙ୍କର ଓଡ଼ିଆଙ୍କୁ 'ପାଲିଙ୍କି ବାହକ ବେହେରା ଜାତି' ଭାବେ ଆକ୍ଷେପ କରିବା (ପରିଚ୍ଛେଦ-୪୦) ଓ ଓଡ଼ିଆ ଛାତ୍ରମାନେ ତା'ର ପ୍ରତିବାଦ କରିବା ଘଟଣାକୁ ଅନ୍ୟ ଅନେକ ପ୍ରସଙ୍ଗ ପରି ଚାକ୍ଷୁଷ କରିଛନ୍ତି ବିଭୂତିବାବୁ ଏହି ଉପନ୍ୟାସରେ। ଗୌରୀଶଙ୍କରଙ୍କ 'ଉତ୍କଳ ଦୀପିକା' ଓଡ଼ିଆ ଜାତି ଓ ଭାଷା ପାଇଁ କିପରି ରକ୍ଷାକବଚ ସାଜିଥିଲା, ତା'ର ବର୍ଣ୍ଣନା ମଧ୍ୟ ଏଡ଼ିଯିବାର ନୁହେଁ। ବିଭୂତିବାବୁଙ୍କ ଶ୍ରେଷ୍ଠ ପାଞ୍ଚଖଣ୍ଡ ଉପନ୍ୟାସ ମଧ୍ୟରେ 'କାଳ ଅକାଳ' ଯେ ଗଣତି ହେବ, ଏଥିରେ ସନ୍ଦେହ ନାହିଁ।

### କାଦମ୍ବରୀ



**ମୂଳ ସଂସ୍କୃତ:** ବାଣଭଟ୍ଟ
**ଅନୁସୃଜନ:** ସୂଚନା ପାଢ଼ୀ
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୬୦/–

ମହାକବି ବାଣଭଟ୍ଟଙ୍କର ବିଶ୍ୱବିଦିତ ଗ୍ରନ୍ଥ ହେଉଛି 'କାଦମ୍ବରୀ'। ସପ୍ତମ ଶତକରେ ରଚିତ ଏହି ଶୃଙ୍ଗାରୋପନ୍ୟାସକୁ ବିଶ୍ୱର ପ୍ରଥମ ଓ ସଂସ୍କୃତ ଭାଷାର ଶେଷତମ ଉପନ୍ୟାସ ବୋଲି ଆଲୋଚକମାନେ ଗ୍ରହଣ କରିଛନ୍ତି। ମଧୁର, ଧ୍ୱନ୍ୟାତ୍ମକ ଓ ବକ୍ରୋକ୍ତିଭୂଷିତ ରଚନା ଶୈଳୀ ଯୋଗୁଁ 'କାଦମ୍ବରୀ'ର ବିକଳ୍ପ ସଂସ୍କୃତ ସାହିତ୍ୟରେ ପ୍ରାୟତଃ ଦୁର୍ଲଭ। ଏହି ଉପନ୍ୟାସର ଭାବାତ୍ମକ ଅନୁବାଦ ହେଉଛି ଲେଖିକା ପାଢ଼ୀଙ୍କର ଏକ ଅନବଦ୍ୟ ସୃଜନ-କୀର୍ତ୍ତି। ନିଜର ମନନଶକ୍ତି ପ୍ରୟୋଗ କରି ମୂଳ ଗ୍ରନ୍ଥର ଦୁରୂହତାକୁ ସେ ବୋଧଗମ୍ୟ ଓଡ଼ିଆରେ ରୂପାନ୍ତରିତ କରିବାକୁ କେବଳ ସମର୍ଥ ହୋଇ ନାହାନ୍ତି, ସଂକ୍ଷେପରେ ଦୀର୍ଘ ବର୍ଣ୍ଣନାର ରସାସ୍ୱାଦନ କିପରି ଓଡ଼ିଆ ପାଠକଙ୍କ ଦ୍ୱାରା ସମ୍ଭବ ହେବ, ତା'ର ମାର୍ଗ ପ୍ରସ୍ତୁତ କରିଛନ୍ତି। 'ନାନ୍ଦୀବାକ୍'ରେ ପ୍ରଫେସର ଅରୁଣ ରଞ୍ଜନ ମିଶ୍ର କହିଛନ୍ତି: "ଏହା ଅନୁବାଦ ନୁହେଁ, ଅନୁସୃଜନ। x x ଅନୁବାଦକର କାମ ନୁହେଁ ଭାଷାକୁ ଭାଷାରେ ଅନୁବାଦ କରିବା, ବରଂ ସ୍ପନ୍ଦନକୁ ସ୍ପନ୍ଦନରେ ଅନୁବାଦ କରିବା। ମ୍ୟାଡାମ୍ ପାଢ଼ୀ ଅନେକାଂଶରେ ତାହାହିଁ କରିଛନ୍ତି।" 'ବାଣୀ' ହିଁ କାଦମ୍ବରୀର ମହାର୍ଘତା, 'କାହାଣୀ' ନୁହେଁ। ଏହି ଦୃଷ୍ଟିରୁ ବିଚାର କଲେ ଲେଖିକାଙ୍କର ଏହି ଗ୍ରନ୍ଥଟି ମୂଳ ସଂସ୍କୃତ 'କାଦମ୍ବରୀ' ପାଠ କରିବାକୁ ଯେ ଏକ ପ୍ରଚୋଦନା ଭାବେ କାମ କରିବ, ଏଥିରେ ସନ୍ଦେହ ନାହିଁ। ପାଠକେ ଅନୁସୃଜିତ ଏହି ପୁସ୍ତକରୁ ଜୀବନର ସେଇ ଆବେଗକୁ ଭୋଗିପାରିବେ, ଯେପରି ଭୋଗିବାର ଅବକାଶ ଥିଲା ମୂଳଗ୍ରନ୍ଥରେ।

## କବିତା

### ମୁଁ ଅସରାଏ ଶ୍ରାବଣ

ସାଇପ୍ରିୟା ନାୟକ

ମୁଁ ଅସରାଏ ଶ୍ରାବଣ
ନିଜ ଇଚ୍ଛାରେ ବର୍ଷିଯାଏ
ମୋ' ପାଇଁ କଦମ୍ବ
ରୋମାଞ୍ଚିତ ହେଉ କି ନ ହେଉ
ଜୀବନ କାହାର ଛବିଳ
ହେଉ କି ନ ହେଉ
ଫୁଟୁ କି ନ ଫୁଟୁ ମେଞ୍ଚାଏ
କଢ଼େଇ ଥିବା ସ୍ୱପ୍ନ...

ଦଲକାଏ ମିଠା ପବନର ଛିଟା
ତୁମ ଘରର ଝର୍କା ଦେଇ
ଯା'ଆସ କରିବ ନିଶ୍ଚୟ
ଯେତେ ସବୁ ଋତୁମତୀ ମନ
ବିଳପି ଉଠିବେ
ଥରୁଟିଏ ଛୁଇଁବା ପାଇଁ
ଶ୍ରାବଣର ସ୍ପର୍ଶ

ହେଲେ ମୁଁ ତ
ଏଇ ଅଛି ଏଇ ନାହିଁ
ସବୁଠି ଛୁଉଁଥାଏ
କେଉଁଠି ନଥାଏ।

କେବେ ପାହାଡ଼ ପିଠିରେ
ଓହଳୁଥାଏ
କେବେ କାଗଜଡଙ୍ଗାକୁ
କାତମାରି ଠିକଣା ଦେଖାଏ।

ମୁଁ ତ ଅସରାଏ ଶ୍ରାବଣ
ବୁଲିବୁଲି ବାଣ୍ଟୁଥାଏ
ଚିଟାଉ ପ୍ରତିଶ୍ରୁତିର
ବୁଣୁଥାଏ ସ୍ୱପ୍ନ ସବୁ
ସବୁଜ କ୍ଷେତରେ
ବୁଲିବୁଲି ଶୁଣୁଥାଏ
ବାଇଚଢ଼େଇର ଗୀତ
କହୁଥାଏ ଏଥର ବି
ମୁଁ ଆସିଛି ଫି' ସନ ପରି।

ମୋ: ୭୯୭୮୪ ୯୩୮୯୪

### ଭିନ୍ନ ଏକ ଦୃଷ୍ଟି

ବିଜୟଲକ୍ଷ୍ମୀ ପାଣିଗ୍ରାହୀ

ଆଖିରୁ
ଅୟୁତ ଯୁଗର ନିଦ୍ରାକୁ ଝାଡ଼ିଦେଇ
ଅଙ୍କୁରି ଉଠିଲାଣି
ମୁକୁଳିବାର ଝୁଙ୍କଟିଏ।
ଏବେ ସବୁ ଅଭିମାନକୁ
ଥାପୁଡ଼େଇ ଦେଇ
ସ୍ୱପ୍ନରେ ପାଣି ଛିଞ୍ଚିବାକୁ ପଡ଼ିବ
ବ୍ରାହ୍ମ ମୁହୂର୍ତ୍ତରେ।
ନହେଲେ କ'ଣ ସୂର୍ଯ୍ୟୋଦୟ ପୂର୍ବରୁ
ସେ ସବୁ ମୁକ୍ତା ପାଲଟି ପାରିବ...?

ଆଖି ଆଉ ଓଠର ବ୍ୟବଧାନ
ବା କେତେ ଯେ
ଇନ୍ଦ୍ରଧନୁ ଆଙ୍କିବାକୁ
ମାତ୍ର ଚାରି ଆଙ୍ଗୁଳ ତ
ଅସରାଏ ବର୍ଷା/ ପୁଳାଏ ଖରା
ହିଁ ତ ଦରକାର
ଯାହା ଦିନ ରାତି ପରି
ଖରା ଛାଇ ପରି
ଜୀବନର ଭାରି ଅନ୍ତରଙ୍ଗ।

ନିଇତି ନୂଆ ଦିଶୁଥିବା
ଆକାଶକୁ ଦେଖିବାକୁ
ଆଖିଟିଏ ପରା ଅଣ୍ଟା ଭିଡ଼ିଲାଣି
ଶ୍ୱାସରୁଦ୍ଧ ଯନ୍ତ୍ରଣା ଆଉ ଭୋଗିବାର ନାହିଁ
ଏବେ ଝର୍କା ସବୁ ଖୋଲାମେଲା।

ଜୟପୁର, କୋରାପୁଟ

### ଅପରାହ୍ଣ

ସୁଶ୍ରୀ ସଙ୍ଗୀତା

କହିଥା'ନ୍ତ ହେଲେ
ଦେଇଥା'ନ୍ତି ଅଜାଡ଼ି ସବୁକିଛି
ତୁମ ପାଦ ତଳେ
ଚୁପ୍‌ଚାପ୍ ରହିଗଲ ନିରବରେ
ଗୁମ୍‌ସୁମ୍ ଏକା ଏକା
ମୋ' ପରି
ସମ୍ପର୍କର ଡଙ୍ଗା ବାହି
ଶୂନ୍ୟତାର ନଈରେ!

ମୋ: ୯୪୩୮୩୧୧୭୩୪

### ତୁମେ

ଗୀତି-କବିତା

କଳ୍ପନା ମିଶ୍ର

ନିରାଶାରେ ତୁମେ ଆଶାର ଆଲୋକ
ବିସ୍ମୃତିର ତୁମେ ସ୍ମୃତି
ଶବ୍ଦର ତୂଳୀରେ ଆଙ୍କୁଛି ତୁମକୁ
ତୁମେ ମୋ' ଅଭୁଲା ପ୍ରୀତି।

ଜୀବନ ବୀଣାର ମଧୁର ମୂର୍ଚ୍ଛନା
ସପ୍ତ ସ୍ୱର ସପ୍ତ ଗୀତି
କେଉଁ ସ୍ୱର ଦେଇ ଗାଇବି ପ୍ରଭୁହେ
ସବୁ ସ୍ୱରେ ତୁମ ସ୍ଥିତି।

ଶୀତ ସକାଳର ଫୁଲ ପାଖୁଡ଼ାରେ
ତୁମେ ଶିଶିରର ବିନ୍ଦୁ
ମୋ' ଜୀବନ ଅନ୍ଧକାର ହେଲାବେଳେ
ତୁମେ ତ ପୂର୍ଣ୍ଣିମା ଇନ୍ଦୁ।

ତୁମରି ସତ୍ତାକୁ ଦେଖୁଛି ସବୁଠି
ହୃଦୟେ ରହିଛ ମୋର
ମିଛ ଦୁନିଆରେ ତୁମେ ଏକା ସତ
ସଭିଙ୍କର ଆପଣାର।

ମୋ: ୮୮୪୭୮୪୯୦୯୩

## କାଳକାଳକୁ

"ସ୍ମୃତିରୁ ଜନ୍ମନିଏ ପ୍ରେମ, ବୁଦ୍ଧିରୁ ଜୀବନ ଓ ବିସ୍ମୃତିରୁ ଜନ୍ମନିଏ ମୃତ୍ୟୁ।"
– ପାବ୍ଲୋ ନେରୁଦା



**ପାବ୍ଲୋ ନେରୁଦାଙ୍କ** ଜନ୍ମ ୧୨ ଜୁଲାଇ ୧୯୦୪ରେ ଚିଲିର ପାରାଲ୍‌ଠାରେ ଓ ପରଲୋକ ୨୩ ସେପ୍ଟେମ୍ବର ୧୯୭୩ରେ, ଚିଲିର ସାଣ୍ଟିଆଗୋରେ। ତେରବର୍ଷ ବୟସରୁ ସେ କବି ଭାବେ ଜଣାଶୁଣା। ତାଙ୍କର ରଚନା ଶୈଳୀରେ ଭରି ରହିଥାଏ ବିବିଧତା। ମାତ୍ର କୋଡ଼ିଏ ବର୍ଷ ବୟସରେ ୧୯୨୪ରେ ପ୍ରକାଶିତ ତାଙ୍କର "ଟ୍ୱେଣ୍ଟି ଲଭ୍ ପୋଏମ୍‌ସ ଆଣ୍ଡ୍ ଏ ସଂଗ୍ ଅଫ୍ ଡେସ୍‌ପେୟାର" କବିତା ଗ୍ରନ୍ଥ, ଯାହା ତାଙ୍କୁ ସବୁଠୁ ଅଧିକ ପ୍ରସିଦ୍ଧ କରିଥିଲା। ସମାଜ ଓ ସାହିତ୍ୟକୁ ଅମୂଲ୍ୟ ଅବଦାନ ପାଇଁ ତାଙ୍କୁ ମିଳିଥିଲା 'ଅନ୍ତର୍ଜାତୀୟ ଶାନ୍ତି ପୁରସ୍କାର' (୧୯୫୦), 'ଷ୍ଟାଲିନ୍ ଶାନ୍ତି ପୁରସ୍କାର' (୧୯୫୩) ଓ 'ନୋବେଲ ପୁରସ୍କାର' (୧୯୭୧)। ସେ କହନ୍ତି: "ହସ ହେଉଛି ଆତ୍ମାର ଭାଷା" ଓ କହନ୍ତି: "ପ୍ରେମ ଏତେ କମ୍ ସମୟର, ଅଥଚ ତାକୁ ଭୁଲିବା କେତେ ଦୀର୍ଘ!"

## ଖାଲି ପେଡ଼ିର ଝିଅ

ମିନିଗଳ୍ପ

ଶିବ ମିଶ୍ର

ଦୋକାନରେ ବସି ଖିଲିପାନ ବିକୁଥିବା ବଢ଼ିଲା ଝିଅଟିକୁ ଦେଖି ମୁଁ ଭାବିଲି ଇଏ କାଳି ବୋଲି ଯା'ର ବାହାଘର ହୋଇପାରୁନାହିଁ ବୋଧହୁଏ। ନା, ନା, କେତେ କାଳିଝିଅ ଉଆସର ପାଟରାଣୀ ହୋଇ ମାଳମାଳ ଗୋରୀ ଝିଅଙ୍କୁ ପୋଇଲି କରି ରଖିଛନ୍ତି। ତେବେ ଏ ଝିଅ ପାଠ ପଢ଼ି ନ ଥିବ। ହୁଏତ ସେଥିପାଇଁ...। ନା, ତା' ବି ଠିକ୍ ନୁହେଁ। ଅନେକ ମୂର୍ଖ ଝିଅ ବଡ଼ ପାଠୁଆମାନଙ୍କ ଘରଣୀ ହୋଇ ଚାକର ପୂଜାରୀମାନଙ୍କୁ ଇଂରାଜୀ ଗାଳି ଦେଇ ଖୁବ୍ ନାଁ କମେଇଛନ୍ତି। ତା'ହେଲେ ଏଇ ଝିଅର ବାହାଘର ହୋଇ ନ ପାରିବାର କାରଣ କ'ଣ ହୋଇପାରେ ବୋଲି ମୁଁ ଭାବୁଥିବା ବେଳେ ତା'ର ସ୍କୁଲପଢୁଆ ସାନ ଭାଇ ଆସି ଖାତା କଲମ କିଣିବା ପାଇଁ କେତେ ପଇସା ମାଗି ନେଲା। ତା' ପଛରେ ରୋଗଣା ମାଆ ଆସି ଔଷଧ ପାଇଁ ପଇସା ନେଲା।

ଶେଷରେ ତା'ର ମଦୁଆ ବାପା ଘୋଡ଼ାରେ ଚଢ଼ିଲା ପରି ଆସି ପେଡ଼ି ଝାଡ଼ିଝୁଡ଼ି ସବୁ ପଇସା ନେଇ ପଳେଇଲା। ମୁଁ ଦେଖୁଥିଲି ସେ କାଳିଝିଅ ଏବେ ଚାହୁଁଥିଲା ତା'ର ଖାଲି ପେଡ଼ିକୁ।

ମୋ: ୯୮୫୩୦୭୦୦୧୮



## ଅଟୋବାଲା

ଲଘୁଗଳ୍ପ

ରାଧାରାଣୀ ତ୍ରିପାଠୀ

'ମା.. ମା.. ମା ଆ...ଆ...' ଉହୁଁ ଉହୁଁ ଉହୁଁ। କାନ୍ଦି କାନ୍ଦି ଷ୍ଟେସନ୍‌ସାରା ତା' ମା'କୁ ଖୋଜି ବୁଲୁଥାଏ କୁନି ଝିଅଟିଏ। ବୟସ ପାଖାପାଖି ଦଶ କି ବାର ହେବ। ନିଜ ଅଟୋରୁ ସବାରି ଓହ୍ଲେଇ ଦେଇ ବିଶୁ ଧାଇଁଲା ତା' ପାଖକୁ। ଆଖପାଖର ଲୋକଙ୍କୁ ପଚାରିଲା, 'ଏ ଝିଅଟି କାହାର? ଏ ବାବୁ ତୁମ ଛୁଆ କି? ଏ ଭାଇ ତୁମ ଛୁଆ କି?' କେହି କିଛି ଜବାବ ଦେଲେନାହିଁ। ଶେଷରେ ଝିଅଟି ପାଖକୁ ଗଲା ବିଶୁ। ପଚାରିଲା, 'ଆରେ ଆରେ କ'ଣ ହେଲା? କାହିଁ କାନ୍ଦୁଛୁ ଝିଅ? ତୋ ନାଁ କ'ଣରେ ମାଆ?'

'ସରିତା!' ଡରି ଡରି କହିଲା ଝିଅଟି। 'କୋଉ ଗାଁର? କାହା ସହିତ ଆସିଛୁ?' ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଥାଏ ବିଶୁ।

'ମୋ ମା' ସହ ଆସିଛି। ମୋ ମା' ଏଇଠି ଥା' କହି କୁଆଡ଼େ ଯାଇଛି ଯେ ଯାଇଛି। ଖୋଜି ଖୋଜି, ଡାକି ଡାକି ଥକିଗଲିଣି ମୁଁ। ପୁଣି ମୋତେ ଭୋକ ବି ହେଲାଣି।' ପୁଣି କାନ୍ଦିବାକୁ ଲାଗିଲା ଝିଅଟି ଆଖି ମଳି ମଳି।

'ହଁ ହଁ, ତୋ ମା' ଆସିଯିବ ଯେ, ଆଉ କାନ୍ଦ୍‌ନା। ଚୁନି ହ' କହିଲା ବିଶୁ। 'ଆ' ଆ' କ'ଣ ଟିକେ ଖାଇଦେବୁ ଆ' ତ।' ତାକୁ କାଖେଇନେଲା ବିଶୁ। ତା' ଆଖିରୁ ବହି ଆସୁଥିବା ଲୁହତକ ପୋଛି ପକେଇଲା ନିଜ ଗାମୁଛାରେ। ତା'ପରେ ପଚାରିଲା, 'ଏ ଝିଅ କ'ଣ ଖାଇବୁ? ବରା ନା ସିଙ୍ଗଡ଼ା?' 'ସିଙ୍ଗଡ଼ା', ଟିକେ ଲାଜ ଲାଜ ହୋଇ କହିଲା ସରିତା। 'ଆଚ୍ଛା କହିଲୁ, ତୋ' ମା' ସହ କେତେବେଳୁ ଏଠାକୁ ଆସିଥିଲୁ?' ପଚାରିଲା ବିଶୁ। 'ସକାଳୁ ସକାଳୁ।' ସିଙ୍ଗଡ଼ାକୁ ଝୋଳରେ ବୁଡ଼ାଉ ବୁଡ଼ାଉ କହିଲା ସରିତା।

'ଆଉ ତୋ ବା?' ପଚାରିଲା ବିଶୁ। 'ମୋ' ବା ଦାଦନ ଖଟିବାକୁ ଯାଇଛି ତାମିଲନାଡୁ। ତିନି ଚାରି ବର୍ଷ ହେଲାଣି। ଗଲାଯେ ଯାଇଛି। ଆଉ ଫେରିନି।'

'ତା'ହେଲେ ତୁ ତୋର ମା' ସାଙ୍ଗରେ ରହୁଛୁ ନୁହଁ?' ପୁଣି ପଚାରିଲା ବିଶୁ। 'ମୁଁ ଆଉ ମୋ' ଭାଇ ଶରତ, ଦୁହେଁ ରହୁ।' କହିଲା ସରିତା। ବିଶୁ ମନେମନେ ଭାବୁଥାଏ, 'ସକାଳ ପହରୁ ଝିଅଟିର ମା' କୁଆଡ଼େ ଯାଇଛି ଯେ ଯାଇଛି ଆସି ଉପରବେଳା ହେବାକୁ ବସିଲାଣି ଏ ଯାଏଁ ଆସିନି। ତା'ର ମନେ ବି ଅଛି ନା ନାଇଁ କେଜାଣି, ଛୁଆଟାକୁ ଏଇଠି ଛାଡ଼ିଯାଇଛି ବୋଲି! ଝିଅଟିଏ ଭାବି ଯାକୁ ଏଇଠି ଛାଡ଼ି ଦେଇ ତା' ମା' ଚାଲିଯାଇନାଇଁ ତ?' ଏତିକି ଭାବି ଦେଲା କ୍ଷଣି ମନ୍ଥି ହୋଇଗଲା ବିଶୁର ଛାତି ଭିତର। ତୋଟି ଶୁଖି ଅଠାଅଠା ଲାଗିଲା। 'ଆଜିକାଲି ତ ଏଇ ଝିଅଛୁଆମାନେ ସମସ୍ତଙ୍କ ମୁଣ୍ଡର ବୋଝ ହୋଇଗଲେ ହୋ, କ'ଣ ବୋଲି କହିବ କାହାକୁ? ହେ ଭଗବାନ୍! ସେ ଯାହା ହେଉପଛେ ଏ ଝିଅକୁ ଏଇଠି ଛାଡ଼ି ଦେଇ ପାରବିନି ମୁଁ। ଏଠାକାର ବିଲୁଆ କୁକୁରମାନେ ଏଇ କଅଁଳ କଳିକାକୁ ଝୁଣି ଭିଣି ପକାଇବେ ଦେଖୁ ଦେଖୁ। କାଲି ସକାଳେ ଚାଇଲ୍ଡ ଲାଇନ୍‌ର ବାବୁମାନଙ୍କ ସହ ପରାମର୍ଶ କରିବି। ସେମାନେ ଯାହା କରିବାକୁ କହିବେ କରିବି ପଛେ, ଏବେ ତ ଏଇଠି ଏକା ଛାଡ଼ିପାରିବି ନାହିଁ ଝିଅଟିକୁ।' ମନେ ମନେ ଏମିତି କେତେ କଥା ଚିନ୍ତା କରି ପକାଇଲା ସେ କ୍ଷଣିକ ଭିତରେ। ତା'ପରେ ସରିତାକୁ କହିଲା, 'ଏ ମା'! ଚାଲ୍ ଆମ ଘରେ ରହିବୁ। ତୋ ମା' ଆସିଲେ ତୁମ ଘରକୁ ଯିବୁ। ଚାଲ୍ ଚାଲ୍, ବେଗି ଚାଲ୍, ଆ' ମୋ ଅଟୋରେ ବସିବୁ ଆ, ଆମେ ଆମ ଘରକୁ ଯିବା।'

ସରିତା ପଚାରିଲା 'ଆଉ ମୋ ମା' ନ ଆସିଲେ!'

'ନ ଆସିଲେ ମୋ' ଘରେ ରହିବୁ ଏଇ ବିଶୁ ଅଟୋବାଲାର ଝିଅ ହୋଇ। ହେଲା। ତୋର କ'ଣ ଅଭାବ ହେବ କହିଲୁ? ତୋତେ ପାଠ ପଢ଼ାଇବି, ମଣିଷ ପରି ମଣିଷଟିଏ କରିବି। ବୁଝିଲୁ ମା'।'

ମୁରୁକି ହସିଦେଲା ସରିତା। ତାକୁ ଅଟୋରେ ବସେଇ ନିଜ ଘର ଅଭିମୁଖେ ବାହାରିଲା ବିଶୁ।

ମୋ: ୮୨୪୯୮୦୭୨୬୭



ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଜୁଲାଇ ୮/୨୦୨୩ Bhubaneswar, Saturday, July 8/ 2023

# ଇଂଲଣ୍ଡ ୨୩୭, ଅଷ୍ଟ୍ରେଲିଆ ୧୧୬/୪

**ଲିଡ୍ସ, ୭/୭**

ସ୍ଥାନୀୟ ହେଡିଂଲେ ଗ୍ରାଉଣ୍ଡରେ ଚାଲିଥିବା ତୃତୀୟ ଆଶେସ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ଏହାର ପ୍ରଥମ ଇନିଂସରେ ୨୩୭ ରନକରି ଅଲ୍‌ଆଉଟ ହୋଇଛି। ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୪ ଉଇକେଟ ହରାଇ ୧୧୬ ରନ ସଂଗ୍ରହ କରିଛି। ଫଳରେ ୬ ଉଇକେଟ ସୁରକ୍ଷିତ ଥାଇ ଅଷ୍ଟ୍ରେଲିଆ ମୋଟ ୧୪୨ ରନରେ ଅଗ୍ରଣୀଲାଭ କରିଛି। ଡେଭିଡ ୱାର୍ନର ୧, ମାର୍ନସ ଲାବୁସେନ ୩୩, ଷ୍ଟିଭେନ ସ୍ମିଥ ୨ ଓ ଉସମାନ ଖ୍ୱାଜା ୪୩ ରନକରି ଆଉଟ ହୋଇଛନ୍ତି। ଇଂଲଣ୍ଡ ପକ୍ଷରୁ ମୋଇନ ଅଲୀ ୨ଟି ଏବଂ ଷ୍ଟୁଆର୍ଟ ବ୍ରଡ୍ ଓ କ୍ରିସ୍ ୱୋକ୍ସ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଅଷ୍ଟ୍ରେଲିଆ ଏହାର ପ୍ରଥମ ଇନିଂସରେ ୨୬୩ ରନ କରିଥିଲା।

## କୁମିନ୍ସଙ୍କୁ ୬ ଉଇକେଟ

ପ୍ରଥମ ଦିବସର ଅସମାପ୍ତ ସ୍କୋର ୬୮/୩ରୁ ଖେଳ ଆରମ୍ଭ କରିଥିଲା ଇଂଲଣ୍ଡ। ଦ୍ୱିତୀୟ ଦିବସରେ ଆଉ କୌଣସି ରନ ଯୋଗ ହେବା ପୂର୍ବରୁ ଜୋ ରୁଟ୍‌ଙ୍କୁ ଆଉଟ କରି ଇଂଲଣ୍ଡକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କୁମିନ୍ସ। ଜନି ବେୟାରଷ୍ଟୋ (୧୨), ମୋଇନ ଅଲୀ (୨୧), କ୍ରିସ୍ ୱୋକ୍ସ (୧୦) ମଧ୍ୟ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ମିଡିଲ ଅର୍ଡରରେ ଅଧିନାୟକ ବେନ୍ ଷ୍ଟୋକ୍ସ ଲଢୁଆ ବ୍ୟାଟିଂ କରିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଷ୍ଟୋକ୍ସ ୧୦୮ଟି ବଲ୍‌ର ସମ୍ମୁଖୀନ ହୋଇ ୬ ଚୌକା ଓ ୫ ଛକା ସହାୟତାରେ ୮୦ ରନକରି ଶେଷ ଖେଳାଳିଭାବେ

**ତୃତୀୟ ଆଶେସ ଟେଷ୍ଟ**

ଆଉଟ ହୋଇଥିଲେ। ମାର୍କ ଉଡ୍ ୮ ବଲ୍‌ରୁ ଦ୍ରୁତ ୨୪ (୧ ଚୌକା, ୩ ଛକା) ରନର ଇନିଂସ ଖେଳି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ୬ ଉଇକେଟ ସଫଳତା ପାଇଥିଲେ ଅଧିନାୟକ ପ୍ୟାଟ୍ କୁମିନ୍ସ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୬୩। ଇଂଲଣ୍ଡ ପ୍ରଥମ ଇନିଂସ: ୨୩୭/ଅଲ୍‌ଆଉଟ (ବେନ୍ ଷ୍ଟୋକ୍ସ-୮୦, ଜ୍ୟାକ କ୍ରଲି-୩୩, ମାର୍କ ଉଡ୍-୨୪, ପ୍ୟାଟ୍ କୁମିନ୍ସ-୬/୯୧, ମିଚେଲ ଷ୍ଟାର୍କ-୨/୫୯, ମିଚେଲ ମାର୍ଶ-୧/୯, ଟଡ୍ ମର୍ଫି-୧/୩୬)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୧୬/୪।



ଉଇକେଟ ହାସଲ ପରେ ପ୍ୟାଟ୍ କୁମିନ୍ସ।

## ସିନ୍ଧୁ, ସେନ୍ କ୍ୱାର୍ଟର ଫାଇନାଲରେ

**କାଲଗାରି, ୭/୭ (ପି.ଟି.):** ଭାରତର ଦୁଇ ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଓ ଲକ୍ଷ୍ୟ ସେନ୍ ଏଠାରେ ଚାଲିଥିବା କାନାଡା ଓପନ ସୁପର ୫୦୦ ଟୁର୍ନାମେଣ୍ଟର ଯଥାକ୍ରମେ ମହିଳା ଓ ପୁରୁଷ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସିନ୍ଧୁ ବିପକ୍ଷ ଖେଳାଳି ଜାପାନ ନାତସୁକି ନିଦାଇରାଙ୍କଠାରୁ ୱାକଓଭର ପାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇପାରିଛନ୍ତି। ଅନ୍ୟପକ୍ଷରେ ସେନ୍ ବ୍ରାଜିଲର ୱାଇଗୋର କୋଲ୍‌ହୋଙ୍କ ବିପକ୍ଷରେ ୨୧-୧୫, ୨୧-୧୧ରେ ବିଜୟ ହାସଲ କରିଛନ୍ତି। ସିନ୍ଧୁ ବର୍ତ୍ତମାନ ୨୦୨୨ ଇଣ୍ଡୋନେସିଆ ମାଷ୍ଟର୍ସ ଚାମ୍ପିୟନ ଗାଓ ଫାଙ୍ଗ୍ ଜିଙ୍କୁ ଭେଟିବେ। ଚଳିତବର୍ଷ ଏସିଆ ମିକ୍ସଡ ଟିମ୍ ଚାମ୍ପିୟନଶିପ୍‌ରେ ଚାଇନାର ବିଜୟରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ସେନ୍ ବର୍ତ୍ତମାନ ବେଲ୍‌ଜିୟମର ଜୁଲିଏନ୍ କାରାଗୁଙ୍କୁ ଭେଟିବେ। କିନ୍ତୁ କ୍ରିଷ୍ଣା ପ୍ରସାଦ ଗରଗା ଓ ବିଷ୍ଣୁବର୍ଦ୍ଧନ ଗୌଡ଼ ପଞ୍ଜାଲା ପ୍ରି-କ୍ୱାର୍ଟର ପର୍ଯ୍ୟାୟ ଅତିକ୍ରମ କରିପାରି ନାହାନ୍ତି। ସେମାନେ ଇଣ୍ଡୋନେସିଆର ମହମ୍ମଦ ଅହସାନ ଓ ହେଣ୍ଡ୍ରା ସେଟିଆୱାନଙ୍କଠାରୁ ହାରିଛନ୍ତି।

# ୪୨ବର୍ଷରେ ପଦାର୍ପଣ କଲେ ଧୋନୀ




ଭାରତର ପୂର୍ବତନ କ୍ରିକେଟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଶୁକ୍ରବାର ତାଙ୍କ ୪୨ତମ ଜନ୍ମଦିନ ପାଳନ ଅବସରରେ ରାଞ୍ଚିସ୍ଥିତ ତାଙ୍କ ଫାର୍ମ ହାଉସ୍‌ରେ।

**ନୂଆଦିଲ୍ଲୀ, ୭/୭ (ପି.ଟି.)**

ଭାରତର ପୂର୍ବତନ କ୍ରିକେଟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଶୁକ୍ରବାର ୪୨ ବର୍ଷରେ ପଦାର୍ପଣ କରିଛନ୍ତି। ଏଥିପାଇଁ ସଚିନ ତେନ୍ଦୁଲକର, ହରଭଜନ ସିଂ ଓ ବୀରେନ୍ଦ୍ର ସେହ୍ୱାଗ ଭଳି ଭାରତୀୟ କିମ୍ବଦନ୍ତୀଙ୍କ ସମେତ ସମଗ୍ର ବିଶ୍ୱର ଅଗ୍ରଣୀ କ୍ରିକେଟରମାନେ ଧୋନୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତେନ୍ଦୁଲକର ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକଙ୍କ ସହ ତାଙ୍କର ଏକ ଫଟୋ ଶେୟାର କରିଛନ୍ତି। 'ମେ ୟୁ ଅଲ୍‌ୱେଜ ଫ୍ଲାଏ ଲାଇକ୍ ଇଓର ହେଲିକପ୍ଟର ଶଟ୍, ହାପି ବାର୍ଥ ଡେ, ଏମ୍‌ଏସ୍!'। ଧୋନୀ ତାଙ୍କର ଏହି ଟ୍ରେଡ୍‌ମାର୍କ ଶଟ୍ ସହାୟତାରେ ଦୁଇ ଦଶନ୍ଧିର ପ୍ରଫେସନାଲ କ୍ୟାରିୟରରେ ଭାରତ ଏବଂ ଆଇପିଏଲ୍ ଦଳ ସିଏସ୍‌କେକୁ ବହୁ ବିଜୟ ଆଣି ଦେଇଛନ୍ତି। ସେହ୍ୱାଗ ତାଙ୍କ ସାଥୀ ଖେଳାଳି ଧୋନୀଙ୍କ ସହ ବିତେଇ ଥିବା କିଛି ଶ୍ରେଷ୍ଠ ମୁହୂର୍ତ୍ତ ଶେୟାର କରିଛନ୍ତି। ସେ ଲେଖିଛନ୍ତି, ସୂର୍ଯ୍ୟଠାକୁରଙ୍କ ଦିବ୍ୟ ରଥକୁ ୭ ଘୋଡ଼ା ଟାଣି ଥାନ୍ତି। ଋଗ୍‌ବେଦକୁ ୭ ଭାଗରେ ବିଭକ୍ତ କରାଯାଇଛି। ବିଭାଘର ବେଳେ ୭ଫେରା ଲଗାଇବାକୁ ପଡ଼ିଥାଏ। ବିଶ୍ୱରେ ୭ଟି ଆଶ୍ଚର୍ଯ୍ୟ ରହିଛି। ଧୋନୀଙ୍କ ଜନ୍ମ ବର୍ଷ ୭ମ ମାସରେ ଏବଂ ୭ ତାରିଖରେ। ବାସ୍ତବିକ ସେ ଜଣେ ମହାନ୍ ବ୍ୟକ୍ତି। ବିହାରର ରାଞ୍ଚିରେ ଜନ୍ମଗ୍ରହଣ କରିଥିବା ଧୋନୀ ୨୦୦୫ରେ ଶ୍ରୀଲଙ୍କା ବିପକ୍ଷରେ ତାଙ୍କ ଟେଷ୍ଟ ପଦାର୍ପଣ କରିଥିଲେ। ସେ ତାଙ୍କ କ୍ୟାରିୟର ଶେଷ ଟେଷ୍ଟ ମ୍ୟାଚ ୨୦୧୪ ଡିସେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ। ଧୋନୀଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ୨୦୦୭ରେ ଟି୨୦ ବିଶ୍ୱକପ୍, ନିଜ ଦେଶରେ ୨୦୧୧ ବିଶ୍ୱକପ୍ ଏବଂ ୨୦୧୩ ଚାମ୍ପିୟନ୍ସ ଟ୍ରଫି ହାତେଇ ପାରିଛି। ନିକଟରେ ତାଙ୍କ ନେତୃତ୍ୱରେ ଚେନ୍ନାଇ ସୁପର କିଙ୍ଗ୍ସ ୫ମ ଥର ଆଇପିଏଲ୍ ଟାଇଟଲ ଜିତିଥିଲା। ପୂର୍ବତନ ସ୍ପିନର ହରଭଜନ ସିଂ ଟୁଇଟ କରି ଧୋନୀଙ୍କୁ 'ହାପି ବାର୍ଥଡେ ବାହୁବଳି' କହିଛନ୍ତି। ଭବିଷ୍ୟତ ମଙ୍ଗଳମୟ ହେଉ। ଆଗକୁ ମଧ୍ୟ ଅନ୍ୟ ପାଇଁ ପ୍ରେରଣା ହୋଇ ରହିଥାନ୍ତୁ। ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜେତା କୁସ୍ତିଯୋଦ୍ଧା ଯୋଗେଶ୍ୱର ଧୋନୀଙ୍କୁ ଜଣେ ମହାନ୍ ବ୍ୟକ୍ତିତ୍ୱ ବୋଲି କହିଛନ୍ତି। ଧୋନୀଙ୍କ ସିଏସ୍‌କେ ଟିମ୍‌ମେଟ୍ ରବୀନ୍ଦ୍ର ଜାଡେଜା କିମ୍ବଦନ୍ତୀ ଉଇକେଟକିପରଙ୍କୁ ତାଙ୍କ ପଥପ୍ରଦର୍ଶକ ବୋଲି କହିଛନ୍ତି। ଭାରତର ପୂର୍ବତନ ମହିଳା ପେସ୍ ବୋଲର ଝୁଲଣ ଗୋସ୍ୱାମୀ କହିଛନ୍ତି, ହାପି ବାର୍ଥଡେ୍ କ୍ୟାପଟେନ କୁଲ୍, ପଡ଼ିଆ ହେଉ ଅବା ପଡ଼ିଆ ବାହାରେ ଧୋନୀ ଖେଳାଳିମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛନ୍ତି। ଭାରତୀୟ ବ୍ୟାଟର ଚେତେଶ୍ୱର ପୂଜାରା ମଧ୍ୟ ଧୋନୀଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଛନ୍ତି। ଉଇକେଟକିପର ବ୍ୟାଟରଙ୍କ ଭବିଷ୍ୟତର ଶୁଭକାମନା କରିଛନ୍ତି।

# ରୋଭର୍ସ ଆଥ୍‌ଲେଟିକ କ୍ଲବ ବିଜୟୀ

**କଟକ, ୭/୭**
**(ସୁପ୍ରିୟା ପ୍ରିୟଦର୍ଶିନୀ)**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ରୋଭର୍ସ ଆଥଲେଟିକ କ୍ଲବ ବିଜୟୀ ହୋଇଛି। ରୋଭର୍ସ ୩-୧ ଗୋଲରେ ଗତ ସଂସ୍କରଣର ରନରଅପ ବିଡାନାସୀ କ୍ଲବକୁ ପରାସ୍ତ କରିଛି। ବିଡାନାସୀ ପକ୍ଷରୁ ୩୬ତମ ମିନିଟରେ ରାଜେଶ ନାୟକ ପ୍ରଥମ ଗୋଲ ସ୍କୋର କରିଥିଲେ। ୩୮ତମ ମିନିଟରେ ରୋଭର୍ସର କାର୍ତ୍ତିକ ହାନ୍ତାଳ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିରେ ପହଞ୍ଚାଇଥିଲେ। ୪୩ତମ ମିନିଟରେ ରାହୁଲ ମୁଖୀ ରୋଭର୍ସ ନିମନ୍ତେ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଉକ୍ତ ଗୋଲ ବଳରେ ପ୍ରଥମାର୍ଦ୍ଧରେ ୨-୧ରେ ଅଗ୍ରଣୀ ରହିଥିଲା ରୋଭର୍ସ। ଦ୍ୱିତୀୟାର୍ଦ୍ଧରେ ବିଡାନାସୀ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ

**ଫାଓ ଲିଗ୍**

କରିବାକୁ ଚେଷ୍ଟା କରି ସଫଳ ହୋଇ ନ ଥିଲା। ୭୦ତମ ମିନିଟରେ ରୋଭର୍ସ ପକ୍ଷରୁ ଚନ୍ଦ୍ର ମୁଦୁଲି ଆଉ ଏକ ଗୋଲ ଦେଇଥିଲେ। ରାଧାଗୋବିନ୍ଦ ଏବଂ ଚାନ୍ଦ କ୍ଲବ ମଧ୍ୟରେ ଅନୁଷ୍ଠିତ ଅନ୍ୟ ମ୍ୟାଚଟି ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା।

# ଜାତୀୟ କ୍ୟାମ୍ପରୁ ଜେରେମିଙ୍କୁ ବାହାର କରିଦିଆଗଲା

**ନୂଆଦିଲ୍ଲୀ, ୭/୭**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଜେରେମି ଲାଲ୍‌ରିନୁଙ୍ଗା ଜାତୀୟ କ୍ୟାମ୍ପରୁ ବାହାର କରିଦିଆଯାଇଛି। ଭାରତୀୟ ଭାରୋତ୍ତୋଳନ ମହାସଂଘ (ଆଇଡବ୍ଲ୍ୟୁଏଲ୍ଏଫ୍) ସଭାପତି ସହଦେବ ଯାଦବ ସୂଚନା ଦେଇଛନ୍ତି। ପିଠିରେ ଆଘାତପ୍ରାପ୍ତ ଏହି ଭାରୋତ୍ତୋଳକ ରିହାବିଲିଟେଶନ ପାଇଁ ଆମେରିକା ଯିବା ପାଇଁ ମନା କରିଦେଇଥିଲେ। ଏସିଆନ ଗେମ୍ସ ଓ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଟ୍ରାଏଲ୍ସରେ ମଧ୍ୟ ସେ ଭାଗ ନେଇ ନ ଥିଲେ। ଯାଦବ ଖବରଦାତାମାନଙ୍କୁ କହିଛନ୍ତି

**ଏସିଆନ ଗେମ୍ସରେ ଭାଗନେବେନି**

ଯେ, ଜେରେମି ଯେତେବେଳେ ଆଘାତପ୍ରାପ୍ତ ହେଲେ ଆମେ ତୁରନ୍ତ ତାଙ୍କୁ ରିହାବିଲିଟେଶନରେ ସେଣ୍ଟ ଲୁଇସ ଯିବା ଲାଗି କହିଥିଲୁ। ଜେରେମି କ୍ରୀଡ଼ା ମନ୍ତ୍ରଣାଳୟ ଟପ୍ସ ସ୍କିମ୍ ପରିସରଭୁକ୍ତ। କିନ୍ତୁ ସେ ଯିବା ପାଇଁ ମନା କରିଦେଇଥିଲେ। ସେ ଜଣେ ପ୍ରତିଭାସମ୍ପନ୍ନ ଭାରୋତ୍ତୋଳକ, ହେଲେ ବିଶ୍ୱ ଚାମ୍ପିୟନଶିପ୍ ଓ ଏସିଆନ ଗେମ୍ସ ପାଇଁ ଟ୍ରାଏଲ୍ସରେ ଭାଗ ନେବାଲାଗି ସେ ଆସି ନ ଥିଲେ। ତେଣୁ ଆମେ ତାଙ୍କୁ ଆର୍ମି ସ୍ପୋର୍ଟ୍ସ ଇନ୍‌ଷ୍ଟିଚ୍ୟୁଟ୍‌କୁ ଫେରିଯାଇ ଫିଟ୍ ହେବା ପରେ ଫେରିବା ଲାଗି କହିଥିଲୁ। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ପାଇବା ପରଠାରୁ ସେ ଆଘାତପ୍ରାପ୍ତ ଅଛନ୍ତି। ତାଙ୍କ ଆଣ୍ଠୁରେ ଆଘାତ ଲାଗିଛି। ଯାଦବ କହିଛନ୍ତି ଭାରତ ଏସିଆନ ଗେମ୍ସ ପାଇଁ ୪ ଜଣିଆ ଦଳ ପଠାଇବ। ଏଥିରେ ମୀରାବାଈ ଚାନୁ (୪୯କେଜି), ବିନ୍ଦ୍ୟାରାଣୀ ଦେବୀ (୫୫କେଜି), ଏନ. ଅଜିତ କୁମାର (୭୩କେଜି) ଓ ଅଚିନ୍ତ ଶିଉଳି (୭୩କେଜି) ପ୍ରମୁଖ ସ୍ଥାନ ପାଇଛନ୍ତି।

# ଅବସରରୁ ଓହରିଲେ ତାମିମ୍ ଇକ୍‌ବାଲ

**ଚଟ୍ଟୋଗ୍ରାମ୍ (ବାଂଲାଦେଶ), ୭/୭ (ପି.ଟି.):** ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଉପଦେଶ କ୍ରମେ ଅବସରରୁ ଓହରିଯାଇଛନ୍ତି ବାଂଲାଦେଶର ଷ୍ଟାର କ୍ରିକେଟର ତାମିମ ଇକବାଲ। ୩୪ ବର୍ଷୀୟ ତାମିମ ଆଫଗାନିସ୍ତାନ ବିପକ୍ଷ ୩ ମ୍ୟାଚବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜରେ ଦଳର ନେତୃତ୍ୱ ନେଉଥିଲେ। ମାତ୍ର ବୁଧବାର ପ୍ରଥମ ମ୍ୟାଚରେ ବାଂଲାଦେଶ ହାରିଯିବାର ଦିନକ ପରେ ସେ ତାଙ୍କର ଅବସର ଘୋଷଣା କରିଥିଲେ। ତାମିମ କହିଛନ୍ତି, ପ୍ରଧାନମନ୍ତ୍ରୀ ତାଙ୍କ ବାସଭବନକୁ ଆମନ୍ତ୍ରଣ କରିଥିଲେ। ସେ ତାଙ୍କ ଉପଦେଶ ଦେଇ ଦେଶ ପାଇଁ ପୁଣି ଖେଳିବା ଲାଗି କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ଭଳି ବ୍ୟକ୍ତି କଥାକୁ ସେ ଭାଙ୍ଗିପାରିବେ ନାହିଁ। ନିଷ୍ପତ୍ତିରୁ ଓହରିଯିବା ପଛରେ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ସଭାପତି ପାପନ ନାଜମୁଲ ହସନ ଏବଂ ମାଶ୍ରାଫି ମୋର୍ତ୍ତାଜାଙ୍କ ଭୂମିକା ରହିଛି।




ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନ ମଧ୍ୟପ୍ରଦେଶ ଦଳ ଅତିଥିଙ୍କ ସହ।

# ଝାଡ଼ଖଣ୍ଡକୁ ହରାଇ ମଧ୍ୟପ୍ରଦେଶ ଚାମ୍ପିୟନ

**ରାଉରକେଲା, ୭/୭**
**(ଦିନେଶ ମିଶ୍ର)**

ସ୍ଥାନୀୟ ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଚାଲିଥିବା ତ୍ରୟୋଦଶ ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଖେଳାଯାଇଥିବା ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ହକି ମଧ୍ୟପ୍ରଦେଶ ଦଳ ୧-୦ ଗୋଲ୍‌ରେ ହକି ଝାଡ଼ଖଣ୍ଡକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହି ମ୍ୟାଚରେ

**ଜାତୀୟ ଜୁନିୟର ମହିଳା ହକି**
**ହରିୟାଣାକୁ ବ୍ରୋଞ୍ଜ**

ହକି ମଧ୍ୟପ୍ରଦେଶ ଆରମ୍ଭରୁ ଚାପ ପକାଇ ଖେଳିଥିଲା। ଦଳ ପକ୍ଷରୁ ଫରୱାର୍ଡ ଖେଳାଳି ଗୁର୍‌ମେଲ କୌର ଖେଳର ୨୨ତମ ମିନିଟ୍‌ରେ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ। ତୃତୀୟ/ଚତୁର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ହକି ହରିୟାଣା ଦଳ ୧୨-୨ ଗୋଲରେ ଛତିଶଗଡକୁ ପରାସ୍ତ କରି ବ୍ରୋଞ୍ଜ ଜିତିଥିଲା। ହରିୟାଣା ଦଳ ଖେଳ ଆରମ୍ଭରୁ ଆକ୍ରମଣାତ୍ମକ ଖେଳଥିଲା। ଦଳ ପକ୍ଷରୁ ଫରୱାର୍ଡ ଖେଳାଳି ସୁଖପ୍ରୀତ୍ କୌର ଖେଳର ୧୨ତମ, ୯ମ, ୩୪, ୫୧ତମ ମିନିଟ୍‌ରେ ସର୍ବାଧିକ ୪ଟି ଗୋଲ ଦେଇଥିଲେ। ସେହିଭଳି କାନିକା ସିୱାଚ୍ ୮ମ, ୨୨ତମ ଓ ୩୪ ତମ ମିନିଟ୍‌ରେ ଛତିଶଗଡ଼ ବିପକ୍ଷରେ ହ୍ୟାଟ୍ରିକ ଗୋଲ୍ ସ୍କୋର କରିଥିଲେ। ପରେ ଶାବି ଖେଳର ୨୩ ତମ, ୧୬ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ମନୀଷା ଖେଳର ୧୫ ମିନିଟ, ସିଜଲ ୪୧ ମିନିଟ ପରେ ବେଥରୀ ୬ଷ୍ଠ ମିନିଟରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଛତିଶଗଡ ଦଳ ପକ୍ଷରୁ ଗୀତା ଯାଦବ ଖେଳର ୧୦ମ ଓ ୪୬ତମ ମିନିଟରେ ଦୁଇଟି ଗୋଲ ଦେଇଥିଲେ। ୧୦ ଧରି ଚାଲିଥିବା ଏହି ଚାମ୍ପିୟନଶିପ୍‌ରେ ଦେଶର ୨୮ଟି ରାଜ୍ୟର ହକି ଦଳ ଅଂଶଗ୍ରହଣ କରିଥିଲେ।

## ବିଜୟ ପଥରେ ଦକ୍ଷିଣାଞ୍ଚଳ

**ବେଙ୍ଗାଲୁରୁ, ୭/୭:** ଏଠାରେ ଚାଲିଥିବା ଉତ୍ତରାଞ୍ଚଳ ବିପକ୍ଷ ଦୁଲିପ ଟ୍ରଫି ସେମିଫାଇନାଲରେ ଦକ୍ଷିଣାଞ୍ଚଳ ବିଜୟ ପଥରେ ଅଗ୍ରସର ହୋଇଛି। ପ୍ରଥମ ଇନିଂସରେ ଉତ୍ତରାଞ୍ଚଳ ୧୯୮ ଓ ଦକ୍ଷିଣାଞ୍ଚଳ ୧୯୫ ରନ କରିଥିଲା। ଉତ୍ତରାଞ୍ଚଳ ଦ୍ୱିତୀୟ ଇନିଂସରେ ୨୧୧ ରନରେ ଅଲ୍‌ଆଉଟ ହୋଇଥିବାବେଳେ ଶୁକ୍ରବାର ତୃତୀୟ ଦିବସ ଖେଳ ଶେଷ ବେଳକୁ ଦକ୍ଷିଣାଞ୍ଚଳ କୌଣସି ଉଇକେଟ ନ ହରାଇ ୨୧ ରନ ସଂଗ୍ରହ କରି ନେଇଛି।

**ସଂକ୍ଷିପ୍ତ ସ୍କୋର**

ଉତ୍ତରାଞ୍ଚଳ ପ୍ରଥମ ଇନିଂସ: ୧୯୮। ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ: ୧୯୫। ଉତ୍ତରାଞ୍ଚଳ ଦ୍ୱିତୀୟ ଇନିଂସ: ୨୧୧/ଅଲ୍‌ଆଉଟ (ପ୍ରଭସିମରନ ସିଂ-୬୩, ହର୍ଷିତ ରାଣା-୩୮, ବିଜୟ କୁମାର ବ୍ୟଶକ-୫/୭୬, ସାଇ କିଶୋର-୩/୨୮, ବିଦ୍ୱାଥ କଭେରପ୍ପା-୨/୪୭)। ଦକ୍ଷିଣାଞ୍ଚଳ ଦ୍ୱିତୀୟ ଇନିଂସ: ୨୧/୦।

# ପୂଜାରାଙ୍କ ଶତକ: ଫାଇନାଲ ଦ୍ୱାରରେ ପଶ୍ଚିମାଞ୍ଚଳ

**ଅଲୁର, ୭/୭:** ଚେତେଶ୍ୱର ପୂଜାରାଙ୍କ ଶତକ ସହାୟତାରେ ପଶ୍ଚିମାଞ୍ଚଳ ଚଳିତ ଦୁଲିପ ଟ୍ରଫି କ୍ରିକେଟ ଫାଇନାଲ ଦ୍ୱାରରେ ପହଞ୍ଚି ଯାଇଛି। କେନ୍ଦ୍ରାଞ୍ଚଳ ବିପକ୍ଷ ପ୍ରଥମ ସେମିଫାଇନାଲର ଶୁକ୍ରବାର ତୃତୀୟ ଦିବସ ଶେଷ ବେଳକୁ ପଶ୍ଚିମାଞ୍ଚଳ ଦ୍ୱିତୀୟ ଇନିଂସରେ ୯ ଉଇକେଟ ହରାଇ ୨୯୨ ରନ ସ୍କୋର କରିଛି। ଶନିବାର ମ୍ୟାଚର ଅନ୍ତିମ ଦିବସ ହୋଇଥିବାବେଳେ ପଶ୍ଚିମାଞ୍ଚଳ ଗୋଟିଏ ଉଇକେଟ ବାକିଥାଇ ୩୮୪ ରନରେ ଅଗ୍ରଣୀଲାଭ କରିଛି। ପୂଜାରା ୨୭୮ଟି ବଲ୍ ଖେଳି ୧୪ ଚୌକା ଓ ୧ ଛକା ସହାୟତାରେ ୧୩୩ ରନକରି ରନ୍‌ଆଉଟ ହୋଇଛନ୍ତି। ତାଙ୍କ ଶତକୀୟ ଇନିଂସ ବଳରେ ପଶ୍ଚିମାଞ୍ଚଳ ନିଜର ସ୍ଥିତିକୁ ଦୃଢ଼ କରିଛି। ପଶ୍ଚିମାଞ୍ଚଳ

**ଦୁଲିପ ଟ୍ରଫି**

ପ୍ରଥମ ଇନିଂସରେ ୨୨୦ ରନ କରିଥିବାବେଳେ କେନ୍ଦ୍ରାଞ୍ଚଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୨୮ ରନରେ ସମସ୍ତ ଉଇକେଟ ହରାଇଥିଲା। ପଶ୍ଚିମାଞ୍ଚଳ ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୪୯/୩ରୁ ଖେଳ ଆରମ୍ଭ କରି ପୂରା ଦିନ ବ୍ୟାଟିଂ କରିଥିଲା। ବର୍ଷା ଯୋଗୁ ଖେଳକୁ ଆଗୁଆ ବନ୍ଦ ରଖିବାକୁ ପଡ଼ିଥିଲା। ସୂର୍ଯ୍ୟକୁମାର ଯାଦବ ୫୨ ଓ ହିତ୍ ପଟେଲ ୨୭ ରନ ସ୍କୋର କରିଥିଲେ। କେନ୍ଦ୍ରାଞ୍ଚଳ ବୋଲରଙ୍କ ମଧ୍ୟରେ ସୌରଭ କୁମାର ୪ଟି, ସାରାଂଶ ଜୈନ ୩ଟି ଓ ଯଶ୍ ଠାକୁର ଗୋଟିଏ ଉଇକେଟ ନେଇଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୮/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Saturday, July 8/2023 | Page 20 | ₹ 7.00



**ବାର୍ଥ ଡେ' ୱିଶ୍ ପୋଷ୍ଟ କଲେନି ଦୀପିକା**

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ସୋସିଆଲ ମିଡିଆରେ ସ୍ୱାମୀ ରଣବୀର ସିଂଙ୍କ ବାର୍ଥ ଡେ' ୱିଶ୍ ପୋଷ୍ଟ ଶେୟାର କରି ନ ଥିବାରୁ ଟ୍ରୋଲର ଶିକାର ହୋଇଛନ୍ତି।

୦୨

୦୮

**ଆଜାରେଙ୍କା ଚତୁର୍ଥ ରାଉଣ୍ଡରେ**

ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କା ୱିମ୍ବଲଡନ ଓପନ ଟେନିସ ମହିଳା ସିଙ୍ଗଲ୍ସ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।



# ୨ ଇଞ୍ଜିନିୟର, ଜଣେ ଟେକ୍ନିସିଆନ ଗିରଫ

**ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ବାଲେଶ୍ୱର, ୭।୭ (ମାନସ ବିଶ୍ୱାଳ)**

ବାଲେଶ୍ୱର ବାହାନଗା ଟ୍ରେନ୍ ଦୁର୍ଘଟଣା ମାମଲାରେ ସିବିଆଇ ଶୁକ୍ରବାର ବଡ଼ ପଦକ୍ଷେପ ନେଇଛି। ତଦନ୍ତ ଭାର ନେବାର ମାସକ ପରେ ୩ଜଣ ରେଳ କର୍ମଚାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ବାହାନଗା ବଜାର ଷ୍ଟେଶନର ସିନିୟର ସେକ୍ସନ ଇଞ୍ଜିନିୟର ଅରୁଣ କୁମାର ମହାନ୍ତ, ସେକ୍ସନ ଇଞ୍ଜିନିୟର ମହମ୍ମଦ ଅମିର ଖାନ୍ ଓ ଟେକ୍ନିସିଆନ ପପୁ କୁମାର। ଦୁର୍ଘଟଣା ପାଇଁ ଦାୟୀ କରି ସିବିଆଇ ଏମାନଙ୍କ ନାଁରେ ଆଇପିସି ଧାରା ୩୦୪(ଜାଣିଶୁଣି ମୃତ୍ୟୁମୁହଁକୁ ଠେଲିଦେବା) ଓ ୨୦୧ (ପ୍ରମାଣ ନଷ୍ଟ କରିବା) ଲଗାଇଛି। ଗିରଫ ପରେ ପ୍ରଥମେ ସମସ୍ତ ଅଭିଯୁକ୍ତଙ୍କୁ ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରୁ କଡା ସୁରକ୍ଷା ମଧ୍ୟରେ କ୍ୟାପିଟାଲ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରାଯାଇଥିଲା। ସମସ୍ତ ୩ ଅଭିଯୁକ୍ତଙ୍କୁ ୭ ଦିନିଆ ରିମାଣ୍ଡରେ ନେବାକୁ ସିବିଆଇ ଟିମ୍ ଆବେଦନ କରିଥିଲା। ହେଲେ ସ୍ୱତନ୍ତ୍ର ସିବିଆଇ କୋର୍ଟ ୫ ଦିନିଆ ରିମାଣ୍ଡ ଅନୁମତି ଦେବା ସହ ଆସନ୍ତା ୧୧ ତାରିଖରେ ପୁଣି ହାଜର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରିମାଣ୍ଡ ସମୟରେ ଏମାନଙ୍କଠାରୁ ସିବିଆଇ ଟିମ୍ ଅଧିକ ତଥ୍ୟ ହାସଲ କରିବାକୁ ଚେଷ୍ଟା କରିବ। ଏଥିସହ



ଅଭିଯୁକ୍ତ ମହମ୍ମଦ ଅମିର ଖାନ୍, ପପୁ କୁମାର ଓ ଅରୁଣ କୁମାର ମହାନ୍ତଙ୍କୁ ଭୁବନେଶ୍ୱରସ୍ଥିତ ସିବିଆଇ କୋର୍ଟକୁ ନିଆଯାଉଛି। (ଫଟୋ: ବିକାଶ ନାୟକ)

## ବାହାନଗା ଟ୍ରେନ୍ ଦୁର୍ଘଟଣା

- **୫ ଦିନିଆ ରିମାଣ୍ଡରେ ନେଲା ସିବିଆଇ**
- **ଉଦ୍ଦେଶ୍ୟମୂଳକ ପ୍ରମାଣ ମିଳିଲେ ହତ୍ୟା ମାମଲା**

ଦୁର୍ଘଟଣା ଉଦ୍ଦେଶ୍ୟମୂଳକ ହୋଇଥିବା ପ୍ରମାଣ ମିଳିଲେ ଅଭିଯୁକ୍ତଙ୍କ ନାମରେ ହତ୍ୟା ମାମଲା ରୁଜୁ ହେବ। କିଛିଦିନ ପୂର୍ବେ ରେଲୱେ ସେଫ୍‌ଟି କମିଶନର (ସିଆର୍‌ଏସ୍)ଙ୍କ ତଦନ୍ତ ରିପୋର୍ଟ ସାମ୍ନାକୁ ଆସିଥିଲା। ଉକ୍ତ ରିପୋର୍ଟରେ ଉଭୟ ମନୁଷ୍ୟକୃତ ଅବହେଳା ଓ ଯାନ୍ତ୍ରିକ ତ୍ରୁଟିରୁ ଏଭଳି ଭୟଙ୍କର ଦୁର୍ଘଟଣା ଘଟିଥିବା ଉଲ୍ଲେଖ ରହିଥିଲା। ତେବେ ସିବିଆଇ ମଧ୍ୟ ସମାନ ଦୃଷ୍ଟିଭଙ୍ଗୀରେ ଅବହେଳାକୁ ଦାୟୀ କରି ୩ କର୍ମଚାରୀଙ୍କୁ ଗିରଫ କରିଛି। ତଦନ୍ତ ଜାରି ରହିଥିବାବେଳେ ଗିରଫ ସଂଖ୍ୟା ବଢ଼ିପାରେ ବୋଲି ଅନୁମାନ କରାଯାଉଛି।

ଜୁନ୍ ୨ରେ ଘଟିଥିବା ଏହି ଟ୍ରେନ୍ ଦୁର୍ଘଟଣାରେ ଘଟଣାସ୍ଥଳରେ ୨୮୮ ଓ ଚିକିତ୍ସାଧୀନ ଅବସ୍ଥାରେ ୫ଜଣଙ୍କୁ ମିଶାଇ ମୋଟ ୨୯୩ ଜଣଙ୍କ ମୃତ୍ୟୁ ହୋଇଛି। ଏଥିସହ ୧ହଜାରରୁ ଊର୍ଦ୍ଧ୍ୱ ଆହତ ହୋଇଥିବାବେଳେ ଏବେ ବି ଅନେକ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣାର ୨୪ ଘଣ୍ଟା ପରେ ସିବିଆଇ ତଦନ୍ତ ଭାର ନେଇଥିଲା। ପ୍ରଥମେ ବାହାନଗା ଷ୍ଟେଶନର ରିଲେ ରୁମ୍, ପ୍ୟାନେଲ ବକ୍ସ ଓ ଡାଟା ଲକର ରୁମ୍‌କୁ ସିଲ୍ କରିଥିଲା। ଏଥିସହ ହାର୍ଡ ଡିସ୍କ ସମେତ ବହୁ ଯନ୍ତ୍ରାଂଶ ଓ କାଗଜପତ୍ର ନିଜ ହେପାଜତକୁ ନେଇ ତଦନ୍ତକୁ ଆଗକୁ ବଢ଼ାଇଥିଲା। ପରବର୍ତ୍ତୀ ସମୟରେ ଷ୍ଟେଶନ୍ ମ୍ୟାନେଜରଙ୍କ ସମେତ ୧୨ଜଣ ରେଳ ☞ପୃଷ୍ଠା-୩



ହାଇଦ୍ରାବାଦଠାରୁ ୫୦ କିଲୋମିଟର ଦୂର ବୋମାଇପାଲ୍ଲୀ ନିକଟରେ ଶୁକ୍ରବାର ଫଲକ୍‌ନୁମା ଏକ୍ସପ୍ରେସ୍‌ର ୫ଟି ବଗିରେ ଲାଗିଥିବା ନିଆଁ।

# ଫଲକ୍‌ନୁମା ଏକ୍ସପ୍ରେସ୍‌ରେ ନିଆଁ

**ହାଇଦ୍ରାବାଦ, ୭।୭(ପି.ଟି.)**

ହାଇଦ୍ରାବାଦଠାରୁ ୫୦ କିଲୋମିଟର ଦୂର ବୋମାଇପାଲ୍ଲୀ ନିକଟରେ ଫଲକ୍‌ନୁମା ଏକ୍ସପ୍ରେସ୍‌ର ୫ଟି ବଗିରେ ଶୁକ୍ରବାର ନିଆଁ ଲାଗିଯାଇଛି। ଶର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଏହି ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିବା ରେଲୱେର ଜଣେ ଅଧିକାରୀ କହିଛନ୍ତି। ଅଗ୍ନିକାଣ୍ଡ ଯୋଗୁ ଟ୍ରେନ୍‌ର ଏସ୍୪, ଏସ୍୫ ଏବଂ ଏସ୍୬ ବଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ଅନ୍ୟ ଦୁଇଟି ବଗି ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ସମସ୍ତ ଯାତ୍ରୀଙ୍କୁ ନିରାପଦର ସହ ଟ୍ରେନ୍‌ରୁ ବାହାର କରାଯାଇ ବସ୍ ଯୋଗେ ଗନ୍ତବ୍ୟ ସ୍ଥଳକୁ ପଠାଯାଇଥିଲା। ନିଆଁ ଲିଭାଇବା ଓ ଉଦ୍ଧାର କାର୍ଯ୍ୟରେ ପୋଲିସ, ଅଗ୍ନିଶମ କର୍ମଚାରୀ ଏବଂ ରେଲୱେ କର୍ମଚାରୀ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିଥିଲେ। ଗୋଟିଏ ବଗିରୁ ଧୂଆଁ ବାହାରୁଥିବା ଜଣେ ରେଲୱେ କର୍ମଚାରୀ ଜାଣିବା ପରେ ଲୋକୋ ପାଇଲଟ୍ ଟ୍ରେନ୍ ଅଟକାଇଥିଲେ। ତୁରନ୍ତ ଯାତ୍ରୀମାନଙ୍କୁ ଓହ୍ଲାଇଦିଆଯାଇଥିଲା। ଦମକଳ ଗାଡ଼ି ଓ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସହାୟତାର ହାତ ବଢ଼ାଇଥିଲେ ବୋଲି ରେଲୱେର ଜଣେ କର୍ମଚାରୀ କହିଛନ୍ତି। ଅନେକ ଯାତ୍ରୀ ସେମାନଙ୍କ ଲଗେଜ ଆଣିବାକୁ ସମୟ ନ ପାଇବାରୁ ତାହା ନିଆଁରେ ଜଳିଯାଇଛି।






# ବ୍ୟବସାୟରେ ବିଶ୍ୱାସ-ନୈତିକତା ରହିବା ଆବଶ୍ୟକ

**୫ମ କର୍ପୋରେଟ୍ ସିଏସ୍ଆର୍ ସମ୍ମିଳନୀ**

ଭୁବନେଶ୍ୱର,୭।୭ (ଅଭୟ ଦାଶ)




ଦେଶର ପ୍ରମୁଖ ଘରୋଇ ଶିଳ୍ପ ସଂଘ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ(ଆଇସିସି) ପକ୍ଷରୁ ଏକ ଦିନିକିଆ ତଥା ୫ମ କର୍ପୋରେଟ୍‌ସୋସିଆଲ୍‌ରେସ୍‌ପନ୍‌ସିବିଲିଟି (ସିଏସ୍ଆର୍) ସମ୍ମିଳନୀ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ମେନ୍‌ଷ୍ଟ୍ରିମିଂ ସିଏସ୍ଆର୍ ଫର୍ ଇନ୍‌କ୍ଲୁସିଭ୍‌ନେସ୍' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ସରକାରଙ୍କ କୌଶଳ ଓ ଶିକ୍ଷା, ବାଣିଜ୍ୟ ଏବଂ ପରିବହନ ପ୍ରମୁଖ ସଚିବ ଉଷା ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ବ୍ୟବସାୟରେ ବିଶ୍ୱାସ ଏବଂ ନୈତିକତା ରହିବା ଆବଶ୍ୟକ। ଏପରିକି ସେ ଟାଟା କମ୍ପାନୀର ଉଦାହରଣ ଦେଇ କହିଥିଲେ, ଲୋକେ ଏହି କମ୍ପାନୀକୁ ଭରସା କରନ୍ତି। ଫଳରେ ବ୍ୟବସାୟିକ ନୈତିକତା ପାଇଁ ଟାଟା କମ୍ପାନୀ ପାର୍ଲାମେଣ୍ଟ ଭବନ ନିର୍ମାଣଠାରୁ ଆରମ୍ଭକରି ଏୟାର ଇଣ୍ଡିଆ ପର୍ଯ୍ୟନ୍ତ କମ୍ପାନୀ ଚଳାଉଛି। ସେହିପରି ସେ ବିକାଶରେ ମେନ୍‌ଷ୍ଟ୍ରିମିଂ ଏବଂ ଇନ୍‌କ୍ଲୁସିଭିଟିକୁ ବିଶେଷ ଭାବେ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ବିଶ୍ୱବିଦ୍ୟାଳୟର ଗବେଷଣା କହୁଛି ଯେଉଁ କମ୍ପାନୀର ବ୍ୟବସାୟ ବ୍ୟତୀତ ସାମାଜିକ ଦାୟିତ୍ୱବୋଧ ରହିଛି ଏବଂ ଉକ୍ତ କମ୍ପାନୀ ସାମାଜିକ ବିକାଶରେ ପୁଞ୍ଜିନିବେଶ କରୁଛି ସେହି କମ୍ପାନୀ ଅନ୍ୟ ବ୍ୟବସାୟ ପ୍ରତିଷ୍ଠାନ ଅପେକ୍ଷା ଅଧିକ ଲାଭବାନ୍ ହେଉଛି। ସେହିଭଳି ଆଇସିସି ଓଡ଼ିଶା କାଉନ୍‌ସିଲ୍ ସିଏସ୍ଆର୍ ଏବଂ ସ୍ଥିରତା କମିଟିର ଆବାହକ ଜଗଦାନନ୍ଦ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ମତ ପ୍ରକାଶ କରିଥିଲେ। ସେହିପରି ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆର ନିର୍ଦ୍ଦେଶକ ସୁରେଶ ଜି. କହିଛନ୍ତି, ସିଏସ୍ଆର୍ ଠିକ୍ ଦିଗରେ ପରିଚାଳନା ପାଇଁ ନୂତନ ଚିନ୍ତାଧାରା ଏବଂ ଉନ୍ନତ ଜ୍ଞାନକୌଶଳର ଆବଶ୍ୟକତା ରହିଛି। ଆଇସିସିର ଓଡ଼ିଶା ଷ୍ଟେଟ୍ କାଉନ୍‌ସିଲ୍‌ର ଚେୟାରମ୍ୟାନ ଜେ.ବି. ପାଣି ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସିଏସ୍ଆର୍ ଏକ ସକାରାତ୍ମକ ପରିବର୍ତ୍ତନର ମୁଖ୍ୟ ବାହକ ହେବ ବୋଲି କହିଥିଲେ। ଆଇସିସି ଷ୍ଟେଟ୍ କାଉନ୍‌ସିଲ୍ ସିଏସ୍ଆର୍ ଏବଂ ସ୍ଥିରତା କମିଟିର ସହ ଆବାହକ ଅମ୍ବିକା ପ୍ରସାଦ ନନ୍ଦ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଇସିସି ଓଡ଼ିଶା ପରିଷଦ ସିଏସ୍ଆର୍ ଏବଂ ସ୍ଥିରତା କମିଟିର ପ୍ରମୁଖ ଉପଦେଷ୍ଟା ପ୍ରଶାନ୍ତ ହୋତା ଓ ଆଞ୍ଚଳିକ ମୁଖ୍ୟ ଜେ.ପି.ପାଲ୍ ପ୍ରମୁଖ ଉପସ୍ଥିତ ଥିଲେ।

# କାନାରା ରୋବେକୋ ମଲ୍ଟି କ୍ୟାପ୍ ଫଣ୍ଡ୍

ଭୁବନେଶ୍ୱର,୭।୭

କାନାରା ରୋବେକୋ ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ 'କାନାରା ରୋବେକୋ ମଲ୍ଟି କ୍ୟାପ୍ ଫଣ୍ଡ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଏହି ନୂତନ ଫଣ୍ଡ ଅଫର ବିଭିନ୍ନ ବଜାର ପୁଞ୍ଜୀକରଣର କମ୍ପାନୀଗୁଡ଼ିକରେ ନିବେଶ କରୁଛି। ଏପରିକି ଏହାର ପୋର୍ଟଫୋଲିଓର ସକ୍ରିୟ ପରିଚାଳନା ଉତ୍ତମ ପ୍ରଦର୍ଶନ ସୃଷ୍ଟି କରିବାରେ ସାହାଯ୍ୟ କରିପାରେ ଏବଂ ବହୁମୁଖୀକରଣ ସାମଗ୍ରିକ ପୋର୍ଟଫୋଲିଓ ରିସ୍କ ହ୍ରାସ କରିବାରେ ସାହାଯ୍ୟ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ନୂଆ ଫଣ୍ଡ ଅଫରର ଅବଧି ୨୦୨୩ ଜୁଲାଇ ୨୧ ପର୍ଯ୍ୟନ୍ତ ରହିଛି। ଏ ସମ୍ପର୍କରେ କାନାରା ରୋବେକୋ ମ୍ୟୁଚୁଆଲ ଫଣ୍ଡର ସିଇଓ ରଜନୀଶ ନରୁଲା କହିଛନ୍ତି, କାନାରା ରୋବେକୋ ମଲ୍ଟି କ୍ୟାପ୍ ଫଣ୍ଡ୍ ନିବେଶର ଉଭୟ ଲମ୍ପସମ୍ ଓ ଏସ୍ଆଇପି ମୋଡ୍ ମାଧ୍ୟମରେ ଦୀର୍ଘାବଧି ସମ୍ପତ୍ତି ସୃଷ୍ଟି କରିବା ପାଇଁ ଏକ ଭଲ ସୁଯୋଗ ହୋଇପାରେ ବୋଲି ନରୁଲା ମତ ପ୍ରକାଶ କରିଛନ୍ତି।

# ବିଜିୟୁର ନବାଗତ ଏମ୍‌ବିଏ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୭।୭

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ପକ୍ଷରୁ ଶୁକ୍ରବାର ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଶିକ୍ଷାନୁଷ୍ଠାନର କ୍ୟାମ୍ପସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଉକ୍ତ ଉତ୍ସବରେ ୨୦୨୩-୨୫ ବ୍ୟାଚ୍‌ର ମାଷ୍ଟର ଅଫ୍ ବିଜନେସ୍ ଆଡ୍‌ମିନିଷ୍ଟ୍ରେଶନ (ଏମ୍‌ବିଏ) ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଷ୍ଟାଗ୍ ଇଣ୍ଟରନ୍ୟାଶନାଲ ଇଣ୍ଡିଆର ଅଧ୍ୟକ୍ଷ ରାକେଶ କୋହଲି ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ଷ୍ଟାଗ୍ ଇଣ୍ଟରନ୍ୟାଶନାଲର ନିର୍ଦ୍ଦେଶିକା ତଥା ଜଣାଶୁଣା ଅଭିନେତ୍ରୀ ମୋନିକା କୋହଲି ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ବିଜିୟୁର କୁଳପତି ଡ. ପି.ପି.ମାଥୁର ସର୍ବଦା କାର୍ଯ୍ୟରେ ନିରନ୍ତରତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ବିଜିୟୁର ରେଜିଷ୍ଟ୍ରାର ଡ. ବି.କେ.ଦାଶ ଏମ୍‌ବିଏ ପାଠ୍ୟକ୍ରମର ଭବିଷ୍ୟତ ଓ ଏହାର ସୁବିନିଯୋଗ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ। ଅପରପକ୍ଷରେ ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ଡ. ପି.ନାୟକ ସ୍ୱାଗତ ଅଭିଭାଷଣ ଦେବା ସହ ଏମ୍‌ବିଏ ପାଠ୍ୟକ୍ରମର ଗୁରୁତ୍ୱ ଉପରେ ବିସ୍ତୃତ ସୂଚନା ଦେଇଥିଲେ ଏବଂ ଛାତ୍ରୀଛାତ୍ରମାନେ ଠିକ୍ ସ୍ଥାନରେ ଠିକ୍ କାର୍ଯ୍ୟ କରିବା ଉଚିତ ବୋଲି ସେ ଉପଦେଶ ଦେଇଥିଲେ। ପରିଶେଷରେ ବିଜିୟୁର ଏମ୍‌ବିଏ ପ୍ରୋଗ୍ରାମର କୋ-ଅର୍ଡିନେଟର ଡ. ଅର୍ଚ୍ଚନା ଚୌଧୁରୀ ଧନ୍ୟବାଦ ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ବିଭିନ୍ନ ବିଭାଗର ଡିନ୍,ଫାକଲ୍ଟି ସଦସ୍ୟ, ଅଭିଭାବକ ଏବଂ ଏମ୍‌ବିଏର ନବାଗତ ଛାତ୍ରୀଛାତ୍ରମାନ ଉପସ୍ଥିତ ଥିଲେ।

# ରେଳ ଟ୍ରାକ୍‌କୁ ମଜଭୁତ କରିବ ଜିଙ୍କ୍

ଭୁବନେଶ୍ୱର,୭।୭

ଅନ୍ତଃରାଷ୍ଟ୍ରୀୟ ଜିଙ୍କ୍ ଆସୋସିଏଶନ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର କର୍ମଶାଳାର ଆୟୋଜନ କରାଯାଇଥିଲା। ବିଶେଷକରି ଭାରତୀୟ ରେଲୱେର ବିଶାଳ ରେଳ ନେଟ୍‌ୱାର୍କରେ ବିସ୍ତାରିତ ହୋଇଥିବା ରେଳ ଟ୍ରାକ୍‌ର ସୁରକ୍ଷା ଓ ଅବକ୍ଷୟ ରୋକିବା ଦିଗରେ ଜିଙ୍କ୍ ଆବୃତ୍ତ ରେଳ ଲାଇନର ବ୍ୟବହାରକୁ ଗୁରୁତ୍ୱ ଦିଆଯାଇଛି।

ଏ ସମ୍ପର୍କରେ ଅନ୍ତର୍ଜାତୀୟ ଜିଙ୍କ୍ ଆସୋସିଏସନର ନିର୍ଦ୍ଦେଶକ ରାହୁଲ ଶର୍ମା କହିଛନ୍ତି, ବିଭିନ୍ନ କାରଣରୁ ରେଳ ଟ୍ରାକ୍ କ୍ଷୟ ଯୋଗୁ ରେଳବାଇ ବାର୍ଷିକ ବହୁ କ୍ଷତି ସହିଥାଏ। ଏପରିକି ଯାତ୍ରୀଙ୍କ ସୁରକ୍ଷା ପାଇଁ ମଧ୍ୟ ବିଶେଷ କ୍ଷତିକାରକ ଏବଂ ଟ୍ରେନର ଗତି ହ୍ରାସ ହୋଇଥିବାରୁ ଦୈନିକ ଯାତ୍ରା ଉପରେ ମଧ୍ୟ ବେଶ୍ ପ୍ରଭାବ ପକାଇଥାଏ। ସେହିଭଳି ଏହା ମଧ୍ୟ ନିରାପତ୍ତା ଦକ୍ଷତା ଉପରେ ବେଶ୍ ପ୍ରଭାବ ପକାଇଥାଏ ଏବଂ କାର୍ଯ୍ୟଦକ୍ଷତାକୁ ମଜଭୁତ କରିବା ଉଦ୍ଦେଶ୍ୟରେ ମୁଖ୍ୟତଃ କ୍ଷତିକାରକ ଉପକୂଳବର୍ତ୍ତୀ ଅଞ୍ଚଳରେ ରେଳବାଇ ବୋର୍ଡ ଜିଙ୍କ୍ ଆବୃତ୍ତ ରେଳ ବ୍ୟବହାର ପାଇଁ ଆଗୁଆ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଆମେରିକା,ଚାଇନା ଏବଂ ରୁଷିଆ ପରେ ଭାରତୀୟ ରେଳର ବୃହତ୍ ରେଳ ନେଟ୍‌ୱାର୍କ ରହିଛି। ଏପରିକି ଏହାର ସମୁଦାୟ ଟ୍ରାକ୍ ୧,୧୪,୯୦୭ କିଲୋମିଟର ଲମ୍ବ ହୋଇଥିବାବେଳେ ୨୧,୬୪୮ରୁ ଅଧିକ ଟ୍ରେନ୍ ଏବଂ ପ୍ରତିଦିନ ୨୨ନିୟୁତ ଯାତ୍ରୀଙ୍କ ସହିତ ୩.୩୨ନିୟୁତ ଟନ୍ ମାଲ ପରିବହନ କରିଥାଏ। ବିଶେଷ କରି ଉଚ୍ଚମାନର ଟ୍ରାକ୍ ଏବଂ ରକ୍ଷଣାବେକ୍ଷଣରେ ଏହାର ଯଥେଷ୍ଟ ବିନିଯୋଗ ଆବଶ୍ୟକ କରିଥାଏ। ଗାଲଭାନାଇଜ୍ଡ ଷ୍ଟିଲର କ୍ଷୟ ପ୍ରତିରୋଧ ଏବଂ ସ୍ଥାୟିତ୍ୱ ରେଳ ଟ୍ରାକ୍ ପାଇଁ ରକ୍ଷଣାବେକ୍ଷଣ ଆବଶ୍ୟକତା ହ୍ରାସ କରିଥାଏ।

# ଦ୍ୱିପାକ୍ଷିକ ସହଭାଗିତାକୁ ଗୁରୁତ୍ୱାରୋପ

ଭୁବନେଶ୍ୱର,୭।୭




ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ-ଜାପାନ ଆସୋସିଏସନର ଅଧ୍ୟକ୍ଷ ୟୋସିହିଦେ ସୁଗାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୪ ଦିନିଆ ଭାରତ ଗସ୍ତରେ ଆସିଛନ୍ତି। ଉକ୍ତ ଗସ୍ତରେ ଆସିଥିବା ଜାପାନ ଏମ୍‌ପିଙ୍କ ଏକ ପ୍ରତିନିଧି ଦଳ 'ଗଣେଶ' ଗ୍ରୁପ୍‌କୁ ଫେଡେରେଶନ ଅଫ୍ ଇଣ୍ଡିଆନ ଚ୍ୟାମ୍ବର୍ସ ଅଫ୍ କର୍ମସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମିଳନୀକୁ ସମ୍ବୋଧନକରି ଫିକି ସଭାପତି ଶୁଭ୍ରକାନ୍ତ ପଣ୍ଡା ଉଭୟ ଦେଶର ଦ୍ୱିପାକ୍ଷିକ ସମ୍ପର୍କ ଓ ନୀତିଗତ ସହଭାଗିତାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏପରିକି ଜାପାନ ତା'ର ବୈଷୟିକ ବିଦ୍ୟା ଓ ଗୁଣାତ୍ମକ ଉତ୍ପାଦ ପାଇଁ ପରିଚିତ ଥିବାବେଳେ ଭାରତ ଦ୍ରୁତଗତିରେ ଅଗ୍ରଗତି କରୁଥିବା ଏକ ବୃହତ୍ ଅର୍ଥନୀତି ରାଷ୍ଟ୍ର ହୋଇଥିବାରୁ ଉଭୟ ଦେଶ ମଧ୍ୟରେ ଥିବା ବ୍ୟବସାୟିକ ସମ୍ଭାବନା ଉପରେ ପଣ୍ଡା ବିସ୍ତୃତ ଆଲୋକପାତ କରିଥିଲେ। ସେହିପରି ୟୋସିହିଦେ ସୁଗା ଭାରତ-ଜାପାନର ମିଳିତ ନୀତିଗତ ଆବଶ୍ୟକତା ସହିତ ବିଶ୍ୱ ସମୁଦାୟର ଉନ୍ନତି ପାଇଁ କାର୍ଯ୍ୟ କରିବା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ ସମ୍ମିଳନୀରେ ଫିକି ଇଣ୍ଡିଆ-ଜାପାନ ଏମ୍‌ପିଙ୍କ ପ୍ରତିନିଧି ଫୋରମର ଅଧ୍ୟକ୍ଷ ଏମ୍‌ପି ସୁଶୀଲ କୁମାର ମୋଦିଙ୍କ ସମେତ ଓଡ଼ିଶାର ଏମ୍‌ପି ସୁଜିତ କୁମାର ଏବଂ ଫୋରମ୍‌ର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଟାଟା ଷ୍ଟିଲ୍‌ର ପ୍ରଥମ ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୭।୭

ଟାଟା ଷ୍ଟିଲ୍‌ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଟାଟା ଷ୍ଟିଲ୍ ପକ୍ଷରୁ ୫.୦୧ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କରାଯାଇଛି। ଏଥିରେ କମ୍ପାନୀ ବାର୍ଷିକ ଆଧାରରେ ୨% ଅଭିବୃଦ୍ଧି ହାସଲ କରିଛି। ସେହିଭଳି ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍‌ର ଉତ୍ପାଦନ କ୍ଷମତାରେ ବୃଦ୍ଧି ଯୋଗୁ କମ୍ପାନିର ସାମଗ୍ରିକ ଉତ୍ପାଦନ ବଢ଼ିଛି। ସେହିପରି ପ୍ରଥମ ତ୍ରୈମାସରେ କମ୍ପାନୀର ଡେଲିଭରି ୧୮% ବୃଦ୍ଧି ଘଟି ୪.୮ ନିୟୁତ ଟନ୍ ହୋଇଥିବାବେଳେ ରପ୍ତାନି ୦.୨୫ ନିୟୁତ ଟନ୍ ହୋଇଛି। ଅପରପକ୍ଷରେ ଅଟୋମୋଟିଭ୍ ଓ ସ୍ୱତନ୍ତ୍ର ଉତ୍ପାଦ ବର୍ଗରେ ଡେଲିଭରି ବାର୍ଷିକ ଭିତ୍ତିରେ ପ୍ରାୟ ସମାନ ରହିଛି। ଯାତ୍ରୀବାହୀ ଗାଡ଼ି ଓ ଦୁଇଚକିଆ ଯାନ ପାଇଁ ଡେଲିଭରି ବଢ଼ିଥିବା ବେଳେ ବାଣିଜ୍ୟିକ ଯାନ ପାଇଁ ହ୍ରାସ ପାଇଛି। ଏପରିକି ବ୍ରାଣ୍ଡେଡ୍ ଉତ୍ପାଦ ଓ ରିଟେଲ୍ ବର୍ଗରେ ମଧ୍ୟ ଡେଲିଭରି ବାର୍ଷିକ ଭିତ୍ତିରେ ୩୭% ବୃଦ୍ଧି ପାଇଛି। ଟାଟା ଟିସ୍‌କନ୍ ଓ ଟାଟା ଷ୍ଟିଲିୟମ୍‌ର ବିକ୍ରି ପ୍ରଥମ ତ୍ରୈମାସରେ ସର୍ବାଧିକ ରହିଛି। ରେଳ, ପ୍ରି-ଇଞ୍ଜିନିୟରିଂ ହୋଇଥିବା କୋଠା ଭଳି ପ୍ରମୁଖ କ୍ଷେତ୍ରରେ ମୂଲ୍ୟଯୁକ୍ତ ଉତ୍ପାଦ ବିକ୍ରିରେ ବୃଦ୍ଧି ପାଇଁ ଶିଳ୍ପ ଉତ୍ପାଦ ଓ ପ୍ରକଳ୍ପ କ୍ଷେତ୍ରରେ ଡେଲିଭରି ବାର୍ଷିକ ଭିତ୍ତିରେ ୨୪% ବୃଦ୍ଧି ପାଇଛି।

**ଫୁର୍‌ସତ୍**

# ଭିକାରି ୭.୫ କୋଟି ସମ୍ପତ୍ତିର ମାଲିକ

ମୁମ୍ବାଇ



**ଭିକ୍ଷାବୃତ୍ତିରେ ସବୁଠୁ ଧନୀ**

ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ ରେଲୱେ ଷ୍ଟେଶନ୍ ଅଞ୍ଚଳ ତାଙ୍କ କାର୍ଯ୍ୟାଳୟ। ସକାଳେ କର୍ମଚାରୀମାନେ ଯେମିତି କାମ କରିବା ପାଇଁ ଅଫିସ୍‌ରେ ପହଞ୍ଚିଯାନ୍ତି ସେମିତି ଭାରତ ଜୈନ ପ୍ରତିଦିନ କାମ କରିବାକୁ ଚାଲିଆସନ୍ତି ରାସ୍ତାକଡ଼କୁ। ପେସାରେ ଭିକାରୀ କିନ୍ତୁ କୋଟି କୋଟି ସମ୍ପତ୍ତିର ମାଲିକ ହେଉଛନ୍ତି ଭାରତ। କହିବାକୁ ଗଲେ ଭିକମାଗିବା ହେଲା ତାଙ୍କ ବୃତ୍ତି। ମୁମ୍ବାଇର ରାଜରାସ୍ତାରେ ଥାଳ ଧରି ଭିକ ମାଗୁଥିବା ଏହି କୋଟିପତିଙ୍କ ପାଖରେ ଅଛି ୭.୫ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି। ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟରେ ଭାରତଙ୍କୁ ବିଶ୍ୱର ସବୁଠୁ ଧନୀ ଭିକାରି ବୋଲି କୁହାଯାଇଛି।

ପିଲାବେଳେ ଅଭାବ ଅନଟନରେ ଦିନ କାଟିଥିବା ଭାରତଙ୍କ ପାଠପଢ଼ା ଅଧାରେ ରହିଯାଇଥିଲା। ଏହାପରେ ସେ ଭିକ୍ଷାବୃତ୍ତିକୁ ଆପଣାଇ ନିଜ ପରିବାର ପ୍ରତିପୋଷଣ କରିବା ଆରମ୍ଭ କଲେ। ଘରେ ତାଙ୍କର ସ୍ତ୍ରୀ, ୨ ପୁଅ, ବାପା ଓ ଭାଇ ରହୁଛନ୍ତି। ମାସକୁ ସେ ୬୦,୦୦୦ରୁ ୭୫,୦୦୦ ଟଙ୍କା ରୋଜଗାର କରୁଛନ୍ତି। ମୁମ୍ବାଇରେ ତାଙ୍କର ୧.୨ କୋଟି ଟଙ୍କା ମୂଲ୍ୟର ୨ବିଏଚ୍‌କେର ଫ୍ଲାଟ ଅଛି। ଠାଣେରେ ୨ଟି ଦୋକାନ ଭଡ଼ା ଲାଗିଥିବାବେଳେ ସେଥିରୁ ମାସିକ ୩୦,୦୦୦ ରୋଜଗାର ତାଙ୍କର ହୋଇଯାଉଛି। ପ୍ରତିଦିନ ୧୦ରୁ ୧୨ ଘଣ୍ଟା ରାସ୍ତାରେ ଭିକ ମାଗୁଥିବା ଭାରତଙ୍କ ଦୈନିକ ଆୟ ୨,୦୦୦ରୁ ୨,୫୦୦ ଟଙ୍କା। ପାରେଲସ୍ଥିତ ୧ବିଏଚ୍‌କେ ଡୁପ୍ଲେକ୍ସରେ ଭାରତ ପରିବାର ସହ ରହୁଛନ୍ତି। ତାଙ୍କ ପିଲାମାନେ କନ୍‌ଭେଣ୍ଟ ସ୍କୁଲରେ ପାଠ ପଢୁଥିବାବେଳେ ସେମାନଙ୍କ ପଢ଼ା ଶେଷ ହୋଇଯାଇଥିବା କୁହାଯାଉଛି। ଭିକ୍ଷାବୃତ୍ତି ବନ୍ଦ କରିବା ପାଇଁ ପରିବାର ଲୋକେ ବହୁବାର କହିଲେ ମଧ୍ୟ ଭାରତ ସେଥିରେ ରାଜି ନାହାନ୍ତି।

# ବାର୍ଥ ଡେ' ୱିଶ୍ ପୋଷ୍ଟ କଲେନି ଦୀପିକା



**ମୁମ୍ବାଇ:** ଅନେକ ସମୟରେ ସେଲିବ୍ରିଟିମାନେ ସୋସିଆଲ ମିଡିଆରେ ଫଟୋ ଓ ଭିଡିଓ ଶେୟାର କରି ଟ୍ରୋଲର ଶିକାର ହୋଇଥାନ୍ତି। କିନ୍ତୁ ବଲିଉଡ୍ ନାମୀ ଅଭିନେତ୍ରୀ ଦୀପିକା ପାଦୁକୋନ ସୋସିଆଲ ମିଡିଆରେ ପୋଷ୍ଟ ଶେୟାର ନ କରିବାରୁ ୟୁଜର୍ସ ତାଙ୍କୁ ଟ୍ରୋଲ କରିଛନ୍ତି। ଗୁରୁବାର ଅଭିନେତା ରଣବୀର ସିଂଙ୍କ ଜନ୍ମଦିନ ଥିବାବେଳେ ଦୀପିକା ସ୍ୱାମୀଙ୍କୁ ସୋସିଆଲ ମିଡିଆରେ ବାର୍ଥ ଡେ' ୱିଶ୍ ପୋଷ୍ଟ ଶେୟାର କରି ନ ଥିବାରୁ ଅନେକେ ତାଙ୍କୁ ଟ୍ରୋଲ୍ କରିବା ଆରମ୍ଭ କରିଛନ୍ତି। ଦୀପିକା ଆଇସ୍‌କ୍ରିମ୍ ଖାଉଥିବାର ଫଟୋ ସାମାଜିକ ଗଣମାଧ୍ୟମରେ ଶେୟାର କରିଛନ୍ତି। ସ୍ୱାମୀଙ୍କ ଜନ୍ମଦିନ ଥିବାବେଳେ ଦୀପିକା ସୋସିଆଲ ମିଡିଆରେ ଜନ୍ମଦିନର ଶୁଭେଚ୍ଛା ନ ଜଣାଇ କିପରି ଫଟୋ ପୋଷ୍ଟ କରୁଛନ୍ତି ବୋଲି ୟୁଜର କମେଣ୍ଟ କରି କହିଛନ୍ତି। ଆଉ କେତେଜଣ ୟୁଜର୍ସ ରଣବୀରଙ୍କ ଜନ୍ମଦିନ ଫଟୋ ଶେୟାର କରିବାକୁ କହିଛନ୍ତି। ସେପଟେ ସୋସିଆଲ ସାଇଟ୍‌ରେ ରଣବୀରଙ୍କୁ ଶୁଭେଚ୍ଛାର ସୁଅ ଛୁଟିଥିଲା। ଅନେକ ସିନେପ୍ରେମୀ, ବନ୍ଧୁ ତାଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେଇଥିବାଦେଖିବାକୁ ମିଳିଛି। ଆଗାମୀଦିନରେ ରଣବୀରଙ୍କ 'ରକି ଅର ରାନି କି ପ୍ରେମ କାହାନି' ରିଲିଜ୍ ହେବାକୁ ଥିବାବେଳେ ଦୀପିକାଙ୍କ 'ପ୍ରୋଜେକ୍ଟ କେ' ପାଇଁ ସେ ଏବେ ବ୍ୟସ୍ତ ଥିବା କୁହାଯାଉଛି।

# ପ୍ଲେବଏ ବଙ୍ଗଳାର ଗୁମର ଖୋଲିବେ ଖ୍ରୀଷ୍ଟାଲ



ୱାଶିଂଟନ୍

ଆମେରିକୀୟ ମାଗାଜିନ୍ ପ୍ଲେବଏର ପ୍ରତିଷ୍ଠାତା ହଗ୍ ହେଫ୍‌ନରଙ୍କ ସ୍ତ୍ରୀ ଖ୍ରୀଷ୍ଟାଲ ହେଫ୍‌ନର ପ୍ଲେବଏ ବଙ୍ଗଳାର ଗୁମର ଖୋଲିବା ନେଇ ଦାବି କରିଛନ୍ତି। ଏ ନେଇ ସେ ଏକ ପୁସ୍ତକ ଲେଖିଥିବାବେଳେ ଆଗାମୀ ଦିନରେ ତାହାର ଉନ୍ମୋଚନ କରିବେ। ଯେଉଁଥିରେ ଆଇକନିକ୍ ପ୍ଲେବଏ ମାନଶନ୍‌ର ବିଷାକ୍ତ ସତ ବିଷୟରେ ଉଲ୍ଲେଖ କରାଯାଇଥିବା କହିଛନ୍ତି। ସ୍ୱାମୀଙ୍କ ସମ୍ମାନହାନି ହେବାକୁ ନେଇ ସେ ପୂର୍ବରୁ ଚୁପ୍ ଥିବା କହିଛନ୍ତି। ତେବେ ଖ୍ରୀଷ୍ଟାଲ ଲେଖିଥିବା ବହିର ନାଁ ରହିଛି 'ଓନ୍‌ଲି ସେ ଗୁଡ୍ ଥିଙ୍ଗସ', ଯାହା ଆସନ୍ତା ବର୍ଷ ଜାନୁୟାରୀରେ ରିଲିଜ୍ ହେବ। ୨୦୧୭ରେ ୯୧ ବର୍ଷ ବୟସରେ ହଗ୍‌ଙ୍କର ମୃତ୍ୟୁ ଘଟିଥିଲା। ଖ୍ରୀଷ୍ଟାଲ ହଗ୍‌ଙ୍କର ତୃତୀୟ ସ୍ତ୍ରୀ। ୨୦୧୨ ଡିସେମ୍ବରରେ ଦୁହେଁ ବିବାହ କରିଥିଲେ। ୨୦୦୦ ମସିହାରେ ୨୧ ବର୍ଷୀୟା ଖ୍ରୀଷ୍ଟାଲ ପ୍ରଥମଥର ଲାଗି ହଗ୍‌ଙ୍କୁ ଭେଟିଥିଲେ। ପୂର୍ବରୁ ଜଗ୍‌ଙ୍କ ପୂର୍ବତନ ପ୍ରେମିକା ହୋଲି ମାଡିଶନ୍ ପ୍ଲେବଏ ବଙ୍ଗଳାର ସମ୍ପର୍କରେ ନିଜ ପୁସ୍ତକରେ ଉଲ୍ଲେଖ କରିଥିଲେ, ଯେଉଁଥିରେ ସେ କହିଥିଲେ ଯେ, ଦୁର୍ବଳ ମହିଳାଙ୍କ ଦ୍ୱାରା ହଗ୍ ପ୍ଲେବଏ ବଙ୍ଗଳା ନିର୍ମାଣ କରିଛନ୍ତି।

# ପ୍ରେମିକ ସହ ସ୍ତ୍ରୀଙ୍କୁ ବାହାଦେଲେ ସ୍ୱାମୀ



ପାଟନା

ପ୍ରେମ ଅନ୍ଧ। କିନ୍ତୁ ବିବାହିତ ହୋଇ ଅନ୍ୟ ଜଣଙ୍କ ସହ ପ୍ରେମ ସମ୍ପର୍କରେ ରହିବାକୁ ସମାଜ ଗ୍ରହଣ କରି ନ ଥାଏ। ଅନୈତିକ ସମ୍ପର୍କକୁ ନେଇ ଅନେକ ସ୍ଥାନରେ ଝଗଡ଼ା ସାଙ୍ଗକୁ ହତ୍ୟାକାଣ୍ଡ ଘଟୁଛି। ଏ ପ୍ରକାର ଘଟଣାର ଅନ୍ତ ଖୁସପ୍ରଦ ହୋଇ ନ ଥିବାବେଳେ ବିହାରର ନୱାଦାରେ କିନ୍ତୁ ଦେଖିବାକୁ ମିଳିଛି ଏକ ବିରଳ ଦୃଷ୍ଟାନ୍ତ। ବିଳମ୍ବିତ ରାତିରେ ସ୍ତ୍ରୀଙ୍କୁ ପ୍ରେମିକ ସହ ପାଇବା ପରେ ସ୍ୱାମୀ ଦୁହିଁଙ୍କ ବିବାହ କରି ଦେଇଛନ୍ତି। ରାତିରେ ସ୍ୱାମୀ କାମକୁ ଚାଲିଯିବା ପରେ ସ୍ତ୍ରୀ ନିଜ ପ୍ରେମିକଙ୍କୁ ଭେଟିବା ପାଇଁ ତାଙ୍କ ଘରକୁ ଯାଇଥିଲେ। ସମ୍ପର୍କୀୟ ସେମାନଙ୍କୁ ଏକାଠି ଦେଖିବା ପରେ ଗାଁ ସାରା କଥା ହାଲା ହୋଇଯାଇଥିଲା। ଘଟଣା ସମ୍ପର୍କରେ ଜାଣିବା ପରେ ସ୍ୱାମୀ ଦୁହିଁଙ୍କୁ ନିକଟସ୍ଥ ଶିବ ମନ୍ଦିରକୁ ନେଇଯାଇଥିଲେ। ସେଠାରେ ଗାଁ ଲୋକଙ୍କ ଉପସ୍ଥିତିରେ ଦୁହିଁଙ୍କ ବିବାହ ହୋଇଥିଲେ। ଖବର ମୁତାବକ ମହିଳାଙ୍କ ୨ଟି ପିଲା ଥିବାବେଳେ ତାଙ୍କ ପ୍ରେମିକ ମଧ୍ୟ ବିବାହିତ ଏବଂ ତାଙ୍କର ୩ ପିଲା ଅଛନ୍ତି। ୧୯୯୯ ମସିହାରେ ରିଲିଜ୍ ହୋଇଥିବା ସୁପରହିଟ୍ ଫିଲ୍ମ 'ହମ୍ ଦିଲ୍ ଦେ ଚୁକେ ସନମ'ରୁ ପ୍ରୋତ୍ସାହିତ ହୋଇ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କ ବିବାହ କରିବା ପାଇଁ ନିଷ୍ପତ୍ତି ନେଇଥିବା କହିଛନ୍ତି।

### ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

# ୩ ଅଭିଯୁକ୍ତଙ୍କୁ ଆଶ୍ୱସ୍ତି

**ପାରଳାଖେମୁଣ୍ଡି,୭।୭(ଗିରିଧାରୀ ପରିଚ୍ଛା)**

ଗଜପତି ଜିଲାର ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲାରେ ୩ ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ଶୁକ୍ରବାର ମୃତ ସୌମ୍ୟରଞ୍ଜନଙ୍କ ସ୍ତ୍ରୀ ବିଦ୍ୟାଭାରତୀ, ପୂର୍ବତନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଏବଂ ରୋଷେୟା ମନ୍ମଥ କୁମ୍ଭଙ୍କୁ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟରେ ହାଜର ହେବାକୁ ପଡିନାହିଁ। ୨୦୨୧ ଜୁଲାଇ ୧୩ରେ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ପରେ ଏହି ୩ ଅଭିଯୁକ୍ତଙ୍କ ନାମରେ ହତ୍ୟା ଓ ପ୍ରମାଣନଷ୍ଟ ଉଦ୍ୟମ ନେଇ ମାମଲା ରୁଜୁ ହୋଇଥିଲା। ଏ ପର୍ଯ୍ୟନ୍ତ ସେମାନେ ନିଜ ଓକିଲଙ୍କ ଜରିଆରେ ଅଦାଲତରେ ପକ୍ଷ ରଖି ଆସୁଛନ୍ତି । ଏହା ବିରୋଧରେ ସୌମ୍ୟରଞ୍ଜନଙ୍କ ବାପା ଅଭିରାମ ମହାପାତ୍ର ଓକିଲ ଜରିଆରେ କୋର୍ଟରେ



ପିଟିଶନ ଦାଖଲ କରିଥିଲେ। ଏହାପରେ ବିଦ୍ୟାଭାରତୀ, ଡିଏଫ୍‌ଓ ଓ ରୋଷେୟାଙ୍କୁ ବ୍ୟକ୍ତିଗତ ହାଜର ହେବାକୁ ପାରଳାଖେମୁଣ୍ଡି ଏସ୍‌ଡିଜେଏମ ନୋଟିସ ଜାରି କରିଥିଲେ। ବାରମ୍ବାର ନୋଟିସ ପରେ ବି ସେମାନେ କୋର୍ଟରେ ହାଜର ନ ହେବାରୁ ଅଦାଲତ ଗତ ମାସରେ ୩ ଅଭିଯୁକ୍ତଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ।

ଜୁଲାଇ ୭ ତାରିଖ ସୁଦ୍ଧା ଅଦାଲତରେ ବ୍ୟକ୍ତିଗତ ହାଜର କରାଇବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସିଆରପିସି ଧାରା ୨୦୫ ଅନୁସାରେ ଅଭିଯୁକ୍ତମାନେ ବ୍ୟକ୍ତିଗତ ହାଜିରା ନ ହୋଇ ଓକିଲଙ୍କ ଦ୍ୱାରା ପକ୍ଷ ରଖିପାରିବେ ବୋଲି ପୂର୍ବରୁ ହାଇକୋର୍ଟ ଅନୁମତି ଦେଇସାରିଛନ୍ତି। ସେହିପରି ଏସ୍‌ଡିଜେଏମଙ୍କ ପକ୍ଷରୁ ଜାରି ଜାମିନ ବିହୀନ ଗିରଫ ପରୱାନା ନିର୍ଦ୍ଦେଶନାମାରେ ରହିତାଦେଶ ଜାରି କରିବାକୁ ବିଦ୍ୟାଭାରତୀଙ୍କ ପକ୍ଷରୁ କରାଯାଇଥିବା ଆବେଦନକୁ ମଧ୍ୟ ହାଇକୋର୍ଟ ଗ୍ରହଣ କରିଛନ୍ତି ବୋଲି ତାଙ୍କ ଓକିଲ ଏଲ. କେ. ଅଧିକାରୀ ସୂଚନା ଦେଇଛନ୍ତି। ତେଣୁ ଜାମିନ ବିହୀନ ଗିରଫ ପରୱାନା ପ୍ରତ୍ୟାହାର କରିନେବାକୁ ବିଦ୍ୟାଭରତୀଙ୍କ ଓକିଲ ପାରଳାଖେମୁଣ୍ଡି ଏସଡିଜେଏମଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୧ ଜୁଲାଇ ୧୨ରେ ସୌମ୍ୟରଞ୍ଜନ ଓ ବିଦ୍ୟାଭାରତୀ ସରକାରୀ କ୍ୱାର୍ଟର୍ସରେ ଥିଲେ। ସେହି ରାତିରେ ସୌମ୍ୟଙ୍କ ଶରୀରରେ ନିଆଁ ଲାଗିଥିଲା। ତାଙ୍କୁ ପ୍ରଥମେ ପାରଳାଖେମୁଣ୍ଡି ମେଡିକାଲ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ପରଦିନ ଅର୍ଥାତ୍ ୧୩ ତାରିଖରେ କଟକର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିବା ବେଳେ ସେଠାରେ ସୌମ୍ୟରଞ୍ଜନଙ୍କର ମୃତ୍ୟୁ ଘଟିଥିଲା। ବିଦ୍ୟାଭାରତୀ, ତାଙ୍କ ରୋଷେୟା ମନ୍ମଥ କୁମ୍ଭ ଓ ଡିଏଫ୍‌ଓ ମିଶି ସୌମ୍ୟଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ପୋଲିସ ଓ କ୍ରାଇମବ୍ରାଞ୍ଚ ଏହି ମାମଲାର ତଦନ୍ତ କରିଥିଲେ ମଧ୍ୟ ସୌମ୍ୟଙ୍କ ଦେହରେ ନିଆଁ କିଭଳି ଲାଗିଲା ତାହା ଏ ଯାଏ ସ୍ପଷ୍ଟ ହୋଇନାହିଁ।

# ଗଛ, ବିଦ୍ୟୁତ୍ ଖୁଣ୍ଟ ପାଇଁ ଅଟକିଛି ପାଇକ ସ୍ମାରକୀ କାମ



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଏବଂ ଅନ୍ୟମାନେ ପାଇକ ସ୍ମାରକୀ ସ୍ଥଳର ନକ୍ସାକୁ ଦେଖୁଛନ୍ତି।

**ଖୋର୍ଦ୍ଧା,୭।୭(ପ୍ରଭାତ ପାଣିଗ୍ରାହୀ)**

## ନିର୍ମାଣସ୍ଥଳ ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

- କାର୍ଯ୍ୟ ବିଳମ୍ବ ନେଇ ଅସନ୍ତୋଷ ପ୍ରକାଶ କଲେ
- ତ୍ୱରାନିତ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଖୋର୍ଦ୍ଧା ଜିଲା ବରୁଣେଇ ଠାରେ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ ସ୍ଥଳ ପରିଦର୍ଶନ କରିବା ସହ କାମର ଅଗ୍ରଗତି ନେଇ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ତେବେ ନିର୍ମାଣରେ ବିଳମ୍ବ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ କାମ ଆରମ୍ଭ କରିବା ଲାଗି ଜିଲା ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସେ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏହି ସମୟରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ମଧ୍ୟ ପହଞ୍ଚି ନିର୍ମାଣ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିବା ସହ ତ୍ୱରାନ୍ୱିତ କରିବାକୁ କହିଥିଲେ। ଅନ୍ୟପକ୍ଷରେ ପ୍ରକଳ୍ପ ସ୍ଥାନରୁ ବିଦ୍ୟୁତ୍ ଖୁଣ୍ଟ ଓ ଗଛ ସ୍ଥାନାନ୍ତରରେ ବିଳମ୍ବ ହେବାରୁ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଘଟିଛି ବୋଲି ଜଣାପଡ଼ିଛି।

୨୦୧୯ ଡିସେମ୍ବର ୮ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏନେଇ କେନ୍ଦ୍ର ସରକାର ୫୦ଏକର ଜାଗା ମାଗିଥିବା ବେଳେ ସରକାର ୧୦ଏକର ଜାଗା ଯୋଗାଇ ଦେଇଥିଲେ। ପ୍ରସ୍ତାବିତ ଜମି ଜବରଦଖଲ ମୁକ୍ତ ଏବଂ ପରେ ରାଜ୍ୟ ସରକାର ପ୍ରସ୍ତାବିତ ଜମିର ଫ୍ରି ପ୍ରିମିୟମ ଭାବେ ଯୋଗାଇଦେବା ଲାଗି ବିଭିନ୍ନ ସଙ୍ଗଠନ ଦାବି କରିଥିଲେ। ୨୦୨୨ ଜୁଲାଇରେ ଖୋର୍ଦ୍ଧା ମୌଜାର ବରୁଣେଇ ପାହାଡ଼ ପାଦଦେଶରେ ଏକର ୯.୬୮୫ ଡିସିମେଲ ସରକାରୀ ଜମିକୁ ପାଇକ ବିଦ୍ରୋହ ସ୍ମୃତି ଉଦ୍ଦେଶ୍ୟରେ ପାଇକ ସ୍ମାରକୀ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ବିନା ପ୍ରିମିୟମ, କ୍ୟାପିଟାଲ ଭ୍ୟାଲୁ ଏବଂ ଇନ୍ସିଡେଂଟ୍ରାଲ ଚାର୍ଜରେ ସଂସ୍କୃତି ମନ୍ତ୍ରଣାଳୟ ଭାରତ ସରକାରଙ୍କ ସପକ୍ଷରେ ଦେବା ଲାଗି ରାଜ୍ୟ କ୍ୟାବିନେଟର ଅନୁମୋଦନକ୍ରମେ ଏଥିନିମନ୍ତେ ୩୧କୋଟି ୯୬ଲକ୍ଷ, ୬୨,୯୩୪ ଟଙ୍କା ରାଜସ୍ୱ ଦେୟ ଛାଡ଼ କରିଥିଲେ। ୨୦୨୨ ଡିସେମ୍ବର ୨୬ରେ ସ୍ଥାନୀୟ ପ୍ରଶାସନ ଉପସ୍ଥିତିରେ ନିର୍ମାଣ ଦାୟିତ୍ୱରେ ଅଏଲ ଇଣ୍ଡିଆ ଫାଉଣ୍ଡେଶନ ପକ୍ଷରୁ ଭୂମିପୂଜା କରାଯାଇ ନିଅଁ ଖୋଳାଯାଇଥିଲା। ତେବେ ଜଙ୍ଗଲ ବିଭାଗ ପକ୍ଷରୁ ଲାଗିଥିବା ଜମିରେ ଗଛ ସ୍ଥାନାନ୍ତର ନ ହେବା ପର୍ଯ୍ୟନ୍ତ କାମ କରିପାରିବେ ନାହିଁ ବନଖଣ୍ଡ ଅଧିକାରୀଙ୍କ ତାଗିଦ୍ ଯୋଗୁ ଗତ ଜାନୁୟାରୀରୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ବହୁ ବିବାଦ ପରେ ଖୋର୍ଦ୍ଧା ଡିଏଫ୍‌ଓ ଗଛ ସ୍ଥାନାନ୍ତର ଲାଗି ୫୫ଲକ୍ଷ ଟଙ୍କା ପ୍ରଦାନ ଲାଗି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ଚିଠି ଲେଖିଛନ୍ତି। ଏଥିଲାଗି ଟେଣ୍ଡର ସରିଛି। ଖୁବ୍‌ଶୀଘ୍ର ଗଛ ସ୍ଥାନାନ୍ତର କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ପ୍ରସ୍ତାବିତ ଜମିରେ ଜଙ୍ଗଲ ବିଭାଗର ୧୩ଶହ ଗଛ ରହିଥିବା ବେଳେ ସେଥିରୁ ୭୭୯ ଗଛ ଅନ୍ୟତ୍ର ସ୍ଥାନାନ୍ତର ହେବ। ସେହିପରି ଉକ୍ତ ଜମିରେ ବିଦ୍ୟୁତ୍ ବିଭାଗର ୩୩ ଓ ୧୧ କେଭି ତାର, ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଖୁଣ୍ଟ ରହିଛି। ଏହାକୁ ସ୍ଥାନାନ୍ତର ଲାଗି ୩କୋଟି ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ରିପୋର୍ଟ ଜିଲା ପ୍ରଶାସନ ଏବଂ କେନ୍ଦ୍ରକୁ ପଠାଯାଇଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ, କେନ୍ଦ୍ର ସରକାରଙ୍କ ପକ୍ଷରୁ କ୍ରମାଗତଭାବେ ସ୍ମାରକୀ ନିର୍ମାଣ ତ୍ୱରାନ୍ୱିତ ଲାଗି ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ଏନେଇ ବହୁ ଥର ପ୍ରଶାସନିକ ସ୍ତରରେ ସମୀକ୍ଷା କରାଯାଇଛି। କେନ୍ଦ୍ର ସରକାରଙ୍କ ସମସ୍ତ ବ୍ୟବସ୍ଥା ସତ୍ତ୍ୱେ ନିର୍ମାଣ କାର୍ଯ୍ୟରେ ବିଳମ୍ବକୁ କ୍ଷୋଭ ପ୍ରକାଶ କରିଥିଲେ। ରାଜ୍ୟ ସରକାର ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ସେହିପରି କଟକ ଏମ୍‌ପି ମହାତାବ କହିଥିଲେ, ପାଇକ ସ୍ମାରକୀ ଓଡ଼ିଆ ଜାତିର ଅସ୍ମିତା। ପାଇକବୀରଙ୍କ ତ୍ୟାଗ, ବଳିଦାନ ପାଇଁ ଏମାଟି ସର୍ବଦା ସ୍ମରଣୀୟ ହୋଇ ରହିବ। ଏହି ସ୍ମାରକୀ ଓଡ଼ିଆ ଜାତିର ଗୌରବକୁ ବୃଦ୍ଧି କରିବ। ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦିପ୍ତୀରଞ୍ଜନ ସେଠୀ, ତହସିଲଦାର ବିଭାଷ ପାଣିଗ୍ରାହୀ, ଏସିଏଫ୍ ଗୌରାଙ୍ଗ ବିଶ୍ୱାଳ, ବିଦ୍ୟୁତ ବିଭାଗ ଏଜିଏମ୍ ପବିତ୍ର କୁମାର ଜେନା, ଭୁବନେଶ୍ୱର-୨ ଅଧୀକ୍ଷକ ପ୍ରବୀଣ କୁମାର ଶର୍ମା ଏବଂ ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ନାୟକ, ଅଏଲ ଇଣ୍ଡିଆ ଫାଉଣ୍ଡେଶନର ଅଧିକାରୀ, କଳିଙ୍ଗ ପାଇକ ସଙ୍ଗଠନର କର୍ମକର୍ତ୍ତା ଇଂ. ଶିଶିର ନାୟକ, ସଭାପତି ଭୀମସେନ ପ୍ରଧାନ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ସତ୍ୟବାଦୀ ବଳିୟାରସିଂ, ମୃତ୍ୟୁଞ୍ଜୟ ଛୋଟରାୟ, ପ୍ରଫୁଲ୍ଲ ସାମନ୍ତରାୟ, ଗତିକୃଷ୍ଣ ଉତ୍ତରକବାଟ ପ୍ରମୁଖ ଉପସ୍ଥିତ ଥିଲେ।

## ଛତୁ ତୋଳୁଥିବା ବେଳେ କଚାଡ଼ିଦେଲା ଦନ୍ତା ଦିବ୍ୟାଙ୍ଗ ଯୁବତୀ ମୃତ



**କେନ୍ଦୁଝର,୭।୭(ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ ଗୋଳାବନ୍ଧ ବିଟ୍ ଅନ୍ତର୍ଗତ ସିରିଆବାହାଳ ଗ୍ରାମରେ ଦନ୍ତାହାତୀ ଆକ୍ରମଣରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତକ ଉକ୍ତ ଗ୍ରାମର ବିଦେଶୀ ପେଣ୍ଟେଇଙ୍କ ଝିଅ ଶଶିକା ପେଣ୍ଡେଇ(୪୦)। ସେ ଜଙ୍ଗଲରେ ଛତୁ ତୋଳୁଥିବା ସମୟରେ ହାତୀ କଚାଡ଼ି ଦେଇଥିଲା। ଏହ ସମୟରେ ତାଙ୍କ ସହ ଥିବା ସାନଭଉଣୀ ଦୌଡ଼ି ପଳାଇବାରୁ ରକ୍ଷା ପାଇଯାଇଥିଲେ। ସୂଚନା ଅନୁଯାୟୀ, ଶୁକ୍ରବାର ସକାଳୁ ଶଶିକା ତାଙ୍କ ସାନଭଉଣୀ ବିଶାଖା ପେଣ୍ଟେଇଙ୍କ ସହିତ ଛତୁ ତୋଳିବାକୁ ଜଙ୍ଗଲକୁ ଯାଇଥିଲେ। ଶଶିକାଙ୍କ ଭାଇ ଉକ୍ତ ଗ୍ରାମରେ ଗଜସାଥୀ ଭାବେ କାମ କରୁଥିବାବେଳେ ସେ ଦୁଇ ଭଉଣୀଙ୍କୁ ଜଙ୍ଗଲକୁ ଯିବାକୁ ବାରଣ କରିଥିଲେ। ଜଙ୍ଗଲରେ ହାତୀ ଥିବା ବନ ବିଭାଗ ପକ୍ଷରୁ ମାଇକରେ ପ୍ରଚାର ସତ୍ତ୍ୱେ ୨ ଭଉଣୀ ଛତୁ ତୋଳିବାକୁ ଯାଇଥିଲେ। ଉଭୟେ ଛତୁ ତୋଳୁଥିବା ବେଳେ ଏକ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ସାନଭଉଣୀ ଦୌଡ଼ି ପଳାଇଥିବାବେଳେ ଶଶିକାଙ୍କୁ ଦନ୍ତା ଶୁଣ୍ଢରେ କଚାଡ଼ି ଦେଇଥିଲା। ଶଶିକା ବଧିର ଥିବାରୁ ହାତୀ ଆସିବା ସେ ଜାଣି ପାରି ନ ଥିଲେ ବୋଲି ଅନୁମାନ କରାଯାଉଥିବା ବନ ବିଭାଗ କହିଛି। ତେଲକୋଇ ଫରେଷ୍ଟର ପ୍ରଦୀପ ସାହୁ, ଗୋଳାବନ୍ଧ ବିଟ୍ ଫରେଷ୍ଟ ଗାର୍ଡ ଅନୀତା ରାଉତ ଓ ହାତୀ ସ୍କ୍ୱାଡ୍ ଜଙ୍ଗଲକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ତେଲକୋଇ ମେଡିକାଲ ପଠାଇଥିଲେ। ତେଲକୋଇ ରେଞ୍ଜର ଶିବାଜୀ ମୋହନ ରାଓ କହିଛନ୍ତି, ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ସରକାରଙ୍କ ପକ୍ଷରୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯିବ। ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଅଗ୍ରିମ ଭାବେ ପରିବାର ଲୋକଙ୍କୁ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ତେଲକୋଇ-ପାଲଲହଡ଼ା ହାତୀ କରିଡ଼ର ଥିବାରୁ ବର୍ଷର ସବୁ ସମୟରେ ଉକ୍ତ ଅଞ୍ଚଳରେ ହାତୀ ଚଳପ୍ରଚଳ କରିଥାଆନ୍ତି। ସିରିଆବାହଳ ଗ୍ରାମ୍ୟ ଜଙ୍ଗଲ ଏବଂ ଏହାକୁ ଲାଗିଥିବା ସଲେଇକେନର ସଂରକ୍ଷିତ ଜଙ୍ଗଲରେ ୨ ଦନ୍ତାହାତୀ ରହିଥିବାରୁ ବନ ବିଭାଗ ପକ୍ଷରୁ ମାଇକ ଯୋଗେ ସଚେତନ କରାଯାଇଥିଲା। ଲୋକଙ୍କୁ ସଚେତନ କରିବା ସତ୍ତ୍ୱେ ଜଙ୍ଗଲକୁ ଯାଉଥିବାରୁ ଅନେକ ସମୟରେ ଅଘଟଣ ଘଟୁଛି।

# ‘ଓଡ଼ିଶାକୁ ରୋଲ ମଡେଲ କରିବାକୁ ସମାନ ପ୍ରତିବଦ୍ଧତା ଦରକାର’

## ଜାତୀୟ ଜଳ ପୁରସ୍କାର ପାଇଁ ରାଜ୍ୟ ଜଳ ସମ୍ପଦ ବିଭାଗ, ଗଞ୍ଜାମ ଜିଲା ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୭।୭(ସୁନିତ୍ ମିଶ୍ର)**

ଜାତୀୟ ଜଳ ପୁରସ୍କାର ସଫଳତା ପାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଓଡ଼ିଶା ଏବଂ ଗଞ୍ଜାମ ଜିଲାର ଜଳସମ୍ପଦ ଟିମ୍‌କୁ ସମ୍ବର୍ଦ୍ଧିତ କରିଛନ୍ତି। ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ଅନ୍ୟମାନଙ୍କ ପାଇଁ ଓଡ଼ିଶାକୁ ଏକ ରୋଲ ମଡେଲ ଭାବେ ଗଢ଼ି ତୋଳିବା ପାଇଁ ସମାନ ପ୍ରତିବଦ୍ଧତା ଜାରି ରହିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୪ର୍ଥ ଜାତୀୟ ଜଳ ପୁରସ୍କାର ସମାରୋହରେ ଜଳ ସଂରକ୍ଷଣ ଏବଂ ପରିଚାଳନାରେ ୨ୟ ଶ୍ରେଷ୍ଠ ରାଜ୍ୟ ଭାବେ ଓଡ଼ିଶା ପୁରସ୍କୃତ ହୋଇଥିବା ବେଳେ ଜିଲାଗୁଡ଼ିକ ମଧ୍ୟରେ ଗଞ୍ଜାମ ଶ୍ରେଷ୍ଠ ପୁରସ୍କାର ହାସଲ କରିଛି। ଏହି ପରିପ୍ରେକ୍ଷୀରେ ଲୋକସେବା ଭବନରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୫-ଟି ଉପକ୍ରମକୁ ଜଳ ସମ୍ପଦ ବିଭାଗ କାର୍ଯ୍ୟକାରୀ କରୁଛି ଏବଂ ଏହାର ଫଳାଫଳ ଏଠାରେ ପ୍ରତିଫଳିତ ହୋଇଛି। ଲୋୟର ସୁକତେଲ, କାନପୁର ପ୍ରକଳ୍ପ, ସୁବର୍ଣ୍ଣରେଖା, ଛେଲିଗଡ଼ ଭଳି ବହୁ ଜଳସେଚନ ପ୍ରକଳ୍ପ ଖୁବଶୀଘ୍ର ଶେଷ ହେବାକୁ ଯାଉଛି। ସମ୍ପୂର୍ଣ୍ଣ ଟିମକୁ ମୁଖ୍ୟମନ୍ତ୍ରୀ ଏଥିପାଇଁ ପ୍ରଶଂସା କରିଛନ୍ତି। ଇନଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର ଏବଂ ବୃହତ୍ ଉଠା ସେଚ ପ୍ରକଳ୍ପଗୁଡ଼ିକ ରାଜ୍ୟର ଜଳସେଚନର ଚେହେରାକୁ ବଦଳାଇବ। ଜଳସମ୍ପଦର ବିକାଶକୁ ତାଙ୍କ ସରକାର ସବୁବେଳ ପ୍ରାଥମିକତା ଦେଇଆସିଛି। ସରକାରଙ୍କ ଠାରୁ ଲୋକଙ୍କ ଆଶା-ଆକାଂକ୍ଷା ବୃଦ୍ଧି ପାଉଛି। ଜଳ ସମ୍ପଦରେ କୌଣସି ପ୍ରଭାବ ପଡ଼ିଲେ ଏହା କୃଷି ଏବଂ ଆମର ଚାଷୀଙ୍କ ଜୀବନରେ ପ୍ରଭାବ ପକାଇବ। ଗତ ୪ ବର୍ଷରେ ତାଙ୍କ ସରକାର ଜଳ ସମ୍ପଦ ବିକାଶ ପାଇଁ ୪୬ ହଜାର କୋଟି ଟଙ୍କାର ପ୍ରକଳ୍ପଗୁଡ଼ିକୁ ମଞ୍ଜୁରି ପ୍ରଦାନ କରିଛି। ପରବର୍ତ୍ତୀ ୫ ବର୍ଷରେ ୭୫ ହଜାର କୋଟି ଟଙ୍କା ନିବେଶ କରିବାକୁ ସରକାର ପ୍ରତିବଦ୍ଧ ଅଛନ୍ତି। ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିକୁ ପ୍ରଶଂସା କରିଛନ୍ତି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଜଳ ସମ୍ପଦ ବିଭାଗର ବିଭିନ୍ନ ପ୍ରୟାସକୁ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ କ୍ଷେତ୍ର ଅଧିକାରୀ-ଯନ୍ତ୍ରୀ ସୁଶାନ୍ତ ମାଝୀ ଏବଂ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତାର ଅଭିଜ୍ଞତା ବର୍ଣ୍ଣନା ବଖାଣିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ।

# ଯୁବ ରେଡ଼କ୍ରସ୍ କାର୍ଯ୍ୟକ୍ରମ କ୍ରିୟାଶୀଳ କରିବାକୁ ଆହ୍ୱାନ

**ଭୁବନେଶ୍ୱର, ୭।୭(ବନ୍ଦନା ସେଠୀ)**

ଭାରତୀୟ ରେଡ଼କ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ଯୁବ ରେଡ଼କ୍ରସ୍ ପକ୍ଷରୁ ଯୁବ ରେଡ଼କ୍ରସ୍ ଜିଲା କମିଟି ଅଧ୍ୟକ୍ଷ, ଆବାହକ ସମ୍ପାଦକ ଓ ସଂଯୋଜକଙ୍କ ସମ୍ମିଳନୀ ଶୁକ୍ରବାର ରେଡ଼କ୍ରସ୍ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଭାରତୀୟ ରେଡକ୍ରସ୍ ଓଡିଶା ଶାଖାର ଅବୈତନିକ ସଚିବ ବିଭୁତି ଭୁଷଣ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଯୁବ ରେଡ଼କ୍ରସ୍‌ର କାର୍ଯ୍ୟକ୍ରମକୁ ଆହୁରି ଅଧିକ କ୍ରିୟାଶୀଳ କରିବା ପାଇଁ ସେ ଜିଲା ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହ ରାଜ୍ୟର ସମସ୍ତ ଯୁକ୍ତ ୨ ଓ ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ବିଭାଗ ଖୋଲିବା ପାଇଁ ନିବେଦନ କରିଥିଲେ। ସମ୍ମିଳନୀରେ ଓଡିଶାର ବିଭିନ୍ନ ଜିଲାରୁ ୭୦ରୁ ଅଧିକ ଯୁବ ରେଡ଼କ୍ରସ୍ ଜିଲା କମିଟି ଅଧ୍ୟକ୍ଷ, ଆବାହକ, ସମ୍ପାଦକ ଓ ସଂଯୋଜକ ଯୋଗଦେଇଥିଲେ। ଯୁବ ରେଡକ୍ରସ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ବିଭିନ୍ନ ଜିଲାରେ ଆୟୋଜନ କରାଯାଉଥିବା ଯୁବ ରେଡକ୍ରସ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏଥିସହିତ ଡ. ବେହେରା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଯୁବ ରେଡକ୍ରସର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାରେ ନୋଡାଲ ମହାବିଦ୍ୟାଳୟର ଭୂମିକା, ନିୟମିତ ରାଜ୍ୟ

### ଯୁବ ରେଡ଼କ୍ରସ୍ ଜିଲାସ୍ତରୀୟ ଅଧିକାରୀଙ୍କ ସମ୍ମିଳନୀ




ଅଂଶ ପ୍ରଦାନ, ଜିଲା କାର୍ଯ୍ୟକାରିଣୀ ବୈଠକ, ବାର୍ଷିକ ବିବରଣୀ ପ୍ରଦାନ, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ, ପ୍ରାଥମିକ ଚିକିତ୍ସା ତାଲିମ, ରେଡରିବନ କ୍ଲବର କାର୍ଯ୍ୟକାରିତା ଉପରେ ଆଲୋଚନା କରାଯାଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟଖସଡା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ଜିଲା କାର୍ଯ୍ୟକାରିଣୀ ବୈଠକ ଅଗଷ୍ଟ ୩୦ ସୁଦ୍ଧା ଓ ଜିଲା ଯୁବ ରେଡକ୍ରସ୍ ପ୍ରଶିକ୍ଷଣ ନଭେମ୍ବର ୩୦ ସୁଦ୍ଧା ସାରିବାକୁ ନିଷ୍ପତି ନିଆଯାଇଥିଲା। କୋଷାଧକ୍ଷ ଭବାନୀ ପ୍ରସାଦ ନନ୍ଦ ଯୋଗଦେଇଥିବାବେଳେ ରାଜ୍ୟ ଯୁବ ରେଡକ୍ରସ ସଂଯୋଜକ ଗୋପାଳ କୃଷ୍ଣ ମିଶ୍ର ସଭା ପରିଚାଳନା, ରମାରାଣୀ ସେନାପତୀ, ପ୍ରିୟଙ୍କା ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। କନିଷ୍ଠ ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ୨ ଇଞ୍ଜିନିୟର...

କର୍ମଚାରୀଙ୍କୁ ହେପାଜତକୁ ନେଇ ଏକାଧିକଥର ପଚରାଉଚରା କରିବା ସହ ସମସ୍ତଙ୍କର ପୃଥକ୍ ବୟାନ ରେକର୍ଡ କରିଥିଲା। ଏହି ଦୁର୍ଘଟଣା ମନୁଷ୍ୟକୃତ ନା ଯାନ୍ତ୍ରିକ ତ୍ରୁଟିଜନିତ, ତାହାର ନିଷ୍କର୍ଷରେ ପହଞ୍ଚିବା ପାଇଁ ବାରମ୍ବାର ଘଟଣାସ୍ଥଳ, ରିଲେ ରୁମ୍ ଓ ବାହାନଗା ରେଳଷ୍ଟେଶନ ଅଞ୍ଚଳରେ ଯାଞ୍ଚ ଚଳାଇଥିଲା ସିବିଆଇ ଟିମ୍। ଏଥିପାଇଁ କେନ୍ଦ୍ରୀୟ ସାଇଣ୍ଟିଫିକ ଟିମ୍‌ର ମଧ୍ୟ ସହାୟତା ନିଆଯାଇଥିଲା। ତଦନ୍ତରେ ସ୍ୱଷ୍ଟତା ଆସିବା ଯାଏ ବାହାନଗା ବଜାର ରେଳ ଷ୍ଟେଶନରେ ଟ୍ରେନ ରହଣିକୁ ସ୍ଥଗିତ ରଖାଯାଇଥିଲା। ଅନ୍ୟପକ୍ଷରେ ରେଳ ଦୁର୍ଘଟଣା ସମୟରେ ଡ୍ୟୁଟିରେ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ତଦନ୍ତର ଅଂଶ ଭାବେ ଗ୍ରହଣ କରିଥିଲା ସିବିଆଇ। ନିରାପଦ ଟ୍ରେନ ଚଳାଚଳ କାର୍ଯ୍ୟର ସୁନିଶ୍ଚିତତା ପାଇଁ ସିଗନାଲ୍ ବିଭାଗ ସେକ୍ସନ ଇଞ୍ଜିନିୟର ଓ ଟେକ୍ନିସିଆନମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସିଗ୍‌ନାଲ, ଟ୍ରାକ୍‌ସର୍କିଟ, ପଏଣ୍ଟ ମେଶିନ୍ ଓ ଇଣ୍ଟରଲକିଂ ସିଷ୍ଟମ ସହିତ ସିଗ୍‌ନାଲ ଉପକରଣର ସ୍ଥାପନ, ରକ୍ଷଣାବେକ୍ଷଣ ଏବଂ ମରାମତି ଦାୟିତ୍ୱ ସେମାନଙ୍କର। ତେବେ ଦୁର୍ଘଟଣା ପରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମରେ ତ୍ରୁଟି ଓ ଟାମ୍ପରିଂ ହୋଇଥିବା ଅଭିଯୋଗ ଉଠିଥିଲା। ରେଳ ରୁଟ୍‌ରେ ସବୁକିଛି ଠିକ୍‌ଠାକ୍ ଥିବା ପୂର୍ବ ସର୍ତ୍ତ ପୂରଣ ପରେ ହିଁ ଟ୍ରାକ୍‌ରେ ସବୁଜ ସଙ୍କେତ ମିଳିଥାଏ। ଯଦିବା କୌଣସି ମୁହୂର୍ତ୍ତରେ ଛୋଟ ସମସ୍ୟା ଦେଖାଦିଏ, କୌଣସି ପରିସ୍ଥିତିରେ ସିଗ୍‌ନାଲ ସବୁଜ ସଙ୍କେତ ହୋଇପାରିବ ନାହିଁ, ଏହା ଲାଲ୍ ହୋଇରହିବ। ଯଦି କୌଣସି ବ୍ୟକ୍ତି ସିଗ୍‌ନାଲିଂ ସିଷ୍ଟମରେ ଶାରୀରିକ ଭାବେ ଟାମ୍ପରିଂ କରନ୍ତି, ତା’ହେଲେ ଭୁଲ୍ ହୋଇଥିଲେ ବି ଏହା ସବୁଜ ହୋଇପାରିବ ବୋଲି ରେଳ ଅଧିକାରୀମାନେ ବିଭିନ୍ନ ଗଣମାଧ୍ୟମରେ କହିଥିଲେ। ସେହି ଆଧାରରେ ଇଲେକ୍ଟ୍ରୋନିକ ଇଣ୍ଟରଲକିଂ ସିଷ୍ଟମର ଟାମ୍ପରିଂ ଅଭିଯୋଗକୁ ନେଇ ସିବିଆଇ ତା’ର ତଦନ୍ତରେ ଗୁରୁତ୍ୱ ଦେଇଥିଲା।

# ୭ ଦିନରେ ଜବାବ ଦାଖଲ କର: ହାଇକୋର୍ଟ

## ଶ୍ରୀମନ୍ଦିରରେ ବରିଷ୍ଠ ନାଗରିକ, ଭିନ୍ନକ୍ଷମଙ୍କ ଦର୍ଶନ ମାମଲା

**କଟକ,୭।୭(କାର୍ତ୍ତିକ ସାହୁ)**

**ଗଜପତି ମହାରାଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲାପାଳଙ୍କୁ ନୋଟିସ**

ଶ୍ରୀମନ୍ଦିରରେ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ଦର୍ଶନ ବ୍ୟବସ୍ଥା କରିବା ପାଇଁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶର ଅବମାନନାକୁ ନେଇ ଆଗତ ମାମଲାର ଶୁଣାଣି ଶୁକ୍ରବାର ହୋଇଛି। ଆବେଦନକାରୀ ଜିତେନ୍ଦ୍ର ବିଶ୍ୱାଳଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ବିଚାରପତି ବିଶ୍ୱନାଥ ରଥ ଆଗାମୀ ୭ ଦିନ ମଧ୍ୟରେ ଜବାବ ଦାଖଲ ନିମନ୍ତେ ଗଜପତି ମହାରାଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଶ୍ରୀମନ୍ଦିରରେ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମମାନଙ୍କ ନିମନ୍ତେ ଦର୍ଶନ ବ୍ୟବସ୍ଥା କରିବାକୁ ହାଇକୋର୍ଟ ଦୁଇ ଥର ନିର୍ଦ୍ଦେଶ ଦେଇଥିଲେ। ଏନେଇ ହାଇକୋର୍ଟ ଯଥେଷ୍ଟ ସମୟ ଦେଇଥିଲେ ସୁଦ୍ଧା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ; ଯଦ୍ୱାରା ଆବେଦନକାରୀ ଦ୍ୱିତୀୟ ଥର ପାଇଁ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଶ୍ରୀମନ୍ଦିରରେ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ଦର୍ଶନ ନିମନ୍ତେ ଆବେଦନକାରୀ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ହାଇକୋର୍ଟରେ ମାମଲାର ଶୁଣାଣି ହୋଇ ଏକ ମାସ ମଧ୍ୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅବଧି ଅତିକ୍ରମ କରିସାରିଥିଲେ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବରିଷ୍ଠ ଆଇନଜୀବୀ ଗୌତମ ଆଚାର୍ଯ୍ୟ ଓ ଅରୁଣ କୁମାର ବୁଦ୍ଧିଆ ମାମଲାର ପରିଚାଳନା କରୁଛନ୍ତି।

## ବିଦ୍ୟୁତ୍ ଆଘାତରେ ଚାଷୀଙ୍କ ମୃତ୍ୟୁ

**ବଲଙ୍ଗା,୭।୭(କେଦାରଶ୍ୱର ନନ୍ଦ)**

ବଲଙ୍ଗା ଥାନା ଅନ୍ତର୍ଗତ ବେରବୋଇ ଗ୍ରାମର ଚାଷୀ ଚକ୍ରଧର ସ୍ୱାଇଁଙ୍କ ଶୁକ୍ରବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସକାଳୁ ଚକ୍ରଧର ଘରୁ ବାହାରି ଚାଷ କରିବା ପାଇଁ ବିଲକୁ ଯାଇଥିଲେ। ବିଲକୁ ଯାଇ ସେ ତଳିରେ ପାଣି ମଡାଉଥିବା ବେଳେ ହଠାତ୍ ବିଦ୍ୟୁତ୍ ଆଘାତ ଲାଗିଥିଲା। ଚକ୍ରଧର ଅଚେତ ହୋଇପଡ଼ିବାରୁ ସ୍ଥାନୀୟ ଲୋକ ଓ ପରିବାର ଲୋକ ଆସି ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବଲଙ୍ଗା ଥାନା ପୋଲିସ ନିମାପଡ଼ା ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ଏ ନେଇ ମୃତ ଚାଷୀଙ୍କ ବଡ଼ ଭାଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଚକ୍ରଧରଙ୍କ ମୃତ୍ୟୁ ଖବର ପ୍ରସାର ହେବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତ ଚାଷୀଙ୍କ ପରିବାରକୁ ପ୍ରଶାସନ ଓ ବିଦ୍ୟୁତ ବିଭାଗର ପକ୍ଷରୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି।



**ମସ୍ତିଷ୍କ ଭକ୍ଷୀ ଆମିବା ଯୋଗୁ ବାଳକଙ୍କ ମୃତ୍ୟୁ**

ମସ୍ତିଷ୍କ ଭକ୍ଷୀ ଆମିବା ଦ୍ୱାରା କେରଳର ଆଲାପୁଝାରେ ଜଣେ ୧୫ ବର୍ଷୀୟ ବାଳକଙ୍କ ମୃତ୍ୟୁ ଘଟିଛି। ଗତ ସପ୍ତାହରେ ତାଙ୍କୁ ସାମାନ୍ୟ ଜ୍ୱର ହୋଇଥିବାବେଳେ ରବିବାର ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଯାଇଥିଲା। ଘର ନିକଟସ୍ଥ ଝରରେ ବାଳକ ଜଣକ ପ୍ରତିଦିନ ଗାଧୋଇବାକୁ ଯାଉଥିବାବେଳେ ପାଣିରୁ ମସ୍ତିଷ୍କ ଭକ୍ଷୀ ଆମିବା ଶରୀରରେ ପ୍ରବେଶ କରିବାରୁ ତାଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଏହି ଆମିବା ନାକ ଦେଇ ମସ୍ତିଷ୍କକୁ ପ୍ରବେଶ କରିଥାଏ।

# ତ୍ରିପୁରା ବିଧାନସଭାରେ ପର୍ନକୁ ନେଇ ହାଇଡ୍ରାମା

- ଅଶ୍ଳୀଳ ଭିଡିଓ ଦେଖୁଥିଲେ ଭାଜପା ବିଧାୟକ
- ପ୍ରଶ୍ନ କରିବାରୁ ୫ ବିରୋଧୀ ସଦସ୍ୟ ନିଲମ୍ବିତ

**ଅଗରତାଲା,୭।୭**

ବିଧାନସଭା ଅଧିବେଶନ ଚାଲିଥିବାବେଳେ ଗୃହରେ ମୋବାଇଲ ବ୍ୟବହାର ମନା। ଏହା ଜାଣି ସୁଦ୍ଧା ତ୍ରିପୁରାର ବାଗ୍‌ବାସା ଭାଜପା ବିଧାୟକ ଯାଦବଲାଲ ନାଥ ବିଧାନସଭାରେ ବସି ଅଶ୍ଳୀଳ ଭିଡିଓ ଦେଖୁଥିଲେ। ଗତ ମାର୍ଚ୍ଚ ୩୦ର ଏହି ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହେବା ପରେ ଭାଜପା ପାଇଁ ଲଜ୍ଜାଜନକ ସ୍ଥିତି ଉପୁଜିଥିଲା। କିନ୍ତୁ ଗୈରିକ ଦଳ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଜୁଲାଇ ୭ (ଶୁକ୍ରବାର) ଥିଲା ତ୍ରିପୁରା ମୌସୁମୀ ଅଧିବେଶନର ପ୍ରଥମ ଦିନ। ଅର୍ଥମନ୍ତ୍ରୀ ପ୍ରାଣଜିତ୍ ସିଂହ ରାୟ ଗୃହରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୨୭,୬୫୪ କୋଟି ଟଙ୍କାର ନିଅଣ୍ଟିଆ ବଜେଟ ଉପସ୍ଥାପନ କରି କହିଥିଲେ, ରାଜ୍ୟ ଅର୍ଥନୀତିରେ ୮% ଅଭିବୃଦ୍ଧି ଦେଖିବାକୁ ମିଳିପାରେ। ବିରୋଧୀ ଦଳ ନେତା ଅନିମେଶ ଦେବବର୍ମା ଭାଜପା ନେତାଙ୍କ ପର୍ନ ଭିଡିଓ ପ୍ରସଙ୍ଗ ଉଠାଇ ତାଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ପ୍ରଶ୍ନ କରିଥିଲେ। ଏଥିସହ ଏହି ପ୍ରସଙ୍ଗରେ ବିତର୍କ ପାଇଁ ମୁଲତବୀ ପ୍ରସ୍ତାବ ଆଗତ କରିଥିଲେ। ବାଚସ୍ପତି ବିଶ୍ୱବନ୍ଧୁ ସେନ ଉକ୍ତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି କହିଥିଲେ, ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ଶେଷ ହେବା ପରେ ବିରୋଧୀଙ୍କ କଥା ବୁଝାଯିବ। ଏତିକିରେ ସମସ୍ତ ୨୭ ବିରୋଧୀ ବିଧାୟକ ଗୃହର ମଧ୍ୟଭାଗକୁ ଯାଇ ସ୍ଲୋଗାନ ଦେଇଥିଲେ। ଜଣେ ବିଧାୟକ ଏକ ଟେବୁଲ ଉପରେ ଚଢ଼ି ଯାଦବଲାଲଙ୍କ ବିରୋଧରେ ସ୍ଲୋଗାନ ଦେବାରେ ଲାଗିଲେ। ଫଳରେ ଉଭୟ ଶାସକ ଓ ବିରୋଧୀ ବିଧାୟକଙ୍କ ହୋହଲ୍ଲା କରି ପରସ୍ପରକୁ ଟାର୍ଗେଟ କରିଥିଲେ। ୪୦ ମିନିଟ୍ ଧରି ହାଇଡ୍ରାମା ଚାଲିବା ପରେ ବାଚସ୍ପତି ଅସନ୍ତୋଷ ବ୍ୟକ୍ତ କରିବା ସହ ସିପିଆଇଏମ୍ ବିଧାୟକ ନୟନ ସର୍କାର, କଂଗ୍ରେସର ସୁଦୀପ ରାୟ ବର୍ମନଙ୍କ ସହ ତିପ୍ରା ମୋଥା ପାର୍ଟି (ଟିଏମ୍‌ପି)ର ୩ ବିଧାୟକ ବିଶ୍ୱକେତୁ ଦେବବର୍ମା, ନନ୍ଦିତା ରେଆଙ୍ଗ ଓ ରଞ୍ଜିତ ଦେବବର୍ମାଙ୍କୁ ଗୃହକାର୍ଯ୍ୟରେ ବାଧା ସୃଷ୍ଟି ଅଭିଯୋଗରେ ନିଲମ୍ବନ କରିଛନ୍ତି। ବାଚସ୍ପତିଙ୍କ ଏହି କାର୍ଯ୍ୟାନୁଷ୍ଠାନ ବିରୋଧରେ ବିରୋଧୀ ଦଳଗୁଡ଼ିକ କକ୍ଷତ୍ୟାଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ମାଣିକ ଶାହା କହିଛନ୍ତି, ବିଧାନସଭା ହେଉଛି ପବିତ୍ର ସ୍ଥାନ ଓ ଗଣତନ୍ତ୍ରର ମନ୍ଦିର। ବଜେଟ ଅଧିବେଶନର ପ୍ରଥମ ଦିନରେ ଯାହାସବୁ ଘଟିଗଲା, ତାହା ଅବିଶ୍ୱସନୀୟ ଓ ଅନୁପଯୁକ୍ତ। ସେମାନଙ୍କ ବିକ୍ଷୋଭ ଏକ ପାପ।


ଯାଦବଲାଲ ନାଥ

➡ପର୍ନ ଫିଲ୍ମ ଦେଖି ଧରାପଡ଼ିଥିବା ୫୫ ବର୍ଷୀୟ ଯାଦବଲାଲ ନାଥ ହେଉଛନ୍ତି ତ୍ରିପୁରା ଭାଜପା ସମ୍ପାଦକ। ଅଶ୍ଳୀଳ ଭିଡିଓ ଦେଖିବା ନେଇ ବିବାଦ ସୃଷ୍ଟି ହେବା ପରେ ସେ କହିଥିଲେ, ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ପର୍ନ କ୍ଲିପ୍ ତାଙ୍କ ଫୋନ୍‌ରେ ନ ଥିଲା। ଏକ ଫୋନ୍ କଲ୍ ଆସିଥିଲା। କଲ୍ ରିସିଭ୍ କରିବା ପରେ ଏକ ୱେବ୍‌ସାଇଟ୍ ଆପେ ଖୋଲିଯାଇଥିଲା। ସେ ଏହା ଦେଖି ତୁରନ୍ତ ବନ୍ଦ କରିଦେଇଥିଲେ।

➡ଭାଜପା ନେତା ପର୍ନ ଭିଡିଓ ଦେଖି ଧରାପଡ଼ିବାର ଏହା ପ୍ରଥମ ଘଟଣା ନୁହେଁ। ୨୦୧୨ରେ କର୍ଣ୍ଣାଟକର ତତ୍କାଳୀନ ଭାଜପା ସରକାରର ୨ ମନ୍ତ୍ରୀ ଲକ୍ଷ୍ମଣ ସାବଦି ଏବଂ ସିସି ପାଟିଲ ରାଜ୍ୟ ବିଧାନସଭାରେ ଅଶ୍ଳୀଳ ଭିଡିଓର ମଜା ନେଇ ଅପଦସ୍ଥ ହୋଇଥିଲେ। ଏଥିପାଇଁ ଉଭୟଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା। ପରବର୍ତ୍ତୀ ସମୟରେ ଦଳ ଉଭୟଙ୍କୁ କ୍ଲିନ୍‌ଚିଟ୍ ଦେବା ପରେ ଉଭୟେ ପୁନଃ ଅବସ୍ଥାପିତ ହୋଇଥିଲେ। ଗତ ବିଧାନସଭା ନିର୍ବାଚନରେ ଟିକେଟ ନ ମିଳିବାରୁ ଏପ୍ରିଲରେ ସାବଦି କଂଗ୍ରେସରେ ସାମିଲ ହୋଇଥିଲେ।


ତ୍ରିପୁରା ବିଧାନସଭାରେ ବିରୋଧୀ ସଦସ୍ୟମାନଙ୍କ ହଟ୍ଟଗୋଳ।

# ସିସୋଡିଆଙ୍କ ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

**ନୂଆଦିଲ୍ଲୀ, ୭।୭**

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏଏପି ନେତା ତଥା ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ, ତାଙ୍କ ସ୍ତ୍ରୀ ଓ ଅନ୍ୟ କେତେଜଣ ଅଭିଯୁକ୍ତଙ୍କ ୫୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ବାଜ୍ୟାପ୍ତ କରିଛି। ମନିଲଣ୍ଡରିଂ ପ୍ରତିକାର ଆଇନର ଅସ୍ଥାୟୀ ନିର୍ଦ୍ଦେଶନାମା ଅନୁଯାୟୀ ସିସୋଡିଆ ଓ ତାଙ୍କ ସ୍ତ୍ରୀ ସୀମା ସିସୋଡିଆଙ୍କର ଦୁଇଟି ସ୍ଥାବର ସମ୍ପତ୍ତି, ଅନ୍ୟତମ ଅଭିଯୁକ୍ତ ତଥା ଚାରିଅଟ ପ୍ରଡକ୍ସନ୍ସ ମିଡିଆ ପ୍ରା.ଲିଃର ନିର୍ଦ୍ଦେଶକ ରାଜେଶ ଜୋଷୀ ଏବଂ ଗୌତମ ମାଲହୋତ୍ରାଙ୍କ ଜମି ଓ ଫ୍ଲାଟ୍‌କୁ ଆଟାଚ କରାଯାଇଛି, ଯାହାର ମୂଲ୍ୟ ୭.୨୯ କୋଟି ଟଙ୍କା। ଏହା ବ୍ୟତୀତ ସିସୋଡିଆଙ୍କ ୧୧.୪୯ ଲକ୍ଷ ଟଙ୍କାର ବ୍ୟାଙ୍କ ବାଲାନ୍ସ, ବ୍ରିଣ୍ଡକୋ ସେଲ୍ସ ପ୍ରା.ଲିଃର ୧୬.୪୫ କୋଟି ଓ ଅନ୍ୟାନ୍ୟ ସମ୍ପତ୍ତି ସମେତ ମୋଟ ୪୪.୨୯ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତି ଆଟାଚ୍ ହୋଇଛି। ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମିଶି ମୋଟ ୫୨.୨୪ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ ହୋଇଛି। ଅବକାରୀ ଦୁର୍ନୀତି ମାମଲାରେ ଗତ ମାର୍ଚ୍ଚରେ ସିସୋଡିଆଙ୍କୁ ଗିରଫ କରାଯାଇଥିଲା। ଏବେ ସେ ବିଚାର ବିଭାଗୀୟ ହାଜତରେ ରହିଛନ୍ତି।


ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ

# ବ୍ରିଜ୍‌ଭୂଷଣଙ୍କୁ ଦିଲ୍ଲୀ କୋର୍ଟ ନୋଟିସ

**ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ଉତ୍ପୀଡ଼ନ**

**ନୂଆଦିଲ୍ଲୀ,୭।୭**

ଭାଜପା ଏମ୍‌ପି ତଥା ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ପୂର୍ବତନ ଅଧ୍ୟକ୍ଷ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କୁ ଯୌନ ଉତ୍ପୀଡ଼ନ ମାମଲାରେ ଦିଲ୍ଲୀ ରାଉଜ୍ ଆଭେନ୍ୟୁ କୋର୍ଟ ଶୁକ୍ରବାର ସମନ କରାଯାଇଛି। କୋର୍ଟ ରେକର୍ଡ ଅନୁସାରେ ତାଙ୍କ ବିରୋଧରେ ମାମଲା ଆଗକୁ ବଢ଼ାଇବା ପାଇଁ ପର୍ଯ୍ୟାପ୍ତ ପ୍ରମାଣ ରହିଛି। ମହିଳା କୁସ୍ତିଯୋଦ୍ଧାମାନଙ୍କ ଅଭିଯୋଗ ଏବଂ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ଦିଲ୍ଲୀ ପୋଲିସ ମାମଲା ରୁଜୁ କରିଥିଲା। ଜୁନ୍ ୧୫ରେ ତାଙ୍କ ବିରୋଧରେ ୧,୦୦୦ ପୃଷ୍ଠାର ଏକ ଚାର୍ଜଶିଟ୍ ଦାଖଲ କରିଥିଲା। ସେହିପରି ଡବ୍ଲ୍ୟୁଏଫ୍‌ଆଇ ଆସିଷ୍ଟାଣ୍ଟ ସେକ୍ରେଟାରି ବିନୋଦ ତୋମାରଙ୍କୁ ମଧ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ଉଭୟଙ୍କୁ ସମନ କରାଯାଇଥିବାବେଳେ ଜୁଲାଇ ୧୮ରେ ମାମଲାର ଶୁଣାଣି କରାଯିବ।


ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂ

# ପୋଲିସ କମାଣ୍ଡୋ ସମେତ ୪ ମୃତ

**ମଣିପୁରରେ ଗୁଳି ବିନିମୟ**

**ଇମ୍ଫାଲ, ୭।୭**

ମଣିପୁର ବିଷ୍ଣୁପୁର ଜିଲାର ବିଭିନ୍ନ ସ୍ଥାନରେ ଗୁଳି ବିନିମୟ ଘଟି ଜଣେ ପୋଲିସ କମାଣ୍ଡୋଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଛି। ଏହି ହିଂସାକାଣ୍ଡରେ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ଗୁରୁବାର ରାତି ୧ଟା ୩୦ରେ ମେଇତି ବହୁଳ ବିଷ୍ଣୁପୁରର ଆଓ୍ୱାଙ୍ଗ ଲେଇକେଇ ଏବଂ କୁକି ବହୁଳ ଚୁରାଚାନ୍ଦପୁର ଜିଲାର କାଙ୍ଗଭାଇ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏହି ଗୁଳିକାଣ୍ଡରେ ଚୁରାଚାନ୍ଦପୁରରୁ ୨ ଜଣ ଏବଂ ବିଷ୍ଣୁପୁରରୁ ଜଣେ ପ୍ରାଣ ହରାଇଛନ୍ତି। ଆହତମାନେ ଚୁରାଚାନ୍ଦପୁର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଯୁକ୍ତଦୁଇ ପାସ୍ କରିଥିବା ଜଣେ ଛାତ୍ର ରହିଛନ୍ତି। ଏହି ଘଟଣାରେ ଶତାଧିକ ସ୍ଥାନୀୟ ଲୋକେ ଓ ଉକ୍ତ ଛାତ୍ର ପଢୁଥିବା ସ୍କୁଲ୍‌ର ପିଲାମାନେ ଶୁକ୍ରବାର ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅପରାହ୍ନରେ ସେହି ଅଞ୍ଚଳରେ ପୁନର୍ବାର ଗୁଳିବିନିମୟ ଘଟି ଜଣେ ଆହତ ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ମୋଇରାଙ୍ଗ ଟୁରେଲ ମାପାନଠାରେ ସନ୍ଦିଗ୍ଧ ଉଗ୍ରପନ୍ଥୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ବେଳେ ଜଣେ କମାଣ୍ଡୋ ନିହତ ହୋଇଛନ୍ତି। ମୃତ ପୋଲିସ କମାଣ୍ଡୋ ପୁଖ୍ରାମବାମ ରଣବୀରଙ୍କ ମୁଣ୍ଡରେ ଗୁଳି ବାଜିଥିଲା। ତାଙ୍କୁ ପ୍ରଥମେ ଜିଲା ହସ୍ପିଟାଲ ଓ ପରେ ଇମ୍ଫାଲ ହସ୍ପିଟାଲ ନିଆଯାଉଥିବାବେଳେ ବାଟରେ ମୃତ୍ୟୁ ହୋଇଥିଲା। ଗତ ମେ' ୩ରୁ ମଣିପୁରରେ ହିଂସାକାଣ୍ଡ ଲାଗିରହିଥିବାବେଳେ ଶତାଧିକ ଲୋକଙ୍କ ଜୀବନ ଗଲାଣି ଓ ୩,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ହିଂସାକୁ ନିୟନ୍ତ୍ରଣ କରିବା ସହ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ୪୦,୦୦୦ କେନ୍ଦ୍ରୀୟ ସୁରକ୍ଷା ଯବାନ ଓ ମଣିପୁର ପୋଲିସ ନିୟୋଜିତ ହୋଇଛନ୍ତି।


ମଣିପୁରର ହିଂସା ପ୍ରଭାବିତ କାଙ୍ଗପୋକ୍‌ପି ଜିଲାର କୁକି ସମ୍ପ୍ରଦାୟର ଲୋକେ ମୋଟବଙ୍ଗ୍ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି।

PARADIP PORT AUTHORITY
MARINE DEPARTMENT
No.:MD/ACCTS/WK/R-4/2022/879 Date:06/07/2023
e-Tender Call Notice (e-TCN)
Name of the work :"Supply of 01 No.60 Ton Bollard Pull Tug along with Manning Crew on Hire for Marine Operation at SPMs and inside Harbour at Paradip for a period of seven years". Estimated Cost put to tender : ₹ 75,48,71,148/-. With reference to above e-tender, revised tender document has been published in the e-procurement website with extension. Last date & time of submission of bids through on-line bidding is 15:00 hours on Dt.31.07.2023. Technical Bids shall be opened at 16:00 hours on Dt.01.08.2023. For details, please log on to the Website : https://eprocure.gov.in/eprocure/app .
Dy. Conservator, PPA.
PPA/PR/30/2023-24, Dt.07/07/2023

# ମାକ୍‌ଡୋନାଲ୍ଡସ୍ ବର୍ଗରରୁ ହଟିଲା ଟମାଟୋ




**ନୂଆଦିଲ୍ଲୀ,୭।୭:** ଟମାଟୋ ଦର ଏବେ ଆକାଶ ଛୁଆଁ। ସବୁ ବର୍ଗର ଲୋକଙ୍କ ପକ୍ଷେ ଏବେ ଟମାଟୋ କିଣିବା ସମ୍ଭବପର ହେଉନାହିଁ। ବର୍ଦ୍ଧିତ ଟମାଟୋ ଦରକୁ ଲକ୍ଷ୍ୟକରି ଫାଷ୍ଟଫୁଡ୍ ଚେନ୍ ରେଷ୍ଟୁରାଣ୍ଟ ମାକ୍‌ଡୋନାଲ୍ଡସ୍ ଏବେ ବର୍ଗରେ ଟମାଟୋ ଦେବା ବନ୍ଦ କରିଦେଇଛି। ଭାରତର ଉତ୍ତର-ପୂର୍ବାଞ୍ଚଳରେ ମାକ୍‌ଡୋନାଲ୍ଡସ୍‌ର ମୋଟ ୧୫୦ ଆଉଟ୍ ଲେଟ୍ ରହିଛି। ଦେଶରେ ଥିବା ମୋଟ ମାକ୍‌ଡୋନାଲ୍ଡସ୍ ଆଉଟ୍‌ଲେଟ୍ ମଧ୍ୟରୁ ୧୦%ରୁ ୧୫% ରେଷ୍ଟୁରାଣ୍ଟ ଏବେ ଟମାଟୋ ବ୍ୟବହାର କରିବା ପ୍ରାୟ ବନ୍ଦ କରିଦେଇଛନ୍ତି। ଅନ୍ୟପକ୍ଷେ ସବ୍‌ୱେ ରେଷ୍ଟୁରାଣ୍ଟ ଉପରେ ଟମାଟୋ ଦର ବୃଦ୍ଧିର କୌଣସି ପ୍ରଭାବ ପଡ଼ିନାହିଁ। କିଛି ରାଜ୍ୟରେ ଟମାଟୋ ହୋଲ୍‌ସେଲ ମୂଲ୍ୟ ୨୮୮% ବଢ଼ିଥିବାବେଳେ କିଲୋପ୍ରତି ୧୪୦ ଟଙ୍କାରେ ବେପାରୀ ବିକୁଛନ୍ତି। ଫଳରେ ଅନେକ ଲୋକଙ୍କ ପରିବା ତାଲିକାରୁ ଟମାଟୋ ବାଦ୍ ପଡ଼ିଥିବା ଦେଖାଯାଉଛି। ମୌସୁମୀ ବର୍ଷା ଯୋଗୁ ଟମାଟୋ ଆମଦାନୀରେ ଅସୁବିଧା ହେବା ଯୋଗୁ ଦର କ୍ରମାଗତ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷେ ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ଓ ତାତି ପାଇଁ ଟମାଟୋ କିଲୋ ପ୍ରତି ୨୫୦ ଟଙ୍କାରେ ବିକ୍ରି ହେଉଛି। ଦରବୃଦ୍ଧିକୁ ଦୃଷ୍ଟିରେ ରଖି ଏବେ ଚୋରଙ୍କ ନଜର ଏହା ଉପରେ ପଡ଼ିଛି। ନିକଟରେ କର୍ଣ୍ଣାଟକ ହାସନରେ ୨.୫ ଲକ୍ଷ ଟଙ୍କାର ଟମାଟୋ ଚୋରି ଘଟଣା ସାମ୍ନାକୁ ଆସିଛି। ଧରଣୀଙ୍କ ଜମିରୁ ଦୁର୍ବୃତ୍ତ ୫୦ରୁ ୬୦ ବସ୍ତା ଟମାଟୋ ଚୋରି କରିନେଇଥିବା ସେ ଅଭିଯୋଗ କରିଛନ୍ତି।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org
ପତ୍ର ସଂଖ୍ୟା: ୧୭୨ ତା:୩୦।୦୬।୨୦୨୩
ବିଜ୍ଞାପନ
No. CAD-1185: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଦ୍ୱିତୀୟରୁ ପଞ୍ଚମ ପର୍ଯ୍ୟାୟ, ଚନ୍ଦ୍ରଶେଖରପୁର ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଫ୍ଲାଟ୍ ଗୃହ ନଂ. - ଏଲ୍.ସି. - ୧୧୬/୨୩ (LC-116/23)ଟିକୁ ଶ୍ରୀମତୀ ଗାୟତ୍ରୀ ଷଡ଼ଙ୍ଗୀ, ସ୍ୱାମୀ- ଶ୍ରୀ ହରେଶ ଚନ୍ଦ୍ର ମିଶ୍ର, ସା- ବେଦପୁର, ପୋ- ଭଇରିପୁର, ଥାନା- ଗୋପ, ଜିଲ୍ଲା-ପୁରୀଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଗାୟତ୍ରୀ ଷଡ଼ଙ୍ଗୀ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଗୀତାରାଣୀ ଦାଶ, ସ୍ୱାମୀ- ଶ୍ରୀ ଦୀପାଙ୍କ ମିଶ୍ର, ସା- ବେଦପୁର, ପୋ- ଭୈରୀପୁର, ଥା- ଗୋପ, ଜିଲ୍ଲା- ପୁରୀଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଫ୍ଲାଟ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0226/2324

GOVERNMENT OF ODISHA
"e" PROCUREMENT NOTICE
OFFICE OF THE SUPERINTENDING ENGINEER, PURI (R&B) DIVISION, PURI
WORKS DEPARTMENT
SHORT TENDER CALL NOTICE
E-mail:eerbpuri@yahoo.co.in
Bid Identification No.SE (R&B) Puri-18/2023-24
No.B-436:The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in double cover system in ONLINE MODE from the eligible class of contractors registered with the State Government and contractors of equivalent Grade/Class registered with Central Government/ Railways.
1.Nature of Work : Cautionary Sign Board
2.No. of Work : 1 No.
3.Tender Cost: Rs.10000.00 (Online)
4.Class of Bidders : "B"
5.Available of Bid document in the website: From 10.00 AM of Dt.12.07.2023 to 05.00 PM of Dt.19.07.2023.
6. Last Date of receipt of tender: Dt.19.07.2023 upto 5.00 PM
7. Date of Opening of Bid : Dt.20.07.2023 at 11.30 AM.
8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any addendum/Corrigendum/ Cancellation of tender can also be seen in the said website.
Sd./- Superintending Engineer
Puri (R&B) Division, Puri
OIPR-34064/11/0012/2324

OFFICE OF THE DISTRICT JUDGE, NABARANGPUR
Dated, Nabarangpur this the 7th day of July, 2023
ADVERTISEMENT
Applications in the prescribed format given below are invited from the intending candidates for filling up of the following Group "C" posts in the Judgeship of Nabarangpur under Odisha District and Civil Courts Judicial Staff Services (Method of Recruitment and conditions of Service) Rules. 2008 and amendments made thereto and subject to result of W.P. (C) No. 1273/2014 of the Hon'ble High Court of Orissa.

| Sl. No. | Name of the Post | Group | Level as per Pay Matrix under ORSP Rules, 2017 | CATEGORY Un-reserved | S.T. | S.C. | SEBC | Total |
|---|---|---|---|---|---|---|---|---|
| 1 | Stenographer Grade-III | C | Level-7 (Rs.25500-81100) | 1 | 2 (W-1) | - | - | 3 (W-1) |
| 2 | Jr. Clerk cum-Copyist | C | Level-4 (Rs.19900-63200) | 3 (W-1) | 4 (W-1) | 3 (W-1) | 1 | 11 (W-3) |
| 3 | Jr.Typist | C | Level-4 (Rs.19900-63200) | 1 (W-1) | 2 (W-1) | - | - | 3 (W-2) |

The reservation of Women/Physically Handicapped/Ex-Serviceman/Sports Persons as per rule. The number of Posts in each cadre may increase or decrease in future. For details please visit our official website i.e. https://districts.ecourts.gov.in/nabarangpur. The candidates who are interested in applying for the above posts are asked to submit the application by 11.08.2023.
Sd./- District Judge-cum-Chairman
District Recruitment Committee, Nabarangpur

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KALAHANDI
(DISTRICT PROGRAMME MANAGEMENT UNIT)
PHONE/FAX: 06670-230998, EMAIL: dpmukalahandi@gmail.com
Adv.No.2661.... DPMU(NHM) Date:06.07.2023
CONTRACTUAL APPOINTMENT
No.E-246:Applications are invited from eligible candidates for filling up the positions under National Health Mission, Kalahandi on contractual basis with monthly remuneration as noted against each post. All these posts are contractual in nature and for a period of 11 months, subject to renewal as per the terms and conditions of OSH & FW Society. These positions are purely temporary and co-terminus with the scheme. Lower age limit for all the post is **21 years as on 01-07-2023.**

| Sl.No. | Name of the Post | No. of Post | Mode of Application |
|---|---|---|---|
| 1 | Entomologist-NVBDCP | 1 | Last date of application receipt 24.07.2023 upto 5.00 P.M. |
| 2 | Insect Collector-NVBDCP | 2 | |

Details regarding eligibility criteria, Age, Selection process & Application Form can be downloaded from district website www.kalahandi.nic.in interested candidates fulfilling the eligibility criteria are requested to submit the application to the office of the undersigned within the due date (follow the General Information & Instructions). No personal query will be entertained. Incomplete application and documents in any form is liable for rejection. The authority reserves the right of accepting/rejecting any application without assigning any reasons thereof. The undersigned reserves the right to cancel this advertisement for contractual recruitment at any stage of recruitment process without assigning any reason thereof.
Sd./- Chief District Medical & Public Health Officer, Kalahandi
OIPR-10076/11/0010/2324

Government of Odisha No. B-450
OFFICE OF THE CHIEF CONSTRUCTION ENGINEER
CUTTACK (R&B) CIRCLE, CUTTACK
E-mail.ID-sectcrb_2006@yahoo.co.in; Tel/Fax – 0671-2301751/2302751
( 'e' – PROCUREMENT NOTICE )
Bid Identification No.CCE.Ctc.(R&B) 10/2023-24
1. The Chief Construction Engineer, Cuttack (R&B) Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Building works as mentioned below.
2. No. of work :- 04 Nos.
3. Nature of work :- Building work
4. Class of contractor :- 'B', 'A' Class
5. Tender paper cost :- Rs.10000/- (online)
6. Available of bid document in the website. :- From 21.07.2023 to 17.30 hours of 04.08.2023
7. Date of opening of bid :- Dt. 05.08.2023 at 11.00 hours.
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.
Sd./-P.K. Rath, Chief Construction Engineer, Cuttack (R&B) Circle
OIPR-34012/11/0018/2324

OFFICE OF THE SUPERINTENDING ENGINEER
DEOGARH (R&B) DIVISION, DEOGARH
INVITATIONS FOR BIDS (IFB)
Letter No.2916, Dtd.05.07.2023
E-mail ID: eepwddeogarh@gmail.com
No.B-460: Invitation for Bids
Bid Identification No. SE PWD DGR No.09 of 2023-24

| | | | |
|---|---|---|---|
| 1 | The Superintending Engineer, Deogarh (R&B) Division, Deogarh, on behalf of Governor of Odisha, invites percentage rate bids in single/ double cover system in ONLINE MODE only, for Construction of Building and Road as detailed below. | | |
| 2. | Nature of work | : | Building works |
| 3. | No. of works | : | Building 02 Nos. |
| 4. | Bid Cost. | : | Rs.6,000/-&10,000/- |
| 5. | Class of Contractor | : | "D", "C" & "B" Class |
| 6. | Availability of Bid Documents in the website | : | From dt. 11.07.2023 to 17:00 hours of dt. 20.07.2023 |
| 7. | Date of Opening of Technical Bid | : | Dt. 21 .07.2023 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website: http://www.tendersorissa.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./-Superintending Engineer
Deogarh (R&B) Division
OIPR-34061/11/0005/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦୁର୍ନୀତି କଂଗ୍ରେସର ବଡ଼ ଆଦର୍ଶ: ମୋଦି

**ଛତିଶଗଡ଼ରେ ବାଜିଲା ନିର୍ବାଚନୀ ବିଗୁଲ**

ରାୟପୁର , ୭।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରପ୍ରଦେଶ ଗସ୍ତ ପୂର୍ବରୁ ଶୁକ୍ରବାର ଛତିଶଗଡ଼ ଯାଇ ସେଠାରେ ବିଧାନସଭା ନିର୍ବାଚନର ବିଗୁଲ ବଜାଇଛନ୍ତି। ସେ ଶାସକ କଂଗ୍ରେସ ଦଳକୁ ଜୋର୍‌ଦାର ସମାଲୋଚନା କରିଥିଲେ। ଦୁର୍ନୀତି କଂଗ୍ରେସର ବଡ଼ ଆଦର୍ଶ। ଦୁର୍ନୀତି ବିନା କଂଗ୍ରେସ ତିଷ୍ଠିପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ନିର୍ବାଚନ ହେବାକୁ ଥିବା ଛତିଶଗଡ଼କୁ ପ୍ରଥମ ଗସ୍ତ କରି ପ୍ରଧାନମନ୍ତ୍ରୀ ରାୟପୁରର ସାଇନ୍ସ କଲେଜ ଗ୍ରାଉଣ୍ଡରେ ଏକ ରାଲିକୁ ସମ୍ବୋଧନ କରିଥିଲେ। କଂଗ୍ରେସ କୁଶାସନର ମଡେଲ ପାଲଟିଛି। ଛତିଶଗଡ଼ ଜନସାଧାରଣ ଆଗାମୀ ନିର୍ବାଚନରେ ଏହି ଦଳକୁ ଉପାଡ଼ି ଫିଙ୍ଗିଦେବେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଛତିଶଗଡ଼ର ବିକାଶ ପାଇଁ ଆଗାମୀ ୨୫ ବର୍ଷ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ କଂଗ୍ରେସର ପଞ୍ଝା (କଂଗ୍ରେସର ନିର୍ବାଚନୀ ଚିହ୍ନ) ଏହା ବିରୋଧରେ ପାଚେରି ଭଳି ଛିଡ଼ା ହୋଇଛି। ଏହି ପଞ୍ଝା ଆପଣମାନଙ୍କ ଅଧିକାରକୁ ଛଡ଼ାଇନେଉଛି ଏବଂ ରାଜ୍ୟକୁ ଲୁଟ୍ କରିବା ସହ ଧ୍ୱଂସ କରିଦେବାକୁ ସଂକଳ୍ପ ନେଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି ଅବସରରେ ମୋଦି ରାୟପୁରରେ ୭,୬୦୦ କୋଟି ଟଙ୍କାର ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ।

# ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ବିଧାୟକଙ୍କୁ ବିରୋଧ

ଗୋପ,୭।୭(ଭାରତୀ ଭୂଷଣ ଉପାଧ୍ୟାୟ)

ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ ବଣିଆସାହି ପଞ୍ଚାୟତର ଯାଉଁଳି ପୋଖରୀଠାରେ ଗୁରୁବାର ଏକ ଉପସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇଥିବାବେଳେ ଅଚାନକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବିଧାୟକ କାର୍ଯ୍ୟକ୍ରମରେ ପହଞ୍ଚି ଭିତ୍ତିପ୍ରସ୍ତର ସ୍ଥାପନ କରିବା ବେଳେ ପୂର୍ବରୁ ସେଠାରେ ଉପସ୍ଥିତ ଥିବା କେତେଜଣ ଭାଜପା କର୍ମୀ ହଠାତ୍ କଳା ପତାକା ଦେଖାଇ ତାଙ୍କୁ ବିରୋଧ ପ୍ରଦର୍ଶନ କରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ପୋଲିସ ଆସି ବିରୋଧୀଙ୍କୁ ଅଟକାଇବା ସହ ଭାଜପା କର୍ମୀମାନଙ୍କୁ ଅଟକ ରଖିଥିଲା। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଭାଜପା ଦଳର ମଞ୍ଜନାଥ ମଣ୍ଡଳ ସଭାପତି ରାଜକିଶୋର ନାୟକଙ୍କୁ ପଚାରିବାରେ ସ୍ଥାନୀୟ ସରପଞ୍ଚ ତପନ କୁମାର ବରାଳଙ୍କୁ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରା ନ ଯିବା ଓ ଭିତ୍ତିପ୍ରସ୍ତର ଫଳକରେ ସରପଞ୍ଚଙ୍କ ନାଁ ନ ଥିବାକୁ ନେଇ ବିରୋଧ କରାଯିବା ସ୍ୱାଭାବିକ ବୋଲି ଉତ୍ତର ରଖିଥିଲେ। ଅପରପକ୍ଷେ ବିଧାୟକ ସମୀର ରଞ୍ଜନ ଦାଶ କହିଛନ୍ତି, ବିରୋଧୀଙ୍କ ବିରୋଧ କରିବା ଏକ ସ୍ୱାଭାବିକ ପ୍ରକ୍ରିୟା। ସେଥିପାଇଁ କିଛି କରି ହେବ ନାହିଁ। ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟ ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ ଚିତ୍ର ବିରୋଧୀଙ୍କ ଦେହରେ ଯାଉ ନାହିଁ ବୋଲି ବିଧାୟକ କହିଛନ୍ତି।

**ରାହୁଲଙ୍କ ଆବେଦନ ଖାରଜ**

# ଛାତ୍ର କଂଗ୍ରେସର ପ୍ରତିବାଦ


ଛାତ୍ର କଂଗ୍ରେସ ପକ୍ଷରୁ ଶୁକ୍ରବାର ଭାଜପା ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

ଭୁବନେଶ୍ୱର, ୭।୭(ସୁନିତ୍ ମିଶ୍ର)

ଗୁଜରାଟ ହାଇକୋର୍ଟ ପକ୍ଷରୁ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି)ର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଉପରେ ହୋଇଥିବା ଦଣ୍ଡାଦେଶରେ ରୋକ୍ ଲଗାଇବା ପାଇଁ ଆବେଦନ ଖାରଜ ହେବାପରେ ସାରା ଦେଶରେ କଂଗ୍ରେସ କର୍ମୀ, ସାଧାରଣ ଜନତା ଓ ବିଭିନ୍ନ ବର୍ଗର ଲୋକ ଏହାକୁ ନାପସନ୍ଦ କରିଛନ୍ତି। ଶୁକ୍ରବାର ଏହି ପରିପ୍ରେକ୍ଷୀରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ କଂଗ୍ରେସ ଭବନରୁ ଏକ ରାଲି ବାହାରି ୟୁନିଟ୍-୩ ସ୍ଥିତ ଭାଜପା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଛାତ୍ର କଂଗ୍ରେସ କର୍ମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହକରିଥିଲେ। ଭାଜପା କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ନୱାଜ କହିଛନ୍ତି, ରାହୁଲ ଗାନ୍ଧୀଙ୍କ କଣ୍ଠରୋଧ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଇଙ୍ଗିତରେ ଚକ୍ରାନ୍ତ ଚାଲିଛି। ଦେଶବାସୀ ଜାଣିଛନ୍ତି, ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ନରେନ୍ଦ୍ର ମୋଦିଙ୍କ ପକେଟ ଭିତରେ ରହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହାୟତାରେ ତାଙ୍କର ବନ୍ଧୁ ଶିଳ୍ପପତିମାନେ ବ୍ୟାଙ୍କରୁ ସାଧାରଣ ଜନତାଙ୍କର ଅର୍ଥ ଲୁଟ୍‌କୁ ରାହୁଲ ଗାନ୍ଧୀ ପର୍ଦ୍ଦାଫାଶ କଲେ। ମୋଦି ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଲୋକସଭା ଭିତରେ ଓ ବାହାରେ ରାହୁଲ ଶାଣିତ ସ୍ୱରରେ ପ୍ରତିବାଦ କଲେ। ବିରୋଧୀଙ୍କ କଣ୍ଠରୋଧ ପାଇଁ ଇଡି ଓ ସିବିଆଇର ଦୁରୁପଯୋଗକୁ ରାହୁଲ ପ୍ରତିବାଦ କଲେ। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରାକୁ ଦେଶରେ ଅଗଣିତ ଜନସାଧାରଣ ସମର୍ଥନ କଲେ। ଏଣୁ ରାହୁଲ ଗାନ୍ଧୀଙ୍କ ସ୍ୱରକୁ ଚପାଇବା ପାଇଁ ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟ ପଦ ରଦ୍ଦ ଏବଂ ତାଙ୍କୁ ଜେଲଦଣ୍ଡ ଦେବାକୁ ମୋଦି ଚକ୍ରାନ୍ତ ଚଲାଇଛନ୍ତି। ସାରା ଦେଶ ରାହୁଲ ଗାନ୍ଧୀଙ୍କ ସହିତ ଅଛି। ମୋଦିଙ୍କ ଦିନକାଳ ସରିଆସିଲାଣି। ମୋଦି ସାଙ୍ଗିଆକୁ ନେଇ ରାହୁଲ ଗାନ୍ଧୀଙ୍କ ଉପରେ ଆକ୍ରମଣକୁ କଦର୍ଥ କରି ଯେଉଁ ଷଡ଼ଯନ୍ତ୍ର ହେଉଛି, ତାକୁ ଦେଶବାସୀ କ୍ଷମା ଦେବେ ନାହିଁ ବୋଲି ସେ କହିଛନ୍ତି।

# ବିଜେଡି: ୬ ଜିଲା ସଭାପତି, ୩ କାର୍ଯ୍ୟକାରୀ ସଭାପତି ନିଯୁକ୍ତ

ଭୁବନେଶ୍ୱର, ୭।୭(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ୬ଜିଲା ପାଇଁ ସଭାପତି ଏବଂ ୩ ଜିଲା ଲାଗି କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରିଛନ୍ତି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଶୁକ୍ରବାର ଏହି ତାଲିକା ପ୍ରକାଶ କରିଛନ୍ତି। ଢେଙ୍କାନାଳ ଜିଲା ବିଜେଡି ସଭାପତି ଭାବେ ବିଧାୟକ ନୃସିଂହ ଚରଣ ସାହୁ ଏବଂ ଦେବୀ ପ୍ରସାଦ ଭୁତିଆ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କୁ ବାଲେଶ୍ୱର ଜିଲା ସଭାପତି ଭାବେ ନିଯୁକ୍ତି ମିଳିଛି। ଝିନ୍ନ ହିକକା କୋରାପୁଟ ଜିଲା ବିଜେଡି ସଭାପତି ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ପ୍ରଶାନ୍ତ ଗୁପ୍ତାଙ୍କୁ ଦଳ ଦାୟିତ୍ୱ ଦେଇଛି। ସେହିପରି ବରଗଡ଼ ପାଇଁ ପ୍ରଭାସ କୁମାର ସିଂ ଜିଲା ସଭାପତି ଓ ସୁଶାନ୍ତ ମହାପାତ୍ର କାର୍ଯ୍ୟକାରୀ ସଭାପତି ହୋଇଛନ୍ତି। ରାଉରକେଲା ସାଙ୍ଗଠନିକ ଜିଲା ସଭାପତି ହାଲୁ ମୁଣ୍ଡାରି ଏବଂ ଝାରସୁଗୁଡ଼ା ଜିଲା ସଭାପତି ଭାବେ ରବି ସିଂଙ୍କୁ ଦାୟିତ୍ୱ ମିଳିଛି।

# ୫ ଜିଲାର ୬ ନେତା ରାଜ୍ୟ ପଦାଧିକାରୀ ତାଲିକାରେ ସାମିଲ

**ଏନ୍. ଭାସ୍କର ରାଓ ଉପସଭାପତି, ଈଶ୍ୱର ପାଣିଗ୍ରାହୀଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ**

ଭୁବନେଶ୍ୱର, ୭।୭(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୁକ୍ରବାର ୬ ଜିଲା ପାଇଁ ସଭାପତି ଏବଂ ସେଥିମଧ୍ୟରୁ ୩ ଜିଲାରେ କାର୍ଯ୍ୟକାରୀ ସଭାପତିଙ୍କ ତାଲିକା ପ୍ରକାଶ କରିବା ପରେ ୫ ଜିଲାର ଆଉ ୬ଜଣ ନେତାଙ୍କୁ ରାଜ୍ୟ ପଦାଧିକାରୀ ଭାବେ ଦାୟିତ୍ୱ ବାଣ୍ଟିଛନ୍ତି। ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓଙ୍କୁ ବିଜେଡି ରାଜ୍ୟ ଉପସଭାପତି ଭାବେ ନିଯୁକ୍ତି ମିଳିଛି। ସେହିପରି କୋରାପୁଟ ଜିଲାର ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ଝାରସୁଗୁଡ଼ା ଜିଲାର ମହେନ୍ଦ୍ର ନାଏକ ଏବଂ ମଙ୍ଗଳ ସାହୁଙ୍କୁ ବିଜେଡିର ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି। ବୌଦ୍ଧ ଜିଲାର ସୁଧୀର ମହାକୁଡ ଏବଂ କଳାହାଣ୍ଡି ଜିଲାର ବାବୁଲି ମଣ୍ଡଳଙ୍କୁ ବିଜେଡି ରାଜ୍ୟ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପରୋକ୍ତ ନେତାମାନଙ୍କୁ ନିଯୁକ୍ତି ଦେଇଥିବା ବେଳେ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତରେ ଏ ସମ୍ପର୍କିତ ଚିଠି ପ୍ରକାଶ କରାଯାଇଛି।

# ବିଜୁ ଯୁବ ଜନତା ଦଳର 'ସଂକଳ୍ପ ସମାବେଶ' ନିଷ୍ପତ୍ତି ହାସ୍ୟାସ୍ପଦ: ଭାଜପା

ଭୁବନେଶ୍ୱର, ୭।୭(ସୁନିତ୍ ମିଶ୍ର)

ପ୍ରତ୍ୟେକ ଜିଲାରେ 'ସଂକଳ୍ପ ସମାବେଶ' ଓ ଆନ୍ଦୋଳନ କରିବା ଲାଗି ଗୁରୁବାର ବିଜୁ ଯୁବଜନତା ଦଳ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିଜେଡି ପକ୍ଷରୁ ନିଆଯାଇଥିବା ଏଭଳି ନିଷ୍ପତ୍ତି ହାସ୍ୟାସ୍ପଦ ବୋଲି ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ୍ ଆଚାର୍ଯ୍ୟ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଇରାଶିଷ୍ ବିଜେଡିକୁ ଟାର୍ଗେଟକରି କହିଛନ୍ତି, ତୁମେମାନେ କ'ଣ ସଂକଳ୍ପ ନେଇଛ, ସଚିବଙ୍କ ବସ୍ତାନି ବୋହିବ ନା ତୁମ ମନ୍ତ୍ରୀ, ବିଧାୟକଙ୍କ ଭଳି ଷ୍ଟେଜ୍ ବାନ୍ଧିବା ଓ ଚୌକି ପକାଇବା କାର୍ଯ୍ୟ କରିବ। ରାଜ୍ୟ ସରକାରଙ୍କ ଗୁମାସ୍ତା ନ ହୋଇ ଓଡ଼ିଶାର ଯୁବକ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ବିଜୁ ଯୁବଜନତା ଦଳ ସଂକଳ୍ପ କରୁ ବୋଲି ସେ କହିଛନ୍ତି। ଇରାଶିଷ ଆହୁରି କହିଛନ୍ତି, ବିଜୁ ଯୁବଜନତା ଦଳ ଯୁବତୀଯୁବକ ଓ ଛାତ୍ରୀଛାତ୍ରଙ୍କ ସମସ୍ୟା ଉଠାଇବା ପାଇଁ ଭୟ କରୁଛି। କାରଣ ରାଜ୍ୟର ଯୁବପିଢ଼ିଙ୍କ ସମସ୍ୟାକୁ ସରକାର ଅଣଦେଖା କରିଛନ୍ତି। ଯୁବକମାନଙ୍କ ପାଇଁ ରାଜ୍ୟରେ ରୋଜଗାର ନାହିଁ। ଗାଁ ଗାଁରେ ଯୁବକଙ୍କୁ ସରକାର ନିଶାରେ ବୁଡ଼ାଇ ରଖିଛନ୍ତି। ଓଡ଼ିଶାରେ ଏବେ ୯ ଲକ୍ଷ ବେକାରି ରହିଛନ୍ତି, କିନ୍ତୁ ବିଜୁ ଯୁବଜନତା ଦଳ ଏନେଇ କୌଣସି ସ୍ୱର ଉଠାଉନାହିଁ ବରଂ ମିଛ କଥା କହି ଭୋଟ ରାଜନୀତି କରିବାରେ ଆଗଭର। ରାଜ୍ୟ ସରକାର କଲେଜଗୁଡ଼ିକରେ ନିର୍ବାଚନ ବନ୍ଦ କରି ଛାତ୍ରନେତା ତିଆରି କରିବାର ସୁଯୋଗ ବନ୍ଦ କରିଦେଲେ। ଜିଲାପାଳ,ଏସ୍‌ପି, ବିଡିଓ, ତହସିଲଦାର ଇତ୍ୟାଦି ଚାକିରି ପରେ ନେତା ହେବେ। ଯେଉଁମାନେ ରାଜନୀତି କରିବେ ସେମାନେ ପ୍ରଶାସନିକ ଅଧିକାରୀଙ୍କ ଗୁମାସ୍ତା ହେବେ। ରାଜ୍ୟରେ କାହିଁକି ବେରୋଜଗାର ବଢ଼ୁଛି, ଲୋକେ କାହିଁକି ଦାଦନ ଖଟିବାକୁ ଯାଉଛନ୍ତି ବିଜୁ ଯୁବଜନତା ଦଳ ତା'ର କୌଣସି ବ୍ୟବସ୍ଥା ନ କରି 'ସଂକଳ୍ପ ସମାବେଶ' କ'ଣ କରିବ ବୋଲି ଇରାଶିଷ ପ୍ରଶ୍ନ କରିଛନ୍ତି।


# Classified Everyday

**0674-2580101, 2549949**


REAL ESTATE

## SALE

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,60,000/-, ଛତାବର 1200sqft., 3,00,000/-, ନଖରା- 300/-. 7978663279. D-74883

Bhubaneswar ସୁନ୍ଦରପଦା ଜଟଣୀ-ପିପିଲି-ପୁରୀ ରୋଡ୍‌ରେ ପ୍ଲଟ୍ କିଣି ଘର କରନ୍ତୁ। sqft.-800/-, 550/-. 9938016295. D-74880

Duplex sale at Bhubaneswar @ 57 Lakhs only. Contact: 9777433701. D-74881

Litigation free plot for sale near KIIT University or near Ashok Leyland, Chandaka Road side. Anyone to purchase please Contact: 8249742867 or 9853821712. D-0732

Duplex sale at Bhubaneswar @ 57 Lakhs only. Contact: 9777433701. D-74881

ଗୃହୋପଯୋଗୀ ସ୍ଥିତିବାନ୍ ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି। 7787017414. D-74874


CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-0627



**To-let 2200square foot 1st floor price @25/- square foot Near Sai International School, Patia Contact9439856856 9040116788.** D-0768

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Spa Kerala Body Massage only best Therapist @699/- Bhubaneswar, 9337672475. D-0750

Newly open Salon /Spa with expert therapist (Health Benefits). 9090400507. D-75126

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75004

**Relax, Refresh your Body, Mind at Saikrupa Spa with best therapies. 8984068077.** D-0725

Newly open Spa positively health benefits with expert therapist. 9040286886. D-75127

Herbal full body massage by smart/expert therapist. Contact: 9124139069. D-75005

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## LOST

ମୁଁ ଶ୍ରୀମତୀ ନଳିନୀ ପ୍ରଧାନ, ସ୍ୱାମୀ: ନୃପତୀ ପ୍ରଧାନ, ଗ୍ରାମ: ପାଇକମାଳ, ଥାନା: ପାଇକମାଳ, ଜିଲ୍ଲା: ବରଗଡ଼, ଯଣାଉଛି ଯେ ମୋର କ୍ରୟ କରିଥିବା ଜମିର ଦଲିଲ ନମ୍ବର-୧୬୩୯/୧୯୯୦ଟି ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ପାଇଲେ ଏହି ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ- 9178217209. D-0771

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ମନେ ପଡ଼ନ୍ତି

## ଷଷ୍ଠ ଶ୍ରାଦ୍ଧବାର୍ଷିକୀ



**✓ସରୋଜ କୁମାର ମହାନ୍ତି**
ପତ୍ନୀ: ଶାନ୍ତିଧରା ମହାନ୍ତି
Plot No.- 1377, ଶାସ୍ତ୍ରୀନଗର, ୟୁନିଟ୍-୪, ଭୁବନେଶ୍ୱର
ଆବିର୍ଭାବ-୦୨।୦୮।୧୯୩୮
ତିରୋଧାନ- ୦୨।୦୮।୨୦୧୮
ଆପଣଙ୍କ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଆମର ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
-ଶୋକସନ୍ତପ୍ତ-
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୦୭୭୨

## ଏକାଦଶାହ ଉପଲକ୍ଷେ



**✓ଗଣନାଥ ନାୟକ**
ରଥିଆ, ଧର୍ମଶାଳା, ଯାଜପୁର
ଆବିର୍ଭାବ: ୨୫।୦୯।୧୯୪୩
ତିରୋଧାନ: ୨୮।୦୬।୨୦୨୩
ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମର ତ୍ୟାଗ, ନିଷ୍ଠା, ସାଧୁତା ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧାଭାବ ଆମ ପ୍ରେରଣାର ଉତ୍ସ ହେଉ। ତୁମ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକାତୁର: ସ୍ତ୍ରୀ: ନୟନା ନାୟକ, ପୁତ୍ର: ବିଜୟ, ଅଜୟ, ବୋହୂ: ସୂଜତା, ପୁଷ୍ପଲତା, ମମତା, ନାତି: ବିଶ୍ୱସ୍ୱରୂପ, ଚିରଞ୍ଜୀବ, ନାତୁଣୀ: ସ୍ୱପ୍ନା, ପ୍ରତିକ୍ଷା, ଶ୍ରୀୟା ଶ୍ୱେତପଦ୍ମା, ବନ୍ଧୁ, ପରିବାର, ଆତ୍ମୀୟସ୍ୱଜନ।
ଧ-୦୭୬୪

## ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ଚିତ୍ତରଞ୍ଜନ ଶର୍ମା**
ଆବିର୍ଭାବ- ୩୦।୦୬।୧୯୭୫
ତିରୋଧାନ- ୦୮।୦୭।୨୦୧୦
SOM COMMUNICATION
Jail Chhak, Jharpada, BBSR-6
ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ଆତ୍ମୀୟସ୍ୱଜନ
ଧ-୭୩୩୯୩

## ଶ୍ରାଦ୍ଧବାର୍ଷିକୀ



**✓ ଆର୍ତ୍ତ ପଣ୍ଡା**
ଚଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ
ଚାହିଁ ଚାହିଁ ବର୍ଷ ପରେ ବର୍ଷ ବିତିଗଲା ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରିଦେଇଛି। ଆଜି ମଧ୍ୟ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ :
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୦୭୭୦

## ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**✓ମାଧବୀଲତା ମହାରଣା**
ତିରୋଧାନ: ୧୨.୦୭.୨୦୨୦
(୩ୟ ଶ୍ରାଦ୍ଧ ବାର୍ଷିକୀ)

**✓ଧ୍ରୁବାନନ୍ଦ ମହାରଣା**
ତିରୋଧାନ: ଜୁଲାଇ ୧୯୬୬
(୫୭ତମ ଶ୍ରାଦ୍ଧ ଦିବସ)
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ
ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଓ ପରିବାର ବର୍ଗ
ଧ-୦୭୬୯

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଜୁଲାଇ ୮/୨୦୨୩ Bhubaneswar, Saturday, July 8/ 2023



ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ଆଲେକଜାଣ୍ଡ୍ରା ସାସ୍‌ନୋଭିଚ୍‌ଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳୁଛନ୍ତି ଚେକ୍ ରିପବ୍ଲିକର ପେଟ୍ରା କ୍ୱିଟୋଭା।

# ୪ର୍ଥ ରାଉଣ୍ଡରେ ସ୍ୱିଟେକ୍, ଆଜାରେଙ୍କା

## ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ

**ଲଣ୍ଡନ, ୭।୭**

ଚଳିତ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ମହିଳା ସିଙ୍ଗଲ୍ସର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି ଟପ୍‌ସିଡ୍ ଇଗା ସ୍ୱିଟେକ ଓ ଭିକ୍ଟୋରିଆ ଆଜାରେଙ୍କା। ଶୁକ୍ରବାର ଅନୁଷ୍ଠିତ ତୃତୀୟ ରାଉଣ୍ଡରେ ସ୍ୱିଟେକ ୬-୨, ୭-୫ରେ ପେଟ୍ରା ମାର୍ଟିକଙ୍କୁ ଏବଂ ଆଜାରେଙ୍କା ୬-୨, ୬-୪ ସେଟ୍‌ରେ ଡାରିଆ କାସାଟକିନାଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ଆରିନା ସାବାଲେଙ୍କା, ଏକ୍‌ଟେରିନା ଆଲେକ୍‌ଜାଣ୍ଡ୍ରୋଭା, ମାଡିସନ୍ କିଜ, ପେଟ୍ରା କ୍ୱିଟୋଭା ପ୍ରମୁଖ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ବିଜୟୀ ହୋଇଛନ୍ତି। ସାବାଲେଙ୍କା ୨-୬, ୭-୫, ୬-୨ ସେଟ୍‌ରେ ବାର୍ବରା ଗ୍ରାଚେଭାଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ମ୍ୟାଚ ଗୁଡ଼ିକରେ ଏକ୍‌ଟେରିନା ଆଲେକ୍‌ଜାଣ୍ଡ୍ରୋଭା ୬-୭ (୪/୭), ୭-୬ (୭/୫), ୭/୬ (୧୦/୭) ସେଟ୍‌ରେ ମାଡିସନ ବ୍ରିଙ୍ଗଲେ, ମାଡିସନ୍ କିଜ୍ ୭-୫, ୬-୩ରେ ଭିକ୍ଟୋରିଜା ଗୋଲୁବିକ୍, ପେଟ୍ରା କ୍ୱିଟୋଭା ୬-୨, ୬-୨ରେ ଆଲେକଜାଣ୍ଡ୍ରା ସାସ୍‌ନୋଭିଚ୍ଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚରେ ହ୍ୟୁବର୍ଟ ହୁର୍କାଜ୍ ୭-୬ (୭/୪), ୬-୪, ୬-୪ ସେଟ୍‌ରେ ଲୋରେଞ୍ଜୋ ମୁସେଟିଙ୍କୁ ଏବଂ ଜାନିକ ସିନେର ୩-୬, ୬-୨, ୬-୩, ୬-୪ ସେଟ୍‌ରେ କ୍ୱିଣ୍ଟିନ ହାଲିସଙ୍କୁ ପରାସ୍ତ କରିଛନ୍ତି। ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଟପ୍ ସିଡ୍ ତଥା ବିଶ୍ୱର ନମ୍ବରୱାନ ଖେଳାଳି କାର୍ଲୋସ ଆଲକାରାଜ ୬-୪, ୭-୬ (୭/୪), ୬-୩ ସେଟ୍‌ରେ ଆଲେକ୍ସାନ୍ଦ୍ରେ ମୁଲରଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ଅନ୍ୟଏକ ୫ ସେଟ୍ ବିଶିଷ୍ଟ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଆଣ୍ଡି ମୁରେଙ୍କୁ ୭-୬ (୭/୩), ୬-୭ (୨/୭), ୪-୬, ୭-୬ (୭/୩), ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି ଷ୍ଟିଫାନୋସ ସିତ୍‌ସିପାସ।

# ପେସ୍ ବୋଲର ପ୍ରତିଭା ଅନ୍ୱେଷଣ ଶିବିର ଉଦ୍‌ଯାପିତ

**କଟକ,୭।୭**
**(ସୁପ୍ରିୟା ପ୍ରିୟଦର୍ଶିନୀ)**



ପେସ୍ ବୋଲର ପ୍ରତିଭା ଅନ୍ୱେଷଣ ଶିବିରରେ ଅଂଶଗ୍ରହଣ କରିଥିବା ଖେଳାଳି ଓ ଅନ୍ୟମାନେ।

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମ ଏବଂ ସଚିନ ତେନ୍ଦୁଲକର ଇନଡୋର ହଲ ପରିସରରେ ପେସ ବୋଲର ପ୍ରତିଭା ଅନ୍ୱେଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ୩ଦିନିଆ ଉକ୍ତ ଶିବିରରେ ମୋଟ ୫୮୮ ଖେଳାଳି ଭାଗ ନେଇଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ତିନି ପର୍ଯ୍ୟାୟରେ ପଞ୍ଜୀକୃତ ଖେଳାଳିଙ୍କୁ ଡକାଯାଇଥିଲା। ରାଜ୍ୟ ସିନିୟର ପୁରୁଷ ଦଳର ମୁଖ୍ୟ କୋଚ ତଥା ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦିନେଶ ମୋଙ୍ଗିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶିବିରକୁ ଜୁନିୟର ଏବଂ ସିନିୟର ଦଳ ଚୟନକର୍ତ୍ତା ଅମୀୟ ରାୟ, ସୌରଜିତ ମହାପାତ୍ର,

**ଭାଗ ନେଲେ ୫୮୮ ଖେଳାଳି**

ସୁବିତ ବିଶ୍ୱାଳ, ପ୍ରଭଞ୍ଜନ ମଲ୍ଲିକ ପରିଚାଳନା କରିଥିଲେ। ତେବେ ଉକ୍ତ ଶିବିରରୁ କିଛି ଖେଳାଳିଙ୍କୁ ଚୟନ କରାଯାଇଛି। ଯେଉଁମାନଙ୍କୁ ନେଇ ଆଗାମୀ ଦିନରେ ପ୍ରଶିକ୍ଷଣ ଶିବିର ଆୟୋଜନ ହେବ। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ପ୍ରଶିକ୍ଷଣ ଦେବେ।

# ଓଡ଼ିଶା ଦଳକୁ ୩ ରୌପ୍ୟ, ୧ ବ୍ରୋଞ୍ଜ

## ଭୋବିନାମ ମାର୍ଶାଲ ଆର୍ଟ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୭।୭**
**(ବିଜୟ ରଣା)**

ଦ୍ୱାଦଶ ଜାତୀୟ ଭୋବିନାମ ମାର୍ଶାଲ ଆର୍ଟ୍ସ ଚାମ୍ପିୟନଶିପ୍ ତେଲେଙ୍ଗାନାର ହାଇଦ୍ରାବାଦସ୍ଥିତ ଶାଲିମାର ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ୧୬ଟି ରାଜ୍ୟରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶା ଭୋବିନାମ ଆସୋସିଏଶନ ମୁଖ୍ୟ ତଥା ଜାତୀୟ କୋଚ୍ ଦୀପ୍ତି ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ୩ ପ୍ରତିଯୋଗି ଓ ୪ ଅଫିସିଆଲ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶା ପ୍ରତିଯୋଗୀମାନେ ୩ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ଜିତିଛନ୍ତି। ସାଇ ସତ୍ୟମ ସେଠୀ ୫୫ କେଜିରୁ ଉର୍ଦ୍ଧ୍ୱ ବିଭାଗରେ ଗୋଟିଏ ଲେଖାଏଁ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ। ୩୩ କେଜିରୁ କମ୍ ବିଭାଗରେ ବିଶ୍ୱରଞ୍ଜନ ଦାସ ରୌପ୍ୟ ହାସଲ କରିଥିଲେ। ସେହିପରି ସିନିୟର ପୁରୁଷ ବିଭାଗରେ ଏସ୍. ମୁରଲୀ ଶଙ୍କର ରୌପ୍ୟ ପଦକ ପାଇଥିଲେ। ଏହି ଅବସରରେ ଜାତୀୟ କୋଚ୍ ଦୀପ୍ତି ରଞ୍ଜନ ମହାପାତ୍ରଙ୍କୁ ଜାତୀୟ ସ୍ତରରେ ଆତ୍ମରକ୍ଷା କୌଶଳ କ୍ଷେତ୍ରରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବିର କୁମାର ବିଶ୍ୱାସ, ମନୋଜ କୁମାର ନାୟକ, ଏସ୍. ମୁରଲୀଶଙ୍କର ଓ ନସିମ ମଲିକଙ୍କୁ ବ୍ଲାକ୍‌ବେଲ୍ଟ ପ୍ରଦାନ କରାଯାଇଥିଲା। ଦଳ ଭୁବନେଶ୍ୱରରେ ପହଞ୍ଚିବା ପରେ ସଂଘ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ପଦକ ହାସଲକାରୀ ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ଗହଣରେ।

# ବିସିସିଆଇ ଆପେକ୍ସ କାଉନ୍‌ସିଲ ବୈଠକ

- **ମୁସ୍ତାକ ଅଲି ଟି୨୦ରେ ଲାଗୁ ହେବ ଆଇପିଏଲ୍ ଢାଞ୍ଚା ଇମ୍ପାକ୍ଟ ପ୍ଲେୟର ନିୟମ**
- **ଏସିଆନ ଗେମ୍ସରେ ଅଂଶଗ୍ରହଣ ଅନୁମୋଦନ**

**ମୁମ୍ବାଇ, ୭।୭(ପି.ଟି.)**

ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ବହୁଚର୍ଚ୍ଚିତ 'ଇମ୍ପାକ୍ଟ ପ୍ଲେୟର' ନିୟମକୁ ଆସନ୍ତା ଅକ୍ଟୋବର ୧୬ରୁ ଆରମ୍ଭ ହେବାକୁଥିବା ସୟଦ ମୁସ୍ତାକ ଅଲି ଟି୨୦ ଟ୍ରଫିରେ ଲାଗୁ କରାଯିବ। ଶୁକ୍ରବାର ଏଠାରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଆପେକ୍ସ କାଉନ୍‌ସିଲ ବୈଠକରେ ଏସମ୍ପର୍କିତ ପ୍ରସ୍ତାବ ଗୃହୀତ ହୋଇଯାଇଛି। ସୟଦ ମୁସ୍ତାକ ଅଲି ଟି୨୦ରେ ଗତବର୍ଷ ଲାଗୁ କରାଯାଇଥିଲା। ସେତେବେଳେ ଇମ୍ପାକ୍ଟ ପ୍ଲେୟର ୧୪ ଓଭର ଶେଷ ହେବା ପୂର୍ବରୁ ଖେଳିବାକୁ ଆସୁଥିଲେ। ଖେଳାଳିଙ୍କ ନାମ ଟସ୍ ପୂର୍ବରୁ ଘୋଷଣା କରାଯାଇଥିଲା। ଆସନ୍ତା ସିଜନରୁ କିନ୍ତୁ ଏଥିରେ ପରିବର୍ତ୍ତନ କରାଯିବ। ଆଇପିଏଲ୍ ଭଳି ଟିମ୍‌ଗୁଡ଼ିକ ଟସ୍ ପୂର୍ବରୁ ଚୂଡ଼ାନ୍ତ ଏକାଦଶ ଘୋଷଣା କରିବା ବ୍ୟତୀତ ସେମାନଙ୍କ ୪ ବଦଳ ଖେଳାଳିଙ୍କ ନାମ ଘୋଷଣା କରିବାକୁ ହେବ। ଉଭୟ ଦଳକୁ ଜଣେ ଇମ୍ପାକ୍ଟ ଖେଳାଳି ବ୍ୟବହାର ପାଇଁ ଅନୁମତି ରହିବ, କିନ୍ତୁ ଏହା ବାଧ୍ୟତାମୂଳକ ନୁହେଁ। ଇମ୍ପାକ୍ଟ ପ୍ଲେୟର ନିୟମକୁ ୧୦ ଆଇପିଏଲ୍ ଟିମ୍ ବ୍ୟବହାର କରିଥିଲେ। ଏହାକୁ ନେଇ କିନ୍ତୁ ଭିନ୍ନ ଭିନ୍ନ ମତ ଆସିଥିଲା। ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଓ ଦିଲ୍ଲୀ କ୍ୟାପିଟାଲ୍ସ ମୁଖ୍ୟ କୋଚ୍ ରିକି ପଣ୍ଟିଂ କହିଥିଲେ। ଏହାଦ୍ୱାରା ଦଳରେ ଅଲରାଉଣ୍ଡରଙ୍କ ଭୂମିକା ଗୌଣ ହୋଇଯିବ। ସେମାନଙ୍କ ନିକଟରେ ଯଦି ଜଣେ ବିଶ୍ୱ ଶ୍ରେଣୀର ଅଲରାଉଣ୍ଡର ନ ଥିବେ ତେବେ ଜଣେ ବ୍ୟାଟର କିମ୍ବା ଜଣେ ବୋଲରଙ୍କୁ ବାଛିବାକୁ ପଡ଼ିବ। ଆପେକ୍ସ କାଉନ୍‌ସିଲ ଆହୁରି ମଧ୍ୟ ସେପ୍ଟେମ୍ବର-ଅକ୍ଟୋବରରେ ହାଙ୍ଗ୍‌ଝୋରେ ଏସିଆନ ଗେମ୍ସ ପାଇଁ ପୁରୁଷ ଓ ମହିଳା ଦଳର ଅଂଶଗ୍ରହଣ ପ୍ରସ୍ତାବକୁ ଅନୁମୋଦନ କରିଛି। ଏସିଆନ ଗେମ୍ସରେ ପୁରୁଷ ବିଭାଗ କ୍ରିକେଟ ପ୍ରତିଯୋଗିତା ସେପ୍ଟେମ୍ବର ୨୮ରୁ ଆରମ୍ଭ ହେବ। ଏଥିରେ ଭାରତର ଦ୍ୱିତୀୟ ଦଳ ଭାଗ ନେବ। କାରଣ ଭାରତରେ ଅକ୍ଟୋବର ୫ରୁ ଦିନିକିଆ ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

**କୋଷ୍ଠକାଠିନ୍ୟର ସମାଧାନ**
**9119788888**




# ଭାରତୀୟ ଦଳରେ ଅମିତ, ନିଲମ

## ସ୍ପେନ୍ ଚତୁଃରାଷ୍ଟ୍ରୀୟ ହକି

**ନୂଆଦିଲ୍ଲୀ, ୭।୭**

ସ୍ପାନିଶ୍ ହକି ଫେଡେରେଶନର ଶତବାର୍ଷିକୀ ଉପଲକ୍ଷେ ଏକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ସ୍ପେନ୍‌ର ଟେରାସାଠାରେ ଚଳିତ ମାସ ୨୫ରୁ ୩୦ ପର୍ଯ୍ୟନ୍ତ ହେବାକୁ ଯାଉଛି। ଏଥିରେ ଆୟୋଜକ ସ୍ପେନ୍ ସମେତ ଭାରତ, ଇଂଲଣ୍ଡ ଓ ନେଦରଲାଣ୍ଡ୍ସ ଅଂଶଗ୍ରହଣ କରିବେ। ଏହି ଚତୁଃରାଷ୍ଟ୍ରୀୟ ହକି ଟୁର୍ନାମେଣ୍ଟ ପାଇଁ ଶୁକ୍ରବାର ୨୪ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୨ ଖେଳାଳି ଅମିତ ରୋହିଦାସ ଓ ନିଲମ ସଞ୍ଜୀପ ଖେସ୍ ସ୍ଥାନ ପାଇଛନ୍ତି। ପ୍ରତିଯୋଗିତାଟି ଚେନ୍ନାଇରେ ହେବାକୁଥିବା ବେଳେ ଆଗାମୀ ଏସିଆନ ଚାମ୍ପିୟନ୍ସ ଟ୍ରଫି ଏବଂ ହାଙ୍ଗ୍‌ଝୋଉ ଏସିଆନ ଗେମ୍ସ ପାଇଁ ପ୍ରସ୍ତୁତି ସ୍ୱରୂପ ହେବ। ହରମନପ୍ରୀତ ସିଂ ଭାରତୀୟ ଦଳର ଅଧିନାୟକ ଭାବେ ଅପରିବର୍ତ୍ତିତ ରହିଥିବାବେଳେ ଚମତ୍କାରୀ ମିଡ୍‌ଫିଲ୍ଡର ହାର୍ଦ୍ଦିକ ସିଂ ଉପ-ଅଧିନାୟକ ହୋଇଛନ୍ତି। "ଆମେ ଯତ୍ନର ସହିତ ଏକ ସନ୍ତୁଳିତ ଦଳ ଚୟନ କରିଛୁ। ଏଥିରେ ଅଭିଜ୍ଞ ଓ ଯୁବ ଖେଳାଳିଙ୍କ ସମାହାର ରହିଛି। ଉଚ୍ଚସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଏକ ମଜଭୁତ ୟୁନିଟ ଗଠନ କରିବା ଆମର ମୁଖ୍ୟ ଲକ୍ଷ୍ୟ" ବୋଲି ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ ପ୍ରକାଶ କରିଛନ୍ତି।

**ଭାରତୀୟ ଦଳ**

ଗୋଲକିପର୍ସ: ଶ୍ରୀଜେଶ ପରାଟ୍ଟୁ ରବୀନ୍ଦ୍ରନ, କ୍ରିଶନ ପାଠକ।

ଡିଫେଣ୍ଡର୍ସ: ଜରମନପ୍ରୀତ ସିଂ, ନିଲମ ସଞ୍ଜୀପ ଖେସ୍, ମନପ୍ରୀତ ସିଂ, ଅମିତ ରୋହିଦାସ, ହରମନପ୍ରୀତ ସିଂ (ଅଧିନାୟକ), ବରୁଣ କୁମାର, ସଞ୍ଜୟ।

ମିଡ୍‌ଫିଲ୍ଡର୍ସ: ହାର୍ଦ୍ଦିକ ସିଂ (ଉପ-ଅଧିନାୟକ), ବିବେକ ସାଗର ପ୍ରସାଦ, ସୁମିତ, ନୀଳକାନ୍ତ ଶର୍ମା, ଶମଶେର ସିଂ, ରାଜକୁମାର ପାଲ୍।

ଫରୱାର୍ଡ୍ସ: ଲଳିତ କୁମାର ଉପାଧ୍ୟାୟ, ମନଦୀପ ସିଂ, ଗୁରଜନ୍ତ ସିଂ, ସୁଖଜିତ ସିଂ, ଅଭିଷେକ, ପୱନଳ ଦିଲପ୍ରୀତ ସିଂ, ସିମରନଜିତ ସିଂ, କାର୍ତ୍ତି ସେଲଭାମ୍।



ସ୍ପେନ୍‌ରେ ହେବାକୁଥିବା ଚତୁଃରାଷ୍ଟ୍ରୀୟ ହକି ଟୁର୍ଣ୍ଣାମେଣ୍ଟ ପାଇଁ ମନୋନୀତ ଭାରତୀୟ ଦଳ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ